# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 2/2024 | Page 20 | ₹ 7.00

୫୦ଶ ଭାଗ ୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 99 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ Bhubaneswar, Saturday, March 2/2024




# ଅସହ୍ୟ ହେବ ତାତି

## ଓଡ଼ିଶାରେ ବଢ଼ିବ ଗ୍ରୀଷ୍ମଲହର

**ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର,୧।୩(ଅନିଲ ଦାସ)**

ଚଳିତ ବର୍ଷ ତାତି କଲବଲ କରିବ। ପାରଦ ଉପରମୁହାଁ ହେବ। ଗ୍ରୀଷ୍ମଲହର (ହିଟ୍‌ୱେଭ) ଅଧିକାଂଶ ସମୟରେ ଜାରି ରହିବ। ଉପାନ୍ତରୁ ଉପକୂଳ ସବୁଠି ତାତି ଆଚ୍ଛନ୍ନକରି ରଖିବ। ଫେବୃୟାରୀ ଶେଷ ସପ୍ତାହରୁ ଏହା ଜଳ ଜଳ ହୋଇ ଦିଶିଲାଣି। ସକାଳ ହେବା ମାତ୍ରେ ଖରା ମାଡ଼ିଆସୁଛି। ଅପରାହ୍ନ ଯାଏ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି। ଫେବୃୟାରୀରେ ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକ ଭାବେ ୩୫ ଡିଗ୍ରୀ ମଧ୍ୟରେ ରହିଥାଏ। ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଫେବୃୟାରୀ ୨୮ରେ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୬.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ମାର୍ଚ୍ଚ ଆରମ୍ଭରୁ ଗ୍ରୀଷ୍ମର ପ୍ରକୋପ ଆହୁରି ବଢ଼ିଯାଇଛି। ଶୁକ୍ରବାର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ରେକର୍ଡ ଅନୁଯାୟୀ ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ତାପମାତ୍ରା ୩୭.୪ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଆସନ୍ତା ୬ ତାରିଖ ଯାଏ ପାଗରେ ବିଶେଷ କିଛି ପରିବର୍ତ୍ତନର ସୂଚନା ନାହିଁ। ମାର୍ଚ୍ଚ ୭ରୁ ପାରଦ ଉପରମୁହାଁ ହେବା ସହ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ନିକଟତର ହେବ। ଆସନ୍ତା ୧୫ ତାରିଖରୁ ଆହୁରି ଅସହ୍ୟ ହେବ ତାତି। ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀକୁ ଛୁଇଁବ ବୋଲି ପୂର୍ବାନୁମାନ କରାଯାଉଛି। ଏପ୍ରିଲ ଓ ମେ’ ☞ପୃଷ୍ଠା-୧୧

## ସତର୍କ କରାଇଲା ଗଣଶିକ୍ଷା ବିଭାଗ

**ଭୁବନେଶ୍ୱର, ୧।୩(ଅସମାପିକା ସାହୁ)**

ରାଜ୍ୟରେ ବଢୁଥିବା ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସତର୍କ କରାଇଛି। ଏନେଇ ସମସ୍ତ ଜିଲାପାଳ, ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଛି। ସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ ଏକାଡେମିକ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ ମହଜୁଦ ରଖିବା ସହ ପିଲାଙ୍କୁ ସଚେତନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ପରିସର ନଳକୂପ ମରାମତି କରାଯାଇ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ କୁହାଯାଇଛି। ସେହିପରି ସ୍କୁଲ୍ ଓ କଲେଜରେ ପର୍ଯ୍ୟାପ୍ତ ଓଆର୍‌ଏସ୍ ରଖାଯିବା ସହ ଆବଶ୍ୟକସ୍ଥଳେ ଛାତ୍ର।ଛାତ୍ର/କର୍ମଚାରୀଙ୍କୁ ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି। ଛାତ୍ରୀଛାତ୍ର ଯେପରି ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଆଉଟ୍‌ଡୋର କାର୍ଯ୍ୟକଳାପ ଉପରେ କଟକଣା ଲାଗୁ କରାଯିବ। ପିଲାମାନେ ଯେପରି ସ୍କୁଲ, କଲେଜ ଯିବା ସମୟରେ ସାଙ୍ଗରେ ପାଣି ବୋତଲ ନେବେ ସେନେଇ ସମସ୍ତ ଅଭିଭାବକଙ୍କୁ ସଚେତନ କରାଯିବା ଦରକାର। ସଚେତନତା ସୃଷ୍ଟି ପାଇଁ ବହୁଳ ପ୍ରଚାର କରିବାକୁ କୁହାଯାଇଛି। ସେହିଭଳି ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମ ପ୍ରବାହ ସତର୍କତାମୂଳକ ଟିପ୍ସ ଦେବା ପାଇଁ ସ୍କୁଲ ସମୟରେ ଶିକ୍ଷକମାନେ ପରାମର୍ଶ ଦେବାକୁ ନିର୍ଦ୍ଦେଶ ରହିଛି।

# ଓଡ଼ିଶାର ନୂଆ ପରିଚୟ ହେବ ବିଏସ୍‌ଏବିଟି: ମୁଖ୍ୟମନ୍ତ୍ରୀ




ଶୁକ୍ରବାର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୧।୩ (ବନ୍ଦନା ସେଠୀ)**

ବରମୁଣ୍ଡାଠାରେ ନବନିର୍ମିତ ବହୁ ପ୍ରତିକ୍ଷୀତ ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ (ବିଏସ୍‌ଏବିଟି)କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବସ୍ ଟର୍ମିନାଲକୁ ଲୋକଙ୍କ ସେବାରେ ଉତ୍ସର୍ଗୀକୃତ କରି ମୁଁ ବହୁତ ଖୁସି। ଏହା ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବାରେ ସଫଳ ହେବ। ଭୁବନେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ହୋଇ ରହିବା ସହ ସାରା ଓଡ଼ିଶାରେ ଏକ ନୂଆ ପରିଚୟ ହେବ। ଆମ ସମ୍ବିଧାନ ପ୍ରସ୍ତୁତ କରିବାରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମୁଖ୍ୟ ଭୂମିକା ରହିଥିଲା। ଭାରତୀୟ ସମ୍ବିଧାନର ପ୍ରଣେତା ଭାବେ ସେ ଜଣାଶୁଣା। ଦେଶ ପାଇଁ ତାଙ୍କ ଅବଦାନକୁ ସମ୍ମାନ ଜଣାଇ ଓଡ଼ିଶା ସରକାର ବରମୁଣ୍ଡା ବସ୍ ଟର୍ମିନାଲକୁ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ☞ପୃଷ୍ଠା-୧୧






# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ | Bhubaneswar, Saturday, March 2/2024


# ଦୀପକଙ୍କ ଘର ସମେତ ବହୁ ସ୍ଥାନରେ ଇଡି ଚଢ଼ାଉ




ଦୀପକ ଗୁପ୍ତାଙ୍କ ବଡବିଲ ଧୋବି ହଟିଂସ୍ଥିତ କାର୍ଯ୍ୟାଳୟରେ ଶୁକ୍ରବାର ଇଡି ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

**ବଡ଼ବିଲ(ଦେବପ୍ରିୟ ରଣା)/ ଯୋଡ଼ା (ମାନସ ରଞ୍ଜନ ମହାନ୍ତି)/ ରାଉରକେଲା, (ସଙ୍ଗୀତା ଜେନା)/ ଭୁବନେଶ୍ୱର, ୧।୩(ସତ୍ୟଜିତ୍ ରାଉତ)**

ବହୁଚର୍ଚ୍ଚିତ ୧୮ଶହ କୋଟିର ଉଲିବୁରୁ ଖଣି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ସକ୍ରିୟ ହୋଇଉଠିଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତା ଏବଂ ତାଙ୍କ ସହଯୋଗୀଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଇଡି ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଦୀପକଙ୍କ କେନ୍ଦୁଝର ଜିଲା ବଡ଼ବିଲ ବସ୍ତିସ୍ଥିତ ବାସଭବନ ଏବଂ ଧୋବି ହଟିଂସ୍ଥିତ କାର୍ଯ୍ୟାଳୟ (ଇସ୍ପାତ ଭବନ)ରେ ଯାଞ୍ଚ ଚାଲିଛି। ଏଥିସହ ଦୀପକଙ୍କ କୋଲକାତାସ୍ଥିତ ବାସଭବନ, ତାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଜୟ କଦମ୍ବୱାଲାଙ୍କ ଭୁବନେଶ୍ୱର ଓ ରାଉରକେଲାସ୍ଥିତ ବାସଭବନ, ଅଫିସ ଓ ଗୋଦାମରେ ମଧ୍ୟ ଯାଞ୍ଚ ଜାରି ରହିଥିବା ଜଣାପଡିଛି। କେନ୍ଦ୍ରୀୟ ସୁରକ୍ଷା ବଳ ସହାୟତାରେ ଏହି ଯାଞ୍ଚ ଚାଲିଥିବାବେଳେ ଏନେଇ ଇଡି ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନାହିଁ। ତେବେ ରିପୋର୍ଟ ଲେଖାହେବା ବେଳକୁ ଇଡି ଟିମ୍ ବହୁ କାଗଜପତ୍ର ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି। ଦୀପକ ଏହି ମାମଲାରେ ସର୍ତ୍ତମୂଳକ ଜାମିନରେ ରହିଛନ୍ତି। ଲିଜ୍‌ଧାରୀ ଦୀପକ ଅନ୍ୟମାନଙ୍କ ସହଯୋଗରେ ୨୦୦୩ରୁ ୨୦୧୦ ମଧ୍ୟରେ ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଉଲିବୁରୁ ଖଣିରୁ ପ୍ରାୟ ୪୫.୨୨ ଲକ୍ଷ ମେଟ୍ରିକ ଟନ୍ ଲୁହାପଥର ବେଆଇନ ଭାବେ କାରବାର କରି ୮୯୩.୬୭କୋଟି ଟଙ୍କା ଲାଭ କରିଥିଲେ। ୨୦୧୩ରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହେବା ପରେ ଏହି ମହାଦୁର୍ନୀତି ପଦାକୁ ଆସିଥିଲା। ଏହି ମାମଲାରେ ଦୀପକଙ୍କୁ ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ୨୦୧୩ ସେପ୍ଟେମ୍ବର ୫ରେ ଗିରଫ କରିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ଏହି ଲିଙ୍କ୍‌ରେ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଗିରଫ ହୋଇଥିଲେ। ଭିଜିଲାନ୍ସ ଏନେଇ ତଦନ୍ତ ସାରି କେନ୍ଦୁଝର ସ୍ୱତନ୍ତ୍ର କୋର୍ଟରେ ଦୀପକଙ୍କ ସମେତ ଅନ୍ୟ ୨୩ଜଣଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଥିଲା। ଏହି ଖଣି ଖନନ ଉଲିବୁରୁ ସଂରକ୍ଷିତ ଜଙ୍ଗଲରେ ହୋଇଥିବା ଭିଜିଲାନ୍ସ ଚାର୍ଜସିଟ୍‌ରେ ଦର୍ଶାଇଥିଲା। ଏହାକୁ ଆଧାର କରି ଇଡି ବେଆଇନ ଅର୍ଥ କାରବାରକୁ ନେଇ ୨୦୧୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଓ ତାଙ୍କ ସହଯୋଗୀ ସତ୍ୟବ୍ରତ ରାଉତଙ୍କୁ ୨୦୧୪ ଜୁଲାଇରେ ଇଡି ରିମାଣ୍ଡରେ ନେଇ ମଧ୍ୟ ପଚରାଉଚରା କରିଥିଲା।

## ଉଲିବୁରୁ ଖଣି ଦୁର୍ନୀତି ମାମଲା

# ନିଯୁକ୍ତି ପାଇଲେ ୧୧୫୨ ଅଧ୍ୟାପକ, କର୍ମଚାରୀ





**ଭୁବନେଶ୍ୱର, ୧।୩(ଅନିଲ ଦାସ)**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ୧୧୫୨ ନୂଆ ଅଧ୍ୟାପକ, ଅଫିସର ଓ କର୍ମଚାରୀଙ୍କୁ ନିଯୁକ୍ତି ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଲୋକସେବା କନ୍‌ଭେନଶନ ସେଣ୍ଟର ଏବଂ ରବୀନ୍ଦ୍ର ମଣ୍ଡପଠାରେ ସମସ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ନବନିଯୁକ୍ତଙ୍କ ମଧ୍ୟରେ ୯୭୭ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧ୍ୟାପକ, ୮୭ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଫିସର, ୫୭ ସମବାୟ ସମିତି ନିରୀକ୍ଷକ ଏବଂ ଜିଲାସ୍ତରର ସୂଚନା ଓ ଲୋକସମ୍ପର୍କ ବିଭାଗର ୩୧ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସ୍ୱାଗତ କରିବା ସହ ନିଜ ନିଜ କର୍ମ କ୍ଷେତ୍ରରେ ୫-ଟି ଉପକ୍ରମରେ ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଇଛନ୍ତି। ନୂଆ ଅଧ୍ୟାପକ ଓ ଅଫିସରଙ୍କ ପ୍ରତିଭା, ପ୍ରତିଶ୍ରୁତି ଓ କଠିନ ପରିଶ୍ରମ ନିଜ ଚାକିରି କ୍ଷେତ୍ରରେ ଅଧିକ ଫଳବତୀ ହୋଇପାରିବ।

## ୫-ଟି ଉପକ୍ରମରେ ଲୋକଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

୫-ଟି ଉପକ୍ରମରେ ସରକାର ସବୁ କ୍ଷେତ୍ରରେ ବିକାଶ କାମକୁ ଆଗେଇ ନେଉଛନ୍ତି। ଏହା ଦ୍ୱାରା ଉନ୍ନତିମୂଳକ ପ୍ରକଳ୍ପ ସ୍ୱଚ୍ଛତାର ସହ କରାଯାଉଛି। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତଙ୍କୁ ଏହା ସଶକ୍ତ କରିବା ସହ ଉପାନ୍ତରେ ଥିବା ଶେଷ ଲୋକ ପାଖରେ ସରକାର ପହଞ୍ଚିପାରିଛନ୍ତି। ତେଣୁ ନିଷ୍ଠାର ସହ କାମକରି ରାଜ୍ୟର ଉନ୍ନତିରେ ଭାଗୀଦାର ହେବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି, ଦୁଇ ଦଶନ୍ଧି ପୂର୍ବରୁ ରାଜ୍ୟର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ ଥିଲା। କୌଣସି ନୂଆ ନିଯୁକ୍ତି ମିଳୁ ନ ଥିଲା। ବର୍ତ୍ତମାନ ରାଜ୍ୟ ଆର୍ଥିକ ଆଗୁଆ ରାଜ୍ୟରେ ପରିଣତ ହୋଇଛି।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ବିଭାଗ ସଚିବ ଏସ୍.କେ. ଲୋହାନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।


DSPL-761

ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
କରକମଳରେ



୪ଟି ଜିଲ୍ଲାରେ ୧୩୧ କୋଟି ଟଙ୍କା ବ୍ୟୟରେ ୬ଟି ପ୍ରକଳ୍ପର ଉଦ୍‌ଘାଟନ
ଏବଂ
୧୫ଟି ଜିଲ୍ଲାରେ ୨୯୦୬ କୋଟି ଟଙ୍କା ବ୍ୟୟରେ ୪୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



୨ ମାର୍ଚ୍ଚ ୨୦୨୪ ॥ ଅପରାହ୍ନ ୪ଟା ୩୦

**ଉଦ୍‌ଘାଟନ**

କୁସୁମି ବ୍ୟାରେଜ୍, ନୟାଗଡ

**ଭୂତଳ ପାଇପ୍ ଲାଇନ୍ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବଣ୍ଟନ ବ୍ୟବସ୍ଥା**

କେନ୍ଦୁଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ ଶଂଖଭଙ୍ଗା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ
ତିଲେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ॥ ଫଟାଟାଙ୍ଗର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ କଟଗାଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର

**ଭିତ୍ତିପ୍ରସ୍ତର ସ୍ଥାପନ**

ହାଡୁଆ ଡ୍ୟାମ୍ ଓ ହାଡୁଆ ଡ୍ୟାମ୍‌ର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା, କଟକ ॥ କୁସୁମି ବ୍ୟାରେଜର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା, ନୟାଗଡ ॥ ଡିମିରିଆ-ରାଉତପଡା ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, କଟକ
ବୈଦେଶ୍ୱର-ଗୋପିନାଥପୁର ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, କଟକ ॥ ଫଟକି ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, ନବରଙ୍ଗପୁର ॥ ମାଲଗାଁ ବ୍ୟାରେଜ୍, ନବରଙ୍ଗପୁର ॥ ସତୀଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର

**୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା**

ଲାକଟିଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲକାନଗିରି ॥ ଟେମୁରାପାଲ୍ଲୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲକାନଗିରି ॥ ଭାଲୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ ପୋଡାଗଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର
କୋହରାଡଙ୍ଗରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ କୁର୍ଲୁ ଘାଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ କଲ୍ୟାଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ରାୟଗଡା ॥ ଚାଙ୍ଗିରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗିର
ଦମ୍-କିପାଲି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ବଥର୍ଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଦେଓତାରିମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ବିଲେଇସାଥୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର
ଘଗରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ସେମେଲମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଡୁମେରଚୁଆଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଗାଡିଆଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି
ବାରାହା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଧୋବେନ ଚଞ୍ଚରା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ପଖାନଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଲାମେର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି
ଟୁକୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ କୁଟିଙ୍ଗ ପଦର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଦଳକଟା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୋନପୁର ॥ ଟିଲାଣ୍ଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଅନୁଗୋଳ
କତରାପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଟକ ॥ କପାସିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଢେଙ୍କାନାଳ ॥ ମଣଦା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ॥ ଲାଲିଆଛେଞ୍ଚଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କନ୍ଧମାଳ
ଡାହୁକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ ପଥରଗଣ୍ଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ କଦଳିଝରଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ ମାଣିକମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର
ସୁଖୁପଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ ଉତାଲିଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ଝିଲିନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ଶଳଡ଼ିହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ
ସୁନାମୁଦି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ନୂଆଗଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ ॥ କେଙ୍ଗଟି ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୁନ୍ଦରଗଡ

**ଜଳସମ୍ପଦ ବିଭାଗ**

OIPR-32031/13/0018/2324

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ Bhubaneswar, Saturday, March 2/2024


# ବାପାଙ୍କୁ ୨୦, ପୁଅଙ୍କୁ ୨୫ ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

**ପ୍ରାୟ ଅଢ଼େଇ ବର୍ଷ ତଳେ ଜଣେ ନାବାଳିକା ବାଂଶପାଳକୁ ଯାଇ ଘରକୁ ଫେରୁଥିଲେ। ରାସ୍ତାରେ ବୁବୁନ୍ ସେଠୀ ଓ ତାଙ୍କ କେତେଜଣ ସାଙ୍ଗ ନାବାଳିକାଙ୍କୁ ବୋଲେରୋରେ ଉଠାଇ ନେଇଥିଲେ। ପରେ ବୁବୁନ୍ ନାବାଳିକାଙ୍କୁ ସୁନ୍ଦରଗଡ଼ର ସରଗିଗଡ଼ଠାରେ ରଖି ୪ ମାସ ଧରି ବଳାତ୍କାର କରିଥିଲେ। ବୁବୁନଙ୍କ ବାପା ଦୋଳଗୋବିନ୍ଦ ମଧ୍ୟ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ କେନ୍ଦୁଝର ଜିଲା ଓ ସ୍ୱତନ୍ତ୍ର ଜଜ୍ ପୋକ୍‌ସୋ ବୁବୁନଙ୍କୁ ୨୫ ଓ ତାଙ୍କ ବାପା ଦୋଳଗୋବିନ୍ଦଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି।**

**କେନ୍ଦୁଝର, ୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଶୁଭଶ୍ରୀ ତ୍ରିପାଠୀ ଏହାର ବିଚାର କରି ଦୋଷୀ ବାପାଙ୍କୁ ୨୦ ଓ ପୁଅଙ୍କୁ ୨୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଦୋଷୀ ପୁଅଙ୍କୁ ୩୩ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୩ ବର୍ଷ କାରାଦଣ୍ଡ, ବାପାଙ୍କୁ ୧୦ ହଜାର ଜରିମାନା ଓ ଅନାଦାୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ଆଦେଶ କରିଥିବା ଜଣାପଡ଼ିଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଅକ୍ଟୋବର ୨୬ରେ ୧୫ ବର୍ଷର ନାବାଳିକା ଜଣକ ବାଂଶପାଳକୁ କୌଣସି କାର୍ଯ୍ୟରେ ଯାଇ ଘରକୁ ଫେରୁଥିଲେ। ରାସ୍ତାରେ ଅଭିଯୁକ୍ତ ବୁବୁନ ସେଠୀ (୨୨) ଏକ ବୋଲେରୋ ଯୋଗେ କେତେ ଜଣ ସାଙ୍ଗଙ୍କ ସହିତ ମିଶି ତାଙ୍କୁ ଉଠାଇ ନେଇଥିଲେ। ପରେ ନାବାଳିକା ଜଣକ ଚେତା ହରାଇଥିଲେ। ବିଲେଇପଦାରୁ ଫେରିବା ସମୟରେ ରିମୁଳି ବାଇପାସ୍ ନିକଟରେ ଚେତା ଫେରିପାଇ ନାବାଳିକା ଜଣକ ପାଟି କରିଥିଲେ। ସେଠାରେ ଥିବା କିନ୍ନରମାନେ ଶୁଣି ପୋଲିସକୁ ସୂଚନା ଦେଇଥିଲେ। ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସେହି ମାସ ୨୮ ତାରିଖରେ ବୁବୁନଙ୍କ ପରିବାର ଲୋକେ ନାବାଳିକାଙ୍କ ଘରକୁ ଯାଇ ପୁଣି ଜୋର୍ ଜବରଦସ୍ତ ଉଠାଇ ଆଣି ବାଂଶପାଳରେ ରଖିଥିଲେ। ସେଠାରୁ ବୁବୁନ ତାଙ୍କୁ ନେଇ ସୁନ୍ଦରଗଡ଼ ଜିଲା ସରଗିଗଡ଼ରେ ରଖିଥିଲେ। ସେଠାରେ ୪ ମାସ ରଖି ବଳାତ୍କାର କରିଥିଲେ। ଏହି ସମୟରେ ବୁବୁନଙ୍କ ବାପା ଦୋଳ ଗୋବିନ୍ଦ ମଧ୍ୟ ନାବାଳିକାଙ୍କୁ ନଗରିଆ ନେଇ ଯାଇଥିଲେ। ସେଠାରୁ ବାଂଶପାଳକୁ ଆଣି ଫେରିବା ବେଳେ ☞ପୃଷ୍ଠା-୧୧

# ବଢ଼ିଲା ଗଣଶିକ୍ଷକଙ୍କ ଦରମା

## ଓଟିଇଟି ପାସ୍ କରିଥିବା ଗଣଶିକ୍ଷକ ନିୟମିତ ହେବେ

**ଭୁବନେଶ୍ୱର, ୧।୩(ଅନିଲ ଦାସ)**

ରାଜ୍ୟ ସରକାର ଗଣଶିକ୍ଷକମାନଙ୍କ ଦରମା ବୃଦ୍ଧି କରିଛନ୍ତି। ଓଟିଇଟି ପାସ୍ କରି ନ ଥିବା ଗଣଶିକ୍ଷକମାନଙ୍କ ମାସିକ ପାରିତୋଷିକ ୭ ହଜାର ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ୧୧୨୧ ଗଣଶିକ୍ଷକ ଉପକୃତ ହୋଇଛନ୍ତି। ଏଥିସହିତ ଯେଉଁ ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର)ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ମିଳୁନାହିଁ ସେମାନଙ୍କ ମଧ୍ୟରୁ ଓଟିଇଟି ପାସ କରିଥିବା ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର)ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯିବ। ଏହାଦ୍ୱାରା ୯୫୨୦ ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ଉପକୃତ ହେବେ। ଏଥିସହିତ ଓଟିଇଟି ପାସ କରିଥିବା ଗଣଶିକ୍ଷକମାନଙ୍କୁ ଏମ୍ଇଡି ଶିକ୍ଷକ(ଏକ୍ସ କ୍ୟାଡର) ଭାବରେ ନିୟମିତ କରାଯିବ। ଏହାଦ୍ୱାରା ରାଜ୍ୟର ୧୪୭୨ ଗଣଶିକ୍ଷକ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହି ନିଷ୍ପତ୍ତି ନେଇଛନ୍ତି। ଏସବୁକୁ ମିଶାଇ ରାଜ୍ୟରେ ମୋଟ ୧୨,୧୧୩ ଜଣ ଗଣଶିକ୍ଷକ ଉପକୃତ ହେବେ। ସୂଚନାଯୋଗ୍ୟ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଗଣଶିକ୍ଷକମାନେ ଏଥିପାଇଁ ଅନୁରୋଧ ସହ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।


**ଆଜିର ସମ୍ପାଦକୀୟ**

ଦୀର୍ଘ ଅବଧି କାର୍ଯ୍ୟକାଳ








ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁଚାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ



# ଦୀର୍ଘ ଅବଧି କାର୍ଯ୍ୟକାଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିଯୁକ୍ତି ପାଇଁ ତାଲିକାଭୁକ୍ତ ହୋଇଥିବା ଆଇଏଏସ୍ ଅଧିକାରୀଙ୍କ ମଧ୍ୟରୁ ପ୍ରାୟ ୬୦% ଏବେ ସଚିବ ଏବଂ ସମକକ୍ଷ ଅଧିକାରୀର ସ୍ୱୀକୃତି ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏକ ୫ବର୍ଷର ଲମ୍ବା କାର୍ଯ୍ୟକାଳ ପାଉଛନ୍ତି। ଉଚ୍ଚ ପଦାଧିକାରୀଙ୍କୁ ଦୀର୍ଘ କାର୍ଯ୍ୟକାଳ ପ୍ରଦାନ କରିବା ପାଇଁ ଏହା ହେଉଛି ମୋଦି ସରକାରଙ୍କ ପଦକ୍ଷେପ, ଯଦ୍ୱାରା ସେମାନେ ଦାୟିତ୍ୱରେ ଅଧିକ ମନୋନିବେଶ କରିପାରିବେ। ସାଧାରଣତଃ ପ୍ରତିରକ୍ଷା ଏବଂ ସ୍ୱରାଷ୍ଟ୍ର ସଚିବମାନେ ୨ ବର୍ଷର କାର୍ଯ୍ୟକାଳ ପାଇଥାଆନ୍ତି, ଯାହାକି କିଛି ବାସ୍ତବ ପଦକ୍ଷେପ ନେବା ପାଇଁ ପର୍ଯ୍ୟାପ୍ତ ସମୟ ନୁହେଁ। ବହୁ ସମୟରେ କେତେଜଣ ବାବୁ ବଡ଼ ନିଷ୍ପତ୍ତି ନେଇ ତାହାକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରୁଥିବାବେଳେ ସଂକ୍ଷିପ୍ତ କାର୍ଯ୍ୟକାଳ କିପରି ବାଧା ଦେଇଥାଏ, ସେ ବିଷୟରେ ସେମାନେ ଅଭିଯୋଗ କରନ୍ତି। ସୂତ୍ରରୁ ପ୍ରକାଶ ଯେ, ନିଯୁକ୍ତି ତାଲିକାଭୁକ୍ତ ୧୯୯୩ ବ୍ୟାଚ୍‌ର ୨୦୦ ଅଧିକାରୀଙ୍କ ମଧ୍ୟରୁ ୧୨ ଜଣ ଦୀର୍ଘ କାର୍ଯ୍ୟକାଳ ଏମିତିକି ୫ବର୍ଷରୁ ଅଧିକ ସମୟ ପାଉଛନ୍ତି। ଏପରିକି ୧୯୯୨ ବ୍ୟାଚର ୨୦ ଜଣରୁ ୫ ଆଇଏଏସ୍ ଅଧିକାରୀ ୫ବର୍ଷର କାର୍ଯ୍ୟକାଳ ଚାହୁଁଛନ୍ତି। କଥା ହେଉଛି, ଆଗକୁ କେନ୍ଦ୍ରରେ ନୂଆ ସରକାର କ୍ଷମତାକୁ ଆସିବା ପରେ ଜୁନ କିମ୍ବା ଜୁଲାଇରେ ଆମେ ବାବୁ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ ଦେଖିବାକୁ ପାଇବା। ପୂର୍ବତନ ସଚିବମାନେ ଏହି ଧାରା ବିଷୟରେ କହିଛନ୍ତି ଯେ, ଏକଦା ସଚିବମାନଙ୍କ ପାଇଁ ପାରମ୍ପରିକ ଭାବେ ୩ ବର୍ଷର କାର୍ଯ୍ୟକାଳ ଯଥେଷ୍ଟ ବୋଲି ବିବେଚନା କରାଯାଉଥିଲା। ତେବେ ପରିସ୍ଥିତି ଏବଂ ପ୍ରଶାସନିକ ଆବଶ୍ୟକତାକୁ ଲକ୍ଷ୍ୟକରି ପ୍ରଭାବଶାଳୀ ଶାସନକୁ ସୁଗମ କରିବା ପାଇଁ ଅଧିକ ଅବଧିର କାର୍ଯ୍ୟକାଳ କରିବାକୁ ସରକାଙ୍କୁ ପ୍ରେରିତ କରିଛି।

### କାର୍ଯ୍ୟାନୁଷ୍ଠାନ ଅପେକ୍ଷାରେ ଅଧିକାରୀ

ଦୁଇ ବର୍ଷ ପୂର୍ବେ ଅର୍ଥାତ୍ ଜାନୁୟାରୀ ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଜାବ ଗସ୍ତରେ ଥିବାବେଳେ ତାଙ୍କ ଗାଡ଼ି ଅଧଘଣ୍ଟା ଧରି ଏକ ଫ୍ଲାଏ ଓଭରରେ ଅଟକି ରହିଥିଲା। ପ୍ରାୟ ୩୦୦ ଆନ୍ଦୋଳନକାରୀ ଫ୍ଲାଏ ଓଭର ଅବରୋଧ କରିବା ଦ୍ୱାରା ଏହି ଘଟଣା ଘଟିଥିଲା। ଏଭଳି ସୁରକ୍ଷା ଉଲ୍ଲଂଘନ ଏକ ରାଜନୈତିକ ବିବାଦ ସୃଷ୍ଟି କରିଥିଲା। ସେହି ସମୟରେ ରାଜ୍ୟରେ କଂଗ୍ରେସ ନେତୃତ୍ୱାଧୀନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କ ସରକାର ଥିଲା। ସୁରକ୍ଷା ଭଙ୍ଗ ଉପରେ ଇନ୍ଦୁ ମାଲହୋତ୍ରା କମିଟି ତଦନ୍ତ କରି ୩ଜଣ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲା। ବର୍ତ୍ତମାନ ଭଗୱନ୍ତ ମାନ୍ ସରକାର ପୋଲିସ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅଧିକାରୀଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସିଦ୍ଧାର୍ଥ ଚଟ୍ଟୋପାଧ୍ୟାୟ, ଫରିଦକୋଟର ତତ୍କାଳୀନ ଡିଆଇଜି ଇନ୍ଦରବୀର ସିଂ ଏବଂ ପୂର୍ବତନ ଫିରୋଜପୁର ଏସ୍‌ଏସ୍‌ପି ହରମାନ୍‌ବୀର ସିଂ ହନ୍‌ସ। ଚଟ୍ଟୋପାଧ୍ୟାୟ ଅବସର ନେଇସାରିଥିବାରୁ ସେ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତି ଯାଇପାରନ୍ତି। କିନ୍ତୁ ମାନ୍ ଅନ୍ୟ ଦୁଇଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାହୁଁଛନ୍ତି ଏବଂ ଉଭୟଙ୍କୁ ସେମାନଙ୍କ ପ୍ରତିକ୍ରିୟା ଉପସ୍ଥାପନ କରିବାକୁ ଅନୁମତି ଦିଆଯିବ ବୋଲି କୁହାଯାଉଛି। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଦେବାକୁ ପଞ୍ଜାବ ସରକାରଙ୍କୁ ଅନୁରୋଧ କରିଛନ୍ତି। ତେବେ ସମ୍ପୃକ୍ତ ଅଧିକାରୀମାନେ ଭର୍ତ୍ସିତ କିମ୍ବା ସେବାରୁ ବରଖାସ୍ତ ହୋଇପାରନ୍ତି ବୋଲି ଅନେକେ କହୁଛନ୍ତି।

### ମହାରାଷ୍ଟ୍ରରେ ବାବୁଙ୍କ ବଦଳି

ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଦେଶ ପ୍ରସ୍ତୁତ ହେଉଛି। ଏତିକିବେଳେ ମହାରାଷ୍ଟ୍ର ବାବୁ କରିଡରରେ ବଡ଼ ପରିବର୍ତ୍ତନ କରାଯାଉଛି। ଏକ ନିର୍ଣ୍ଣାୟକ ପଦକ୍ଷେପ କ୍ରମେ ରାଜ୍ୟ ସରକାର ନିକଟରେ ୧୨ ଜଣ ଆଇଏଏସ୍ ଅଧିକାରୀଙ୍କୁ ନୂତନ ଦାୟିତ୍ୱରେ ନିଯୁକ୍ତ କରିଥିଲେ। ଉଲ୍ଲେଖନୀୟ ଯେ, ସେମାନଙ୍କ ମଧ୍ୟରେ ୧୯୮୮ ବ୍ୟାଚ୍ ବରିଷ୍ଠ ଅଧିକାରୀ ରାଜେଶ କୁମାରଙ୍କୁ ଅତିରିକ୍ତ କୋ-ଅପରେଶନ ଆଣ୍ଡ୍ ମାର୍କେଟିଂର ମୁଖ୍ୟ ସଚିବ ପଦବୀରୁ ଅତିରିକ୍ତ ମୁଖ୍ୟ ସଚିବ (ରାଜସ୍ୱ) ପଦବୀକୁ ବଦଳି କରାଯାଇଛି। ଏହି ସମୟରେ, ଓ.ପି. ଗୁପ୍ତା ଫାଇନାନ୍ସ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୀତୀନ କରିର ମୁଖ୍ୟ ଶାସନ ସଚିବ ପଦବୀକୁ ପଦୋନ୍ନତି ପାଇବା ପରେ ଏହି ପଦବୀ ଖାଲି ପଡ଼ିଥିଲା, ଯାହାକୁ ନୀତୀନ ପୂରଣ କରିଛନ୍ତି। ସଞ୍ଜୟ ସେଠୀ ଜବାହରଲାଲ ନେହେରୁ ବନ୍ଦର ପ୍ରାଧିକରଣର ଚେୟାରମ୍ୟାନ୍ ଭାବରେ କାର୍ଯ୍ୟକାଳ ଶେଷ କରିବା ପରେ ଜୈନ ନଇନୁଟିଆଙ୍କ ବଦଳି ପରେ ପରିବହନ ବିଭାଗର ମୁଖ୍ୟ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜୈନଙ୍କୁ ସୂଚନା ପ୍ରଯୁକ୍ତି ବିଭାଗକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସିଡ୍‌କୋ ନେତୃତ୍ୱ ନେଉଛନ୍ତି ବିଜୟ ସିଂଘଲ ଏବଂ ମିଲିନ୍ଦ ଶମ୍ଭରକର ମୁମ୍ବାଇ ରିପେୟାର ଆଣ୍ଡ ରିକନ୍‌ଷ୍ଟ୍ରକସନ ବୋର୍ଡରେ ଦାୟିତ୍ୱ ବହନ କରୁଛନ୍ତି। ଏହି ଅଦଳବଦଳରେ ଆକୋଲା ମ୍ୟୁନିସିପାଲିଟି କର୍ପୋରେଶନ କମିଶନର କବିତା ଦ୍ୱିବେଦୀଙ୍କୁ ପୁଣେ ଡିଭିଜନର ଅତିରିକ୍ତ ବିଭାଗୀୟ କମିଶନର ଭାବେ ବଦଳି କରାଯାଇଛି। ସୂତ୍ରରୁ ପ୍ରକାଶ ଯେ, ନିର୍ବାଚନ କିମାନ(ଇସି)ଙ୍କ ୩ବର୍ଷ ବଦଳି ନୀତି ମଧ ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଥିବା ଏକ ପ୍ରମୁଖ କାରଣ। ୩ ବର୍ଷରୁ ଅଧିକ ସମୟ ଧରି ପଦବୀରେ ରହିଥିବା ଅଧିକାରୀମାନଙ୍କୁ ସ୍ଥାନାନ୍ତର କରିବାକୁ ଚାହୁଁଛି ବୋଲି ଇସି ଚାହୁଁଥିବା ଜଣାପଡ଼ିଛି।

Email: dilipcherian@gmail.com

# ଭଗବାନ୍‌ଙ୍କ ମିଜାଜ ମଣିଷର ସୃଷ୍ଟି



ସହଦେବ ସାହୁ

ପ୍ରାଣୀମାନଙ୍କ ଭିତରେ ଚିନ୍ତାଶୀଳ ମଣିଷ ହିଁ ଧର୍ମର ଧାରଣା ଆଣିଛି ଓ ସୃଷ୍ଟି କରିଥିବା ଶକ୍ତିକୁ ଈଶ୍ୱର ନାମ ଦେଇଛି, ଭିନ୍ନ ଭିନ୍ନ ଭାଷାରେ ଭିନ୍ନ ନାମ ଦେଇଛି। ଆମେ ଘରେ ମୂର୍ତ୍ତି ସ୍ଥାପନ କରି ଚକ୍ଷୁ ଦାନ କଲାଭଳି ବିଭିନ୍ନ ଧର୍ମର ଅନୁଗାମୀମାନେ ଈଶ୍ୱରଙ୍କ ସ୍ଥିତି କଳ୍ପନା କରିବା ପରେ ତାଙ୍କୁ ମିଜାଜ (ଇଂଲିଶରେ ମୁଡ୍) ଦାନ କରନ୍ତି। ଈଶ୍ୱରଙ୍କ ସାମର୍ଥ୍ୟ ବର୍ଣ୍ଣନାରେ ଅକ୍ଷମ ହୋଇ ତାଙ୍କୁ ଏକ ଯାଦୁକର କରିଦିଅନ୍ତି। ପୂଜାବିଧି ରଚନା କରି ତାଙ୍କୁ କଣ୍ଢେଇ କରିଦିଅନ୍ତି। ଯେଉଁ ଜଗନ୍ନାଥଙ୍କ ଆଜ୍ଞା ବିନା ପତ୍ର ବି ହଲେନା ବୋଲି ସେବାୟତମାନେ ଦମ୍ଭୋକ୍ତି କରନ୍ତି ତାଙ୍କୁ ଉପାସରେ ରଖିପାରନ୍ତି। କେଉଁ ପରିସ୍ଥିତିରେ ଈଶ୍ୱରଙ୍କ ମୁଡ୍ କ'ଣ ହୁଏ ତା' ଧର୍ମଗ୍ରନ୍ଥରେ ଲେଖିଦିଆଯାଇଛି। ଏକେଶ୍ୱରବାଦୀମାନେ କହନ୍ତି, ସେମାନଙ୍କ ଈଶ୍ୱରର ଦୁନିଆରେ ଅନ୍ୟ କୌଣସି ଦେବଦେବୀଙ୍କୁ ବିଶ୍ୱାସ କରୁଥିବା ମଣିଷର ବଞ୍ଚିବାର ଅଧିକାର ନାହିଁ। ସେମାନଙ୍କୁ ହତ୍ୟା କଲେ ଈଶ୍ୱର ଖୁସି ହେବେ, ହତ୍ୟା କରିବାକୁ ଯାଇ ପ୍ରାଣ ହରାଇଲେ ତାଙ୍କ ଈଶ୍ୱର କୋଳକୁ ନେଇଯିବେ। ଇସ୍‌ଲାମର ଅଲ୍‌କାଏଦା ପନ୍ଥୀମାନଙ୍କ ଈଶ୍ୱରଙ୍କ ମିଜାଜ ଏପରି। ପ୍ରତ୍ୟେକ ଧର୍ମରେ ଈଶ୍ୱର ଅବିଶ୍ୱାସୀକୁ ଘୃଣା କରନ୍ତି, ନିଆଁଚେଙ୍କ ଦେଇ ଗୋରୁଙ୍କୁ ଚିହ୍ନଟ କଲାପରି ସେମାନଙ୍କୁ ହିନ୍ଦୁଏ ମ୍ଲେଚ୍ଛ, ମୁସଲମାନମାନେ କାଫେର୍, ଖ୍ରୀଷ୍ଟିଆନ୍‌ମାନେ ଇନ୍‌ଫିଡେଲ୍ ଶ୍ରେଣୀରେ ରଖିଛନ୍ତି, ଦଣ୍ଡନୀୟ ବୋଲି ଈଶ୍ୱର ଚାହାନ୍ତି। ଧର୍ମକୁ ମାନୁ ନ ଥିବା ଲୋକେ ନର୍କକୁ ଯିବେ ବୋଲି ପ୍ରତି ଧର୍ମର ଈଶ୍ୱର ଚାହାନ୍ତି, ତେବେ ଆମେ ସମସ୍ତେ ନର୍କକୁ ଯିବା, କାରଣ ଆମେ କୌଣସି ନା କୌଣସି ଧର୍ମକୁ ମାନୁନାହୁଁ। ନର୍କକୁ ପଠାଇବା ମିଜାଜ ମଣିଷ ହିଁ ତିଆରି କରିଛି; ଈଶ୍ୱର ଯାହାକୁ ତାଙ୍କ ଦୁନିଆରେ ରହିବା ପାଇଁ ଚାହାନ୍ତି ନାହିଁ ତାକୁ ଜନ୍ମ ଦେଲେ କାହିଁକି – ଏଭଳି ପ୍ରଶ୍ନ ଆଇଏସ୍‌ଆଇ ସଂସ୍ଥାରେ ମିଶିଥିବା ମୁସଲମାନମାନେ ଆଲ୍ଲାଙ୍କୁ ପଚାରୁନାହାନ୍ତି।

ପ୍ରତ୍ୟେକ ଧର୍ମର ସୃଷ୍ଟି ଏକ ଐତିହାସିକ ଘଟଣା। ମହାନ୍ ପୁରୁଷ (ଇତିହାସ କି ପୁରାଣରେ ନାରୀର ଉଲ୍ଲେଖ ନାହିଁ) ଜଣେ ସମାଜରେ ଶୃଙ୍ଖଳା ଆଣିବା ପାଇଁ କେତେ ନିୟମ ବାଢ଼ନ୍ତି, ଶ୍ରୋତାମାନଙ୍କୁ ଆକୃଷ୍ଟ କରିବା ଲାଗି କିଛି ଚମତ୍କାରିତା ଦେଖାନ୍ତି, ଯାହା ଏକ ସର୍ବବ୍ୟାପୀ ଶକ୍ତି ଈଶ୍ୱରଙ୍କଠାରୁ ଆସିଛି ବୋଲି କହନ୍ତି। କେତେକ ଶିଷ୍ୟ ଯାହା କ୍ଷିପ୍ର ଲେଖକ ଭଳି ଟିପିଥାନ୍ତି , ତାହା ହିଁ ଧର୍ମଗ୍ରନ୍ଥ ଆକାରରେ ପ୍ରକାଶିତ। ଅନୁଗତ ବା ଶିଷ୍ୟଙ୍କ ସଂଖ୍ୟା ବଢ଼ିଗଲେ ନୂଆ ଧର୍ମ ଜନ୍ମ ନିଏ, ଯେଉଁମାନେ ଆନୁଗତ୍ୟ ପ୍ରକାଶ ନ କରନ୍ତି ସେମାନଙ୍କ ପ୍ରତି ଅସହିଷ୍ଣୁତା ପ୍ରଦର୍ଶନ କରନ୍ତି, ଈଶ୍ୱରଙ୍କ ଆତ୍ମଘୋଷିତ ବାହିନୀ ଭଳି କାମ



କରନ୍ତି, ଲୋକଙ୍କୁ ଭୟଭୀତ କରି ଅଥବା ପ୍ରଲୋଭନ ଦେଖାଇ ନିଜ ଧର୍ମକୁ ଆଣିଲେ ଈଶ୍ୱର ପସନ୍ଦ କରନ୍ତି, ଅର୍ଥ ତାଙ୍କ ମିଜାଜ ଭଲ ରହେ ବୋଲି ଭାବନ୍ତି। ଅନ୍ୟ ଧର୍ମର ଲୋକଙ୍କ ସହ ଯୁଦ୍ଧ କରିବାକୁ ଧର୍ମଯୁଦ୍ଧ (ଖିରସ୍ତାନୀଙ୍କ ହୋଲିୱାର୍ ବା ମୁସଲମାନଙ୍କ ଜିହାଦ) କହନ୍ତି, ପରାସ୍ତ ଲୋକଙ୍କୁ ଦାସ କରିବାକୁ ଏପରିକି ନିପାତ କରିବାକୁ ତାଙ୍କ ଈଶ୍ୱର ଚାହାନ୍ତି ବୋଲି ସେମାନେ କହନ୍ତି। ଏକା ରକମର ଧର୍ମରେ ବି ଏପରି ଘଟେ। ଆବ୍ରାହମ୍ ନାମକ ଏକ ମହର୍ଷିଙ୍କୁ ଅନୁସରଣ କରିଥିବାରୁ ଇହୁଦି, ଖିରସ୍ତାନ ଓ ଇସଲାମ୍ ଏ ତିନୋଟିକୁ ଆବ୍ରାହମୀୟ ଧର୍ମ କୁହାଯାଏ, ପ୍ରତ୍ୟେକେ ଏକେଶ୍ୱରବାଦୀ ହୋଇଥିବାରୁ ନିଜ ଈଶ୍ୱରକୁ ଦୁନିଆର ପ୍ରକୃତ ଈଶ୍ୱର ଭାବନ୍ତି, ତେଣୁ ପରସ୍ପରକୁ ଘୃଣା କରନ୍ତି, ସୁଯୋଗ ପାଇଲେ ନିପାତ କରିବାର ମସୁଧା ରଖନ୍ତି, ପ୍ରତ୍ୟେକର ଈଶ୍ୱର ଏହା ଚାହାନ୍ତି ବୋଲି ସେମାନେ ଭାବନ୍ତି, ଅର୍ଥାତ୍ ସେମାନଙ୍କ ଈଶ୍ୱରଙ୍କ ମୁଡ୍ ସେମାନେ ତିଆରି କରିଛନ୍ତି। ଅଥଚ ହିବ୍ରୁ ବାଇବେଲ୍‌କୁ ଖିରସ୍ତାନୀମାନେ ଓଲ୍ଡ ଟେଷ୍ଟାମେଣ୍ଟ (ଆଦି ଧର୍ମଗ୍ରନ୍ଥ) କହନ୍ତି, ଅର୍ଥାତ୍ ଖ୍ରୀଷ୍ଟିଆନମାନଙ୍କ ପୂର୍ବଜ ଇହୁଦିମାନେ ବୋଲି ପାଠକମାନଙ୍କୁ ହେଜାଇ ଦେଉଛନ୍ତି। ଯେଉଁମାନେ ରଶଦିଙ୍କ ଦି ସାଟାନିକ୍ ଭର୍ସେସ୍ ପଢ଼ିଥିବେ, ସେମାନେ ଜାଣିଥିବେ ଯେ ଖିରସ୍ତାନୀମାନଙ୍କ ଦେବଦୂତ ଗାବ୍ରିଏଲ୍‌ଙ୍କ ସମ୍ପର୍କରେ କୋରାନ୍‌ରେ ଉଲ୍ଲେଖ ଅଛି। ଏସବୁ ସଂଯୋଗ ସତ୍ତ୍ୱେ ଗୋଟିକର ଈଶ୍ୱର ଅନ୍ୟଟିର ଈଶ୍ୱରଙ୍କ ସ୍ଥିତିକୁ ଅସ୍ୱୀକାର କରନ୍ତି ଏବଂ ନିଜ ଧର୍ମ ପ୍ରସାର ଲାଗି ଖିରସ୍ତାନୀମାନେ ହୋଲିୱାର ଓ ମୁସଲମାନମାନେ ଜିହାଦ୍ ଭଳି ଧ୍ୱଂସକାରକ ଯୁଦ୍ଧରେ ବହୁ ବର୍ଷ ଧରି ବ୍ୟାପୃତ ଥିଲେ।

ଇସ୍ରାଏଲର ତୃତୀୟ ରାଜା କିଙ୍ଗ୍ ସଲମନ୍ ଖ୍ରୀ.ପୂ. ୧୦ମ ଶତାବ୍ଦୀରେ ରାଜୁତି କରୁଥିଲେ। ସେ ବହୁ ଜ୍ଞାନୀ ଭାବେ ଇତିହାସରେ ପରିଚିତ ଓ ଏକାଧିକ ଈଶ୍ୱରରେ ବିଶ୍ୱାସୀ ଥିଲେ। ବାଇବେଲ ଏ କଥାଟାକୁ ସହଜରେ ବୁଝାଇଦିଏ ଯେ ତାଙ୍କର ବହୁ ରାଣୀ ବିଦେଶୀ ଭୂମିରୁ ଆସିଥିବାରୁ ରାଣୀମାନେ ତାଙ୍କ ମନକୁ ଅନ୍ୟ ଈଶ୍ୱରଙ୍କ ଆଡ଼କୁ ଟାଣି ନେଉଥିଲେ। ବାଇବେଲ ଏହାର କାରଣ ପ୍ରେମ ବୋଲି କହେ ନାହିଁ, ରାଜନୀତି କହେ । ଗୋଟିଏ ରାଜବଂଶର ଲୋକ ଆଉ ଗୋଟିଏ ରାଜବଂଶର ନାରୀକୁ ବିବାହ କରେ ନାହିଁ ପ୍ରେମ ପାଇଁ, ବିବାହ କରେ ବୈଦେଶିକ ନୀତିର ଅଙ୍ଗ ଭାବେ; ଅନ୍ୟ ରାଜ୍ୟ ସହ ବନ୍ଧୁଭାବାପନ୍ନ ସମ୍ପର୍କ ସ୍ଥାପନ ଲାଗି, ବଳବାନ୍ ରାଜାର ରାଜ୍ୟ କରାୟତ୍ତ କରିବା ମନକୁ ଦବାଇବା ପାଇଁ ତା' ପରିବାର ସହିତ ବିବାହ ସମ୍ପର୍କ ବାନ୍ଧିବାକୁ ଚାହେଁ। ଏ ସମ୍ପର୍କ ଦୃଢ଼ୀଭୂତ ହୁଏ ଯେତେବେଳେ ରାଜା ସେ ଦେଶର ଈଶ୍ୱରଙ୍କୁ ସମ୍ମାନ ଦେଖାଏ, ନିଜ ଈଶ୍ୱରର ଅନୁରୂପ (ଇକ୍ୱିଭାଲେଣ୍ଟ) ମନେକରେ । ପୋଷାକ ଧର୍ମର ପରିଚାୟକ ହୋଇଥିବାରୁ ରାଜ୍ୟରେ ଭିନ୍ନ ପୋଷାକକୁ ବାରଣ କରେ ନାହିଁ। ମନରେ ଧର୍ମ ଯାହା ଥାଉ ଦେହରେ ପୋଷାକ ଅନ୍ୟ ଧର୍ମର ଲୋକଙ୍କ ସମର୍ଥନ ଆଣେ ବୋଲି ଜଣେ ଖ୍ରୀଷ୍ଟିଆନ୍ ନାରୀ ବି ହିନ୍ଦୁପ୍ରଧାନ ଭାରତରେ ଶାଢ଼ି ପିନ୍ଧନ୍ତି, ଶିଖ୍ ମନ୍ଦିରରେ ଓଢ଼ଣା ଘୋଡ଼ାନ୍ତି ବା ଆଜ୍‌ମୀର୍ ଦର୍ଘାରେ ଚାଦର ଯାଚନ୍ତି, କହିବା ଅତ୍ୟୁକ୍ତି ହେବ ନାହିଁ।

ସଲୋମନ୍‌ଙ୍କ ବହୁପତ୍ନୀ ତାଙ୍କୁ ବହୁଈଶ୍ୱରଙ୍କ ଆଡ଼କୁ ଟାଣି ନ ଥିଲେ, ତାଙ୍କ ରାଜନୀତି ତାଙ୍କୁ ବହୁଈଶ୍ୱର ଆଡ଼କୁ ଟାଣିଥିଲା। ଆକବର ଯୋଦ୍ଧାବାଈଙ୍କୁ ବିଭା ହୋଇଥିବାରୁ ନୂଆ ଧର୍ମ ପ୍ରଚଳନ କରି ନ ଥିଲେ, ନୂଆ ଧର୍ମ ପ୍ରଚଳନ କରିଥିଲେ ରାଜନୀତିରେ ନିର୍ଦ୍ଦେଶ ଯୋଗୁ । ଏତେ ସଂଖ୍ୟାର ହିନ୍ଦୁ ଓ ସେମାନଙ୍କ ନେତାମାନଙ୍କୁ ହାତ କରିବା ଉପାୟ ହେଲା ମୁସଲମାନମାନଙ୍କୁ ହିନ୍ଦୁ ଧର୍ମ ପ୍ରତି ସହନଶୀଳ କରିବା। ପଡୋଶୀ ରାଜ୍ୟଗୁଡ଼ିକ ସହ ସହାବସ୍ଥାନ ମାନେ ସେମାନଙ୍କ ଧର୍ମ ପ୍ରତି ସହନଶୀଳତା। ଏ ପ୍ରକାରର ସହାବସ୍ଥାନ ଶାନ୍ତି ରକ୍ଷା କରେ, ଶାନ୍ତି ହିଁ ରାଜ୍ୟର ଅର୍ଥନୈତିକ ତଥା ସାମୂହିକ ବିକାଶ ଦିଗରେ ସହାୟକ ହୁଏ। ବୁଦ୍ଧିବିଚାରି 'ଧାର୍ମିକ ସହନଶୀଳତା' ଆସେ ନାହିଁ, ନିଜକୁ ସୁବିଧା ମିଳୁଥିଲା ଯାଏ ଓ ସମାଜରୁ ଉପକାର ମିଳୁଥିବାଯାଏ ଭିନ୍ନ ତଥା ବହୁଈଶ୍ୱର ଅବା ମୂର୍ତ୍ତିପୂଜା ପ୍ରତି ସହନଶୀଳତା ବଢ଼େ । ଥରେ ଜିତାପଟ ଆସିଗଲେ ହାରିବା ପଟର ଈଶ୍ୱରଙ୍କୁ ପଚାରେ କିଏ ? ଭକ୍ତମାନଙ୍କ ଏକାନ୍ତ ଆନୁଗତ୍ୟ ଚାହୁଁଥିଲେ ବି ଯେଉଁମାନେ ବହୁଈଶ୍ୱର ପ୍ରଥା ବିରୋଧରେ ଗଲେ ନାହିଁ, ସେମାନଙ୍କୁ ଅଦ୍ୱୈତପାର୍ଶ୍ୱବିଦ୍ (ମନୋଲାଟ୍ରିଷ୍ଟ) କୁହାଯାଏ। ସେମାନଙ୍କ ମୁଖ୍ୟ ହୋସିଆ ଖ୍ରୀ.ପୂ. ୮ମ ଶତାବ୍ଦୀରେ ପ୍ରଥମ ଗ୍ରନ୍ଥ ଲେଖିଥିଲେ। ସେତେବେଳେ ଇସ୍ରାଏଲର ପଡ଼ିଶାମାନେ ନିଷ୍ଠୁର ଥିଲେ, ଇସ୍ରାଏଲ୍ ସ୍ଥିର ରହିପାରି ନ ଥିଲା। ତେଣୁ ସେମାନେ ଏକ-ଈଶ୍ୱର ବିଶ୍ୱାସରେ ଉଦ୍‌ବୁଦ୍ଧ ହୁଅନ୍ତୁ ବୋଲି ପ୍ରବଚନ ଦେଲା ବେଳେ କହି ନ ଥିଲେ ଯେ, ସେମାନେ ବିଧର୍ମୀମାନଙ୍କୁ ତଡ଼ନ୍ତୁ, ସେମାନଙ୍କୁ ନିପାତ କରନ୍ତୁ ବୋଲି କହିଥିଲେ। ସମସ୍ତଙ୍କ ପାଇଁ ସୃଷ୍ଟିକର୍ତ୍ତା ଏକ, ଭିନ୍ନ ଭିନ୍ନ ଧର୍ମରେ ପ୍ରଚାରକମାନେ ତାଙ୍କଠାରେ ମଣିଷର କଳହ-ପଣିଆ ଗୁଣ ଆରୋପ କରି ମଣିଷ ମଣିଷ ଭିତରେ ଧର୍ମଭିତ୍ତିକ କଳହ ସୃଷ୍ଟି କରାଉଛନ୍ତି।

sahadevas@yahoo.com

# ଆସିଲାଣି ଭୋଟ୍ ବେଳ



ଗଣେଶ୍ୱର ନାୟକ

ଭୋଟ୍ ବେଳ ଆସିଲାଣି। ସବୁ ନେତା, କର୍ମୀ ଚଳଚଞ୍ଚଳ ହେଲେଣି। ରାଜଧାନୀର ନେତାଗଣ ଏବେ ଗାଁମୁହାଁ। ଖବରକାଗଜମାନଙ୍କରେ ପୂର୍ବ ସରକାରର ପାରିବାପଣିଆର ଘନ ଘନ ବିଜ୍ଞାପନ ପ୍ରକାଶ ପାଇଲାଣି। ବିରୋଧୀ ଦଳରେ ଥିବା ନେତା ମଧ୍ୟ ସରକାରଙ୍କ ଦୋଷ ଦୁର୍ବଳତା ଉପରେ ବାର୍ ବାର୍ ଆଲୋଚନା କଲେଣି। ଗାଁରେ ସବୁ ଦଳର କର୍ମୀ ବୁଢ଼ୀବୁଢ଼ା ଯେଉଁମାନଙ୍କର ଭତ୍ତା ହୋଇନାହିଁ, ସେମାନଙ୍କଠାରୁ ପର୍‌ଚିରେ ଟିପଚିହ୍ନ ନେଉଛନ୍ତି, ତାଙ୍କ ଦଳ ଆସିଲେ ନିଶ୍ଚୟ ହେବାର ଆଶ୍ୱାସନା ଦେଲେଣି। ଯାହାର ଆବାସ ହୋଇନାହିଁ, ତାକୁ ସଭିଏଁ ଆଶ୍ୱାସନା ଦେଉଛନ୍ତି ଆଗିଲାକୁ ହେବ ନିଶ୍ଚିତ।

ଗାଁ ମୁଣ୍ଡରେ, ଛକ ବଜାରରେ ସନ୍ଧ୍ୟାବେଳ ମେଳି ବଢ଼ିଲାଣି। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କଥାର ଆଲୋଚନା ବେଶ୍ ବଢ଼ିଗଲାଣି, ଶୁଣିଲେ ଆମୋଦ ଲାଗୁଛି ମଧ୍ୟ। କିଛି ଶିକ୍ଷିତ ଯୁବକ ନିଜର ଆକ୍ରୋଶ ପ୍ରକାଶ କରୁଛନ୍ତି ହିସାବ କରି। ଲୋକଗୁଡ଼ାକ ବୁଝୁନାହାନ୍ତି, ପାଞ୍ଚଶ ଟଙ୍କା ନେଇ ଭୋଟ୍ ଦେଉଛନ୍ତି। ଆହା ପାଞ୍ଚବର୍ଷ ପାଇଁ ପାଞ୍ଚଶ ଟଙ୍କା। ଦିନକୁ ପଡ଼ିଲା ସତେଇଶ ପଇସା।

ଭୋଟ୍ ବେଳ ଯେହେତୁ ଆସୁଛି, ସବୁ ରାଜନୈତିକ ଦଳର ମିଶ୍ରଣ ପର୍ବ ପ୍ରତିଦିନ ଅନୁଷ୍ଠିତ ହେଉଛି। ଏପରି ହେଉଛି, ଅନେକ କର୍ମୀଙ୍କ ମୁହଁ ଏକାଧିକ ରାଜନୈତିକ ଦଳର ମିଶ୍ରଣ ପର୍ବରେ ଦେଖିବାକୁ ମିଳୁଛି। ମିଶ୍ରଣ ପର୍ବ ବି ପ୍ରାୟୋଜିତ ହୋଇଗଲାଣି। ସବୁ ରାଜନୈତିକ ଦଳର ସାମାଜିକ ଗଣମାଧ୍ୟମ ଅତ୍ୟଧିକ କର୍ମତତ୍ପର ହୋଇଉଠିଲାଣି। ଅନେକ ସୁପ୍ତ ଅନୁଷ୍ଠାନର ପଦପଦବୀରେ ଥିବା ମଣିଷ ମୁହଁ ଦେଖାଇଲେଣି। କେହି କେହି କହୁଛନ୍ତି, ସବୁ ଭୋଟ୍‌ର କମାଲ୍।

ରାଜନୈତିକ ନେତାଗଣ ନିଜ ନିଜ ରାଜନୈତିକ ଦଳ ଛାଡ଼ି ଅନ୍ୟ ଦଳରେ ଯୋଗଦେଉଛନ୍ତି, କାଳେ ନିର୍ବାଚନୀ ଟିକଟ ନିଜ ଦଳରୁ ନ ମିଳିବା ଆଶଙ୍କାରୁ। କିନ୍ତୁ ସଫେଇ ଦେଉଛନ୍ତି, ନିର୍ବାଚନମଣ୍ଡଳୀର ସ୍ୱାର୍ଥ କଥା କହି ଅବା କର୍ମୀ କୁଆଡ଼େ ଚାହୁଁଛନ୍ତି, ସେ ଅମୁକ ଦଳକୁ ଯାଆନ୍ତୁ ବୋଲି। କେହି କେହି ନେତା ଯେଉଁ ଦଳକୁ ସମାଲୋଚନା କରୁଥିଲେ, ସେହି ଦଳର ପ୍ରାଥମିକ ସଦସ୍ୟ ପଦ ଗ୍ରହଣ କଲେଣି। ଲୋକଙ୍କ ପ୍ରଶ୍ନର ଉତ୍ତରରେ କହୁଛନ୍ତି, ରାଜନୀତିରେ କେହି ଶତ୍ରୁ ନୁହନ୍ତି କି କେହି ମିତ୍ର ନୁହନ୍ତି ବୋଲି।

କେହି କେହି ରାଜନେତା ଧର୍ମକୁ, ଜାତିକୁ, ଆଞ୍ଚଳିକତାକୁ ଆୟୁଧ କଲେଣି ନିର୍ବାଚନୀ ବୈତରଣୀ ପାର୍ ହେବାକୁ। ସେହି ଅନୁସାରେ ପାଗ ଭିଡ଼ିଲେଣି। ଆଉ କେହି କେହି ବନ୍ଧୁମିଳନ ଆରମ୍ଭ କଲେଣି ତ କେହି ସମ୍ପର୍କ ସଭା ଆରମ୍ଭ କଲେଣି ନିଜର ପରିଚିତି, ନିଜର ଦାମ୍ଭିକତା ଜାହିର କରିବା ପାଇଁ। କେହି କେହି ମୁଖିଆ କର୍ମୀ ନେତାଙ୍କୁ ଦେଖିଲେ, ବିରୁଦ୍ଧରେ ବିଷୋଦ୍‌ଗାର କରୁଛନ୍ତି। ଏହା ମାଧ୍ୟମରେ ନେତାଙ୍କ ନିକଟତର ହେବେ, ତା' ବଦଳରେ ପକେଟ୍ ଗରମ କରିବେ।

ନରିଆ ଜେଜ ଭାରି ହସମୁଖୁରା। ସୂର୍ଯ୍ୟ ବୁଡ଼ିଲେ ବେତାରୁ କୁର୍ତ୍ତା ବାହାର କରି, ତାକୁ ପିନ୍ଧି ଛକଆଡ଼େ ଯିବା ଆରମ୍ଭ କଲେଣି। ମାଧିଆ ଭାଇ ଚା' ଦୋକାନରେ ଚା' ଟିକେ ପିଇ, ସେ ଯେଉଁ ରାଜନୀତି କଥା ଆଲୋଚନା କରୁଛନ୍ତି, ତାକୁ ଶୁଣିବାକୁ ଅନେକେ ଆଗ୍ରହ ପ୍ରକାଶ କରୁଛନ୍ତି। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆଲୋଚନା। ତାହା ପୁଣି ଖଣ୍ଡି ତଥ୍ୟଆଧରିତ। ଭାରି କୌତୁକିଆ। କେହି କେହି ମୁରୁକାହସା ମାରୁଛନ୍ତି। ସେ ରାଜନୀତିର ଧାର ଧାରନ୍ତି ନାହିଁ। ବିଚରା ଭାରି ଭଲ ଲୋକ। କାହାଠାରୁ ପଇସାଟିଏ ନିଏ ନାହିଁ। ଏଇଟା ତାଙ୍କର ଗୋଟେ ଖୁସି ଆଉ।



ଯୁବଗୋଷ୍ଠୀ ଦଳ ଦଳ ହୋଇଗଲେଣି ଅଦୃଶ୍ୟ ଚାପର ଆଧାରରେ। ହାତରେ ଥିବା ମୋବାଇଲରୁ ଅନେକ ତଥ୍ୟ ପାଉଛନ୍ତି। ରାଜନୀତି କଥା କଟାକଟିରେ ସମସ୍ତେ ଗୋଟେ ଗୋଟେ ବିଶେଷଜ୍ଞ ବୋଲି ଜଣାପଡୁଛନ୍ତି। ଗାଁର ସ୍ତ୍ରୀଲୋକଙ୍କ ମଧ୍ୟରେ ରାଜନୈତିକ ଆଲୋଚନା କିଛି କିଛି ଆରମ୍ଭ ହେଲାଣି। ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମ ଯୋଗୁ ବାର୍ ବାର୍ ଏକାଠି ହେବା, ବାର୍ ବାର୍ ବ୍ୟାଙ୍କ ଯାଇ, ବ୍ଲକ୍ ଅଫିସ୍ ଯାଇ, ସେମାନଙ୍କ ମଧ୍ୟରେ କିଛି ଜାଗୃତି ସୃଷ୍ଟି ହେଲାଣି। ସେମାନଙ୍କ ଆଲୋଚନା ଆହୁରି ଆମୋଦଦାୟକ ହେଉଛି।

ଦେଶର ମୁଖ୍ୟ ନିର୍ବାଚନ କମିଶନର ପ୍ରାକ୍ ପ୍ରସ୍ତୁତିରେ ଭୁବନେଶ୍ୱର ଆସି ଘୋଷଣା କଲେଣି ନିର୍ବାଚନରେ କୋଣସି ନିର୍ଦ୍ଦିଷ୍ଟ ଦଳକୁ ସୁହାଇବା ଭଳି କୌଣସି ପକ୍ଷପାତ ନିଷ୍ପତ୍ତି ପ୍ରଶାସନ ନେଇପାରିବ ନାହିଁ। ସେଇଟି ହିଁ ଭାରତର ବୃହତ୍ ଗଣତନ୍ତ୍ରର ମୂଳମନ୍ତ୍ର। ତିନି ବର୍ଷରୁ ଅଧିକ ସମୟ ଗୋଟିଏ ସ୍ଥାନରେ ଥିବା ଅଧିକାରୀଙ୍କୁ ବଦଳି କରିବାକୁ ନିର୍ଦ୍ଦେଶ ମଧ୍ୟ ହେଲାଣି।

ସାମ୍ବାଦିକ ଭାଇମାନଙ୍କ ଧାଁଦଉଡ଼ ଆରମ୍ଭ ହୋଇଗଲାଣି। ମୋବାଇଲ ଖବର ଚ୍ୟାନେଲ ସାମ୍ବାଦିକ ଭାଇମାନଙ୍କ ସଂଖ୍ୟା ଟିକେ ଅଧିକ। ସେମାନେ ଯଦିଓ କିଛି ବି ପ୍ରାପ୍ୟ ପାଆନ୍ତିନି କିନ୍ତୁ ତାଙ୍କ ମାର୍ଫତ୍ ଖବର ବାଜିଲେ, ସେମାନେ ଟିକେ ଖୁସି ହୁଅନ୍ତି। ସେମାନଙ୍କ ଯୋଗୁ ବି ଅନେକ ଖବର ପ୍ରସାରିତ ହୋଇପାରୁଛି। ପ୍ରଶାସନର ନଜର ପଡୁଛି। ସଭିଙ୍କ ହାତରେ ମୋବାଇଲ ଯୋଗୁ, ରାଜନେତାଙ୍କ ଆଗ୍ରହ ବି ବଢୁଛି, ନିଜ ବିଷୟରେ ପ୍ରଚାରସବୁ ଏଇମାନଙ୍କ ମାଧ୍ୟମରେ।

ଆମେ ସ୍ୱାଧୀନତା ପାଇଲେଣି ଅନେକ ଯୁଗ ହେଲାଣି। ରାଜନୈତିକ ଅଧିକାର ବୋଇଲେ, ଭୋଟ ଦେବା ଅଧିକାର ଖାଲି। ଆମର ରାଜନୈତିକ ସାକ୍ଷରତା କମ୍। ଆମେ ବୁଝିପାରୁନା ଭୋଟ ଗଣିତର ହିସାବ। ସାଧାରଣ ଜନତା ଧର୍ମୀୟ, ଜାତି ଭିତ୍ତିକ, ଆଞ୍ଚଳିକବାଦ୍‌ର ପଶାପାଲିରେ ରାଜନେତାଙ୍କ ଦ୍ୱାରା ଛନ୍ଦି ହୋଇଗଲେ ଅନେକ କ୍ଷତି ଘଟିଥାଏ। ଏଥିପ୍ରତି ସଜାଗ ହେବା ଜରୁରୀ। ବିକାଶ ପାଇଁ ସ୍ୱର ଉଠାଉଥିବା ନେତାଙ୍କୁ ହିଁ ବାଛିବାରେ ଗଣତନ୍ତ୍ର ସୁଦୃଢ଼ ହେବ। ସଚେତନ ନାଗରିକ ହିଁ ଦେଶର ଅସଲ ଶକ୍ତି। ସଚେତନ ଭୋଟର ହିଁ ଗଣତନ୍ତ୍ରକୁ ସୁଦୃଢ଼ କରିଥାନ୍ତି।

ଗୋଗଲ, କାଏମା, ଯାଜପୁର
ମୋ: ୯୭୭୭୭୪୯୭୨୭

## ଏଇ ଭାରତରେ

ଘର କାନ୍ଥରେ ଯେମିତି ଟିଭି ଲଗାଉଛନ୍ତି ଠିକ୍ ସେମିତି ଏବେ ଏକ ଜିମ୍ ସେଟ୍ କରିପାରିବେ। ଦିଲ୍ଲୀ ଆଇଆଇଟିର ୪ ଜଣ ଇଞ୍ଜିନିୟରଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଅମନ ରାୟ, ଅନୁରାଗ ଦାନୀ, ରୋହିତ ପଟେଲ ଏବଂ ଅମନ ଜର୍ଜ ଏହି ମେଶିନ ତିଆରି କରିଛନ୍ତି। ଏହାର ନାମ ଏରୋଲିଫ ଏକ୍ସ। ଏହାକୁ କାନ୍ଥରେ ୪ X୨ ଫୁଟ ଜାଗାରେ ସେଟ୍ କରାଯାଇପାରୁଛି। କୋଭିଡ୍ ସମୟରେ ଘରେଥିବାବେଳେ ସେମାନେ ଏହି ମେଶିନ ତିଆରି କରିବାକୁ ଚାହିଁଥିଲେ। ସେ ସମୟରେ ବ୍ୟାୟାମ କରିବାକୁ ଘରେ ଜିମ୍ ସେଟ୍‌ଅପ୍ କରିବା ଲାଗି ମାର୍କେଟରେ କୌଣସି ସହଜ ପଦ୍ଧତି ଉପଲବ୍ଧ ନ ଥିଲା। ଏଣୁ ସେମାନେ ଘରେ କମ୍ ଜାଗାରେ କେମିତି ଜିମ୍ କରାଯାଇପାରିବ ସେ ସମ୍ପର୍କରେ ଗବେଷଣା କରିବାକୁ ଲାଗିଲେ ଓ ୨ ବର୍ଷ ପରେ ସଫଳତା ବି ପାଇଲେ। ବଡ଼ ଜିମ୍‌ରେ ଯେଉଁସବୁ ବ୍ୟାୟାମ କରାଯାଇପାରୁଛି ସେ ସବୁ ଏରୋଲିଫ ଏକ୍ସରେ ସମ୍ଭବ ହେଉଛି। ଏଥିରେ କମ୍ ଜାଗାରେ ପାଖାପାଖି ୧୫୦ରୁ ଅଧିକ ପ୍ରକାର ବ୍ୟାୟାମ ସମ୍ଭବ ହେଉଛି। ଏହି ମେଶିନ ଡିଜିଟାଲ ୱେଟ ଟେକ୍ନୋଲୋଜି ଉପରେ ଆଧାରିତ ଓ ଏହା ଭାରତରେ ପେଣ୍ଟେଟ ପାଇଛି। ଏବେ ସୁଦ୍ଧା ୨୦ଟି ସହରରେ ୩୦୦ଟି ହୋମ୍ ଜିମ୍ ପ୍ରତ୍ୟେକକୁ ୧.୬୯ ଲକ୍ଷ ଟଙ୍କାରେ ବିକ୍ରି କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୨ ମାର୍ଚ୍ଚ ୧୯୭୫

- ବାଙ୍କୀ ସବ୍‌ଡିଭିଜନ ଅନ୍ତର୍ଗତ ତାଳବସ୍ତଠାରେ ଖଡ଼ିପଥର ଖଣି ନିକଟରେ ଏକ କୋଇଲା ଖଣିର ସନ୍ଧାନ ମିଳିଛି।
- ବିହାରର ମୋଟ ୩୮,୦୦୦ ବେସରକାରୀ ମାଧମିକ ସ୍କୁଲ ଶିକ୍ଷକଙ୍କ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଧର୍ମଘଟ।
- ବ୍ରୋଞ୍ଜ ନିର୍ମିତ ନଟରାଜ ମୂର୍ତ୍ତିର ମାଲିକାନା ସ୍ୱତ୍ତ୍ୱ ପାଇଁ ଆମେରିକାର ନର୍ଟନ ସାଇମନ ଫାଉଣ୍ଡେସନ ଓ ଭାରତ ସରକାରଙ୍କ ମଧ୍ୟରେ ଲଣ୍ଡନ ହାଇକୋର୍ଟରେ କେଶ୍ ଚାଲିଛି।

## ଚିରନ୍ତନୀ

ଗର୍ବ ଭରେ ବିଶ୍ୱମୟ ମଣେ ମୁହିଁ ରେଣୁ,
ଶତ୍ରୁ ମିତ୍ର ପ୍ରିୟାପ୍ରିୟ ଆତ୍ମୀୟ ସ୍ୱଜନ
କୋଟି କୋଟି ବଂଶଧର ଦେଖାଇ ନୟନେ
ତୋହରି କରୁଣାବଳେ, ତୁ ଯେ ବିଶ୍ୱ-ସୃଷ୍ଟି
କୋମଳ ଚରଣେ ରୁକ୍ଷ କଣ୍ଟକିତ ବନ
ଚାଲୁଅଛୁ ବରିନେଇ ଦୁଃଖ ଏ ଭୁବନେ
ବିଷମୟ ବିଶ୍ୱେ ସଦା ସୁଧା କରି ବୃଷ୍ଟି!
-(ପୁରୁଷ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | 3 | | | | 7 |
| | | | | | 8 | | 9 | |
| 3 | | 9 | | | | | | |
| | | | | | 5 | | | |
| | | | 4 | | 7 | 6 | | |
| 4 | | 7 | | | | | 2 | 8 |
| 1 | | | | | | 5 | | 6 |
| 6 | | | | 9 | 4 | | | |
| 8 | | | | | | | 1 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 4 | 3 | 6 | 1 | 5 | 2 | 7 |
| 1 | 7 | 6 | 8 | 2 | 5 | 4 | 3 | 9 |
| 5 | 3 | 2 | 9 | 7 | 4 | 6 | 8 | 1 |
| 2 | 9 | 8 | 1 | 5 | 3 | 7 | 4 | 6 |
| 7 | 4 | 5 | 6 | 8 | 2 | 9 | 1 | 3 |
| 3 | 6 | 1 | 4 | 9 | 7 | 2 | 5 | 8 |
| 8 | 5 | 7 | 2 | 3 | 6 | 1 | 9 | 4 |
| 6 | 1 | 3 | 5 | 4 | 9 | 8 | 7 | 2 |
| 4 | 2 | 9 | 7 | 1 | 8 | 3 | 6 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମଧ୍ୟବିତ୍ତ ପରିବାର ପାଇଁ ଯୋଜନା ହେଉ

ମହାଶୟ,

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ଓ କେନ୍ଦ୍ର ସରକାର କାମଚଳା ବଜେଟ ଉପସ୍ଥାପନ କରିଛନ୍ତି। ସବୁବର୍ଗର ଜନସାଧାରଣଙ୍କୁ ସନ୍ତୁଷ୍ଟ କଲାଭଳି ବଜେଟ କରାଯାଉଛି ବୋଲି କୁହାଯାଉଥିଲେ ମଧ ବିରୋଧୀ ଏହାକୁ ଜନବିରୋଧୀ କହିଛି। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହା ସବୁଠାରୁ ଲୋକପ୍ରିୟ ବଜେଟ ବୋଲି ସରକାରୀ ଦଳ ଦାବି କରୁଛି। ଏହି ବଜେଟରେ ମଧ୍ୟବିତ୍ତ ପରିବାରଙ୍କୁ ବିଶେଷ ସୁବିଧା ସୁଯୋଗ ନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାର ବିଦ୍ୟାଳୟ ରୂପାନ୍ତରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ପ୍ରସାର, ଜଗନ୍ନାଥ ପରିକ୍ରମା ପ୍ରକଳ୍ପ, ସମଲେଇ ପ୍ରକଳ୍ପ, ରାଜ୍ୟର ଅଧିକାଂଶ ମଠ ମନ୍ଦିରର ଉନ୍ନତୀକରଣ ସମେତ ପ୍ରଥମ କରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରି ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସ ସୃଷ୍ଟି କରିବାର ପ୍ରୟାସ ଚଳାଇଛନ୍ତି। କେନ୍ଦ୍ର ସରକାର ମୋଦି ଗ୍ୟାରେଣ୍ଟିର ଆହ୍ୱାନ ଦେଇ ସଫଳତାର ମନ୍ତ୍ର ଦେଇଛି। କଂଗ୍ରେସର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା କେତେଦୂର ଭୋଟ ସଂଗ୍ରହରେ ସହାୟକ ହେବ ତାହା ସମୟ କହିବ। ସେହିପରି ଭାଜପାର ମୋଦି ଗ୍ୟାରେଣ୍ଟି ଓ ବିଜେଡିର ଦୁର୍ନୀତିମୁକ୍ତ ଓ ନିର୍ମଳ ଶାସନ ହିସାବନିକାଶ ଆଉ ୨/୩ମାସ ମଧ୍ୟରେ ଜଣାପଡ଼ିବ। ମଧ୍ୟବିତ୍ତ ପରିବାର ବିଭିନ୍ନ ଟିକସ ଦେଉଥିବା ବେଳେ ସେମାନଙ୍କ ପାଇଁ ଯୋଜନା କରାଯାଉନାହିଁ।

-ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ | Bhubaneswar, Saturday, March 2/2024 | ପୃଷ୍ଠା-୧


## ଓଡ଼ିଶାରେ ମେଣ୍ଟ ହେବନି: ମନମୋହନ

ଭୁବନେଶ୍ୱର,୧।୩(ସୁନିତ୍ ମିଶ୍ର)

ଓଡ଼ିଶାରେ ବିଜେଡି-ଭାଜପା ମେଣ୍ଟ ହେବାର ନାହିଁ। ୧୪୭ ବିଧାନସଭା ଏବଂ ୨୧ ଲୋକ ସଭା ଆସନରେ ଭାଜପା ପ୍ରାର୍ଥୀ ଦେବ। ଶୁକ୍ରବାର ରାତି କିମ୍ବା ଶନିବାର ସୁଦ୍ଧା ଭାଜପା ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିବ। ରାଜ୍ୟରେ ପୂରାଦମ୍‌ରେ ଲଢ଼ିବୁ, ସମସ୍ତ ୨୧ ଲୋକ ସଭା ଆସନରେ ଜିତିବା ସହିତ ଓଡ଼ିଶାରେ ସରକାର କରିବୁ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ☞ପୃଷ୍ଠା-୧୧

## ଦୀପକ କୁମାର ହେଲେ ପୂର୍ବାଞ୍ଚଳ ଆଇଜି

**ବି. ଯୁଗଳ କିଶୋର ଖୋର୍ଦ୍ଧା, ସିଦ୍ଧାର୍ଥ କଟାରିଆ କେନ୍ଦ୍ରାପଡ଼ା ଏସ୍‌ପି**

ଭୁବନେଶ୍ୱର,୧।୩(ଅନିଲ ଦାସ)

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ତଥା ଅନୁଗୋଳ ପୋଲିସ ଟ୍ରେନିଂ କଲେଜ ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିବା ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଡକ୍ଟର ଦୀପକ କୁମାରଙ୍କୁ ପୂର୍ବାଞ୍ଚଳ ଆଇଜି ☞ପୃଷ୍ଠା-୧୧




## କଲେଜ ଛାତ୍ରୀଙ୍କୁ ପଥରରେ ଛେଚି ହତ୍ୟା

ଢେଙ୍କାନାଳ,୧।୩(ରତନ ନାୟାର)

**ଗୁରୁବାର କୋଚିଂ ସେଣ୍ଟର ଯାଇ ଫେରି ନ ଥିଲେ**

ଢେଙ୍କାନାଳ-ଭାପୁର ରାସ୍ତାର ମଜୁରି ଛକ ନିକଟସ୍ଥ ଏକ ବୁଦାମୂଳରୁ ଶୁକ୍ରବାର ନାବାଳିକା କଲେଜ ଛାତ୍ରୀ ଯସ୍ମିନ୍ ସାହୁଙ୍କ ରକ୍ତାକ୍ତ ମୃତଦେହ ପୋଲିସ ଜବତ କରିଛି। ମୃତଦେହ ନିକଟରେ ଏକ ରକ୍ତଲଗା ପଥର ପଡ଼ିଥିବାରୁ ସେଥିରେ ଛାତ୍ରୀଙ୍କୁ ଛେଚି ନିର୍ମମ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ହୋତା, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ସଦର ଥାନା ଅଧିକାରୀ ଦୀପକ ଲେଙ୍କା, ଏସ୍‌ଆଇ ମାଧବ ନାୟକ ପ୍ରମୁଖ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ନାବାଳିକା ଯସ୍ମିନ୍ ଢେଙ୍କାନାଳ ସରକାରୀ ମହିଳା ଜୁନିୟର କଲେଜର ଯୁକ୍ତ ୨ ପ୍ରଥମବର୍ଷ ବିଜ୍ଞାନ ଛାତ୍ରୀ ଥିଲେ। ଏଥିସହ କୁଞ୍ଜକାନ୍ତଠାରେ ଥିବା ଏକ କୋଚିଂ ସେଣ୍ଟରରେ କୋଚିଂ ନେଉଥିଲେ। ଗୁରୁବାର ଅପରାହ୍ନ ୧ଟାରେ ମଜୁରୀ ଛକରୁ ବସ୍‌ଯୋଗେ ଢେଙ୍କାନାଳ ସହରକୁ କୋଚିଂ ପାଇଁ ଯାଇଥିଲେ। ସେଠାରେ କ୍ଲାସ ସାରି ଅପରାହ୍ନ ୫ଟା ୪୦ରେ ଘର ଅଭିମୁଖେ ବାହାରିଥିଲେ। କିନ୍ତୁ ରାତି ୭ଟା ସୁଦ୍ଧା ସେ ଘରକୁ ନ ଫେରିବାରୁ ମଜୁରି ଛକରେ ଦୋକାନ ଦେଇଥିବା ତାଙ୍କ ବାପା ଜଳନ୍ଧର ସାହୁ ବ୍ୟସ୍ତ ହୋଇପଡ଼ିଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ରାତି ୧୦ଟାରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ହେଲେ ଶୁକ୍ରବାର ଅପରାହ୍ନରେ ଛାତ୍ରୀଙ୍କ ମୃତଦେହ ବୁଦାମୂଳରେ ପଡ଼ିଥିବା ଦେଖାଯାଇଥିଲା। ☞ପୃଷ୍ଠା-୧୧



ଯସ୍ମିନ୍ ସାହୁ

# ଏଥର କିଡ୍‌ନୀ ବାହାରକୁ ଯାଇନାହିଁ

**ଦାନ ସୂତ୍ରରେ ମିଳୁଥିବା ଓଡ଼ିଶାର ବ୍ରେନ୍ ଡେଡ୍ (ମସ୍ତିଷ୍କ ମୃତ) ବ୍ୟକ୍ତିଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ଭିତ୍ତିଭୂମି ଅଭାବ ଦର୍ଶାଇ ବାହାର ରାଜ୍ୟକୁ ଚାଲାଣ ହୋଇଆସୁଛି। ସଦ୍ୟ ଉଦାହରଣ ଭାବେ ଜଣେ ଓଡ଼ିଆଙ୍କ ଲିଭର (ଯକୃତ)କୁ ଓଡ଼ିଶାରେ ଉପଯୋଗ କରା ନ ଯାଇ ଗତ ଫେବୃଆରୀ ୨୩ରେ ଭୁବନେଶ୍ୱର ଏମ୍ସରୁ ନୂଆଦିଲ୍ଲୀ ପଠାଯାଇଛି। ଏନେଇ ଧରିତ୍ରୀରେ 'ଓଡ଼ିଶାର ଅଙ୍ଗପ୍ରତ୍ୟଙ୍ଗ ଯାଉଛି ଦିଲ୍ଲୀ' ଶୀର୍ଷକ ଖବର ଗତ ୨୪ରେ ପ୍ରକାଶ ପାଇଛି। ଏହାପରେ ସରକାରୀ ତତ୍ପରତା ପ୍ରକାଶ ପାଇବା ସହ ବ୍ରେନ୍ ଡେଡ୍ ଘୋଷିତ ଆଉ ଜଣେ ଓଡ଼ିଆଙ୍କ ୨ କିଡ୍‌ନୀ(ବୃକ୍‌କ)କୁ ବାହାରକୁ ପଠା ନ ଯାଇ ଓଡ଼ିଶାର ଦାବିଦାରଙ୍କ ଶରୀରରେ ପ୍ରତିରୋପଣ ପାଇଁ ପଦକ୍ଷେପ ନିଆଯାଇଛି।**



ଶ୍ରୀଓମ୍ ଶିବୁ

- ଶ୍ରୀଓମ୍‌ଙ୍କ କିଡ୍‌ନୀ ବଞ୍ଚାଇବ ୨ ଜୀବନ
- ଏସ୍‌ସିବିରେ ସୁନିତାଙ୍କ ଶରୀରରେ ସଫଳ ପ୍ରତିରୋପଣ
- ଭୁବନେଶ୍ୱର ଆପୋଲୋରେ ଆଉ ଏକ କିଡ୍‌ନୀ

କଟକ/ପଟ୍ଟାମୁଣ୍ଡାଇ, ୧।୩
(ଶିଳ୍ପା ପ୍ରିୟଦର୍ଶିନୀ/କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶ୍ରୀଓମ୍ ଶିବୁ(୧୮)ଙ୍କ ମୃତ୍ୟୁ ପରେ ତାଙ୍କ କିଡ୍‌ନୀ ୨ଜଣଙ୍କ ଜୀବନ ବଞ୍ଚାଇବାକୁ ଯାଉଛି। ରମେଶ ଚନ୍ଦ୍ର ଦାସ ଓ ରଶ୍ମିତା ଦାସଙ୍କ ପୁଅ ଶିବୁଙ୍କର ମୁଣ୍ଡ ବିନ୍ଧିବା ସହ ଆଖିକୁ ସ୍ପଷ୍ଟ ଭାବେ ଦେଖାଯାଇ ନ ଥିଲା। ଗତ ଜାନୁଆରୀ ୧୭ରେ ଏସ୍‌ସିବି ମେଡିକାଲର ମେଡିସିନ ବିଭାଗକୁ ଶିବୁ ଚିକିତ୍ସା ପାଇଁ ଆସିଥିଲେ। ପରୀକ୍ଷା ନିରୀକ୍ଷା ପରେ ସେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ତାଙ୍କୁ ନ୍ୟୁରୋସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ପରେ ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ (ବ୍ରେନ୍ ଡେଡ୍) ଘଟିଥିଲା। ଏହାପରେ ଶିବୁଙ୍କ ମା'ବାପା ପୁଅର କିଡ୍‌ନୀ ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ଏବଂ ଷ୍ଟେଟ୍ ଅର୍ଗାନ ଆଣ୍ଡ୍ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ (ଏସ୍‌ଓଟିଟିଓ) ଟିମ୍ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଶୁକ୍ରବାର ଶିବୁଙ୍କ ଶରୀରରୁ ଦୁଇଟି କିଡ୍‌ନୀ ବାହାର କରାଯାଇ ଗୋଟିଏ ଏସ୍‌ସିବି ମେଡିକାଲରେ ପୁରୀ ଜିଲା ପିପିଲି ଅଞ୍ଚଳର ସୁନୀତା ମହାପାତ୍ରଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ଆଉ ଏକ କିଡ୍‌ନୀ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ପଠାଯାଇଛି। ସେଠାରେ ଉକ୍ତ କିଡ୍‌ନୀର କ୍ରସ୍‌ମାଚ ପରେ ଯୋଗ୍ୟ ବ୍ୟକ୍ତିଙ୍କ ଶରୀରରେ ଶନିବାର ପ୍ରତିରୋପଣ କରାଯିବ ବୋଲି ସୂଚନା ମିଳିଛି।

ଏସ୍‌ସିବି ୟୁରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ସମୀର ସ୍ୱାଇଁ କହିଛନ୍ତି, ଶିବୁଙ୍କ ଶରୀରରୁ କିଡ୍‌ନୀ କାଢ଼ିବା ପ୍ରକ୍ରିୟା ପାଇଁ ୨ରୁ ଅଢ଼େଇ ଘଣ୍ଟା ସମୟ ଲାଗିଛି। ଏହି ପ୍ରକ୍ରିୟାରେ ନେଫ୍ରୋଲୋଜି ବିଭାଗ, ୟୁରୋଲୋଜି ବିଭାଗର ଡାକ୍ତର ନିୟୋଜିତ ଥିଲେ। କିଡ୍‌ନୀର କ୍ରସ୍‌ମ୍ୟାଚ ପରେ ସୁନୀତାଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ଏହା ହେଉଛି ଏସ୍‌ସିବିରେ ୧୦ମ କାଡାଭରିକ୍ ଟ୍ରାନ୍ସପ୍ଲାଣ୍ଟ, ଯାହାକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଇତିହାସ ରଚିଛି ବୋଲି ସ୍ୱାଇଁ କହିଛନ୍ତି। ଏହି କାଡାଭରିକ୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ୭ ଜଣିଆ ଟିମ୍ ଗଠନ କରାଯାଇଥିଲା। ଏହାର ନେତୃତ୍ୱ ନେଇଥିଲେ ଡା. ସ୍ୱାଇଁ। ଉକ୍ତ ଟିମ୍‌ରେ ଥିବା ଅନ୍ୟ ବିଶେଷଜ୍ଞମାନେ ହେଲେ ଡା. ସଞ୍ଜୟ ଚୌଧୁରୀ, ଡା. ପ୍ରୀତମ ପଟ୍ଟନାୟକ, ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ, ଡା. ରାକେଶ ରାଉତରାୟ, ଡା. ଉଦୟ ବେହେରା ଓ ଡା. ରଞ୍ଜିତା।

ଅପରପକ୍ଷରେ ଏସ୍‌ସିବି ମେଡିକାଲ ପରିସରରେ ଶିବୁଙ୍କ ମରଶରୀରକୁ ସୁରକ୍ଷାକର୍ମୀଙ୍କ ଦ୍ୱାରା ରାଷ୍ଟ୍ରୀୟ ସମ୍ମାନ ଦିଆଯାଇଛି। ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତଙ୍କ ସମେତ ମେଡିକାଲର ସମସ୍ତ ଡାକ୍ତର ଉପସ୍ଥିତ ରହିଥିଲେ। ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ଶିବୁଙ୍କ ପରିବାର ଲୋକେ ଏଭଳି ନିଷ୍ପତ୍ତି ନେଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ସରକାରଙ୍କ ନିୟମ ଅନୁଯାୟୀ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ କରାଯିବା ପାଇଁ କେନ୍ଦ୍ରାପଡ଼ା ଜିଲାପାଳଙ୍କ ସହ ଯୋଗାଯୋଗ କରିଛୁ। ଏସ୍‌ସିବି ମେଡିକାଲରୁ ଶିବୁଙ୍କ ମରଶରୀରକୁ ରାଷ୍ଟ୍ରୀୟ ସମ୍ମାନ ସହ ପଠାଯାଇଛି। ☞ପୃଷ୍ଠା-୧୧




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଏସ୍ଏନ୍ଆର୍ ଆନୁକୂଲ୍ୟରେ 'ପୋଲିସ ଷ୍ଟେଶନରେ ମହିଳା ଏବଂ ଶିଶୁ ଡେସ୍କର କାର୍ଯ୍ୟକାରିତା' କର୍ମଶାଳା, ସ୍ଥାନ: ଡିଆର୍‌ସିସି-ସିଓ୍ୱାଇଏସ୍‌ଡି,ଇ-୧, ଜାଭିୟର ସ୍କୋୟାର, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ୪ନମ୍ବର ୱାର୍ଡ ଅଧୀନ ନହରକଣ୍ଟା ସାମଲସାହି, ସମୟ: ପୂର୍ବାହ୍ନ ୧୦ଟା।
- ଫେଶନ ଏନ୍‌ଏକ୍ସଟି ଫେଷ୍ଟିଭାଲ, ସ୍ଥାନ: ସ୍ୟାଣ୍ଡି ଟାୱାର ଲନ୍, ସମୟ: ଅପରାହ୍ନ ୪ଟା।
- ପୂର୍ବତନ ବାଚସ୍ପତି ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ପୂର୍ଣ୍ଣାବୟବ ମୂର୍ତ୍ତିର ଅନାବରଣ ଉତ୍ସବ, ସ୍ଥାନ: ପ୍ରତାପ ଶାସନ, ବାଲକାଟୀ: ସମୟ: ସନ୍ଧ୍ୟା ୬ଟା।
- ୮ମ ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବ, ସ୍ଥାନ: ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅଡିଟୋରିୟମ ହଲ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ସାମାଜିକ କର୍ମୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବଉଳପଦା ସାମିଲି ଲୋକେଇଗୋରଡ଼ା, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ଶ୍ୟାମାଶ୍ରୀ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଅଠରନଳା, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ ପଶା ଖେଳ ଟୁର୍ନାମେଣ୍ଟ, ସ୍ଥାନ: କାଣ୍ଡଗଦା, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ପୁରୀ ଜିଲା ମଧ୍ୟାହ୍ନ ଭୋଜନ ପାଚିକା ସଂଘର ବିକ୍ଷୋଭ, ସ୍ଥାନ: ବ୍ଲକ ଶିକ୍ଷା ଅଧିକାରୀ ଅଫିସ ସମ୍ମୁଖ, କାକଟପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀକ୍ଷେତ୍ର କଲୋନୀ ଅଙ୍ଗନୱାଡି କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀକ୍ଷେତ୍ର କଲୋନୀ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଶିଶୁ ସୁରକ୍ଷା ସଚେତନତା ଶିବିର, ସ୍ଥାନ: ସାଗର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ନରସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା, ଏସ୍ଏଚଜି ସଦସ୍ୟାଙ୍କୁ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ମ୍ବା କଲେଜ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ସପ୍ତମ ଯୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସ୍ଥାନ: କରଡ଼ାପଲ୍ଲୀ ଖେଳପଡ଼ିଆ, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ବିଏନ୍ଆଇ ଗ୍ରେଟର ଓଡ଼ିଶା ୧୨୧ କନ୍‌କ୍ଲେଭ, ସ୍ଥାନ: ସରସ୍ୱତୀ ବିଜ୍ଞାନ କଲେଜ, ତ୍ରିଶୁଳିଆ, ସମୟ: ଅପରାହ୍ନ ୩ଟା।
- ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହାଡୁଆ ମଧ୍ୟମ ଡ୍ୟାମ କେନାଲ ସିଷ୍ଟମ ଓ ଅନ୍ୟାନ୍ୟ ପ୍ରକଳ୍ପର ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା କଲେଜ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ହିନ୍ଦୁ ପରିଷଦର ଉତ୍କଳପ୍ରାନ୍ତ ବୈଠକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଟିପିସିଏଲ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଟ୍ରାଫିକ କଲୋନୀ ଖେଳପଡ଼ିଆ,ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।
- ଜାଗୃତି ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ପଲ୍ଲା, ଖୋର୍ଦ୍ଧା, ସମୟ: ଅପରାହ୍ନ ୨ଟା।
- ମା'ବଘେଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଚମ୍ପାଇଲୋ, ବୋଲଗଡ଼, ସମୟ: ଅପରାହ୍ନ ୪ଟା ୩୦।
- ହନୁମାନ ଦେବଙ୍କ ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ:କନ୍ତିଆ ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ମା'ବାଘେଇ ଦେବୀ ମନ୍ଦିରର ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅବସରରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସାନବାଡ, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ପ୍ରୋଟିନ ସପ୍ଲିମେଣ୍ଟ ଯୋଜନାରେ ରକ୍ତହୀନତା ପରିବାରକୁ କୁକୁଡ଼ା ବଣ୍ଟନ, ସ୍ଥାନ: କୁମୁଟିପେଣ୍ଟ ପଞ୍ଚାୟତ କାର୍ଯ୍ୟାଳୟ, ରାୟଗଡା ବ୍ଲକ, ସମୟ: ଅପରାହ୍ନ ୩ଟା ୩୦।

## ନବରଙ୍ଗପୁର

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ଜନ ଶୁଣାଣି ଶିବିର, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜଳ ସେଚନ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଝରିଗାଁ ମିନି ଷ୍ଟାଡିୟମ୍, ସମୟ: ଅପରାହ୍ନ ୪ଟା ୩୦।

## କୋରାପୁଟ

- ଅଦା, ହଳଦୀ ଚାଷୀଙ୍କୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ପଟ୍ଟାଙ୍ଗି ଉଚ୍ଚପଉନ ଗବେଷଣା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ହିଟ୍ ୱେଭ୍ ପରିଚାଳନା ନେଇ ଜିଲାସ୍ତରୀୟ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର। ସମୟ: ପୂର୍ବାହ୍ନ ୧୦.୩୦।
- ଏସ୍‌ଡିସି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ମିନି ଷ୍ଟାଡିୟମ୍ ପଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ପୁଷ୍ଟି ପଞ୍ଚାୟତ ଓ ଶ୍ରେଷ୍ଠ ଅଙ୍ଗନୱାଡି କେନ୍ଦ୍ର ଚିହ୍ନଟ ନେଇ ଜିଲାସ୍ତରୀୟ କମିଟି ବୈଠକ. ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ଖଇରା ବ୍ଲକ ଶିରିପୁର-ବାସିଦ୍ଦିପୁର ଠାରେ ତାରକେଶ୍ୱରଙ୍କ ଜଳାଭିଷେକ ଓ ଯଜ୍ଞ, ସ୍ଥାନ: ତାରକେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୮ଟା।
- 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୨୩-୨୪'ର ଦଶମ ପର୍ଯ୍ୟାୟ ଗସ୍ତ, ସ୍ଥାନ: ବାଲେଶ୍ୱର ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶଶୀଭୂଷଣ ତ୍ରିପାଠୀଙ୍କ ରଚିତ ଯୁଗ ଭାଗବତ ଗ୍ରନ୍ଥ ଲୋକାର୍ପଣ ଉତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସୁନାମୀ ସଚେତନତା କର୍ମଶାଳା, ସ୍ଥାନ: କଷିଆ ବାତ୍ୟା ଆଶ୍ରୟସ୍ଥଳ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସକାଳ: ପୂର୍ବାହ୍ନ ୧୦ଟା ୩୦।
- ସୁନାମୀ ସଚେତନତା ସଭା, ସ୍ଥାନ: ବଡ଼ହାବେଳିସାହି ବାତ୍ୟା ଆଶ୍ରୟସ୍ଥଳ, ବାସୁଦେବପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଶିକ୍ଷାବିତ୍ ସ୍ୱର୍ଗତ ଚାରୁଚନ୍ଦ୍ର ନାୟକଙ୍କ ସ୍ମୃତିସଭା, ସ୍ଥାନ: ଗଭରପୁର, ବନ୍ତ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଭାଜପାର ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ ଟା।
- ୫୦୦ ବେଡ୍ ବିଶିଷ୍ଟ ଓପିଡି ଉଦ୍‌ଘାଟନ, ସ୍ଥାନ: ଧରଣୀଧର ମେଡ଼ିକାଲ କଲେଜ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ମୟୂରଭଞ୍ଜ

- ଗୋପେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଅଙ୍କୁରାରୋପଣ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ସାତପୌଟିଆ, ସମୟ: ସକାଳ ୯ଟା।
- ନିଆଁଦାଉରୁ ଜଙ୍ଗଲ ସୁରକ୍ଷା ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ବନଖଣ୍ଡର ପିଠାବଟା ରେଞ୍ଜ ଓ ଯଶିପୁରସ୍ଥିତ ରାମତୀର୍ଥ କାର୍ଯ୍ୟାଳୟ,ସମୟ: ଅପରାହ୍ନ ୨ଟା।
- ରାମକୃଷ୍ଣ ମହାଯଜ୍ଞ, ସ୍ଥାନ: ବାଙ୍ଗିରିପୋଷି, ସମୟ: ଅପରାହ୍ନ ୩ଟା।
- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ହଳଦୀବଣିର ଭାଲୁବସା ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ଏନ୍ଏସି ଘୋଷଣା ଦାବିରେ ୧୨ ଘଣ୍ଟିଆ କୁଜଙ୍ଗ ବନ୍ଦ ଡାକରା, ସ୍ଥାନ: କୁଜଙ୍ଗ ବଜାର ସମୟ: ସକାଳ ୬ଟା।
- ଜ୍ଞାନଦେବୀ ନାରୀସୁରକ୍ଷା ଚାରିଟେବୁଲ ଟ୍ରଷ୍ଟର ଅଷ୍ଟମ ବାର୍ଷିକ ଉତ୍ସବ, ସ୍ଥାନ: ଜଗତ୍‌ସିଂହପୁର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ସେଲ ସଂକ୍ରାନ୍ତୀୟ ସମୀକ୍ଷା, ସ୍ଥାନ: ପାରାଦୀପ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ପାଇକା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ପୋଡାରି, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।
- ଶ୍ରୀହନୁମାନ ବିଗ୍ରହଙ୍କ ୧୭ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କ୍ଷେତ୍ରପାଳିନୀ ମନ୍ଦିର ପରିସର, ସାମଜୋରୀ, ଅମେଇପାଳ, ମହାକାଳପଡ଼ା, ସମୟ: ସକାଳ ୭ଟା।
- ମା' ବୁଢ଼ୀ ଜାଗୁଳାଇ ମତ୍ସ୍ୟ ହାଚେରୀର ନୂତନ ସମ୍ପ୍ରସାରିତ ଫିସୋରୀ କମ୍ପ୍ଲେକ୍ସର ଉନ୍ମୋଚନ, ସ୍ଥାନ: ଭଗବାନପୁର, ଗରଦପୁର ବ୍ଲକ କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଭଗବତୀଙ୍କ ପୀଠରେ ଚାରିପ୍ରହର ନାମଯଜ୍ଞ, ସ୍ଥାନ: ବଡ଼ଚଣା ବ୍ଲକର ବୈରୀ, ସମୟ: ସକାଳ ୬ଟା।

## ନୟାଗଡ଼

- ମାଘ ଏକାଦଶୀ ମେଳାର ନବମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପଲଟନ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ଦ୍ୱାରା କୁସୁମୀ ବ୍ୟାରେଜ ପ୍ରକଳ୍ପର ଉଦ୍‌ଘାଟନ ଓ ଭୂତଳ କେନାଲ ପ୍ରଣାଳୀ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତର ଇଣ୍ଡୋର ଷ୍ଟାଡିୟମ ପଡିଆ, ସମୟ: ଅପରାହ୍ନ ୪ଟା୩୦ ମିନିଟ୍।
- ୪ର୍ଥ ରାଜ୍ୟସ୍ତରୀୟ ନାଟ୍ୟମେଳାର ୨ୟ ଦିବସ ନାଟକ କେଡା, ସ୍ଥାନ: ପଠାଣୀ ସାମନ୍ତ ଅଡିଟୋରିୟମ ନୟାଗଡ, ସମୟ: ସନ୍ଧ୍ୟା ୭ଟା ।

## ଢେଙ୍କାନାଳ

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାଇ ଶ୍ରୀକ୍ଷେତ୍ର ଶ୍ୟାମାଚରଣପୁର, ସମୟ: ସକାଳ ୬ଟା।
- ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଗଣେଶ ବଜାର, ସମୟ: ସନ୍ଧ୍ୟା ୫ଟା ।
- ସିନ୍‌ଫେଷ୍ଟ-୨୦୨୪ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଢେଙ୍କାନାଳ ସହରସ୍ଥିତ ସିନର୍ଜୀ ଇଞ୍ଜିନିୟରିଂ କଲେଜ ପରିସର, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ଅହୋରାତ୍ର ନାମଯଜ୍ଞ ଓ ଆନନ୍ଦବଜାର, ସ୍ଥାନ: କଣିହାଁ ବ୍ଲକ ଧୋବାପାଳ ଠାକୁର ଘର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କଣିହାଁ ବ୍ଲକ ଗଦାଶିଳା ଗ୍ରାମ ତଳସାହି, ସମୟ: ଅପରାହ୍ନ ୩ ଟା।
- ସାତକୋଶିଆରେ ପକ୍ଷୀ ସର୍ଭେ ପାଇଁ ସ୍ୱାଗତ, ସ୍ଥାନ: ତରଭା, ସମୟ: ଅପରାହ୍ନ ୪ ଟା।

## ବ୍ରହ୍ମପୁର

- ଏସ୍ଏମ୍ଆଇଟିରେ ଜାତୀୟ ସମ୍ମିଳନୀ, ସ୍ଥାନ: ଚଣ୍ଡିପଦର, ସମୟ: ପୂର୍ବାହ୍ନ ୧୧ଟା
- ଏମ୍‌କେସିଜି ମେଡିକାଲର ସମ୍ପ୍ରସାରଣ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଏମ୍‌କେସିଜି ମେଡିକାଲ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଗଞ୍ଜାମ

- କ୍ରିକେଟ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ମଲାସପଦର ଶିଳ୍ପାଞ୍ଚଳ ପଡ଼ିଆ, ସମୟ: ସକାଳ ୯ଟା।
- ନିର୍ବାଚନ ସମ୍ପର୍କିତ ତାଲିମ, ସ୍ଥାନ: ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା
- ସାମାଜିକ ସମୀକ୍ଷା ଜନଶୁଣାଣି, ସ୍ଥାନ: ରଙ୍ଗେଇଲୁଣ୍ଡା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ବିକାଶ ପରିଷଦର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜନଗର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ସାଢେ ୧ଟା।
- ବାର୍ ଆସୋସିଏଶନର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭଞ୍ଜନଗର କୋର୍ଟ ପରିସର, ସମୟ: ଅପରାହ୍ନ ୩ଟା।
- ଆଦିବାସୀ ଭାରତ ମହାସଭାର ଦିବାରାତ୍ରି ଧାରଣା, ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ।

## କନ୍ଧମାଳ

- ଶୀତ ମହୋତ୍ସବ-୨୦୨୪ର ସମୀକ୍ଷା ବୈଠକ, ସ୍ଥାନ: ଦାରିଙ୍ଗବାଡି ବ୍ଲକ ସଭାଗୃହ,ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୨ରେ ଶିକ୍ଷକ-ଅଭିଭାବକ ବୈଠକ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ସମୟ ସକାଳ ୮ଟା ୩୦।
- ସାଧୁସନ୍ଥ ଓ ମହନ୍ତ ସେବା କାର୍ଯ୍ୟକ୍ରମ, ଶ୍ରୀରାମ ବିହାର କେନ୍ଦୁଘାଟି, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରେଢ଼ାଖୋଲ ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: କଦଳୀଗଡ଼ ପଞ୍ଚାୟତର ମଧୁପୁର, ସମୟ: ପୂର୍ବାହ୍ନ ୧୧ଟା ୨୫।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସନ୍ଥକବି ଭୀମ ଭୋଇଙ୍କ ଆବିର୍ଭାବ ପୀଠ ପରିଦର୍ଶନ, ସ୍ଥାନ: ମଧୁପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ମହିମା ଧର୍ମର ଅନୁଯାୟୀଙ୍କ ସହ ଆଲୋଚନା, ସ୍ଥାନ: ରେଢାଖୋଲ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଜାତୀୟ ଜନଜାତି ଉତ୍ସବ, ସ୍ଥାନ: ବିର୍ସା ମଇଦାନ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂଆ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଆଭାସୀ ଲୋକାର୍ପଣ, ସ୍ଥାନ: ବିବିଏମ୍‌ସିଏଚ୍ ନୂଆ କ୍ୟାମ୍ପସ, ଗନ୍ଧରେଲ ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ପାରାଲିସିସ ଓ ବ୍ରେନଷ୍ଟ୍ରୋକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ବନମାଳୀ ପ୍ୟାଲେସ, କେ.ଭି.କଲେଜ ରୋଡ କଣ୍ଟାବାଞ୍ଜି, ସମୟ: ସନ୍ଧ୍ୟା ୬ଟା।
- କୋଶଲେଶ୍ୱର ମାଳି ଯୁବକ ସଂଘ ଆୟୋଜିତ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ହେମାଲ ଭବନ କଣ୍ଟାବାଞ୍ଜି, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା।
- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖପ୍ରାଖୋଲ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହାରେ ଦୁର୍ଗ-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ନେଇ ସ୍ୱାଗତ ସମାରୋହ, ସ୍ଥାନ: ଲୋଇସିଂହା ରେଳ ଷ୍ଟେଶନ, ସମୟ: ରାତି ୧୦ଟା।
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଟିଟିଲାଗଡ଼ ପୌରପାଳିକାର ୱାର୍ଡ ନଂ ୭ ଓ ୧୩, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ବ୍ଲକ ସାହାଜଲଥାରେ ମା' ବାଉଳି କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ସାହାଜଲଥା ଖେଳପଡିଆ, ସମୟ: ଅପରାହ୍ନ ୨ଟା।
- ଡ. ଭୀମରାଓ ଆମ୍ବେଡକର କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଉଲୁଣ୍ଡା ବ୍ଲକ କଳାପଥର ଖେଳପଡିଆ, ସମୟ: ଅପରାହ୍ନ ୨ଟା।
- ଡୁଙ୍ଗୁରିପାଲି ବ୍ଲକର ଚେରୁପାଲି ପଞ୍ଚାୟତରେ ବିଜେଡିର ଘରେ ଘରେ ଜନସମ୍ପର୍କ ଅଭିଯାନ, ସ୍ଥାନ: ଚେରୁପାଲି ପଞ୍ଚାୟତର ବିଭିନ୍ନ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଡୁଙ୍ଗୁରିପାଲି ବ୍ଲକ ଏମ୍‌ବିକେ/ସିଆର୍‌ପି ମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ମିଶନ ଶକ୍ତି ସଭାଗୃହ, ସମୟ: ପୂର୍ବାହ୍ନ ୧୦।୩୦।

## ରାଉରକେଲା

- ଆର୍ଯ୍ୟ ସମାଜର ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୧୯, ସମୟ: ସକାଳ ୮ଟା।
- ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତ ତମ ଜୟନ୍ତୀ, ସ୍ଥାନ: ରାଉରକେଲା-୪, ସମୟ: ପୂର୍ବାହ୍ନ ୯ଟା ୩୦।
- ଅଲ ଇଣ୍ଡିଆ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ସେକ୍ଟର-୨୦ ରାଇଜିଂ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମକୁମାରୀ ମହାସଭା, ସ୍ଥାନ: ସେକ୍ଟର ୧୩, ମେଳଣ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାଲାଜୀ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପାଣି ସମସ୍ୟା ନେଇ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଖଟାଲବସ୍ତି, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସୁନ୍ଦରଗଡ଼

- ନାମ ସଂକୀର୍ତ୍ତନ ଉଦ୍‌ଯାପିତ,ଦାଧିହାଣ୍ଡି ଭଙ୍ଗ, ସ୍ଥାନ: ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ ୯ ଟା।
- ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ଉଦ୍‌ଘାଟନ ସମାରୋହ, ସ୍ଥାନ: ସୁନ୍ଦରଗଡ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼

- ପାକ୍ସ କର୍ମଚାରୀଙ୍କ ଧାରଣା, ସ୍ଥାନ: ଏସ୍‌ଡିସିସି ବ୍ୟାଙ୍କ ସମ୍ମୁଖ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଚିନିକଳ କର୍ମଚାରୀଙ୍କ ଧାରଣା, ସ୍ଥାନ: ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ପାକ୍ସ କର୍ମଚାରୀଙ୍କ ଧାରଣା, ଏଆର୍‌ସିଏସ୍ ଅଫିସ ସମ୍ମୁଖ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ସମ୍ମିଳନୀ, ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ଆନନ୍ଦ ବେହେରାଙ୍କ ଧର୍ମଗଡ଼ କୋର୍ଟ ପରିଦର୍ଶନ, ସ୍ଥାନ: ଧର୍ମଗଡ଼ ଅତିରିକ୍ତ ଦୌରା ଜଜ୍ କୋର୍ଟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ମାମୋଦେବୀ ଭବନଠାରେ କଳାହାଣ୍ଡିର ବିଶିଷ୍ଟ ଶିଳ୍ପପତି ତ୍ରିଲୋଚନ ଅଗ୍ରୱାଲଙ୍କ ସ୍ମୃତିରେ ଶୋକସଭା, ସ୍ଥାନ: କୋକସରା ବ୍ଲକର ଲଡୁଗାଁ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: କୋମନା ବ୍ଲକ ଉଦ୍ୟାନବନ୍ଧ ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତସ୍ଥିତ ବଘିଆ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବଘିଆ କୁଞ୍ଜମଣ୍ଡପ, ସମୟ: ଅପରାହ୍ନ ୨ଟା।

## ଦେବଗଡ଼

- ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ୍ କପ୍ ଅଷ୍ଟମ ଦିବସ, ସ୍ଥାନ: ମହୁଲିଡିପା ସାହି ନାଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରିପାରିବା ଯୋଗୁ ମାନସିକ ଶାନ୍ତି ଲଭିବେ। ପୂର୍ବ ଯୋଜନା ଅନୁଯାୟୀ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ ହୋଇପାରିବ।

**ବୃଷ** ସହକର୍ମୀଙ୍କ ସକ୍ରିୟ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ଅଭାବ ପୂରଣ ଦିଗରେ କୌଣସି ଭଦ୍ର ମହିଳାଙ୍କ ସାହାଯ୍ୟ ଅର୍ଥାଭାବ ଜନିତ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶିକ୍ଷା, ପରୀକ୍ଷା, ସମ୍ପର୍କ ସ୍ଥାପନ, ଯୋଗାଯୋଗ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ** ସ୍ୱାସ୍ଥ୍ୟରେ ଉନ୍ନତି, ଗୃହ ନିର୍ମାଣ ଏବଂ ଜମିଜମା କାରବାରରେ ଅଗ୍ରଗତି ଘଟିବ। ଆନୁଷ୍ଠାନିକ କାର୍ଯ୍ୟକ୍ରମ, ସଭାସମିତି ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ଆଜି ନୂତନ କର୍ମାରମ୍ଭ,ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସି ରହିବ। ପାରିବାରିକ ସ୍ଥିରତା ଅକ୍ଷୁଣ୍ଣ ରହିବା ସାଙ୍ଗକୁ ଅର୍ଥାଭାବ ଦୂରେଇଯିବ। କିନ୍ତୁ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ସିଂହ** ଆଜି ସାହିତ୍ୟ,ସଙ୍ଗୀତ,ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ଖୁସି ମନାଇବେ। ସକାଳ ସମୟଟି ପ୍ରାୟତଃ ଭଲ ରହିବ ତଥାପି ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରି ରଖିପାରେ।

**କନ୍ୟା** ସାମାଜିକ ସ୍ତରରେ ସୁସମ୍ପର୍କ ହ୍ରାସ ଏବଂ ପରିବାରରେ ମତାନ୍ତରର ଆଶଙ୍କା ଦେଖାଦେଇପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ କିମ୍ବା ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଆଶା କରାଯାଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ମାନସିକ ଅସ୍ଥିରତା ସୃଷ୍ଟିହେବ। ବ୍ୟବସାୟିକ ସ୍ଥିତି ଓ କଚେରି ମାମଲା ସମସ୍ୟା ନିୟନ୍ତ୍ରଣାଧୀନ ରହିବ।

**ତୁଳା** ବନ୍ଧୁଙ୍କ ସହାୟତା ପାଇ ଚେଷ୍ଟା କରୁଥିବା କାମକୁ ସାକାର କରିପାରିବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ସଭାସମିତିରେ ନିଷ୍ପତ୍ତି ବଦଳାଇବା ଫଳରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ।

**ବିଛା** ଭୁଲ୍ ବୁଝାମଣାଜନିତ ପାରିବାରିକ ବିଶୃଙ୍ଖଳା ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବେଶି ସମୟ ସ୍ଥିର ଭାବରେ ରହିପାରିବେ ନାହିଁ। ଅବଶ୍ୟ ପ୍ରତିଯୋଗିତାରେ ସଫଳତା, ମାଲିମକଦ୍ଦମାରେ ବିଜୟ ଯୋଗୁ ମନ ଖୁସି ରହିବ। ବହୁତ ଦିନହେଲା ପାଇ ନଥିବା ଜିନିଷକୁ ବନ୍ଧୁଙ୍କ ସାହାଯ୍ୟରେ ପାଇପାରନ୍ତି।

**ଧନୁ** ସକାଳୁ କର୍ମାରମ୍ଭ ପାଇଁ ସଂକଟର ସମ୍ମୁଖୀନ ହୋଇପାରନ୍ତି। ରଚନାତ୍ମକ କାର୍ଯ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ। ଆର୍ଥିକ ଓ ପାରିବାରିକ ସ୍ଥିତି ପୂର୍ବବତ୍ ରହିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ଲୋକସମ୍ପର୍କ ଧିମାଗତିରେ ଚାଲିପାରେ।

**ମକର** ଆପଣଙ୍କ କଥା ଓ କାମରେ ତାଳମେଳର ଅଭାବ ସମସ୍ୟା ସୃଷ୍ଟି କରିପାରେ। ବିବାଦୀୟ ଘଟଣା, ଗୃହ ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନରେ ସଫଳ ହେବେ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ତିକ୍ତତା ବୃଦ୍ଧିପାଇବ।

**କୁମ୍ଭ** ବିଭିନ୍ନ ସୁଖ ସମ୍ଭୋଗ ଓ ବିଳାସବ୍ୟସନର ସୁଯୋଗ ପାଇଲେ ମଧ୍ୟ ତାହା ଉପଭୋଗ୍ୟ ହୋଇ ନ ପାରେ। ଗୃହ, ଯାନ, ଯାନ୍ତ୍ରିକ ଜିନିଷ, ଅଳଙ୍କାର କିଣିବାକୁ ମନ ବଳାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବଢ଼ିବ ଓ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଧନିଷ୍ଠା ନକ୍ଷତ୍ର ଆର୍ଥିକ ସମସ୍ୟା ଓ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ଚିନ୍ତିତ ରହିବେ।

**ମୀନ** ଦିନଟିରେ ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଙ୍କ ଆଦରସୋହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। ଯୁକ୍ତିଯୁକ୍ତ କଥା କହି ଅସ୍ୱାଭାବିକ ପରିସ୍ଥିତିକୁ ସ୍ୱାଭାବିକ କରିବାରେ ସମର୍ଥ ହେବେ। ରାଜନୀତି ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି।

ଆଜି ଫାଲଗୁନ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ, ଶନିବାର, ମାର୍ଚ୍ଚ ୨ ତାରିଖ, ରାଶିନକ୍ଷତ୍ର-ବିଶାଖା/ତୁଳା, ଘ.୦୨।୪୧ ଗତେ ଅନୁରାଧା ଓ ଘ.୦୮।୧୬ ଗତେ ବିଛା ଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୧ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୩ ଗତେ ଘ.୧୦।୩୧ ମଧ୍ୟେ ରାହୁକାଳ।

# କଲରାପତରିଆ ଗଣିବେ ରାଜ୍ୟ ସରକାର

ଭୁବନେଶ୍ୱର, ୧।୩(ଅସମାପିକା ସାହୁ)

ରାଜ୍ୟ ସରକାର ନିଜସ୍ୱ କଲରାପତରିଆ ବାଘ ଗଣନା କରିବେ। ଆସନ୍ତା ମେ'ରୁ ହାତୀ ଗଣନା ସହ ଏକକାଳୀନ କଲରାପତରିଆ ବାଘ ଗଣନା କରାଯିବ। ରାଜ୍ୟର ସବୁ ଅଞ୍ଚଳରେ କଲରାପତରିଆ ଗଣନା ହେବ ବୋଲି ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ଶୁକ୍ରବାର ସୂଚନା ଦେଇଛନ୍ତି।

ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଏବଂ ୱାଇଲ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ଦେଶରେ ହୋଇଥିବା କଲରାପତରିଆ ଗଣନା ରିପୋର୍ଟ-୨୦୨୨ ଗୁରୁବାର ପ୍ରକାଶ ପାଇଥିଲା, ଯେଉଁଥିରେ ଦେଶରେ ଗତ ୪ବର୍ଷରେ କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ିଥିବାବେଳେ ଓଡ଼ିଶାରେ ହ୍ରାସ ପାଇଥିବା ଦର୍ଶାଯାଇଥିଲା। ୨୦୧୮ ମସିହାରେ ହୋଇଥିବା ଗଣନା ବେଳେ ରାଜ୍ୟରେ ୭୬୦ଟି କଲରାପତରିଆ ବାଘ ଥିବାବେଳେ ୨୦୨୨ରେ ଏହା ୫୬୮କୁ ହ୍ରାସ ପାଇଛି। ତେଣୁ ନିଜସ୍ୱ ଗଣନା ପାଇଁ ରାଜ୍ୟ ବନ ବିଭାଗ ନିଷ୍ପତ୍ତି ନେଇଛି। ଏ ନେଇ ପିସିସିଏଫ୍ କହିଛନ୍ତି, ଏନ୍‌ଟିସିଏ ରିପୋର୍ଟକୁ ତର୍ଜମା କରାଯାଉଛି। ସେଥିରେ କିଛି ତ୍ରୁଟି ଥିବା ଜଣାପଡୁଛି। ତେଣୁ ଏହାକୁ ରାଜ୍ୟସ୍ତରରେ ସଂଶୋଧନ କରାଯିବ। ପ୍ରଥମତଃ ଏହା ଏନ୍‌ଟିସିଏର ଏକ ଆକଳନ ରିପୋର୍ଟ। ଦ୍ୱିତୀୟରେ ୨୦୨୨ରେ ସେମାନେ ମାତ୍ର ୩ଟି ସ୍ଥାନରେ କ୍ୟାମେରା ଟ୍ରାପ୍ ଲଗାଇଥିଲେ। କିନ୍ତୁ ୨୦୧୮ ଆକଳନବେଳେ ୧୪ ଜାଗାରେ କ୍ୟାମେରା ଟ୍ରାପ ଲାଗିଥିଲା, ଯେଉଁଥିରୁ ସେମାନେ ୭୬୦ କଲରାପତରିଆ ଥିବା ଜାଣିବାକୁ ପାଇଥିଲେ। ତେବେ ୨୦୨୨ରେ ଏନ୍‌ଟିସିଏ କ୍ୟାମେରା ଟ୍ରାପ ଲଗାଇଥିବା ଶିମିଳିପାଳ ଓ ସାତକୋଶିଆରେ କଲରାପତରିଆ ସଂଖ୍ୟା ବଢ଼ିଥିବା ରାଜ୍ୟ ପାଇଁ ଖୁସି ଖବର। ଯଦି ଶିମିଳିପାଳ ଓ ସାତକୋଶିଆ ବଫର ଏରିଆରେ କ୍ୟାମେରା ଲାଗିଥାନ୍ତା, ତା'ହେଲେ ସଂଖ୍ୟା ଆହୁରି ବଢ଼ିଥାନ୍ତା। ଏନ୍‌ଟିସିଏ କଲରାପତରିଆ ଆକଳନ ରିପୋର୍ଟ ଗ୍ରହଣୀୟ। କିନ୍ତୁ ସେମାନେ ବହୁତ କମ ଅଞ୍ଚଳ କଭର କରିଥିବାରୁ ଆକଳନ ଏକପାଖିଆ ହୋଇଯାଉଛି ବୋଲି ପିସିସିଏଫ୍ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟରେ ମହାବଳ ବାଘ ସଂଖ୍ୟା କମ୍ ଦର୍ଶାଇବା ପରେ ରାଜ୍ୟ ସରକାର ଏହାକୁ ଚାଲେଞ୍ଜ କରିଥିଲେ। ରାଜ୍ୟରେ ଅଧିକ ବାଘ ଥିବା କହିବା ସହ ରାଜ୍ୟ ସରକାର ନିଜସ୍ୱ ବାଘ ଗଣନା କରିଲେ। ରାଜ୍ୟରେ ୩୦ଟି ମହାବଳ ବାଘ ଥିବା ନେଇ ନିକଟରେ ରିପୋର୍ଟ ପ୍ରକାଶ ପାଇଥିଲା। ସେହିଭଳି ଏବେ ଏନ୍‌ଟିସିଏର କଲରାପତରିଆ ଗଣନା ରିପୋର୍ଟକୁ ମଧ୍ୟ ବନ ବିଭାଗ ସ୍ୱୀକାର କରୁନାହିଁ। ରାଜ୍ୟରେ ଆହୁରି ଅଧିକ ସଂଖ୍ୟକ କଲରାପତରିଆ ଥିବା କହୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏବେ କଲରାପତରିଆ ବାଘ ପାଇଁ ବି ନିଜସ୍ୱ ଗଣନା କରିବେ ବୋଲି କହୁଛନ୍ତି।

### ଏନ୍‌ଟିସିଏ ଆକଳନ ଏକପାଖିଆ ମହିଳା ବନ ବିଭାଗ

# ଲ' ଅଫିସରଙ୍କ ଦୈନିକ ଫି' ୫୦ ପ୍ରତିଶତ ବଢ଼ିଲା

ଭୁବନେଶ୍ୱର,୧।୩(ଅନିଲ ଦାସ)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଦାଲତରେ ମକଦ୍ଦମା ପରିଚାଳନା କରୁଥିବା ନନ୍ କ୍ୟାଡର ଲ' ଅଫିସରମାନଙ୍କର ଦୈନିକ ଓ ରିଟେନର ଫି'ରେ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ବିଭିନ୍ନ ଅଦାଲତରେ କାର୍ଯ୍ୟରତ ୧୨୧୫ ଜଣ ଲ' ଅଫିସର ଉପକୃତ ହେବେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଲ' ଅଫିସରମାନଙ୍କ ଦୈନିକ ଓ ରିଟେନର ଫି'କୁ ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ଫି' ଅନୁଯାୟୀ କାର୍ଯ୍ୟରତ ୧୮୪ ଜଣ ଆଡିଶନାଲ ପବ୍ଲିକ ପ୍ରସିକ୍ୟୁଟର ଦୈନିକ ଫି' ବାବଦରେ ୧,୨୫୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧,୮୭୫ ଟଙ୍କା ପାଇବେ। ସେହିପରି ରିଟେନର ଫି' ପୂର୍ବରୁ ୮,୨୦୦ ଟଙ୍କା ପାଉଥିବାବେଳେ ବର୍ତ୍ତମାନ ୧୨,୩୦୦ ଟଙ୍କା ପାଇବେ। ସେହିଭଳି କାର୍ଯ୍ୟରତ ୭୪୦ ଜଣ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର ପୂର୍ବରୁ ଦୈନିକ ଫି' ବାବଦରେ ୧,୧୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧,୬୫୦ ପାଇବେ। ରିଟେନର ଫି' ବାବଦରେ ପୂର୍ବରୁ ୪ ହଜାର ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୬ ହଜାର ଟଙ୍କା ପାଇବେ। ୮୫ ଜଣ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ପୂର୍ବରୁ ଦୈନିକ ଫି' ବାବଦରେ ୧,୨୫୦ ଟଙ୍କା ପାଉଥିବା ବେଳେ ଏବେ ୧,୮୭୫ ଟଙ୍କା ପାଇବେ। ରିଟେନର ଫି' ବାବଦରେ ପୂର୍ବରୁ ୮,୨୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧୨,୩୦୦ ଟଙ୍କା ପାଇବେ। ସେହିଭଳି କାର୍ଯ୍ୟରତ ୨୯ଜଣ ସରକାରୀ ପ୍ଲିଡର ଏବଂ ୧୧୩ ଜଣ ସହକାରୀ ପ୍ଲିଡର ପୂର୍ବରୁ ରିଟେନର ଫି' ବାବଦରେ ୮,୨୦୦ ଟଙ୍କା ପାଉଥିବା ବେଳେ ଏବେ ୧୨,୩୦୦ ଟଙ୍କା ପାଇବେ।

# ଜଗନ୍ନାଥଙ୍କୁ ଜଗନ୍ନାଥ ଅଡୁଆ

## ବିଷମକଟକ ରାଜନୀତି

**ରାୟଗଡ଼ା, ୧।୩(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ବିଷମକଟକ ରାଜନୀତି ଦୁଇ ଜଗନ୍ନାଥଙ୍କୁ ନେଇ ଚଳଚଞ୍ଚଳ ହୋଇଯାଇଛି। ଜଣେ ଜଗନ୍ନାଥ ସାରକା ଓ ଆଉ ଜଣେ ଜଗନ୍ନାଥ ନୁଣ୍ଡ୍ରୁକା। ଉଭୟ ବିଜେଡିରେ ରହିଆସିଥିବା ବେଳେ ଶୁକ୍ରବାର ଜଗନ୍ନାଥ ନୁଣ୍ଡ୍ରୁକା ଭୁବନେଶ୍ୱରରେ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଫଳରେ କଥା ଉଠିଲାଣି ଆସନ୍ତା ନିର୍ବାଚନରେ ଦୁଇ ଜଗନ୍ନାଥ ମୁହାଁମୁହିଁ ହୋଇପାରନ୍ତି। ଜଗନ୍ନାଥ ସାରକା ଆଇନମନ୍ତ୍ରୀ ଥିବା ବେଳେ ସେ ପୁଣି ବିଜେଡି ଟିକେଟ ପାଇ ଲଢ଼ିବା ଆଶାରେ ରହିଛନ୍ତି। ନୁଣ୍ଡ୍ରୁକାଙ୍କ ବିଜେଡି ଟିକେଟ ପାଇବା ଆଶା ମଉଳି ଗଲା ପରେ ସେ ଭାଜପାକୁ ଆପଣେଇ ନେଇଛନ୍ତି। ଆଲୋଚନା ହେଉଛି, ବିଜେଡିରେ ଥିବା ନୁଣ୍ଡ୍ରୁକାଙ୍କ ସମର୍ଥକଙ୍କ ସହ ଭାଜପାର ଭୋଟ ମିଶିଗଲେ ତାହା ସାରକାଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବା ଥୟ।

ରାୟଗଡ଼ା ଜିଲାର ଶିକ୍ଷିତ ତଥା ଟାଣୁଆ ବିଜେଡି ନେତା ଜଗନ୍ନାଥ ନୁଣ୍ଡ୍ରୁକା। ଦୀର୍ଘ ଦିନରୁ ବିଜେଡିରେ ରହି ଅଞ୍ଚଳ ପାଇଁ କାମ କରିବା ସହିତ ଦଳକୁ ସେ ମଜଭୁତ କରିଥିଲେ। ଏଭଳିକି ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୁନିଗୁଡ଼ାରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରି ପଞ୍ଚାୟତ ସମିତିକୁ ବିଜେଡି କବଳକୁ ଆଣିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଜଗନ୍ନାଥ ନୁଣ୍ଡ୍ରୁକାଙ୍କ ସହ ପୂର୍ବତନ ସମିତି ସଭ୍ୟ ରବି ନୁଣ୍ଡ୍ରୁକା, ତେଲେଙ୍ଗାପଦର ଅଞ୍ଚଳର ବିଜେଡି ନେତା ବେଣୁଧର ଗାରେକା, ପାତ୍ରଗୁଡ଼ା ଅଞ୍ଚଳର ଶୁକଦେବ ବେହେରାଙ୍କ ସହ ଅନେକ ନେତା ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ଲେଖାଶ୍ରୀ ସାମନ୍ତସିଂହାର, କୋରାପୁଟ ଜିଲା ସଭାପତି ସୁମନ୍ତ ପ୍ରଧାନ, କୋରାପୁଟ ଲୋକ ସଭା ସଂଯୋଜକ ତ୍ରିନାଥ ପଣ୍ଡା, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ପୂର୍ବତନ ଜିଲା ସଭାପତି ଶିବଶଙ୍କର ଉଲାକା, ପୂର୍ବତନ ଜିଲା ଓବିସି ମୋର୍ଚ୍ଚା ସଭାପତି ରୁଦ୍ର ପ୍ରସାଦ ମୁଗଲି, ମଣ୍ଡଳ ସଭାପତି ପରମେଶ୍ୱର ରାଓଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ନୁଣ୍ଡ୍ରୁକା ଭାଜପାରେ ମିଶିଛନ୍ତି।

ପୂର୍ବରୁ ନୁଣ୍ଡ୍ରୁକା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଥିଲେ । ବର୍ତ୍ତମାନ ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପଦରେ ଅଛନ୍ତି। ତାଙ୍କ ପତ୍ନୀ ଦୁଃଖିନୀ ନୁଣ୍ଡ୍ରୁକା ମୁନିଗୁଡ଼ା ବ୍ଲକ ଅଧ୍ୟକ୍ଷା ରହିଛନ୍ତି। ବିଷମକଟକ ନିର୍ବାଚନମଣ୍ଡଳୀରେ ତାଙ୍କର ପ୍ରାର୍ଥିତ୍ୱ ପାଇଁ ବିଜେଡି ଦଳୀୟ ନେତୃମଣ୍ଡଳୀଙ୍କୁ ଅବଗତ କରାଇଥିଲେ। କିନ୍ତୁ ମନ୍ତ୍ରୀ ସାରକା ଆଗାମୀ ନିର୍ବାଚନ ପାଇଁ ମୈଦାନକୁ ଓହ୍ଲାଇବା ନିଶ୍ଚିତ କାରଣରୁ ନୁଣ୍ଡ୍ରୁକାଙ୍କ ପାଇଁ ଟିକେଟ ପାଇବାରେ ଅନିଶ୍ଚିତତା ଦେଖାଦେଇଥିଲା। ଫଳରେ ସେ ବିଜେଡ଼ି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ନୁଣ୍ଡ୍ରୁକା କହିଛନ୍ତି ଯେ, ଦଳରେ ଦୀର୍ଘ ବର୍ଷ ନିଃସ୍ୱାର୍ଥପର ଭାବେ କାମ କରିଛନ୍ତି। କିନ୍ତୁ ଆଗକୁ ବଢ଼ିବା ସୁଯୋଗ ମିଳିଲାନି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ସେ ଭାଜପାରେ ଯୋଗ ଦେଇଛନ୍ତି।

ଜିଲା ବିଜେଡି ସଭାପତି ସୁଧୀର ଦାସଙ୍କ ନିଜ ନିର୍ବାଚନମଣ୍ଡଳୀ ବିଷମକଟକ ହୋଇଥିବା ବେଳେ ନୁଣ୍ଡ୍ରୁକାଙ୍କ ଏଭଳି ଦଳ ଛାଡ଼ି ଭାଜପାରେ ଯୋଗଦେବା ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଆଗାମୀ ଦିନରେ ଏହା ଜିଲା ବିଜେଡି ନେତାଙ୍କ ପାଇଁ ଶକ୍ତ ଧକ୍କା ବୋଲି ସାଧାରଣରେ ଆଲୋଚନା ହେଲାଣି। ତେବେ ୨ ଜଗନ୍ନାଥଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଲେ, ଏହାର ଫାଇଦା କଂଗ୍ରେସ ନିଶ୍ଚୟ ଉଠାଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଲେଣି।

### ଭାଜପାରେ ମିଶିଲେ ଜଗନ୍ନାଥ ନୁଣ୍ଡ୍ରୁକା



ଭାଜପା ନେତୃବୃନ୍ଦଙ୍କ ସହ ଜଗନ୍ନାଥ ନୁଣ୍ଡ୍ରୁକା (ମଝି)।

### ଆଇନମନ୍ତ୍ରୀ ଜଗନ୍ନାଥ ସାରକା ପୁଣି ବିଜେଡି ଟିକେଟ ପାଇଁ ଆଶାୟୀ



# ପୋଲିସ-ଯୁବ କଂଗ୍ରେସ କର୍ମୀ ମୁହାଁମୁହିଁ

**ଭୁବନେଶ୍ୱର, ୧।୩(ସୁନିତ୍ ମିଶ୍ର)**

ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଶୁକ୍ରବାର 'ନବୀନ ହଟାଅ ଓଡ଼ିଶା ବଞ୍ଚାଅ' ବିକ୍ଷୋଭ ସଭା ଆୟୋଜିତ ହେବା ସହ 'ନବୀନ ନିବାସ ଘେରାଉ' ରାଲି ମଧ୍ୟ କରାଯାଇଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ୍ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ବି.ଭି. ଶ୍ରୀନିବାସ ଯୋଗଦେଇଛନ୍ତି। ବିକ୍ଷୋଭ ସମାବେଶ ପରେ କଂଗ୍ରେସ ନେତା ଓ କର୍ମୀମାନେ ବିଭିନ୍ନ ବେରୋଜଗାରି ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିରୋଧରେ ନବୀନ ନିବାସ ଘେରାଉ କରିବା ପାଇଁ ମାଷ୍ଟରକ୍ୟାଣ୍ଟିନଠାରୁ ବାହାରିଥିଲେ। ଏଥିରେ ଦଳର ବହୁ ବରିଷ୍ଠ, ଯୁବ, ଛାତ୍ର ଓ ମହିଳାନେତ୍ରୀ ଏବଂ କର୍ମୀମାନେ ଯୋଗଦେଇଥିଲେ। ଏହି ରାଲି ନବୀନ ନିବାସ ଅଭିମୁଖେ ଯାଉଥିବାବେଳେ ରାଜମହଲ ଛକଠାରେ ପୋଲିସ ଏବଂ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ଯୁବ କଂଗ୍ରେସ କର୍ମୀମାନେ ଅଣ୍ଡାମାଡ଼ କରିଥିଲେ। ଏହାପରେ ବହୁ ଯୁବ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାଙ୍କୁ ପୋଲିସ ଘଟଣାସ୍ଥଳରୁ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିବା ଜଣାପଡ଼ିଛି।


ନବୀନ ନିବାସ ଘେରାଉ କରିବାକୁ ଶୁକ୍ରବାର କଂଗ୍ରେସ କର୍ମୀମାନେ ଯାଉଥିବାବେଳେ ରାଜମହଲ ଛକଠାରେ ପୋଲିସ ସହ ଧସ୍ତାଧସ୍ତି।

# ଉମାକାନ୍ତ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି

**ଭୁବନେଶ୍ୱର, ୧।୩(ଅନିଲ ଦାସ)**

### ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ସଂଯୋଜକ

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉମାକାନ୍ତ ପଟ୍ଟନାୟକଙ୍କୁ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଶୁକ୍ରବାର ବିଜେଡି ପକ୍ଷରୁ ଜାରି ପ୍ରେସ ଇସ୍ତାହାରେ ଏହି ସୂଚନା ଦିଆଯାଇଛି। ଏଥିସହିତ କେନ୍ଦୁଝର ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଛାତ୍ର ଜନତା ଦଳର ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀ ପାଇଁ ଅଭିଶେକ୍ଷ ବେହେରାଙ୍କୁ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଆନନ୍ଦପୁର ପାଇଁ ଅମରେନ୍ଦ୍ର ଧଳ, କେନ୍ଦୁଝର ସଦର ପାଇଁ ନାରାୟଣ ସିଂ ଏବଂ ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦିନବନ୍ଧୁ ପତିଙ୍କୁ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି।

# ମାର୍ଣ୍ଡିଙ୍କ ପାଇଁ ଚ୍ୟାଲେଞ୍ଜ ମକରଧ୍ୱଜ

**ବାଙ୍ଗିରିପୋଷି, ୧।୩ (ସଞ୍ଜୟ କୁମାର ଅଗ୍ରୱାଲା)**

## ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀ


ସୁଦାମ ମାର୍ଣ୍ଡି


ମକରଧ୍ୱଜ ମୁର୍ମୁ


ଫାଗୁ ହାଁସଦା


ସୁଗଦା ମୁର୍ମୁ

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ। ଏଠାକାର ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ପୁଣି ବିଜେଡି ଟିକେଟରେ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ତାଙ୍କୁ ଟକ୍କର ଦେବା ପାଇଁ ଭାଜପାର ୩ ନେତା ପାଗ ଭିଡ଼ିଲେଣି। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍ଏମ୍) ଛାଡ଼ି ଭାଜପାରେ ମିଶିଥିବା ଫାଗୁ ହାଁସଦା, ଗତ ନିର୍ବାଚନରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ସୁଗଦା ମୁର୍ମୁ ଏବଂ ଯୁବନେତା ମକରଧ୍ୱଜ ମୁର୍ମୁ ଭାଜପା ଟିକେଟ ପାଇଁ ଆଶାବାନ୍ଧି ବସିଛନ୍ତି।

ଏହି ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଭାବ ଅଧିକ ରହିଥିବାବେଳେ କଂଗ୍ରେସ ଓ ଜେଏମ୍ଏମ୍ ଏକ ପ୍ରକାର ନିଷ୍କ୍ରିୟ ରହିଛନ୍ତି। ଭାଜପା ନେତାମାନେ ବିଭିନ୍ନ ସଭାସମିତି ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରୁଥିବା ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସମସ୍ୟାକୁ ନେଇ ଧାରଣା, ହରତାଳ ଭଳି କାର୍ଯ୍ୟକ୍ରମ ଚଳାଇଥିବା ଦେଖିବାକୁ ମିଳୁଛି। ସେହିପରି ବିଜେଡି କର୍ମୀଙ୍କ ମଧ୍ୟରେ କିଛିଟା ଅନ୍ତର୍ଦ୍ୱନ୍ଦ୍ୱ ଥିବା ବାରି ହୋଇ ପଡୁଥିବା ବେଳେ ସଂଗଠନକୁ ସଜାଡ଼ିବା ଉପରେ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

୨୦୧୯ ନିର୍ବାଚନରେ ସୁଦାମ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁଗଦା ମୁର୍ମୁଙ୍କୁ ପରାଜିତ କରି ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ଆସନ୍ତା ନିର୍ବାଚନରେ ସେ ପୁଣି ପ୍ରାର୍ଥୀ ହୋଇ ବିଜୟୀ ହେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପକ୍ଷରେ ଦଳୀୟ ଚିହ୍ନରେ ନିର୍ବାଚନ ଲଢ଼ିବାକୁ ଭାଜପା ତାଲିକାରେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଟିକେଟ ପାଇବା ଆଶାରେ ସେମାନେ ଘରକୁ ଘର ବୁଲି ଆଶୀର୍ବାଦ ଭିକ୍ଷା କରିବା ସହ ଲୋକଙ୍କ ସହଯୋଗ ମାଗିବା ଦେଖିବାକୁ ମିଳିଲାଣି । ପୁରୁଣା ସହ ଅନେକ ନୂଆ ମୁହଁ ମଇଦାନକୁ ଓହ୍ଲାଇବା ପାଇଁ କସରତ ଆରମ୍ଭ କରିଥିବା ବେଳେ ଦୌଡ଼ ଆଗରେ ଯୁବ ନେତା ମକରଧ୍ୱଜ ମୁର୍ମୁ ଥିବା ଆଲୋଚନା ହେଉଛି। ଚାନ୍ଦୁଆ ଥାନା ଅନ୍ତର୍ଗତ ସରଗଛିଡ଼ା ଗ୍ରାମର ମକରଧ୍ୱଜ ସାନ୍ତାଳ ପରିବାରରେ ଜନ୍ମ। ୩୯ ବର୍ଷୀୟ ଏହି ଶିକ୍ଷିତ ଯୁବନେତା ଅର୍ଥଶାସ୍ତ୍ରରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ସେ ସରଗଛିଡ଼ା ପଞ୍ଚାୟତର ସରପଞ୍ଚ ଥିବା ବେଳେ ଏବେ ତାଙ୍କ ସ୍ତ୍ରୀ ଫୁଲମଣି ସରପଞ୍ଚ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବାପା ରାମେଶ୍ୱର ରାଜନୀତିରେ ସକ୍ରିୟ ଅଛନ୍ତି। ରାଜନୈତିକ ପରିବାରରୁ ଆସିଥିବା ମକରଧ୍ୱଜ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଆଦିବାସୀ ଛାତ୍ର ସଂଗଠନ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ କିପରି ଲୋକଙ୍କ ପାଖରେ ପହଞ୍ଚିପାରିବ, ସେଥିପାଇଁ ସେ କାର୍ଯ୍ୟ ଚଳାଇ ଆସୁଛନ୍ତି। ଦଳୀୟ ଟିକେଟ ମିଳିଲେ ସେ ନିଶ୍ଚୟ ବିଜୟୀ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିଭଳି ୨୦୧୯ ନିର୍ବାଚନରେ ପରାଜିତ ଭାଜପା ନେତା ସୁଗଦା ମୁର୍ମୁ ଗାଁଗାଁ ବୁଲି ସମର୍ଥକଙ୍କୁ ଏକାଠି କରିବା ସହିତ କର୍ମୀ ସମ୍ମିଳନୀ ଆଦି ଆୟୋଜନ କରି ଭୋଟରମାନଙ୍କୁ ନିଜ ଦଳ ସପକ୍ଷରେ ଆକୃଷ୍ଟ କରିବାରେ ଲାଗିଛନ୍ତି। ଏହା ବ୍ୟତୀତ ଜେଏମ୍ଏମ୍ ଛାଡ଼ି ଭାଜପାରେ ସାମିଲ ହୋଇଥିବା ଫାଗୁ ହାଁସଦା ମଧ୍ୟ ଭାଜପା ଟିକେଟ ପାଇଁ ଜୋରଦାର ଲବି ଚଳାଇଛନ୍ତି। ୨୦୦୪ରୁ ବିଜେଡି ଏହି ଆସନକୁ ଅକ୍ତିଆର କରିଆସିଛି। ଏଠାରୁ କେବେ ଜିତି ନ ଥିବା ଭାଜପା ଆସନ୍ତା ନିର୍ବାଚନରେ ଖାତା ଖୋଲିବା ନେଇ ଲକ୍ଷ୍ୟ ରଖିଥିବା ଚର୍ଚ୍ଚା ହେଉଛି।

# ସିଦ୍ଧାର୍ଥଙ୍କ ନିର୍ବାଚନୀ କାର୍ଯ୍ୟାଳୟରେ ଭଙ୍ଗାରୁଜା


ସିଦ୍ଧାର୍ଥ ରାଉତରାୟ ଓ ତାଙ୍କ ସମର୍ଥକମାନେ ପୋଡ଼ିଯାଇଥିବା ବ୍ୟାନର ଦେଖୁଛନ୍ତି।

**ନିମାପଡ଼ା, ୧।୩(ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ସିଦ୍ଧାର୍ଥ ରାଉତରାୟଙ୍କ ନିର୍ବାଚନୀ କାର୍ଯ୍ୟାଳୟରେ ଦୁର୍ବୃତ୍ତମାନେ ପଶି ଭଙ୍ଗାରୁଜା କରିବା ସହିତ ବ୍ୟାନର ପୋଡିଦେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁଅ ସିଦ୍ଧାର୍ଥଙ୍କର ନିମାପଡ଼ା ଥାନା ନିକଟ ନୂଆମଠ ସାହି ଗ୍ରାମରେ ନିର୍ବାଚନୀ କାର୍ଯ୍ୟାଳୟ ରହିଛି। ସିଦ୍ଧାର୍ଥ ନିମାପଡ଼ାରୁ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ହେବା ନିମନ୍ତେ ଉଦ୍ୟମ କରୁଛନ୍ତି। ସେଥିପାଇଁ ସେ ଏଠାରେ କାର୍ଯ୍ୟାଳୟ ଖୋଲିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସିଦ୍ଧାର୍ଥଙ୍କ ତାଲା ଭାଙ୍ଗି କାର୍ଯ୍ୟାଳୟ ଭିତରେ ପଶି ଫ୍ଲେକ୍ସ, ବ୍ୟାନର ସବୁ ପୋଡ଼ିବା ସହିତ ଆସବାବପତ୍ର, କାଚବୋତଲ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି। ଏନେଇ ସିଦ୍ଧାର୍ଥ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ସେ ଗୁରୁବାର ରାତିରେ ବୈଠକ ସାରି ନିଜ ସମର୍ଥକଙ୍କ ସହିତ କାର୍ଯ୍ୟାଳୟରୁ ଚାଲି ଯାଇଥିଲେ। ରାତି ପ୍ରାୟ ୧ଟା ପରେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଇଛନ୍ତି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ରାଜନୈତିକ ଅଭିସନ୍ଧି ରଖି ଏଭଳି କାଣ୍ଡ କରାଯାଇଥିବା ସିଦ୍ଧାର୍ଥ କହିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି।

# ଦଳବଦଳ ଚର୍ଚ୍ଚାକୁ ଖଣ୍ଡନ କଲେ ସୁରେନ୍ଦ୍ର

**ବଲାଙ୍ଗୀର/ସଇଁତଳା, ୧।୩ (ବୀରେନ୍ଦ୍ର କୁମାର ଝାଙ୍କର/ ରାଖାଲ ପ୍ରସାଦ ଶତପଥୀ)**


ସୁରେନ୍ଦ୍ର ସିଂଭୋଇ

ବଲାଙ୍ଗୀର ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଓ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଉଛନ୍ତି ବୋଲି ଗୁରୁବାର ଦିନତମାମ ଚର୍ଚ୍ଚା ଲାଗି ରହିଥିଲା। ଏଭଳିକି ସେ ବିଜେଡିରେ ଯୋଗଦେବା ପାଇଁ ନିଜ ସ୍ତ୍ରୀ ଓ କିଛି ଘନିଷ୍ଠ ସମର୍ଥକଙ୍କ ସହ ଭୁବନେଶ୍ୱର ଯାଇଛନ୍ତି ବୋଲି ଆଲୋଚନା ହେବା ପରେ ବିଜେଡି, କଂଗ୍ରେସ ଓ ଭାଜପାରେ ବି କମ୍ପନ ହୋଇଥିଲା। ଏଭଳି ଅଭିଯୋଗ ଏବଂ ଚର୍ଚ୍ଚାକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ। ସେ କହିଛନ୍ତି ଯେ, ତାଙ୍କ ଘର ଉପରେ ଏବେବି କଂଗ୍ରେସ ଝଣ୍ଡା ରହିଛି। ସେ କଂଗ୍ରେସରେ ରହିଛନ୍ତି ଓ ଦଳୀୟ କାର୍ଯ୍ୟକ୍ରମ କରୁଛନ୍ତି। କିଛି ବିରୋଧୀ ଦଳର ଲୋକ ଏଭଳି ଅପପ୍ରଚାର କରି ଲୋକଙ୍କୁ ବିଭ୍ରାନ୍ତି କରୁଛନ୍ତି ବୋଲି ସେ କହିଛନ୍ତି। ବହୁ ଲୋକ ତାଙ୍କୁ ଫୋନ୍ କରି ଏ ସମ୍ପର୍କରେ ପଚାରିଥିଲେ ବୋଲି ସେ କହିଛନ୍ତି। ସେ କଂଗ୍ରେସ ଜିଲା ସଭାପତି ପଦରେ ଅଛନ୍ତି ଏବଂ ଆଗକୁ କଂଗ୍ରେସର ସବୁ ପ୍ରକାର କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଛନ୍ତି।

ଗୁରୁବାର ସୁରେନ୍ଦ୍ର ବିଜେଡିରେ ଯୋଗଦେବା ଖବର ପ୍ରଚାରିତ ହେବା ପରେ ନାନା ଚର୍ଚ୍ଚା ଶୁଣିବାକୁ ମିଳିଥିଲା। ବଲାଙ୍ଗୀର ଲୋକ ସଭା ଆସନରେ ଜଣେ ଆଦିବାସୀ ପ୍ରାର୍ଥୀଙ୍କୁ ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀ କରିବ ଏବଂ ସେଥିପାଇଁ ଦଳର ଉଚ୍ଚ ନେତୃବର୍ଗ ନୂଆ ରଣକୌଶଳ କରି ଜଣେ ଦକ୍ଷ ଆଦିବାସୀ ପ୍ରାର୍ଥୀ ଖୋଜୁଛନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ସମ୍ପ୍ରତି ସିଂଭୋଇ ବିଜେଡିରେ ଯୋଗଦାନ ଅଭିଯୋଗ ଓ ଚର୍ଚ୍ଚାକୁ ଖଣ୍ଡନ କରି ସାମୟିକ ଭାବେ ଏଭଳି ପ୍ରଚାରରେ ବିରାମ ଲଗାଇଥିଲେ ମଧ୍ୟ ଘଟଣାଟି ତଥାପି ଚର୍ଚ୍ଚାର କେନ୍ଦ୍ରରେ ରହିଛି।

# କଂଗ୍ରେସ ଛାଡ଼ିଲେ ରଜତ ଚୌଧୁରୀ

**ଭୁବନେଶ୍ୱର, ୧।୩(ସୁନିତ୍ ମିଶ୍ର)**

ନିର୍ବାଚନ ପୂର୍ବରୁ ପିସିସି ଉପସଭାପତି ତଥା ପୂର୍ବତନ ଯୁବ କଂଗ୍ରେସ ସଭାପତି ରଜତ ଚୌଧୁରୀ କଂଗ୍ରେସ ଛାଡ଼ିଛନ୍ତି। ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ରଜତ ଯୁବ କଂଗ୍ରେସ ସଭାପତି ଥିଲେ। ଏହାପରେ ତାଙ୍କୁ ପିସିସି ସାଧାରଣ ସମ୍ପାଦକ ପଦ ମିଳିଥିଲା। କଂଗ୍ରେସ ଛାଡ଼ିବା ପରେ ରଜତ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଦଳରୁ ଇସ୍ତଫା ଦେବାପରେ ରଜତ ଗଣମାଧ୍ୟମକୁ କହିଛନ୍ତି, କଂଗ୍ରେସ ଏବେ ରାଜ୍ୟରେ ଭାଜପା, ବିଜେଡି ସହ ଲଢ଼ିବା ସ୍ଥିତିରେ ନାହିଁ। ଦଳରେ ଯଦି କୌଣସି କାର୍ଯ୍ୟକ୍ରମ ସରକାରଙ୍କ ବିରୋଧରେ କରିବାକୁ କିଏ ଚିନ୍ତା କରୁଛି ତାକୁ ରୋକି ଦିଆଯାଉଥିବା ସେ କହିଛନ୍ତି।

# ଭାଜପା ଫୋକସ୍‌ରେ ଭଦ୍ରକ ଲୋକ ସଭା ଆସନ

**ଭଦ୍ରକ, ୧।୩ (ସନାତନ ରାଉତ)**


ମଞ୍ଜୁଲତା ମଣ୍ଡଳ


ଅଭିମନ୍ୟୁ ସେଠୀ

୨୦୧୯ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ଭାଜପା ଭଦ୍ରକ ସଂରକ୍ଷିତ ଲୋକ ସଭା ଆସନ ହରାଇଥିଲା। ଏଥର ଦଳ ଏହି ନିର୍ବାଚନମଣ୍ଡଳୀ ଉପରେ ଅଧିକ ଫୋକସ୍ କରୁଥିବା ଆଭାସ ମିଳିଲାଣି। ୧୯୯୮ଠାରୁ ଲଗାତର ବିଜେଡି ଦଖଲରେ ଭଦ୍ରକ ଲୋକ ସଭା ଆସନ ରହିଥିବା ବେଳେ ୨୦୧୯ ନିର୍ବାଚନରେ ଦଳର ବିଜୟ ବ୍ୟବଧାନ ବହୁମାତ୍ରାରେ ହ୍ରାସ ପାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ପୁଅ ଅଭିମନ୍ୟୁଙ୍କୁ ଭାଜପା ପ୍ରାର୍ଥୀ କରିଥିବା ବେଳେ ସେ ମାତ୍ର ୨୮,୮୦୩ ଖଣ୍ଡ ଭୋଟ୍‌ରେ ବିଜେଡିର ମଞ୍ଜୁଲତା ମଣ୍ଡଳଙ୍କଠାରୁ ପରାଜିତ ହୋଇଥିଲେ। ଅଭିମନ୍ୟୁଙ୍କୁ ବିଜେଡିରୁ ଟିକେଟ ନ ମିଳିବାରୁ ଅର୍ଜୁନ ଦଳ ଛାଡ଼ି ଭାଜପାରେ ସାମିଲ ହେବା ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। କାରଣ ଅର୍ଜୁନ ଚରଣ ସେଠୀ ଦୀର୍ଘବର୍ଷ ଧରି ବିଜେଡିରୁ ଏମ୍‌ପି ରହିଆସିଥିଲେ। ଅପରପକ୍ଷେ ବିଜେଡି ପ୍ରଥମ ଥର ପାଇଁ ଏହି ଆସନରେ ମହିଳା କାର୍ଡ ଖେଳି ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କୁ ପ୍ରାର୍ଥୀ କରି ବାଜି ମାରି ନେଇଥିଲା।

ଭଦ୍ରକ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ବାଲେଶ୍ୱର ଜିଲାର ସୋର ଓ ସିମୁଳିଆକୁ ମିଶାଇଲେ ମୋଟ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଭଦ୍ରକ ଲୋକ ସଭା ଆସନ ଗଠିତ। ଏହି ଆସନରେ ୨୦୧୪ରେ ଭାଜପାର ଭୋଟ ପ୍ରତିଶତ ୨୦.୦୩ ଥିବାବେଳେ ୨୦୧୯ରେ ଏହା ୩୯. ୫୧ ପ୍ରତିଶତକୁ ବୃଦ୍ଧି ପାଇଥିଲା। ୨୦୧୪ରେ ଦ୍ୱିତୀୟ ସ୍ଥାନରେ ଥିବା କଂଗ୍ରେସ ୨୦୧୯ରେ ତୃତୀୟ ସ୍ଥାନକୁ ଖସି ଆସିବା ସହ ଭୋଟ ପ୍ରତିଶତ ୨୯.୮୬ରୁ ହ୍ରାସ ପାଇ ୧୬.୯୮ରେ ରହିଥିଲା। ୨୦୧୯ରେ ଭାଜପା ପ୍ରାର୍ଥୀ ଅଭିମନ୍ୟୁଙ୍କୁ ୪ ଲକ୍ଷ ୮୩ ହଜାର ୫୦୨ ଏବଂ ବିଜେଡି ପ୍ରାର୍ଥୀ ମଞ୍ଜୁଲତାଙ୍କୁ ୫ ଲକ୍ଷ ୧୨ ହଜାର ୩୦୫ ଭୋଟ ମିଳିଥିଲା। ଗତ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ହାରିଥିବା ଆସନଗୁଡ଼ିକୁ ଭାଜପା ଫୋକସ୍ କରିଥିବା ବେଳେ ଭଦ୍ରକ ଲୋକ ସଭା ଆସନରେ ଅଭିମନ୍ୟୁଙ୍କୁ ଜିତାଇବା ନେଇ ଏବେଠାରୁ ଦଳୀୟ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଅଭିମନ୍ୟୁ ମଧ୍ୟ ଲୋକ ସଭା କ୍ଷେତ୍ରର ବିଭିନ୍ନ ଅଞ୍ଚଳକୁ ବାରମ୍ବାର ଗସ୍ତ କରିବା ସହ ଲୋକସମ୍ପର୍କ ବଢ଼ାଇବାରେ ଲାଗିଛନ୍ତି। ଜିଲାରୁ ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ଭାବେ ମଙ୍ଗ ଧରିଥିବା ବେଳେ ଭଦ୍ରକ ଲୋକ ସଭା ଓ ବିଧାନସଭା ଆସନଗୁଡ଼ିକୁ ହାତେଇବା ପାଇଁ ଅନ୍ୟ ଦଳର ନେତା ଓ ସଙ୍ଗଠକମାନଙ୍କୁ ଦଳରେ ମିଶାଇଚାଲିଥିବା ଦେଖିବାକୁ ମିଳୁଛି। ତାଙ୍କ ନେତୃତ୍ୱରେ ଦଳ ଧାମନଗର ଉପନିର୍ବାଚନ ଜିତି ନେଇଥିବା ବେଳେ ଏହି ଆଧାରରେ ଜିଲାରେ ଭାଜପା ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷେ ଜିଲାରେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିଜେଡିରୁ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଏଥିସହିତ ଦଳୀୟ କନ୍ଦଳ ସୃଷ୍ଟି ହେଉଥିବାରୁ ବିଜେଡି ମଞ୍ଜୁଲତାଙ୍କୁ କିମ୍ବା ତାଙ୍କ ସ୍ୱାମୀ ମୁକ୍ତିକାନ୍ତଙ୍କୁ ଲୋକ ସଭା ପ୍ରାର୍ଥୀ କରିବ ନା ମଣ୍ଡଳ ଦମ୍ପତିଙ୍କୁ ବାଦ୍ ଦେଇ ତୃତୀୟ ବିକଳ୍ପ ଭାବେ ନୂଆ ମୁହଁ ଦେବ, ତାହାକୁ ଅପେକ୍ଷା।





ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଅତ୍ୟାଧୁନିକ ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି। ଅନ୍ୟମାନଙ୍କ ସହ ଉପସ୍ଥିତ ଅଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ।

# ଅତ୍ୟାଧୁନିକ ବରମୁଣ୍ଡା ବସ୍ ଟର୍ମିନାଲ

**ଭୁବନେଶ୍ୱର,୧।୩(ବନ୍ଦନା ସେଠୀ)-ବରମୁଣ୍ଡାଠାରେ ନିର୍ମିତ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ବସ୍ ଟର୍ମିନାଲରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିବା ସହ ଯାତ୍ରୀଙ୍କ ସୁବିଧା ପ୍ରତି ଗୁରୁତ୍ୱ ଦିଆଯାଇଛି। ବ୍ୟବସାୟିକ କମ୍ପ୍ଲେକ୍ସ, ଏସ୍କାଲେଟର, ଲିଫ୍ଟ, ପ୍ରତୀକ୍ଷାଳୟ, ଡ୍ରାଇଭରଙ୍କ ବିଶ୍ରାମ କକ୍ଷ, ଆହାର କେନ୍ଦ୍ର, ଫୁଡ୍ କୋର୍ଟ ଆଦି ରହିଛି। ଯାତ୍ରୀମାନେ ଏୟାରପୋର୍ଟ ଭଳି ଏଠାରେ ସବୁ ସୁବିଧା ପାଇପାରିବେ। ଏଥିସହ ସୁରକ୍ଷା ପାଇଁ ପୋଲିସ ଫାଣ୍ଡି ନିର୍ମାଣ କରାଯାଇଛି।**



## ୧୭୦ରୁ ଊର୍ଦ୍ଧ୍ୱ ବସ୍ ରହିବାର କ୍ଷମତା

ଟର୍ମିନାଲ ପରିସରରେ ୧୦୦ରୁ ଊର୍ଦ୍ଧ୍ୱ ଅଟୋ/ରିକ୍ସା, ୨୦ରୁ ଊର୍ଦ୍ଧ୍ୱ ଟ୍ୟାକ୍ସି ପାର୍କିଂ ସ୍ଥାନ ସହ ୮୫ରୁ ଊର୍ଦ୍ଧ୍ୱ ୨ଚକିଆ ଯାନ ଲାଗି ପାର୍କିଂ ପାଇଁ ବ୍ୟବସ୍ଥା ରହିଛି। ବ୍ୟକ୍ତିଗତ କାର୍ ଏବଂ ବାଇକ୍ ପାଇଁ ୨୦ଟି ପାର୍କିଂ ସ୍ଲଟ୍ ଅଛି। ଟର୍ମିନାଲରେ ସମୁଦାୟ ୪୪ଟି ସକ୍ରିୟ ବସ ବେ' ରହିଥିବାବେଳେ ସିଟି ବସ ସେବା ପାଇଁ ୬ଟି ବସ୍‌ବେ' ଏବଂ ଆଇଡଲ୍ ପାର୍କିଂ ପାଇଁ ୧୧୧ ବସ ବେ' ରହିଛି। ସେହିପରି ଜରୁରିକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ୱେଲ୍‌ନେସ୍ ସେଣ୍ଟର, ମିଲେଟ୍ କାଫେଟେରିଆ, ଟିକେଟ୍ କାଉଣ୍ଟର୍, ଯାତ୍ରୀମାନଙ୍କ ପାଇଁ ବିଶ୍ରାମ ଗୃହ, ସମସ୍ତ ମହଲାରେ ପାନୀୟ ଜଳ ବ୍ୟବସ୍ଥା, ଗ୍ରାଉଣ୍ଡ୍ ଫ୍ଲୋର୍‌ରେ ଏଟିଏମ୍, ଜିନିଷ ରଖିବା ଗୃହ, ଶିଶୁଙ୍କ ପାଇଁ ପ୍ଲେ ଏରିଆ ଆଦି ବ୍ୟବସ୍ଥା ରହିଛି। ଏହାବାଦ୍ ଟର୍ମିନାଲ୍‌ରେ ମୋଟ୍ ୧୨୯ଟି ଦୋକାନ ଗୃହ ଥିବାବେଳେ ୧୭୦ରୁ ଊର୍ଦ୍ଧ୍ୱ ବସ୍ ରହିବାର କ୍ଷମତା ରହିଛି। ଏବଂ ୫୦ରୁ ଊର୍ଦ୍ଧ୍ୱ ବସ୍ ବେ'ର ବ୍ୟବସ୍ଥା ଅଛି।

## ଆମ୍ବେଦକର ଗ୍ୟାଲେରି

ଭାରତୀୟ ସମ୍ବିଧାନ ତିଆରି କରିବାରେ ବାବା ସାହେବ ଆମ୍ବେଦକରଙ୍କ ଅବଦାନ ଅତୁଳନୀୟ। ଦେଶପାଇଁ ତାଙ୍କ ଅବଦାନ ନେଇ ସମସ୍ତଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବସ୍ ଟର୍ମିନାଲ ଭିତରେ ଏକ ସ୍ୱତନ୍ତ୍ର ଗ୍ୟାଲେରି ନିର୍ମାଣ କରାଯାଇଛି। ଏଥିରେ ବାବା ସାହେବଙ୍କ ଜୀବନୀ, ଆଦର୍ଶ ସମେତ ୧୯୨୭ରେ ଅସ୍ପୃଶ୍ୟମାନଙ୍କ ପୁଷ୍କରିଣୀ ଜଳ ବ୍ୟବହାର ଅଧିକାର ପାଇଁ ହୋଇଥିବା ସତ୍ୟାଗ୍ରହଠାରୁ ଆରମ୍ଭ କରି ଦେଶର ଅସ୍ପୃଶ୍ୟମାନଙ୍କ ପ୍ରତିନିଧି ଭାବେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଗୋଲ୍‌ଟେବୁଲ ବୈଠକରେ ଯୋଗଦାନ, ୧୯୩୭ରେ ବମ୍ବେ ବିଧାନସଭା ସଦସ୍ୟ ଭାବେ ନିର୍ବାଚିତ ଆଦି ବିଭିନ୍ନ ତଥ୍ୟ ସମ୍ବଳିତ ଫଟୋଚିତ୍ର ସ୍ଥାନ ପାଇଛି।






ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ବରମୁଣ୍ଡା ରୂପାନ୍ତରଣର ବିନ୍ଧାଣି କାର୍ତ୍ତିକ ପାଣ୍ଡିଆନ

ଭୁବନେଶ୍ୱର,୧।୩(ଅନିଲ ଦାସ)- ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଏବେ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ। ଏହି ନବ ରୂପାନ୍ତର ପଛରେ ରହିଛି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିରବଚ୍ଛିନ୍ନ ଉଦ୍ୟମ। ପ୍ରତିଦିନ ଶହଶହ ବସ୍ ଓ ହଜାର ହଜାର ଯାତ୍ରୀ ଏଠାରୁ ରାଜ୍ୟର କୋଣ ଅନୁକୋଣକୁ ଯାତାୟାତ କରିଥାନ୍ତି। କ୍ରମବର୍ଦ୍ଧିଷ୍ଣୁ ଯାତ୍ରୀ ଓ ବସ୍ ସଂଖ୍ୟା ରାଜ୍ୟର ସବୁଠୁ ବ୍ୟସ୍ତବହୁଳ ଭାବରେ ପରିଚିତ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସୃଷ୍ଟି କରିଥିଲା ସମସ୍ୟା। ବସ୍ ପାର୍କିଂଠାରୁ ଆରମ୍ଭ କରି ଯାତ୍ରୀଙ୍କ ପ୍ରତୀକ୍ଷା, ଖାଦ୍ୟପେୟ ଆଦି କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଥିଲା। ରାଜ୍ୟ ରାଜଧାନୀର ଗମନାଗମନ ପ୍ରାଣକେନ୍ଦ୍ରର ରୂପାନ୍ତରଣ ନିମନ୍ତେ ପାଣ୍ଡିଆନ ବ୍ୟକ୍ତିଗତ ଭାବରେ ଉଦ୍ୟମ ଆରମ୍ଭ କରିଥିଲେ। ଏହି ବସ୍‌ଷ୍ଟାଣ୍ଡକୁ ଏକ ଆନ୍ତଃରାଜ୍ୟ ବସ୍ ଟର୍ମିନାଲରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ବସ୍ ଟର୍ମିନାଲ ନିର୍ମାଣ କ୍ଷେତ୍ରରେ ରହିଥିଲା ଅନେକ ବାଧା। ଏହି ବାଧାଗୁଡ଼ିକୁ ଧୀରେ ଧୀରେ ଦୂର କରାଯିବା ବେଳେ କୋଭିଡ୍ ମହାମାରୀ ଟର୍ମିନାଲର ନିର୍ମାଣ କ୍ଷେତ୍ରରେ ବାଧକ ହୋଇଥିଲା। ମାତ୍ର ଦୃଢ଼ ଇଚ୍ଛାଶକ୍ତି ସହ ନିଜେ ପାଣ୍ଡିଆନ ନିୟମିତ ଭାବରେ ଏହାର କାର୍ଯ୍ୟ ସମୀକ୍ଷା କରିଥିଲେ। ବସ୍ ଟର୍ମିନାଲକୁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପରଠାରୁ ସେ ନିୟମିତ ବ୍ୟବଧାନରେ ସେଠାରେ ପହଞ୍ଚି ନିର୍ମାଣ କାର୍ଯ୍ୟ, ଏହାର ଅଗ୍ରଗତି ଆଦି ବୁଲି ଦେଖୁଥିଲେ। ଏବେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲରେ ପରିଣତ ହୋଇଛି। ଏହି ରୂପାନ୍ତରଣ ପଛର ନେପଥ୍ୟ ନାୟକ ପାଣ୍ଡିଆନଙ୍କୁ ଏହି ଅବସରରେ ସବୁ ମହଲରେ ପ୍ରଶଂସା କରାଯାଇଛି।



ବସ୍ ଟର୍ମିନାଲରେ ରହିଥିବା ଏସ୍କାଲେଟର।

## ବେବି ଫିଡିଂ ରୁମ୍

ବସ୍ ଟର୍ମିନାଲରେ ସମସ୍ତ ବର୍ଗର ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟି ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଛୋଟ ପିଲାଙ୍କୁ ଧରି ଯାତ୍ରା କରୁଥିବା ମହିଳାମାନଙ୍କ ପାଇଁ ବେବି ଫିଡିଂ ରୁମ୍‌ର ବ୍ୟବସ୍ଥା କରାଯାଇଛି। ସ୍ତନ୍ୟପାନ କରାଉଥିବା ମହିଳାମାନେ ନିଶ୍ଚିନ୍ତରେ ଏଠାରେ ଛୁଆଙ୍କୁ ଖୁଆଇ ପାରିବେ। ଟର୍ମିନାଲର ଗ୍ରାଉଣ୍ଡ୍‌ଫ୍ଲୋର୍‌ରେ ଏହି ବ୍ୟବସ୍ଥା କରାଯାଇଛି। ମା'ମାନଙ୍କ ବସିବା ପାଇଁ ଆବଶ୍ୟକ ଚେୟାର ପଡିବା ସହ ଅନ୍ୟାନ୍ୟ ବ୍ୟବସ୍ଥା ରହିଛି।




## ଯାତ୍ରୀଙ୍କୁ ଖାଦ୍ୟ ପରଷିଲେ ମୁଖ୍ୟମନ୍ତ୍ରୀ

ବିଏସ୍‌ଏବିଟି ଉଦ୍‌ଘାଟନ ଅବସରରେ ଏଠାରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ସମୟରେ ସେଠାକୁ ଆସିଥିବା ଯାତ୍ରୀଙ୍କୁ ନିଜେ ଭାତ, ଡାଲ୍‌ମା ବାଢ଼ି ପରଷି ଦେଇଥିଲେ। ଆହାରକେନ୍ଦ୍ରରେ ଦୈନିକ ୩ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେବାର ବ୍ୟବସ୍ଥା ରହିଛି। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ. ୪୯ର ୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମା' ଗାୟତ୍ରୀ ଏସ୍‌ଏଚ୍‌ଜି ଏବଂ ମା' କହଲିଆ ଷଣ୍ଡ ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଛି। ସେହିପରି ଯାତ୍ରୀମାନେ କିଭଳି ପରିଷ୍କାର ପରିଚ୍ଛନ୍ନ ଏବଂ ଆରାମ୍‌ରେ ବସି ଖାଇବେ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି।



ଫଟୋ: ମୌସମ୍ ନନ୍ଦ

## ଓଟିଡିସି ପକ୍ଷରୁ ଖୋଲିଲା ଟ୍ରାଭେଲ୍ ଡେସ୍କ, କାଫେ




ଯାତ୍ରୀମାନଙ୍କୁ ଅଧିକ ସେବା ଯୋଗାଇଦେବାକୁ ଯାଇ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ବିଏସ୍‌ଏବିଟି ପ୍ରଥମ ମହଲାରେ ଏକ ଯାତ୍ରା ସହାୟତା କେନ୍ଦ୍ର (ଟ୍ରାଭେଲ ଡେସ୍କ) ଖୋଲାଯାଇଛି। ଏହାଦ୍ୱାରା ଯାତ୍ରୀମାନଙ୍କୁ ଭୁବନେଶ୍ୱର ନିକଟବର୍ତ୍ତୀ ଏବଂ ରାଜ୍ୟରେ ଉପଲବ୍ଧ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର, ଧାର୍ମିକ ସ୍ଥଳୀ, ଯାତାୟାତ ସମ୍ପର୍କିତ ସୂଚନା ଏବଂ ଟିକେଟ ବୁକିଂ କରିବା ସମ୍ପର୍କିତ ତଥ୍ୟ ମିଳିପାରିବ। ଏହି ପରିସର ମଧ୍ୟରେ 'ଉତ୍କଳ ଆରୋମା' ନାମକ ଏକ କାଫେ ଖୋଲାଯାଇଛି। ଏଥିରେ ସୁସ୍ୱାଦୁ ସ୍ନାକ୍ସ ସହ ପାନୀୟ ଉପଲବ୍ଧ ହେଉଛି। ଏହା ଉଭୟ ଯାତ୍ରୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଚାହିଦାକୁ ପୂରଣ କରିପାରିବ।



# କୃଷି ଭବନରେ 'କଳିକା-କୃଷି ଭବନ' କ୍ରେଚ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧।୩(ଅସମାପିକା ସାହୁ)**

କୃଷି ଭବନରେ କ୍ରେଚ୍ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଶୁକ୍ରବାର ଏହାର ଉଦ୍‌ଘାଟନ କରିଛନ୍ତି। କୃଷି ଭବନ ପରିସରରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ପାଇଁ ଏକ କଲ୍ୟାଣମୂଳକ ପଦକ୍ଷେପ ଭାବେ ସ୍ଥାପିତ ହୋଇଛି। ଏହି କ୍ରେଚ୍‌ର ନାମ 'କଳିକା-କୃଷି ଭବନ' ରଖାଯାଇଛି। ୬ ମାସରୁ ୬ ବର୍ଷ ବୟସର ପିଲାଙ୍କ ଯତ୍ନ ଏହି କ୍ରେଚ୍‌ରେ ନିଆଯିବ। ପିଲାଙ୍କ ଯତ୍ନ ପାଇଁ ପ୍ରଶିକ୍ଷିତ କ୍ରେଚ୍ ସହାୟକ ଏବଂ କ୍ରେଚ୍ ସଂଯୋଜକମାନଙ୍କୁ ନିୟୋଜିତ କରାଯାଇଛି, ଯେଉଁମାନେ କି ପିଲାଙ୍କ ବୟସ ହିସାବରେ ଅନୁକୂଳ ବିଭିନ୍ନ କାର୍ଯ୍ୟ ପରିଚାଳନା କରିବେ। ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ସକାଳ ସାଢ଼େ ୯ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଏହି କ୍ରେଚ୍ ଖୋଲା ରହିବ। ଏଠାରେ କୃଷି ଭବନରେ ସୁପ୍ରଶିକ୍ଷିତ କ୍ରେଚ୍ ସହାୟିକାଙ୍କ ସହ ସିସିଟିଭି ସର୍ଭେଲାନ୍ସ ବ୍ୟବସ୍ଥା, ପିଲାଙ୍କ ସୁରକ୍ଷା ଓ ଯତ୍ନ ପାଇଁ ଉତ୍ସର୍ଗୀକୃତ ଓ ବୟସ ଅନୁକୂଳ ଖେଳନା, ବହି ଓ ବିଭିନ୍ନ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ଶିଶୁ ଅନୁକୂଳ ଶୌଚାଳୟ, ନୂଆ ମା'ଙ୍କ ପାଇଁ ନର୍ସିଂ କର୍ନର, ପ୍ରାଥମିକ ଚିକିତ୍ସା ସୁବିଧା ରହିଛି। ଏ ଦିଗରେ ମହିଳା ଓ ଶିଶୁ ବିକାଶ ବିଭାଗ ମଧ୍ୟ ସହଯୋଗ କରିଛି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ କ୍ରେଚ୍‌ର ନୋଡାଲ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ମୁଖ୍ୟ ଶାସନ ସଚିବ କୃଷି ଭବନରେ ସଂସ୍ଥାପିତ 'କୃଷି ସମୀକ୍ଷା କେନ୍ଦ୍ର'ର କାର୍ଯ୍ୟକାରିତା ଅନୁଧ୍ୟାନ କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ପାଇଁ ତୁଳସୀ ଯୋଗାଇବ ଓୟୁଏଟି

**ଭୁବନେଶ୍ୱର, ୧।୩(ଅସମାପିକା ସାହୁ)**

ପାରମ୍ପରିକ ବନସ୍ପତିର ଔଷଧୀୟ ଗୁଣ ଓ ଉପଯୋଗିତା ଉପରେ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଗୁରୁବାର ଓୟୁଏଟିରେ ଆରମ୍ଭ ହୋଇଛି। ବୃକ୍ଷଲତାର ଉପଯୋଗିତା ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି। ଓୟୁଏଟିର ୧୦୦ ଏକର ପରିମିତ ବାଟିକାରେ ୧୦୦ ପ୍ରକାର ଔଷଧୀୟ ଗୁଳ୍ମ ଓ ବୃକ୍ଷଲତା ଚାଷ କରାଯାଉଛି। ଆଗାମୀ ଦିନରେ ଆୟୁର୍ବିଜ୍ଞାନରେ ଶରୀରର ବିଭିନ୍ନ ରୋଗ ପାଇଁ ଔଷଧୀୟ ବୃକ୍ଷଲତା ପରୀକ୍ଷାମୂଳକ ଭାବେ ପ୍ରକ୍ରିୟା କରି ଔଷଧ ପାଇଁ କଞ୍ଚାମାଲ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଓୟୁଏଟି ତୁଳସୀ ଯୋଗାଇବ। ଖାଲି ସେତିକି ନୁହେଁ ଶ୍ରୀମନ୍ଦିରରେ ବିରାଜମାନ ମହାଲକ୍ଷ୍ମୀଙ୍କ ପାଇଁ ଓୟୁଏଟି ପଦ୍ମପୋଖରୀ ପ୍ରସ୍ତୁତ କରୁଛି। ଏଥିପାଇଁ ସାକ୍ଷୀଗୋପାଳସ୍ଥିତ ଓୟୁଏଟିର କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରସ୍ତୁତି ଚାଲିଥିବା କୁଳପତି ପ୍ରଫେସର ପ୍ରଭାତ ରାଉଳ କହିଛନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନ ଯେତେ ଉନ୍ନତ ହେଲେ ବି ଆୟୁର୍ବେଦ ଚିକିତ୍ସା ଓ ପାରମ୍ପରିକ ବୃକ୍ଷ ଲତାରୁ ମିଳୁଥିବା ଔଷଧୀୟ ଗୁଣର ଉପଯୋଗିତା ଏବେ ବି ପ୍ରାସଙ୍ଗିକ ରହିଛି। କୃତ୍ରିମ ରସାୟନମୁକ୍ତ ଔଷଧ ପ୍ରସ୍ତୁତି ଉପରେ ଏବେ ଗବେଷକ ଅଧିକ ଗୁରୁତ୍ୱ ଦେଇଛନ୍ତି। ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ବୃକ୍ଷଲତାଠାରୁ ମିଳୁଥିବା ଅର୍କ, ରସ ଓ ପତ୍ରରେ ବିଭିନ୍ନ ଔଷଧ ପ୍ରସ୍ତୁତ କରାଯାଉଛି। ଓଡ଼ିଶାର ବିଭିନ୍ନ ପାହାଡ଼, ପର୍ବତ ଅଞ୍ଚଳରୁ ଔଷଧୀୟ ବୃକ୍ଷ, ଗୁଳ୍ମ ସଂଗ୍ରହ କରାଯାଇ ଭୁବନେଶ୍ୱରରେ ଚାରା ଓ ପ୍ଲାଣ୍ଟେସନ୍ କରାଯାଇଛି। ସରକାରଙ୍କୁ ଆଗାମୀ ଦିନରେ ଆୟୁର୍ବିଜ୍ଞାନରେ ବିଭିନ୍ନ ଔଷଧ ପ୍ରସ୍ତୁତି ନେଇ କଞ୍ଚାମାଲ ଯୋଗାଇବାକୁ ଓୟୁଏଟି ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା କର୍ମଶାଳାରେ ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଘଟଣା, ଯୁବକ ଗିରଫ

ନିରାକାରପୁର,୧।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବାରମ୍ବାର ବଳାତ୍କାର କରିବା ଘଟଣାରେ ଜଙ୍କିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ବାପି ଦାସ ଓରଫ ଷଣ୍ଢ। ଅଭିଯୋଗ ମୁତାବକ, ସମ୍ପୃକ୍ତା ନାବାଳିକାଙ୍କୁ ଅଭିଯୁକ୍ତ ଜଣଙ୍କ ବିଭିନ୍ନ ପ୍ରଲୋଭନ ଦେଖାଇ ବାରମ୍ବାର ବଳାତ୍କାର କରିଥିଲେ। ଏପରିକି ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିବା ଜାଣିବା ପରେ ଅଭିଯୁକ୍ତ ତାଙ୍କୁ ଗର୍ଭପାତ ମେଡିସିନ ଦେଇଥିଲେ। ଉକ୍ତ ମେଡିସିନ ଖାଇବା ପରେ ନାବାଳିକା ଜଣଙ୍କ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ପକ୍ଷରୁ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୮୬/୨୪) ରୁଜୁକରି ତଦନ୍ତ ଚଳାଇ ଅଭିଯୁକ୍ତ ବାପିଙ୍କୁ ଗିରଫ କରିଥିଲା।

### ଆମ ବ୍ୟାଙ୍କ ଲୋକାର୍ପିତ

କୃଷ୍ଣପ୍ରସାଦ,୧।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଦୁଇଟି ପଞ୍ଚାୟତରେ ଆମ ବ୍ୟାଙ୍କ ଲୋକାର୍ପିତ ହୋଇଯାଇଛି। ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇଙ୍କ ନେତୃତ୍ୱରେ ଆମ ବ୍ୟାଙ୍କ ଲୋକାର୍ପଣ ଅବସରରେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସହକାରୀ ନିର୍ବାହୀଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କୃଷ୍ଣପ୍ରସାଦ ୟୁନିୟନ ବ୍ୟାଙ୍କ ମ୍ୟାନେଜର ରାଜୀବ କୁମାର ସାହୁ, ବ୍ୟାଙ୍କ କର୍ମଚାରୀ ପ୍ରମୋଦ କୁମାର ସେଠୀ, ଶତାଧିକ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଏମ୍‌ବିକେ, ସିଆର୍‌ପି, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ପଞ୍ଚାୟତର ସମସ୍ତ ୱାର୍ଡମେମ୍ବରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ମା'ଉଗ୍ରତାରା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ଗଠିତ

ଟାଙ୍ଗୀ,୧।୩(ରଘୁନାଥ ସାହୁ)

ଟାଙ୍ଗୀ ଓ ଆଖପାଖ ଅଞ୍ଚଳରେ ଥିବା ଔଷଧ ବ୍ୟବସାୟୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଉଗ୍ରତାରା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ଗଠନ କରାଯାଇଥିଲା। ସଭାପତି ଭାବେ ପଦ୍ମଚରଣ ପୃଷ୍ଟି, ଉପସଭାପତି ସୌମ୍ୟରଂଜନ ପ୍ରଧାନ, ସମ୍ପାଦକ ସନ୍ତୋଷ କୁମାର ପାତ୍ର, ଯୁଗ୍ମ ସମ୍ପାଦକ ତ୍ରିପତି ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ମଧୁସୂଦନ ମହାପାତ୍ର, ସଂଯୋଜକ ଭାବେ ସୁନୀଲ ମହାନ୍ତି ଓ ବିକାଶ ସାହୁ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଆସୋସିଏଶନକୁ ସୁଦୃଢ଼ କରିବା ସହ ସମସ୍ତ ସଦସ୍ୟଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ କରିବାକୁ ନବନିର୍ବାଚିତ ସଭାପତି କହିଥିଲେ। ଟାଙ୍ଗୀ, ବଡ଼ପାରୀ, ଚଣ୍ଡେଶ୍ୱର, କାଲୁପଡା, କୁହୁଡି, ସୋରଣ, ହାଟବରଡି, ଭୂଷଣ୍ଡପୁର, ବାଲିପାଟପୁର, କନ୍ତଲବାଇ, ସିଙ୍ଗିପୁର, ହରିପୁର, ମଙ୍ଗଳାଯୋଡ଼ି, ସୁନ୍ଦରପୁରର ଔଷଧ ବ୍ୟବସାୟୀ ଏହି ବୈଠକରେ ଯୋଗଦେଇଥିଲେ। ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା।

# ୧୬୮୩ ପ୍ରକଳ୍ପ ଅଧାପନ୍ତରିଆ

ବୋଲଗଡ଼,୧।୩(ଦେବବ୍ରତ ହୋତା)



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ, ଜନପ୍ରତିନିଧି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲାରେ ବୋଲଗଡ଼ ବ୍ଲକରେ ଶୁକ୍ରବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୩-୨୪ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ନେଇ ଆଲୋଚନା କରାଯାଇଥିଲା। ବିଡିଓ ଶରତ କୁମାର ମଲିକଙ୍କ ଆବାହକତ୍ୱରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ବେଉରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ ଡ.ରତିକାନ୍ତ ମିଶ୍ର ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ଏପିଓ ରୁବି ଡାକୁଆ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବାର୍ଷିକ ବିବରଣୀ ପାଠ କରିଥିଲେ। ୧୭୪୮୯ଜଣ ଶ୍ରମିକ ପରିବାର ପଞ୍ଜୀକୃତ ହୋଇଥିଲେ। ସେମାନଙ୍କୁ ଜବ୍ କାର୍ଡ ପ୍ରଦାନ କରାଯାଇଛି। ୨୨,୫୨୫ଜଣ କାର୍ଯ୍ୟ କରୁଛନ୍ତି। ୭,୨୮୧ଜଣ କାର୍ଯ୍ୟ କରିବାକୁ ଆବେଦନ କରିଥିବା ବେଳେ ସେମାନଙ୍କୁ ମଧ୍ୟ କାର୍ଯ୍ୟ ଯୋଗାଇ ଦିଆଯାଇଛି। ୬୯୩ ଜଣ ୧୦୦ଦିନର କାର୍ଯ୍ୟ କରିଛନ୍ତି। ତେବେ ୨୪୭୬ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ୭୯୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୧୬୮୩ ପ୍ରକଳ୍ପର କାର୍ଯ୍ୟ ଜାରି ରହିଥିବା ସୂଚନା ପ୍ରଦାନ କରାଯାଇଛି। ୩,୫୦, ୦୦୦ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ୩,୩୦, ୫୧୬ଟି ଶ୍ରମ ଦିବସ ଯୋଗାଇ ଦିଆଯାଇଛି। ୭୧୬ ଜଣ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ସେଥିମଧ୍ୟରୁ ୩୪ଜଣ ସମୀକ୍ଷାରେ ବିଭିନ୍ନ ପ୍ରଶ୍ନ କରିଥିଲେ। ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ନିଜ ପଞ୍ଚାୟତର ବିବରଣୀ ପ୍ରଦାନ କରିଥିଲେ। ସମସ୍ତ ସରପଞ୍ଚ, ସମିତିସଭ୍ୟ, ପିଇଓ ଏବଂ ଜିଆରଏସ୍‌ମାନେ ଯୋଗଦେଇଥିଲେ। ଏଥିସହ ଶ୍ରମିକ ମୁଖିଆମାନେ ଉପସ୍ଥିତ ଥିଲେ। ଶେଷରେ ସହକାରୀ ନିର୍ବାହୀଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀପତି ଧନ୍ୟବାଦ ଦେଇଥିଲେ।

# ଆଜିଠୁ ୨ ଦିନିଆ ଜିଲାସ୍ତରୀୟ ନିଯୁକ୍ତି ମେଳା

ଖୋର୍ଦ୍ଧା,୧।୩ (ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ) ଆନୁକୂଲ୍ୟରେ ଜିଲା ପ୍ରଶାସନର ସହଯୋଗରେ ଜିଲାସ୍ତରୀୟ ନିଯୁକ୍ତି ମେଳା ୨ ଓ ୩ ତାରିଖ (ଶନିବାର ଓ ରବିବାର) ଖୋର୍ଦ୍ଧାସ୍ଥିତ ହାବେଳି ପଡିଆରେ ଅନୁଷ୍ଠିତ ହେବ। ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ଯୋଗଦେବେ। ଏହା ବ୍ୟତୀତ ଓଏସ୍‌ଡିଏ ସହ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା (ପ୍ରୋଜେକ୍ଟ ଇମ୍ପ୍ଲିମେଟିଙ୍ଗ ଏଜେନ୍ସି) ମଧ୍ୟ ଯୋଗଦେବ। ସମସ୍ତ ନିଯୁକ୍ତିଦାତା ସଂସ୍ଥାମାନଙ୍କରେ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଛି। ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାଧ୍ୟମରେ ଜିଲା ମଧ୍ୟରେ ତାଲିମ ନେଇ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ। ଖୋର୍ଦ୍ଧା ଜିଲାରେ ରୋଜଗାର ସନ୍ଧାନରେ ଥିବା ମାଟ୍ରିକ ପାସଠାରୁ ସ୍ନାତକ, ଆଇଟିଆଇ, ଡିପ୍ଲୋମା ଏଏନ୍‌ଏମ, ଜିଏନ୍‌ଏମ୍ ପାସ୍ କରିଥିବା ଆଗ୍ରହୀ ଯୁବକ, ଯୁବତୀମାନେ ନିଯୁକ୍ତି ମେଳାରେ ନାମ ପଞ୍ଜୀକରଣ କରି ଏହି ମେଳାରେ ଭାଗ ନେଇପାରିବେ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଜଟଣୀ ଓ ଖୋର୍ଦ୍ଧା ପୌର ପରିଷଦ, ବାଣପୁର ଓ ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ପ୍ରାର୍ଥୀମାନେ ଏହି ମେଳାରେ ଅଂଶଗ୍ରହଣ କରିବେ। ପ୍ରାର୍ଥୀ, ପ୍ରାର୍ଥିନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆଧାର ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସର ଏକାକିତା ନକଲ ସହ ପାସପୋର୍ଟ ସାଇଜ ଫଟୋ ୬ଟି ସାଥିରେ ଆଣିବାକୁ ଓଏସ୍‌ଡିଏ ପକ୍ଷରୁ ସୂଚନା ଦିଆଯାଇଛି।

# ଭାଜପାର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଚିଲିକା ବିଧାୟକ ଏବଂ ଅନ୍ୟମାନେ ।

ବୋଲଗଡ଼,୧।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ଅଞ୍ଚଳରେ ଶୁକ୍ରବାର ଭାରତୀୟ ଜନତା ପାର୍ଟି (ଭାଜପା)ର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ଡିହଖଉରୁଣି ଗ୍ରାମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ୨୪ନଂ. ଜୋନ ଜିଲାପରିଷଦ ସଭ୍ୟ ଅନାଦି ସାହୁ, ପ୍ରକାଶ ବିଜୁଳି, ରଘୁନାଥ ଷଡ଼ଙ୍ଗୀ, ସୁଶାନ୍ତ ନାଥ, ପଞ୍ଚଗଡ଼ ମଣ୍ଡଳ ସଭାପତି ସୁମନ୍ତ ପ୍ରଧାନଙ୍କ ସମେତ ଶତାଧିକ ମହିଳା ସାମିଲ ହୋଇଥିଲେ। ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଏମ୍‌ପି ଷଡ଼ଙ୍ଗୀ ଅବଗତ ହେବା ସହ ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ପରେ ବିଲଖଉରୁଣି ଗ୍ରାମ ହାଇସ୍କୁଲ ପଡ଼ିଆରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ଉପରୋକ୍ତ ନେତୃତ୍ୱମାନେ ଉଦ୍‌ବୋଧନ ଦେଇ ଆଗାମୀ ନିର୍ବାଚନରେ ଭାଜପା ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ। ଶେଷରେ ସୁମନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ଧାରଣା




ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

ଭୁବନେଶ୍ୱର,୧।୩(ଅନୁରାଧା ମହାରଣା)

ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ଲୋୟର ପିଏମଜିରେ ଅଞ୍ଚଳବାସୀ ଧାରଣା ଦେଇଛନ୍ତି। ବାଣପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳ ନୀଳାଦ୍ରିପ୍ରସାଦ ଓ ଦାମିଆବରବରା ମାଡା ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିବାବେଳେ ଅନୁସୂଚିତ ଜାତି ଓ ଜନଜାତିର ଆଦିବାସୀଙ୍କ ପାଇଁ ମୁଖ୍ୟ ଦପ୍ତର ଖୋର୍ଦ୍ଧା ୧୧୫ କିମିରୁ ଅଧିକ ଦୂରରେ ଅବସ୍ଥିତ ବୋଲି ଅଞ୍ଚଳବାସୀ ଦର୍ଶାଇଛନ୍ତି। ବାଣପୁରର ପ୍ରତ୍ୟେକ ବିଭାଗ ଦପ୍ତର ଉପଖଣ୍ଡର ମାନ୍ୟତା ପାଇ ସାରିଥିବାବେଳେ ରାଜସ୍ୱ ଉପଖଣ୍ଡ ମାନ୍ୟତାରୁ ବଞ୍ଚିତ। ୧୯୩୬ ମସିହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ବାଣପୁରକୁ ନିର୍ବାଚନ ମଣ୍ଡଳୀ ଭାବେ ଗ୍ରହଣ କରାଯାଇଥିବାବେଳେ ରାଜସ୍ୱ ଉପଖଣ୍ଡର ସଦର ମହକୁମା ବାଣପୁରରେ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଭୌଗୋଳିକ ଦୃଷ୍ଟିକୋଣରୁ ୪୦ କିମିରୁ ଉର୍ଦ୍ଧ୍ୱ ପରିମିତ ବାଣପୁର ଭୂଖଣ୍ଡ ହୋଇଥିବାବେଳେ ୨୦୧୧ ଜନଗଣନା ଅନୁସାରେ ଏଠାରେ ଜନସଂଖ୍ୟା ୧,୬୧,୨୭୬ରୁ ଅଧିକ ଏବଂ ବାଣପୁର ବ୍ଲକ୍ ଜନସଂଖ୍ୟା ୧,୨୫,୯୪୮, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଜନସଂଖ୍ୟା ୧୭,୬୮୪, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଜନସଂଖ୍ୟା ୧୭,୬୩୫ । ତେଣୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇବା ପାଇଁ ଏହି ଅଞ୍ଚଳ ଯୋଗ୍ୟ ବୋଲି ମତ ପ୍ରକାଶ ପାଇଛି। ବିଭିନ୍ନ ସରକାରରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଏଯାଏ ଦାବି ପୂରଣ ହୋଇନାହିଁ। ତେଣୁ ପୁଣିଥରେ ବିଭିନ୍ନ ବିଭାଗ ମାଧ୍ୟମରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଅବଗତ କରାଯାଇଥିବା ଅଞ୍ଚଳବାସୀ ଶେଷଦେବ ବରାଳ, ଅବିନାଶ ସାହୁ, ନିରଞ୍ଜନ ପ୍ରଧାନ, ଦେବରାଜ ସାହୁ, ଗିରିଧାରୀ ପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି।

### ଡକାୟତି ଯୋଜନା ପଣ୍ଡ: ୫ ଗିରଫ

ପିପିଲି,୧।୩(ପ୍ରଭାତ କୁମାର ମହାପାତ୍ର)

ପିପିଲି ପୋଲିସ ଶୁକ୍ରବାର ରାତ୍ରିରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାତଶଙ୍ଖର ଭାସ୍କର ପ୍ରଧାନ, ଖଡ଼ିକେରାର ଗଣେଶ ମଲ୍ଲିକ, ନୂଆସାହିର ରମେଶ ବଳ, ପିପିଲି ଶାସନର ସୁବାଷ ମଲ୍ଲିକ ଏବଂ ପୂବଶାସନର ସତ୍ୟନାରାୟଣ ଭୋଇ। ସେମାନଙ୍କଠାରୁ ଖଣ୍ଡା, କଟୁରି, ମଦ ବୋତଲ, କ୍ୟାଣ୍ଡେଲ ଓ ଦିଆସିଲି ଜବତ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଡକାୟତମାନେ ପିପିଲି-ନିମାପଡ଼ା ଓଭରବ୍ରିଜ ନିକଟରେ ଡକାୟତି ପାଇଁ ଯୋଜନା କରୁଥିଲେ। ଥାନା ଆରକ୍ଷୀ ନିରୀକ୍ଷକ ଦୀପକ ଖଣ୍ଡାୟତରାୟ ପୋଲିସ ଟିମ୍ ସହ ସେଠାରେ ଚଢାଉ କରି ସମସ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ପିପିଲିରେ ବିଭିନ୍ନ ଚୋରି, ଡକାୟତି, ରାହାଜାନି, ନିଶା କାରବାରରେ ଜଡିତ। ଏକ ଡକାୟତି ଯୋଜନା ପଣ୍ଡ ହୋଇଥିବାବେଳେ ପାଟ୍ରୋଲିଂ କଡାକଡି କରାଯିବ ବୋଲି ଏସ୍‌ଆଇ ଭାସ୍କର ମାଣିଆ କହିଛନ୍ତି।

# କୃଷକ ଗୋଷ୍ଠୀ ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଚାଷୀମାନେ।

ନିରାକାରପୁର,୧।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନରଣଗଡ଼ ପଞ୍ଚାୟତରେ ଆତ୍ମା ପକ୍ଷରୁ ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କୁ ନେଇ କୃଷକ ଗୋଷ୍ଠୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆତ୍ମା ଅଧ୍ୟକ୍ଷ ରୁଦ୍ରଭାନୁ ନରେନ୍ଦ୍ରଜିତସିଂହ ପୌରୋହିତ୍ୟ କରିଥିଲେ। କୃଷି ଓ କୃଷକଙ୍କ କିପରି ଉନ୍ନତି ହୋଇପାରିବ ସେନେଇ ଉପସ୍ଥିତ ବ୍ଲକ କୃଷି ଅଧିକାରୀମାନେ ବୁଝାଇଥିଲେ। ଚାଷର ଉନ୍ନତ ପ୍ରଣାଳୀ ସମ୍ପର୍କରେ ଅଧିକାରୀମାନେ ସୂଚନା ଦେଇଥିଲେ। ବିଶେଷକରି ଗୋଷ୍ଠୀ କୃଷି ପ୍ରଣାଳୀରେ ଚାଷକାର୍ଯ୍ୟ ତ୍ୱରାନ୍ୱିତ କଲେ ଚାଷୀମାନେ ବେଶ ଫଳପ୍ରଦ ହୋଇପାରିବେ ବୋଲି ଉପସ୍ଥିତ କୃଷି ଅଧିକାରୀମାନେ କହିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବ୍ଲକ ଅତିରିକ୍ତ କୃଷି ଅଧିକାରିଣୀ ବିନୋଦିନୀ, ସୁପରଭାଇଜର ସୁଶ୍ରୀ ସରୋଜିନୀ, ଗ୍ରାମସେବିକା ସୁଶ୍ରୀ ସୋନିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନରଣଗଡ଼ ପଞ୍ଚାୟତର ସମିତିସଭ୍ୟା ଶାନ୍ତିଲତା ବେହେରା, ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ମାର୍ଥା, ପୂର୍ବତନ ସରପଞ୍ଚ ଅବକାଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସରପଞ୍ଚ ମିତାରାଣୀ ବେହେରା ଧନ୍ୟବାଦ ଦେଇଥିଲେ।

## ଦିଲୀପ-ସଞ୍ଜୀବ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

# ରଘୁନାଥ କ୍ଲବ ଟାଙ୍ଗୀ ଫାଇନାଲରେ

ଟାଙ୍ଗୀ,୧।୩(ରଘୁନାଥ ସାହୁ)



ବଡ଼ପାରୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦିଲୀପ-ସଞ୍ଜୀବ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରଘୁନାଥ କ୍ଲବ ଟାଙ୍ଗୀ ଓ ଗୋପାଳପୁର ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୧ ଗୋଲରେ ରଘୁନାଥ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଡା. ମଧୁସୂଦନ ସେନାପତି, ସମାଜସେବୀ ନରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଧର ପ୍ରଧାନ, ସାଇ ସତ୍ୟସୁନ୍ଦର, ରାଜୁ ସାହୁ ଓ କୃଷ୍ଣଚନ୍ଦ୍ର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ କମିଟିର ସଦସ୍ୟ ଭବାନୀ ଶଙ୍କର ଦାସ, ଅମୂଲ୍ୟ ବିଶ୍ୱାଳ, ପ୍ରଭାକର ଭୁଜବଳ, ଶିବପ୍ରସାଦ ବେହେରା, ବିକ୍ରମ ବାଘ ସିଂ ପ୍ରମୁଖ ସହଯୋଗ କରିଥିଲେ। ବିଚ୍ଛେନ୍ଦ ଜୟସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ୍ ଖୋର୍ଦ୍ଧା-୭୨ ଓ ରଘୁନାଥ କ୍ଲବ ଟାଙ୍ଗୀ ମଧ୍ୟରେ ହେବ ବୋଲି ସମ୍ପାଦକ ନନ୍ଦ କିଶୋର ସ୍ୱାଇଁ ସୂଚନା ଦେଇଛନ୍ତି।

# ଅବସର ଦିନ ପାଇଲେ ପେନ୍‌ସନ

ଖୋର୍ଦ୍ଧା,୧।୩ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀଙ୍କୁ ଶୁକ୍ରବାର କାର୍ଯ୍ୟାଳୟ ପରିସରେ ଅବସରକାଳୀନ ସମ୍ବର୍ଦ୍ଧନା ଓ ପେନସନ ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ଏହି ପେନ୍‌ସନ ପ୍ରଦାନ କରିଥିଲେ। କଳ୍ପନା ବାରିକ, ବିନତି ମିଶ୍ର, ଗାୟତ୍ରୀମୟୀ ପଟ୍ଟନାୟକ, ରବୀନ୍ଦ୍ର କୁମାର ମାନସିଂହ, ଶାନ୍ତିଲତା କର, ଗାୟତ୍ରୀ ପଟ୍ଟନାୟକ ପ୍ରମୁଖଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାବତୀ ଲେଙ୍କା, କନିଷ୍ଠ ସହାୟକ ପ୍ରଦୀପ୍ତ କୁମାର ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ଅମିୟ କୁମାର ପରିଡ଼ା, ରେବତୀ ପଣ୍ଡା, ରବିନାରାୟଣ ପଣ୍ଡା, ରବିନାରାୟଣ ସାହୁ, ରବୀନ୍ଦ୍ର ପ୍ରଧାନ, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ବାଗେଶ୍ରୀ ମହାପାତ୍ର, ଅମିୟ ଜେନା, ଦିବ୍ୟସିଂହ ସୁବୁଦ୍ଧି, ରଶ୍ମି ଦାସ, ସବିତା ମିଶ୍ର, ଜ୍ୟୋସ୍ନାରାଣୀ ସୁନ୍ଦରାୟ, ଅଜୟ କୁମାର ସାହୁ, ଗାୟତ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




# କାନ୍ଥ କହୁଛି ପାଇକ ବିଦ୍ରୋହର ଗାଥା

ଖୋର୍ଦ୍ଧା,୧।୩(ପ୍ରଭାତ ପାଣିଗ୍ରାହୀ)




କାନ୍ଥରେ ଶୋଭାପାଉଛି ପାଇକ ବିଦ୍ରୋହର ଗୌରବମୟ ଇତିହାସର କାହାଣୀ। ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ନୂଆ ବସ୍‌ଷ୍ଟାଣ୍ଡଠାରୁ ବାଟମଙ୍ଗଳା ରାସ୍ତା ପାର୍ଶ୍ୱ କାନ୍ଥରେ ଅଙ୍କନ କରାଯାଇଛି, ଯାହାକି ଏବେ ମୁଖ୍ୟ ଆକର୍ଷଣ ପାଲଟିଛି। ପାଇକ ବୀର-ଇଂରେଜମାନଙ୍କ ମଧ୍ୟରେ ସଶସ୍ତ୍ର ସଂଗ୍ରାମର କାହାଣୀ ବଖାଣୁଛି। ଏହି ରାସ୍ତା ଦେଇ ଯାଉଥିବା ଲୋକେ ଏଠାରେ ଛିଡ଼ା ହୋଇ ଦେଖିବା ସହ ସେଲ୍ଫି ନେଉଛନ୍ତି। ଏହି ବୀରତ୍ୱର କାହାଣୀ କହୁଥିବା କାନ୍ଥ ଏବେ ଖୋର୍ଦ୍ଧାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପାଇକ ବିଦ୍ରୋହର ମୁଖ୍ୟ ଆଧାର ପଞ୍ଚ ପାଇକଙ୍କ ଫଟୋଚିତ୍ର ସହ ପାଇକ ବୀରଙ୍କ ସଂଗ୍ରାମ, ବୀରତ୍ୱ ସ୍ଥାନ ପାଇଛି।

ଗବେଷକଙ୍କ ମତରେ, ୧୮୫୭ ମସିହାର ସିପାହି ବିଦ୍ରୋହ ପୂର୍ବରୁ ଓଡ଼ିଶାରେ ମୁକ୍ତି ସଂଗ୍ରାମ ୧୮୦୪ରେ ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ସମେତ ଓଡ଼ିଶାକୁ ଇଂରେଜ ଶାସନାଧୀନରୁ ମୁକ୍ତ କରିବା ଏହାର ମୂଳ ଲକ୍ଷ୍ୟ ଥିଲା। ଏହି ସଂଗ୍ରାମର କେନ୍ଦ୍ରବିନ୍ଦୁ ଥିଲେ ଜୟୀ ରାଜଗୁରୁ। ଜୟୀଙ୍କ ପରାମର୍ଶକ୍ରମେ ଗଜପତି ଇଂରେଜଙ୍କ ବିରୋଧରେ ୧୮୦୪ରେ ଯୁଦ୍ଧ ଘୋଷଣା କରିଥିଲେ। ପାଇକମାନଙ୍କ ସଂଗ୍ରାମ ଆଗରେ ଇଂରେଜ ସୈନ୍ୟର ବିପର୍ଯ୍ୟୟ ଘଟିଲା। ତେବେ ଲଢ଼େଇ ପରେ ବ୍ରିଟିଶମାନେ ଖୋର୍ଦ୍ଧା ରାଜାଙ୍କ ଦୁର୍ଗ ଅଧିକାର କରିନେଇଥିଲେ। ପରବର୍ତ୍ତୀ ସମୟରେ ୧୮୧୭ରେ ଇଂରେଜ ବିରୋଧରେ ଅନ୍ୟ ଏକ ବିଦ୍ରୋହର ସୂତ୍ରପାତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ପାଇକ ଯୋଗଦାନ କରିଥିବାରୁ ଏହାକୁ ପାଇକ ବିଦ୍ରୋହ ବୋଲି କୁହାଗଲା। ଏହି ବିଦ୍ରୋହର ନାୟକ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର। ଏହି ସଂଗ୍ରାମର ଶୌର୍ଯ୍ୟ, ବିକ୍ରମ ଓ ତ୍ୟାଗର ଏକ ଗୌରବମୟ ଗରିମା ରହିଛି। ତେବେ ପାଇକ ବିଦ୍ରୋହର ୧୦ବର୍ଷ ପରେ ଅର୍ଥାତ୍ ୧୮୨୭ରେ ଓଡ଼ିଶା ମାଟିରୁ ଇଂରେଜଙ୍କୁ ବିତାଡିତ ପାଇଁ ତାପଙ୍ଗଠାରେ ଆରମ୍ଭ ହୋଇଥିଲା ବିଦ୍ରୋହ। ସେଠାକାର ଦଳବେହେରା ମାଧବ ରାଉତରାୟଙ୍କ ନେତୃତ୍ୱରେ ଦଳେଇ, ପାଇକ ଓ ଜନସାଧାରଣ ଶତସିଂହର ପରାକ୍ରମ ନେଇ ଇଂରେଜଙ୍କୁ ରଣାଙ୍ଗନରେ ବିପର୍ଯ୍ୟସ୍ତ କରିଦେଇଥିଲେ। ଇଂରେଜଙ୍କ ବହୁ କ୍ଷୟକ୍ଷତି ଘଟିଥିଲା। ପରବର୍ତ୍ତୀ ସମୟରେ ଇଂରେଜମାନେ ଚକ୍ରାନ୍ତ ପୂର୍ବକ ତାପଙ୍ଗ ବିଦ୍ରୋହକୁ ଦମନ କରିଥିଲେ। ଓଡ଼ିଶାରୁ ଇଂରେଜଙ୍କୁ ବିତାଡିତ କରିବା ପାଇଁ ଆଉ ଏକ ବିଦ୍ରୋହର ସୂତ୍ରପାତ କରାଇଥିଲେ କୃତ୍ତିବାସ ପାଟସାହାଣି। ୧୮୩୬ରେ ଇଂରେଜମାନଙ୍କୁ ହଟାଇବା ପାଇଁ ସୁଚିନ୍ତିତ ଯୋଜନା କରିଥିଲେ। ସହସ୍ରାଧିକ ଦଳବେହେରା, ଦଳେଇ, ନାୟକ ଏବଂ ପାଇକଙ୍କୁ ସଙ୍ଗଠିତ କରି ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ। କୃତ୍ତିବାସଙ୍କ ସଂଗ୍ରାମ ଆଗରେ ଇଂରେଜମାନେ ଭୟଭୀତ ହୋଇପଡିଥିଲେ। ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ସେ ଲଢ଼େଇ କରିଥିଲେ। ନିଜର ବୀରତ୍ୱ ଓ ମୁକ୍ତି ସଂଗ୍ରାମରେ ତାଙ୍କ ଅବଦାନ ଲାଗି ସେ ଅମର ହୋଇ ରହିଛନ୍ତି। ଏହା ପରେ ପାଇକବୀର ପିଣ୍ଡିକୀ ବାହୁବଳେନ୍ଦ୍ର ଇଂରେଜ ବିରୋଧୀ ସଂଗ୍ରାମର ନେତୃତ୍ୱ ନେଇଥିଲେ। ସେ ବକ୍ସିଙ୍କ ପ୍ରମୁଖ ସହଯୋଗୀ ଥିଲେ। ପାଇକମାନଙ୍କୁ ଏକତ୍ରିତ କରି ଇଂରେଜଙ୍କ ବିରୋଧରେ ତାଙ୍କ ସଂଗ୍ରାମ ପାଇଁ ଇତିହାସରେ ସ୍ୱର୍ଣ୍ଣାକ୍ଷର ଲିପିବଦ୍ଧ ହୋଇ ରହିଛି। ସେ ଗେରିଲା ଯୁଦ୍ଧରେ ସିଦ୍ଧହସ୍ତ ଥିଲେ। ପରବର୍ତ୍ତୀ ସମୟରେ ଇଂରେଜମାନେ କୌଶଳକ୍ରମେ ତାଙ୍କୁ ଫାଶିଖୁଣ୍ଟରେ ଝୁଲାଇ ଦେଇଥିଲେ। ପିଣ୍ଡିକୀ ବାହୁବଳେନ୍ଦ୍ର ଓ ତାଙ୍କ ସାଥୀଙ୍କ ଅମରଗାଥା ଓଡ଼ିଶା ଇତିହାସରେ ଲିପିବଦ୍ଧ ରହିଛି।




୧।୩।୨୦୨୪

| | |
|---|---|
| ୨,୨୯,୧୬୫ ଟଙ୍କା | |
| ସୁନା | ୩୨.୬୫୦ ଗ୍ରାମ୍ |
| ରୁପା | ୩୧.୧୦୦ ଗ୍ରାମ୍ |

# କାକଟପୁର ଅଞ୍ଚଳରେ ଗଢ଼ିଉଠୁଛି ଇଟାଭାଟି

**କାକଟପୁର,୧।୩(ଶୁଭଦର୍ଶନ ମିଶ୍ର)**



## ଚୁପ୍ ବସିଛି ପ୍ରଶାସନ
- ପ୍ରଦୂଷଣ ହେଉଛି ପରିବେଶ
- ସାଧାରଣରେ ଅସନ୍ତୋଷ

କାକଟପୁର ତହସିଲ ଅଞ୍ଚଳରେ ମାଳମାଳ ବେଆଇନ ଇଟାଭାଟି ଗଢିଉଠୁଥିବାବେଳେ ପ୍ରଶାସନ ନିଦାବିଷ୍ଟୁ ସାଜିଛି। ଏନେଇ ପରିବେଶବିତ୍ ଓ ପ୍ରକୃତିପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସ୍ଥାନୀୟ ସମାଜସେବୀମାନେ ଏନେଇ ପ୍ରଶାସନକୁ ସୂଚନା ଦେଲେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ତେଣୁ ପ୍ରଶାସନ ଓ ଇଟାମାଫିଆଙ୍କ ମଧ୍ୟରେ ସଲାସୁତୁରା ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କାକଟପୁର ତହସିଲ ଅନ୍ତର୍ଗତ କାକଟପୁର, ବାଙ୍ଗୁରିଗାଁ, ଚିଡ୍ରେଶ୍ୱରୀ, କଟକଣା ଆର୍‌ଆଇ ସର୍କଲ ଅଧୀନରେ ପ୍ରାୟ ଶହେରୁ ଅଧିକ ବେଆଇନ୍ ଇଟାଭାଟି ରହିଛି। ଫଳରେ ସ୍ଥାନୀୟ ଅଞ୍ଚଳର ପରିବେଶ ଧୂଆଁମୟ ହୋଇ ପ୍ରଦୂଷଣ ହେଉଛି। ବିଶ୍ୱ ତାପମାନ ବୃଦ୍ଧି ପାଉଥିବାବେଳେ ଅସହ୍ୟ ଗରମ ଅନୁଭବ ହେଉଛି। ଏନେଇ ପ୍ରକୃତି ବନ୍ଧୁ ପୁରସ୍କାପ୍ରାପ୍ତ ସାମାଜିକ କର୍ମୀ ଜ୍ଞାନରଞ୍ଜନ ବିଶ୍ୱାଳ କ୍ଷୋଭ ପ୍ରକାଶ କରିଛନ୍ତି। ତହସିଲ ପ୍ରଶାସନ ଓ ଇଟା ମାଫିଆଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ବେଆଇନ୍ ଇଟାଭାଟି ବଢ଼ିଚାଲିଛି ବୋଲି ସେ ଅଭିଯୋଗ କରିଛନ୍ତି। ନାମକୁ ମାତ୍ର କାଁ ଭାଁ ଇଟାଭାଟି ଉପରେ ଜରିମାନା କାଟି ପ୍ରଶାସନ ଚୁପ ବସିଛି। କେତେଜଣ ଇଟାଭାଟି ମାଲିକଙ୍କଠାରୁ ଜରିମାନା ନେଇ ରସିଦ କଟାଯାଉନାହିଁ। ଅନେକ ଇଟାଭାଟି ମୁଖ୍ୟ ରାସ୍ତା, ସ୍କୁଲ୍, ମନ୍ଦିର ଓ ଜନବସତି ଅଞ୍ଚଳରେ ଗଢି ଉଠିଛି। ଫଳରେ ଧୂଆଁମୟ ପରିବେଶ ଯୋଗୁ ଛାତ୍ରୀଛାତ୍ର ଓ ଜନସାଧାରଣ ଅତିଷ୍ଠ ହୋଇପଡୁଥିବା ଦେଖିବାକୁ ମିଳିଛି। ଏ ନେଇ କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା କହିଛନ୍ତି, କେତେଜଣ ବ୍ୟକ୍ତି ତହସିଲ୍‌ରୁ ଅନୁମତି ନେଇ ଓ ଆଉ କେତେଜଣ ବ୍ୟକ୍ତି ବିନାନୁମତିରେ ଇଟା ପୋଡୁଥିବା ନଜରକୁ ଆସିଛି। କେଉଁ ରାଜସ୍ୱ ସର୍କଲରେ କେତେ ଇଟାଭାଟି ଅଛି ଅନୁଧ୍ୟାନ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ପୁରୀ ବଡ଼ଦାଣ୍ଡରେ ଶୁକ୍ରବାର ଲକ୍ଷ୍ମୀନାରାୟଣ ଜୁଏଲର୍ସ ଶୋ' ରୁମ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ ।

## ସଂକ୍ଷେପରେ

### ୮୩ ୟୁନିଟ୍ ରକ୍ତ ସଂଗ୍ରହ

**ପୁରୀ,୧।୩(ଅଜିତ୍ ମହାନ୍ତି)**

ଶ୍ରୀ ଶ୍ରୀ ତ୍ରିନାଥ ଦେବାୟ ଟ୍ରାଭେଲ କର୍ମଚାରୀ ସଂଘ ପୁରୀ ଆନୁକୂଲ୍ୟରେ ବାର୍ଷିକ ରକ୍ତଦାନ ଶିବିର ଶୁକ୍ରବାର ସ୍ଥାନୀୟ ରେଲଷ୍ଟେଶନସ୍ଥିତ ରେଲୱେ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ହୋଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଡିଭିଜନର ଡିଆର୍‌ଏମ୍ ଏଚ୍.ଏସ୍.ବାଜୱା, ଆର୍‌ପିଏଫ୍ ଅଧିକାରୀ ଅପରେଶ ବେହେରା, ପୁରୀ ଟ୍ରାଭେଲ୍ ଆସୋସିଏଶନ୍‌ର ସଭାପତି ଗିରିଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ପଟ୍ଟନାୟକ ଏବଂ ସମ୍ପାଦକ କାହ୍ନୁଚରଣ ଦଳେଇଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ୮୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କୋଷାଧ୍ୟକ୍ଷ ମଧୁସୂଦନ ପ୍ରଧାନ, ସହସମ୍ପାଦକ ଶଶିକାନ୍ତ ରାଓ, ଗୋପିନାଥ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରଫେସର କେ.ଭି. ସମାୟାଜୁଲୁଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପୁରୀ, ୧।୩(ଅଜିତ୍ ମହାନ୍ତି):**

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର, ପୁରୀ ବ୍ୟାକରଣ ବିଭାଗର ବିଭାଗ ମୁଖ୍ୟ ତଥା ବରିଷ୍ଠ ବ୍ୟାକରଣବିତ ବେଦ ବିଶାରଦ ପ୍ରଫେସର କେ.ଭି. ସମାୟାଜୁଲୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିସର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ଅଜୟ କୁମାର ଦାଶ, ଡ. ପ୍ରିୟବ୍ରତ ମିଶ୍ର, ପ୍ରଫେସର ଦୁର୍ଗାଚରଣ ଷଡ଼ଙ୍ଗୀ, ପ୍ରଫେସର ସୂର୍ଯ୍ୟମଣି ରଥ, ଡ. ନିବେଦିତା କର, ଡ. ସୀମାଞ୍ଚଳ ପଣ୍ଡା, ଡ. ନୃସିଂହ ଚରଣ ସାହୁ, ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫେସର ବିମଳ ପ୍ରସାଦ ମହାନ୍ତି, ସୀତାଂଶୁ ରଞ୍ଜନ ଦାଶଙ୍କ ସମେତ ବହୁ ପୁରାତନ ଅଧ୍ୟାୟୀ ଯୋଗଦେଇ ପ୍ରଫେସର ସୋମୟାଜୁଲୁଙ୍କ କାର୍ଯ୍ୟକାଳ ସମୟର ସ୍ମୃତି ଚାରଣ କରିଥିଲେ। ବ୍ୟାକରଣ ବିଭାଗର ପ୍ରଫେସର ଅନୁପମା ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଡ. ଅଜୟାନନ୍ଦ ସାହୁ, ଡ. ଅଖିଳେଶ କୁମାର ମିଶ୍ର, ଡ. ଯତିରାଜ ବରାଳ, ଡ. ପଙ୍କଜ କୁମାର ରାଉଳ ଏବଂ ଅଧ୍ୟାୟୀମାନେ ଉପସ୍ଥିତ ଥିଲେ। ଡ. ସୁଶାନ୍ତ କୁମାର ରାୟ ସଭା ସଂଚାଳନ କରିଥିଲେ।

# ୧୫ ସ୍ୱାବଲମ୍ବୀ ଦିବ୍ୟାଙ୍ଗ ସମ୍ମାନିତ

**ପୁରୀ,୧।୩(ଅଜିତ୍ ମହାନ୍ତି)**

## ବିଶ୍ୱ ହ୍ୱିଲ ଚେୟାର ଦିବସରେ ଶୋଭାଯାତ୍ରା

ଭିନ୍ନକ୍ଷମ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ପୁରୀ ଜିଲା ପ୍ରଶାସନ ତରଫରୁ ଶୁକ୍ରବାର ବିଶ୍ୱ ହ୍ୱିଲ ଚେୟାର ଦିବସ ପାଳନ କରାଯାଇଛି। ବଡ଼ଶଙ୍ଖସ୍ଥିତ ରାଣୀସତୀ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ବ୍ୟଙ୍ଗକବି ତଥା ନାଟ୍ୟକାର ରତ୍ନାକର ବେହେରା, ଶ୍ରୀକ୍ଷେତ୍ର ଇନର ହୁଇଲ୍ କ୍ଲବର ସମ୍ପାଦିକା ରାଜଲକ୍ଷ୍ମୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ପୁରୀ ଜିଲା ଦିବ୍ୟାଙ୍ଗ ମହାମଞ୍ଚ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରୁ ଏକ ହୁଇଲ ଚେୟାର ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଭିନ୍ନକ୍ଷମମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ନୃତ୍ୟ କବିତା, ମ୍ୟୁଜିକ ହୁଇଲ ଚେୟାର ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୧୫ ଜଣ ଭିନ୍ନକ୍ଷମଙ୍କୁ ନ୍ୟୁଟ୍ରିଶନ ବ୍ୟାଗ୍, ୧୦ ଜଣଙ୍କୁ ହୁଇଲ୍ ଚେୟାର ପ୍ରଦାନ ସହ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇଥିବା ୧୫ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗଜଲକ୍ଷ୍ମୀ ରାୟ, ବନିତା ଦୀକ୍ଷିତ, ଦୀପକ ପଲେଇ, ବର୍ଷା ମିଶ୍ର, ଶ୍ରୀଧର ବେହେରା, ଶିଶିର ସାହୁ ଏବଂ ପ୍ରଭୁପ୍ରସାଦ ପଣ୍ଡା ପରିଚାଳନା କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବିଜେଡିର ସାଙ୍ଗଠନିକ ବୈଠକ

**ଅସ୍ତରଙ୍ଗ,୧।୩(ପ୍ରଦୀପ୍ତ କୁମାର ଦୀକ୍ଷିତ):**

ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ପଞ୍ଚାୟତରେ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଗଡ ପଞ୍ଚାୟତ ବିଜେଡି ସଭାପତି ବିଜୟକୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସମ୍ମାନିତ ଅତିଥି ୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ୨ ନମ୍ବର ଜୋନ ଜିଲାପରିଷଦ ସଭ୍ୟା ବନିତା ବେହେରା, କାକଟପୁର ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ରତୁରାଜ ରାଉତ, ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି କେଦାରନାଥ ବିଶ୍ୱାଳ, ଏମ୍‌ପି ପ୍ରତିନିଧି ଚମ୍ପକ ବାରିକ, ପୂର୍ବତନ ଜିଲାପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ, ନୂଆଗଡ ସମିତିସଭ୍ୟ ରାମଚନ୍ଦ୍ର ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ଅସ୍ତରଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ସମାଜସେବୀ ପବିତ୍ର ମୋହନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ପୂର୍ବରୁ ବିଜେଡିକୁ ଅଧିକ ମଜଭୁତ କରିବା ଓ ସରକାରଙ୍କ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ।


ବିଜେଡିର ସାଙ୍ଗଠନିକ ବୈଠକରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଏବଂ ଅନ୍ୟମାନେ ।

# ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ପୁରୀ, ୧।୩(ଅଜିତ୍ ମହାନ୍ତି):**

ଜାତୀୟ, ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷାଙ୍କ ତତ୍ତ୍ୱାବଧାନରେ ଚଳିତମାସ ୯ ତାରିଖ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ପୁରୀ ସିଭିଲ କୋର୍ଟ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ତଥା ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ର ବାଦ୍ ଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ ଓ ଜଳ ଯୋଗାଣ ବିଲ୍ ଦେୟ ଜନିତ ବିବାଦ, ବ୍ୟାଙ୍କରଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ରାଜସ୍ୱ, ପ୍ରାକ ମକଦ୍ଦମାସ୍ତରୀୟ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଦେୱାନି, ଫୌଜଦାରୀ ମକଦ୍ଦମାଗୁଡ଼ିକର ସମାଧାନ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା ଏବଂ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡେନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ହୋଇଥାଏ। ସବିଶେଷ ବିବରଣୀ ନିମନ୍ତେ ପୁରୀ ଜିଲା/ତାଲୁକ ଆଇନ ସେବା କାର୍ଯ୍ୟାଳୟର ହେଲ୍ପ ଲାଇନ ନମ୍ବର -୦୬୭୫୨-୨୨୧୪୩୩ ଏବଂ ଟୋଲ ଫ୍ରି ନମ୍ବର ୧୫୧୦୦ ସହିତ ତୁରନ୍ତ ଯୋଗାଯୋଗ କରାଯାଇପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୂଚନା ଦେଇଛନ୍ତି।

# ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ପିପିଲି,୧।୩(ଦୁର୍ଗାମାଧବ ମିଶ୍ର):**

ଭବାନୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ବିଦ୍ୟାଳୟ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପୃକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପିପିଲି ଏନ୍‌ଏସି ଭବାନୀପୁର ୟୁପି ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରଧାନଶିକ୍ଷକ ସୁକାନ୍ତ ନାୟକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ନନ୍ଦିତା ଜେନା ଶ୍ରେଷ୍ଠ ପ୍ରାଥମିକ ଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ତାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ବିଇଓ ରବି ନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା।

# ୪ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା


ଶିକ୍ଷକ ସୁବାସ ଚନ୍ଦ୍ର ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।

**କଣାସ,୧।୩ (ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକର ୩ଜଣ ପ୍ରାଥମିକ ଶିକ୍ଷକ ଓ ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ଦାଶ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଗଡିବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ମହେନ୍ଦ୍ର କୁମାର ରଣସିଂହ, ମୁଖ୍ୟବକ୍ତା ଚିତ୍ରସେନ ବରାଳ ଓ ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଦାସ, ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ, ଶିକ୍ଷାବିତ୍ ଧରଣୀଧର ଜୟସିଂହ, ବିଦ୍ୟାଳୟ ଆଲୁମ୍ନି ପ୍ରତିନିଧି ସଂଗ୍ରାମ ପାଲଟାସିଂହ ଓ ପରିଚାଳନା କମିଟି ଅଧ୍ୟକ୍ଷ ବିରାଟ ବଳିଆରସିଂହ ପ୍ରମୁଖ ଶିକ୍ଷକ ଦାଶଙ୍କ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଗୁରୁପୂଜା ହୋଇଥିଲା। ସମ୍ବର୍ଦ୍ଧନା ପ୍ରତ୍ୟୁତ୍ତରରେ ଦାଶ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ପୀତବାସ ସୁନା ଓ ବୀରବର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଶିକ୍ଷକ ପିତବାସ ମାଝି, କାଳୁଚରଣ ପରିଡା ଓ ରବିନାରାୟଣ ମହାପାତ୍ରଙ୍କୁ ସେମାନଙ୍କ ବିଦ୍ୟାଳୟ ତଥା ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ୧୫ ପୂର୍ବରୁ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା

**ପୁରୀ, ୧।୩(ଅଜିତ ମହାନ୍ତି):**

ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଦିବ୍ୟାଙ୍ଗ ଭକ୍ତମାନଙ୍କୁ ସ୍ୱତନ୍ତ୍ର ଚେୟାରରେ ବସାଇ ଶ୍ରୀମନ୍ଦିର ଭିତରକୁ ନିଆଯିବ। ଜୟବିଜୟ ଦ୍ୱାର ନିକଟରେ ଦିବ୍ୟାଙ୍ଗ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ମାର୍ଚ୍ଚ ୧୫ ପୂର୍ବରୁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ତେବେ ୮ତାରିଖରେ ପରୀକ୍ଷାମୂଳକ ଭାବେ ଏହା ଲାଗୁ କରାଯିବ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦୀର୍ଘ ଦିନ ହେବ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦିବ୍ୟାଙ୍ଗ ଭକ୍ତମାନେ କିଭଳି ଶୃଙ୍ଖଳିତ ଦର୍ଶନ କରିବେ ସେ ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ଶେଷରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଛି। ଦିବ୍ୟାଙ୍ଗ ଭକ୍ତଙ୍କୁ ଶ୍ରୀମନ୍ଦିରକୁ ନେବା ପାଇଁ କାଠରେ ଏକ ସ୍ୱତନ୍ତ୍ର ଡିଜାଇନ୍ ଚେୟାର ନିର୍ମାଣ କରାଯାଇଛି। ଏହି ଚେୟାରରେ ଦିବ୍ୟାଙ୍ଗ ଭକ୍ତ ବସିବା ପରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିଯୁକ୍ତ ବାହକମାନେ ଚେୟାରକୁ ଟେକି ଉତ୍ତରଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ପରେ ଘଣ୍ଟିଦ୍ୱାର ଦେଇ ଜୟବିଜୟ ଦ୍ୱାର ନିକଟରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ମହାପ୍ରଭୁଙ୍କ ବଲ୍ଲଭ ନୀତି ପରଠାରୁ ସକାଳ ଧୂପ ପର୍ଯ୍ୟନ୍ତ ସମୟରେ ନୀତି କମ୍ ଥିବାରୁ ଏହି ସମୟରେ ଦିବ୍ୟାଙ୍ଗ ଭକ୍ତଙ୍କୁ ନିଆଯାଇ ମହାପ୍ରଭୁଙ୍କୁ ଦର୍ଶନ କରାଇବାର ବ୍ୟବସ୍ଥା ହେଉଛି। ଏହି ବ୍ୟବସ୍ଥା ଦ୍ୱାରା ସାଧାରଣ ଦର୍ଶନ ବ୍ୟବସ୍ଥା, ମହାପ୍ରଭୁଙ୍କ ନୀତିକାନ୍ତି, ପରମ୍ପରାରେ ଯେଭଳି ବାଧା ନ ଉପୁଜେ ସେଥିପ୍ରତି ଧ୍ୟାନ ଦିଆଯିବ। ତେବେ ପ୍ରାଥମିକ ଭାବେ ମାସକୁ ଗୋଟିଏ ଦିନରେ ୨୦ଜଣ ଦିବ୍ୟାଙ୍ଗ ଭକ୍ତଙ୍କୁ ନେଇ ଦର୍ଶନ ବ୍ୟବସ୍ଥା କରାଯାଉଛି। ପରବର୍ତ୍ତୀ ସମୟରେ ଆଲୋଚନା ହୋଇ ଅଧିକ ଦିନକୁ ପରିବର୍ତ୍ତନ କରାଯାଇପାରେ। ସ୍ୱତନ୍ତ୍ର ଚେୟାରରେ ସୁରକ୍ଷା ପାଇଁ ବେଲ୍ଟ, ପାଦ ରଖିବା ପାଇଁ ଫୁଟ୍‌ରେଷ୍ଟ ସହ କିଛି ଅଧିକ ସୁବିଧା ରହିବ। ତେବେ ପୂର୍ବରୁ ହୁଇଲ ଚେୟାରରେ ଦିବ୍ୟାଙ୍ଗ ଭକ୍ତଙ୍କୁ ନେବା ପାଇଁ ନିଷ୍ପତ୍ତି ହୋଇଥଲା। ହେଲେ ଶ୍ରୀମନ୍ଦିର ଭିତରେ ହୁଇଲଚେୟାର ଗଡାଇବା ପରମ୍ପରା ବିରୋଧୀ ହୋଇଥିବାରୁ ଏହି ଯୋଜନା ସଫଳ ହୋଇପାରି ନ ଥିଲା। ତେବେ ବହୁ ତର୍ଜମା ପରେ କାଠରେ ସ୍ୱତନ୍ତ୍ର ଚେୟାର କରାଯାଇ ବାହକ ମାଧ୍ୟମରେ ଶ୍ରୀମନ୍ଦିରକୁ ନେବା ପାଇଁ ନିଷ୍ପତ୍ତି ହୋଇଛି। ଏହା ସଫଳ ହେବ ବୋଲି ସେବାୟତ ଆଶା ରଖିଛନ୍ତି।

# ଡକାୟତି ଯୋଜନା ପଣ୍ଡ: ୫ ଗିରଫ

**ପିପିଲି,୧।୩(ପ୍ରଭାତ କୁମାର ମହାପାତ୍ର):**

ପିପିଲି ପୋଲିସ ଶୁକ୍ରବାର ବିଳମ୍ବିତ ରାତ୍ରିରେ ପାଟ୍ରୋଲିଂ କରିବା ସମୟରେ ସୂଚନା ପାଇ ଡକାୟତି ଯୋଜନା କରୁଥିବା ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାତଶଙ୍ଖର ଭାସ୍କର ପ୍ରଧାନ, ଖଡ଼ିକେରାର ଗଣେଶ ମଲ୍ଲିକ, ନୂଆସାହିର ରମେଶ ବଳ, ପିପିଲି ଶାସନର ସୁବାସ ମଲ୍ଲିକ ଏବଂ ପୂବାଶାସନର ସତ୍ୟନାରାୟଣ ଭୋଇ। ସେମାନଙ୍କଠାରୁ ଏକ ଖଣ୍ଡା, କଟୁରି, ମଦ ବୋତଲ, କ୍ୟାଣ୍ଡେଲ ଓ ଦିଆସିଲି ଜବତ କରାଯାଇଛି। ଏ ନେଇ କେସ୍ ନଂ. ୧୧୦/୨୦୨୪ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ଡକାୟତମାନେ ପିପିଲି-ନିମାପଡ଼ା ଓଭରବ୍ରିଜ ନିକଟରେ ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ସମୟରେ ପିପିଲି ଥାନା ଆରକ୍ଷୀ ନିରୀକ୍ଷକ ଦୀପକ କୁମାର ଖଣ୍ଡାୟତରାୟ ପୋଲିସ ଟିମ୍ ସହ ସେଠାରେ ଚଢାଉ କରି ସମସ୍ତଙ୍କୁ ଗିରଫ କରିଥିଲେ। ପଚରାଉଚରା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ପିପିଲିରେ ବିଭିନ୍ନ ଚୋରି, ଡକାୟତି, ରାହାଜାନି, ନିଶା କାରବାରରେ ଜଡିତ। ଏକ ଡକାୟତି ଯୋଜନା ପଣ୍ଡ ହୋଇଥିବାବେଳେ ପାଟ୍ରୋଲିଂ କଡାକଡି କରାଯିବ ବୋଲି ଏସ୍‌ଆଇ ଭାସ୍କର ମାଣିଆ କହିଛନ୍ତି।

# ବିଭିନ୍ନ ଦାବିରେ ପାଚିକା ସଂଘର ବିକ୍ଷୋଭ

**ନିମାପଡ଼ା,୧।୩(ରଞ୍ଜନ ପଟ୍ଟନାୟକ):**

ବିଭିନ୍ନ ଦାବି ନେଇ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ (ସିଆଇଟିୟୁ)ର ନିମାପଡ଼ା ଶାଖା ପକ୍ଷରୁ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସର୍ବନିମ୍ନ ମଜୁରି ବୃଦ୍ଧି, ସରକାରୀ କର୍ମଚାରୀ ମାନ୍ୟତା, ବୀମା ଓ ପେନ୍‌ସନ୍ ଲାଗୁ, ଅବସର ପରେ ସରକାରୀ ସହାୟତା ପ୍ରଦାନ, ଅବସର ବୟସସୀମା ବୃଦ୍ଧି କରାଯିବା ଆଦି ପ୍ରମୁଖ ଦାବି ରହିଛି। ପ୍ରଥମେ ଶତାଧିକ ପାଚିକା ଶୋଭାଯାତ୍ରାରେ ସହର ପରିକ୍ରମା କରି ବିଇଓଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଦାବିପତ୍ର ଦେଇଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ପାଚିକାମାନଙ୍କ ଦାବି ପୂରଣ କରିବା ନିମନ୍ତେ ଦାବି କରିଥିଲେ।



ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଚିକା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ହାଇକୋର୍ଟ ବାର୍ ଆସୋସିଏଶନ ଚାମ୍ପିୟନ

**ପୁରୀ,୧।୩(ଅଜିତ୍ ମହାନ୍ତି):**

## ଓକିଲ ସଂଘ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ତାଳବଣିଆସ୍ଥିତ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଗତ ମାସ ୨୪ ତାରିଖରୁ ଚାଲିଥିବା ରାଜ୍ୟସ୍ତରୀୟ ଓକିଲ ସଂଘ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ୧୧ଟି ବାର୍ ଆସୋସିଏଶନ୍ ଦଳ ଭାଗ ନେଇଥିଲେ। ପୁରୀ ବାର୍ ଆସୋସିଏଶନ ଏବଂ ହାଇକୋର୍ଟ ବାର୍ ଆସୋସିଏଶନ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ହାଇକୋର୍ଟ ବାର୍ ଆସୋସିଏଶନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୬୩ ରନ କରିଥିଲା। ଜବାବରେ ପୁରୀ ବାର୍ ଆସୋସିଏଶନ ୯୧ ରନରେ ଅଲଆଉଟ ହୋଇଯାଇଥିଲା। ଫଳରେ ହାଇକୋର୍ଟ ବାର୍ ଆସୋସିଏଶନ ଚାମ୍ପିୟନ ହୋଇଛି।


ଅତିଥିଙ୍କ ଗହଣରେ ରନର ଅପ୍ ଟ୍ରଫି ସହ ପୁରୀ ବାର୍ ଆସୋସିଏଶନ ଟିମ୍‌ର ଖେଳାଳିମାନେ ।

ଆଡଭୋକେଟ ସୁକାନ୍ତ ଦଳାଇ (କଟକ)ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ କାଳିଶଙ୍କର ବାରିକ (ପୁରୀ)ଙ୍କୁ ମ୍ୟାନ୍ ଅଫ ଦି ସିରିଜ ପୁରସ୍କାର ଦିଆଯାଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନର ସ୍ୱୀକୃତିପ୍ରାପ୍ତ ଅମ୍ପାୟର ଦିଲିପ କୁମାର ସାମଲ, ସୌମେନ୍ଦ୍ର ପାତ୍ର ଓ ବିଭୂପ୍ରସାଦ ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଷ୍ଟେଟ ବାର୍ ଆସୋସିଏଶନର ଚେୟାରମ୍ୟାନ ଆଡଭୋକେଟ ସୀତାଂଶୁ ମୋହନ ଦ୍ୱିବେଦୀ, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ୟୁଥ ଆଫେୟାର୍ସ ଚେୟାରମ୍ୟାନ୍ କୁନା ବିହାରୀ ଦାସ ଅତିଥି ଭାବେ ଯୋଗଦାନ କରି କୃତି ଖେଳାଳୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପୁରୀ ବାର୍ ଆସୋସିଏଶନ ଶୃଙ୍ଖଳିତ ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ସମ୍ପୂର୍ଣ୍ଣ କରିଥିବାରୁ ଆଡଭୋକେଟ ଶାରଦା ପ୍ରସାଦ ସାମଲ, ବିଭୂତି ଶଙ୍କର ତ୍ରିପାଠୀ, ଭଗବାନ ପଡିଆରୀଙ୍କ ସମେତ ଅନ୍ୟ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

**ପରମହଂସ ପ୍ରଜ୍ଞାନନ୍ଦଙ୍କ ପ୍ରାଚୀ ପରିକ୍ରମା**

ନିଆଳି,(ସୁକାନ୍ତ କୁମାର ସିଂହ): ପରମହଂସ ପ୍ରଜ୍ଞାନନ୍ଦଙ୍କ ପ୍ରାଚୀ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳୁ ନୂଆଗାଁ ରାଧାକାନ୍ତ ମଠରୁ ଏହି ପଦଯାତ୍ରା ବାହାରି ପ୍ରାଚୀ ନଦୀର ଶୋଭନେଶ୍ୱର ଘାଟଠାରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ସହିତ ଆଳତି କରାଯାଇଥିଲା। ଏଥିରେ ଶତାଧିକ ସାଧୁ, ସନ୍ଥ ବିଦେଶିନୀ, ଯୁବତୀ ଓ ଯୁବକ ଯୋଗଦେଇଥିଲେ। ଏହାପରେ ଶୋଭନେଶ୍ୱର ମହାଦେବଙ୍କୁ ଦର୍ଶନ କରି ମାଧବାନନ୍ଦ ମନ୍ଦିର ଅଭିମୁଖେ ପ୍ରାଚୀତଟରେ ପଦଯାତ୍ରା ଯାଇଥିଲା। ନିଆଳି ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ନ୍ୟାୟବ୍ରତ ରାଉତ, ପ୍ରାଚୀ ଗବେଷକ ହଂସନାଥ ସାହୁ, ସ୍ୱାମୀ ସୁଧାନନ୍ଦ ଗିରି, ଚିନ୍ତାମଣି ପର୍ବତ, ଅଭିରାମ ସରସ୍ୱତୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ହ୍ୱିଲ ଚେୟାର ଦିବସ

**କଣ୍ଟାପଡା, ୧।୩(ସୁରନାରାୟଣ ସାହୁ)**

କଟକ ଜିଲା ଓଲଟପୁରସ୍ଥିତ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ଏସ୍‌ଭି ନିରତାର ପକ୍ଷରୁ ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୪୦ ଜଣ ଦିବ୍ୟାଙ୍ଗ ଓ ସେମାନଙ୍କ ସହାୟକମାନଙ୍କୁ କାକଟପୁରସ୍ଥିତ ମା' ମଙ୍ଗଳାଙ୍କ ଦର୍ଶନ ପାଇଁ ନିଆଯାଇଥିଲା। ଅଧାପକ ଶ୍ରୀକାନ୍ତ ମହାରଣା, ଚିତ୍ତରଞ୍ଜନ ମିଶ୍ର, ରାଜେଶ ମହାନ୍ତି, ବିଶ୍ୱଜିତ୍ ଶତପଥୀ, ମୋନାଲିସା ଦାଶ, ପ୍ରତାପ ପରିଡା, ରଶ୍ମିତା ଦାଶ, ବାପିନା ରାଉତଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦିବ୍ୟାଙ୍ଗମାନଙ୍କୁ ନିର୍‌ତାର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି କୃତଜ୍ଞତା ଜଣାଇଛନ୍ତି।

# ଗୋମାଂସ ଚାଲାଣବେଳେ ଉତ୍ତେଜନା

- ■ ଗାଡ଼ି ଭଙ୍ଗାରୁଜା, ଚାଳକଙ୍କୁ ମାଡ଼
- ■ ୨ ମାମଲା ରୁଜୁ, ୧୦ ଗିରଫ

**ନିଶ୍ଚିନ୍ତକୋଇଲି, ୧।୩(ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ଅଚ୍ୟୁତାନନ୍ଦ ମାର୍ଗର ଫକୀରପାଟଣା ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଅବାଧରେ ଗୋମାଂସ ଚାଲାଣକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ଗୋମାଂସ ଚାଲାଣ ହେଉଥିବା ଏକ ଗାଡ଼ିକୁ ଭାଙ୍ଗିରୁଜି ଦେବା ସହ ଗାଡି ଚାଳକଙ୍କୁ ଅମାନୁଷିକ ଭାବେ ମାଡମାରି ଗୁରୁତର କରିଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ପୋଲିସ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଶିଶୁଆ ଉପକାରଗାରକୁ ପଠାଇ ଦିଆଯାଇଛି।

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବାବୁଜଙ୍ଗ ଗ୍ରାମରୁ ଗୁରୁବାର ବିଳମ୍ବିତ ରାତିରେ ପିକ୍‌ଅପ ଭ୍ୟାନ ଯୋଗେ ବସ୍ତାରେ ବନ୍ଧା ହୋଇ ଗୋମାଂସ ଚାଲାଣ ହେଉଥିଲା। ଖବରପାଇ ବଜରଙ୍ଗ ଦଳର ସମର୍ଥକମାନେ ବୁହାଳୋ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଫକୀରପାଟଣା ଗ୍ରାମ ନିକଟରେ ଗାଡ଼ିକୁ ଅଟକାଇଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗୋମାଂସ ଚାଲାଣକୁ ନେଇ ଦୀର୍ଘ ସମୟ ଧରି ପୋଲିସ ଓ ବଜରଙ୍ଗ ଦଳକର୍ମୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରି କି ଉତ୍ୟକ୍ତ କର୍ମୀମାନେ ମାଂସ ଚାଲାଣ କରୁଥିବା ଗାଡିର ଚକକୁ ପଙ୍କ୍ଚର କରିଦେବା ସହ କାଚ ଭାଙ୍ଗି ଦେଇଥିଲେ। ଏଥିସହ ଗାଡି ଚାଳକ ବାବୁଜଙ୍ଗ ଗ୍ରାମର ନୃସିଂହ ସେଠୀଙ୍କୁ ମାଡ଼ମାରି ଗୁରୁତର କରିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛି। ଏଥିସହ ଗୋମାଂସ ଚାଲାଣ କରୁଥିବା ଗାଡିକୁ ଜବତ କରି ଥାନାରେ ରଖିଛି। ଏସମ୍ପର୍କରେ ଉଭୟ ପକ୍ଷରୁ ଥାନାରେ ୨ଟି ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା (ନଂ.୪୬/୨୪) ରୁଜୁ କରି ସରପଡା ଗ୍ରାମର ଅମରପ୍ରସାଦ ସରଣ, ଜଗନ୍ନାଥ ଲେଙ୍କା, କମଳାକାନ୍ତ ପଣ୍ଡା, କେଦାର ବେହେରା, ବାଲିଆପଦା ଗ୍ରାମର ଦୀପକ ମହାନ୍ତି, ବୁହାଳୋ ଗ୍ରାମର ନରେନ୍ଦ୍ର କୁମାର ସାହୁ, ସାଧକନଗର ଗ୍ରାମର କମଳାକାନ୍ତ ବେହେରା, ସାଲେପୁର ଥାନା ଚନ୍ଦ୍ରାଦେଇପୁର ଗ୍ରାମର ଅଭିଷେକ ପଣ୍ଡା, ମାତନଗର ଗ୍ରାମର ମୃତ୍ୟୁଞ୍ଜୟ ଖୁଣ୍ଟିଆ, କୋଲଣପୁର ଗ୍ରାମର ବିଶାଳ ମହାପାତ୍ରଙ୍କୁ ଗିରଫ କରିଛି। ଅପରପକ୍ଷରେ ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ଗୋମଂସ ଚାଲାଣ ଅଭିଯୋଗରେ ମାମଲା (ନଂ ୪୫/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି। ଜବତ ଗୋମାଂସକୁ ସ୍ଥାନୀୟ ନଦୀପଠାରେ ପୋତି ଦିଆଯାଇଛି। ସୂଚନାଥାଉ କି, କିଛିଦିନ ତଳେ ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ନିକଟରେ ଅନୁରୂପ ଭାବେ ଗୋମାଂସ ଚାଲାଣ କରୁଥିବା ଏକ ଗାଡିକୁ ଲୋକେ ପୋଡି ଦେଇଥିଲେ।

## ଗାଡ଼ି ଓଲଟିଲା, ୮ଗୋରୁ ମୃତ

**ବାଙ୍କୀ, ୧।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବୈଦ୍ୟେଶ୍ୱର ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଗୋରୁ ବୋଝେଇ ଗାଡ଼ିରେ ଚଢ଼ାଉ ବେଳେ ଓଲଟି ପଡ଼ିଥିଲା। ଫଳରେ ୮ ଗୋରୁଙ୍କୁ ମୃତ୍ୟୁ ଘଟିଛି। ଏହି ଘଟଣାରେ ଥାନା ଅଧିକାରୀ ପ୍ରିୟଦର୍ଶିନୀ ସେଠୀ ଓ ଜଣେ ପୋଲିସ୍ କର୍ମଚାରୀ ଆହତ ହୋଇଛନ୍ତି। ଅପରପକ୍ଷେ ଉକ୍ତ ଗାଡ଼ିରୁ ୨୨ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ପ୍ରାତଃ ସମୟରେ ବେଗୁନିଆ ଅଞ୍ଚଳରୁ ସମ୍ବଲପୁରକୁ ଗୋଚାଲାଣ ହେଉଥିବା ଖବରପାଇ ବୈଦେଶ୍ୱର ଆରଆଇଙ୍କ କାର୍ଯ୍ୟାଳୟ ନିକଟରେ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରେ ଅନ୍ଧାରର ସୁଯୋଗ ନେଇ ଗାଡି ଡ୍ରାଇଭର ଓ ହେଲପର୍ ଖସିଯିବାକୁ ସକ୍ଷମ ହୋଇଛନ୍ତି। ଅପରପକ୍ଷେ ଆହତ ଗୋରୁମାନଙ୍କ ଚିକିତ୍ସା ପାଇଁ ବୈଦ୍ୟେଶ୍ୱର ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## 'ରମଣ ପ୍ରଭାବ ଲୋକଙ୍କ ଜୀବିକାର ମାଧ୍ୟମ ହୋଇଛି'




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ, ୧।୩ (କାର୍ତ୍ତିକ ସାହୁ)**

ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ(ବୋଷ) ଏବଂ ଓଡ଼ିଶା ବିଜ୍ଞାନ ମଣ୍ଡଳର ମିଳିତ ଆନୁକୂଲ୍ୟରେ ବୋଷ ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ହରିହର ମିଶ୍ର ଯୋଗଦେଇ କହିଛନ୍ତି, ଆଖି ବନ୍ଦ ଥିଲେ ପ୍ରଜ୍ଞାନ, ଆଖି ଖୋଲିଲେ ବିଜ୍ଞାନ। ରମଣ ଆଖି ଖୋଲା ରଖି ଭୂମଧ୍ୟସାଗରର ଜଳରାଶି ଦେଖିଲେ ଓ ଆବିଷ୍କାର କଲେ ରମଣ ପ୍ରଭାବ। ପତ୍ନୀ ଲୋକ ସୁନ୍ଦରୀଙ୍କ ସୁର ଓ ତାନ ଦେଖିଲେ ଓ ଜାତିଜାତିକା ବାଦ୍ୟଯନ୍ତ୍ରରେ କିପରି ସ୍ୱର ସୃଷ୍ଟି ହୁଏ, ତା'ର ସୂତ୍ର ନିର୍ଗମନ କଲେ। ମୁଖ୍ୟବକ୍ତା ଡ. ସତ୍ୟ ତାପସ କହିଛନ୍ତି, ପ୍ରଯୁକ୍ତି ବିଦ୍ୟା ସୁରମ୍ୟ ଅଟ୍ଟାଳିକା ହେଲେ ବିଜ୍ଞାନ ନିଅଁ। ରମଣ ପ୍ରଭାବ ଆଜି ବିଶ୍ୱରେ କୋଟି କୋଟି ଟଙ୍କାର ବଜାର ସୃଷ୍ଟି କରିଛି। ଲକ୍ଷାଧିକ ଲୋକଙ୍କ ଜୀବିକାର ମାଧ୍ୟମ ହୋଇପାରିଛି ବୋଲି ସେ କହିଛନ୍ତି। ବୋଷର ଅଧକ୍ଷ ଡ. ହୃଷୀକେଶ ମହାନ୍ତି କହିଛନ୍ତି, ଜ୍ଞାନ ପ୍ରତି ଶ୍ରଦ୍ଧା ଓ ବିଜ୍ଞାନ ପ୍ରତି ଅଙ୍ଗୀକାରବଦ୍ଧତା ରହିଲେ ୮୦ ବର୍ଷର ବୃଦ୍ଧ ଯୁବକ ଭଳି ପ୍ରତୀୟମାନ ହୁଏ। ଅନୁଷ୍ଠାନର ପାଠ୍ୟ ପରିଚାଳକ ଡା. ସନ୍ତୋଷ କୁମାର ନାୟକ କହିଛନ୍ତି, ସ୍ୱଦେଶୀ ବିଜ୍ଞାନ ଆଧୁନିକ ଭାରତ ନିର୍ମାଣରେ ସହାୟକ ହୋଇପାରିବ। ଓଡ଼ିଶା ବିଜ୍ଞାନ ମଣ୍ଡଳର ଜିଲା ସଂଯୋଜକ ଇଂ. ହିମାଂଶୁ କୁମାର ବେହେରା ସ୍ୱାଗତ ଭାଷଣ ଓ ସମ୍ପାଦକ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିକଶିତ ଭାରତ ନିର୍ମାଣରେ ସ୍ୱଦେଶୀ ବୈଷୟିକ ଜ୍ଞାନର ମହତ୍ତ୍ୱ ପ୍ରସଙ୍ଗରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା।

## ମନ୍ଦିର ପାଚେରିକୁ ଭାଙ୍ଗିଲା ପୂର୍ତ୍ତ ବିଭାଗ

**କଟକ ସଦର, ୧।୩(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବଙ୍କ ମନ୍ଦିରର ଉନ୍ନତୀକରଣ ୫-ଟି ଆନୁକୂଲ୍ୟରେ ପ୍ରାୟ ୪ କୋଟି ୧୬ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ଅଟକଳରେ କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ନଂ.୨ ଦ୍ୱାରା କରାଯାଉଛି। ଉକ୍ତ ମନ୍ଦିର ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବାରୁ ୬ ମାସ ତଳେ ସମ୍ପୃକ୍ତ ବିଭାଗ ମୁଖ୍ୟ ମନ୍ଦିର ଚାରିପଟେ ୧୦ ଲକ୍ଷ ଟଙ୍କା ବ୍ୟୟରେ ପାଚେରି ନିର୍ମାଣ କରିଥିଲା। କିଛିଦିନ ତଳେ ଏହି ପାଚେରିର କିଛି ଅଂଶକୁ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। କାହା ନିର୍ଦ୍ଦେଶରେ ପ୍ରତ୍ନତତ୍ତ୍ୱ ବିଭାଗ ଡିପିଆର୍ ପ୍ରସ୍ତୁତ କରିଥିଲା ଓ ଏବେ ତାହାକୁ କିପରି ଭଙ୍ଗାଗଲା ତାହାର ଉତ୍ତର କାହା ପାଖରେ ନାହିଁ। କୁକୁର ମନ୍ଦିର ଭିତରେ ପଶିଯାଉଥିବାରୁ ପାଚେରି ନିର୍ମାଣ ପାଇଁ ସ୍ଥାନୀୟ ମନ୍ଦିର ପ୍ରଶାସନ ପ୍ରତ୍ନତତ୍ତ୍ୱ ବିଭାଗକୁ ଅନୁରୋଧ କରିଥିଲା। ଏହି ଅନୁରୋଧକୁ ବିଚାର କରି ନିର୍ମାଣ ଆରମ୍ଭ ହୋଇଥିଲା। ୧୯୯୮ରୁ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ରାଜ୍ୟ ସରକାର ନ୍ୟସ୍ତ କରିଛନ୍ତି। ବ୍ୟୟବହୁଳ ରୂପାନ୍ତରୀକରଣ କରାଯାଉଥିଲେ ସୁଦ୍ଧା ପୂର୍ତ୍ତ ବିଭାଗ ଆମ ସହିତ ବିଚାରବିମର୍ଶ ନ କରିବା ଦୁର୍ଭାଗ୍ୟଜନକ ବୋଲି ପ୍ରତ୍ନତତ୍ତ୍ୱ ବିଭାଗର ବରିଷ୍ଠ ଯନ୍ତ୍ରୀ ସରୋଜ ନନ୍ଦ କହିଛନ୍ତି। ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅନୁପ ବେହେରା କହିଛନ୍ତି, ଏହି ମନ୍ଦିର ପ୍ରତ୍ନତତ୍ତ୍ୱ ବିଭାଗ ନିୟନ୍ତ୍ରଣରେ ରହିଥିବା କଥା ଡିପିଆର୍ ପ୍ରସ୍ତୁତବେଳେ ଆମକୁ କେହି କହି ନାହାନ୍ତି। ପାଚେରି ଭଙ୍ଗା ଘଟଣାର ଅନୁସନ୍ଧାନ କରିବା ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ପଠାଇବି ବୋଲି ସେ କହିଛନ୍ତି।

# 'ଶତାବ୍ଦୀର ଶ୍ରେଷ୍ଠ କଥାଶିଳ୍ପୀ କିଶୋରୀଚରଣ'



ସମାରୋହରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ, ୧।୩(କାର୍ତ୍ତିକ ସାହୁ)**

**କିଶୋରୀଚରଣ ଜନ୍ମ ଶତବାର୍ଷିକ ଓ ପୁରସ୍କାର ପ୍ରଦାନ ସମାରୋହ**

ସମକାଳୀନ ଓଡ଼ିଆ ସାହିତ୍ୟରେ ନାନା ପରୀକ୍ଷାନିରୀକ୍ଷା କରି କିଶୋରୀଚରଣ ଆଧୁନିକ ଭାବନାକୁ ବାସ୍ତବ ଭାବରେ ରୂପାୟିତ କରିଛନ୍ତି। ସେ ଥିଲେ ମନନଶୀଳ କଥାଶିଳ୍ପୀ। ଜୀବନ ଓ ସମାଜର ମାର୍ମିକ କଥାକୁ ରୂପଚିତ୍ର ଦେବାରେ ସେ ଯେପରି ସମର୍ଥ ହୋଇଥିଲେ ତା'ର ତୁଳନା ନାହିଁ। ବାସ୍ତବରେ କିଶୋରୀଚରଣ ଥିଲେ ଏକ ଶତାବ୍ଦୀର ଶ୍ରେଷ୍ଠ କଥାଶିଳ୍ପୀ ବୋଲି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକ କହିଛନ୍ତି।

କିଶୋରୀଚରଣ ସ୍ମୃତି ସଂସଦ ଆନୁକୂଲ୍ୟରେ କଟକ ଶତାବ୍ଦୀଭବନଠାରେ କିଶୋରୀଚରଣ ଦାସଙ୍କ ଜନ୍ମ ଶତବାର୍ଷିକ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପଟ୍ଟନାୟକ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଥାକାର ବିଭୂତି ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଜୀବନବୋଧ ଓ ମାନବିକତାକୁ କିଶୋରୀଚରଣ ସ୍ୱକୀୟ ଭାଷାରେ ପ୍ରକାଶ କରି ପାଠକଙ୍କ ଭାବ ବିନୋଦନ କରିବାରେ ସମର୍ଥ ହୋଇଥିଲେ। ସମ୍ମାନିତ ଅତିଥି କବି ହରପ୍ରସାଦ ଦାସ କହିଛନ୍ତି, କିଶୋରୀଚରଣ ଥିଲେ ଆନ୍ତର୍ଜାତିକ ସ୍ତରର ଲେଖକ। ସ୍ମୃତି ସଂସଦ ସଭାପତି ଜଷ୍ଟିସ ବିମଳ ପ୍ରସାଦ ଦାସ ଅଧକ୍ଷତା କରି କହିଛନ୍ତି, କିଶୋରୀ ଚରଣ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ଯେପରି ଭଲ ମଣିଷ ଥିଲେ, ସେହିପରି ତାଙ୍କର ସାହିତ୍ୟ ଥିଲା ଭଲ ମଣିଷମାନଙ୍କର ଜୀବନକାହାଣୀ। ଏହି ଅବସରରେ କଥାକାର ଦେବବ୍ରତ ମଦନରାୟଙ୍କୁ କିଶୋରୀଚରଣ ଜନ୍ମ ଶତବାର୍ଷିକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଯୁବ କଥାଶିଳ୍ପୀ ସ୍ନେହଲତା ଦାସ ଲେଙ୍କା, ସୁଧୀର କୁମାର ଧାଙ୍ଗଡ଼ାମାଝୀ ଓ ଯୋଗେଶ୍ୱର ପଣ୍ଡାଙ୍କୁ କିଶୋରୀଚରଣ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦ ଦ୍ୱାରା ବିଦ୍ୟାପୁରୀ ପକ୍ଷରୁ ପ୍ରକାଶିତ ଶତାବ୍ଦୀ କଥାଶିଳ୍ପୀ କିଶୋରୀଚରଣ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସ୍ମୃତି ସଂସଦ ସମ୍ପାଦକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଓ ସଦସ୍ୟ ତରୁଣ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡ. ଅଭୟ କୁମାର ରାଉତ, ସୁକାନ୍ତ ପ୍ରସାଦ ନନ୍ଦ, ଶିବାଶିଷ କର, ଡ. ସାରଦା ପ୍ରସାଦ ମହାନ୍ତି ପ୍ରମୁଖ ମାନପତ୍ର ପାଠ କରିଥିଲେ। ଦୁଷ୍ମନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଭାଜପାର ବନ୍ଧୁମିଳନ କାର୍ଯ୍ୟକ୍ରମ

**କଟକ, ୧।୩(ଶିକ୍ଷା ପ୍ରିୟଦର୍ଶିନୀ)**

ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଭାଜପା ସଙ୍ଗଠନ ପକ୍ଷରୁ ତ୍ରିଶୂଳିଆସ୍ଥିତ ମୁଣ୍ଡମୁହାଣଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଜପାର ରାଜ୍ୟ ଓବିସି ନେତା ପ୍ରତାପ ରାଉତରାୟ, ଅଭିନେତ୍ରୀ ଶ୍ୱେତା ଆଚାର୍ଯ୍ୟ, ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ରାଜ୍ୟ ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ରାଉତ ଯୋଗଦେଇଥିଲେ। ଆସନ୍ତା ୫ ତାରିଖରେ ଚଣ୍ଡିଖୋଲଠାରେ ଏକ ସମାବେଶ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ସମାବେଶରେ କଟକରୁ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେବା ନେଇ ବୈଠକରେ ଆଲୋଚନା ହୋଇଛି। ଦଳ ବିରୋଧୀ କାର୍ଯ୍ୟ କରୁଥିବା କର୍ମୀଙ୍କୁ ଦଣ୍ଡ ବିଧାନ ପାଇଁ ନଗର ଉପସଭାପତି ଦେବାଶିଷ ଘୋଷଙ୍କ ନେତୃତ୍ୱରେ ଜିଲା ଶୃଙ୍ଖଳା କମିଟି ସାଧାରଣ ସମ୍ପାଦକ ବିବେକାନନ୍ଦ ନାୟକ, ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ମିଶ୍ର, ଭାଗୀରଥି ଦଳେଇଙ୍କୁ ନେଇ ଟିମ୍ ଗଠନ କରାଯାଇଛି। ଏହି ବୈଠକରେ ଲବେନ୍ଦ୍ର କର୍ମକାର, ବିସ୍ତାରକ ରବୀନ୍ଦ୍ର ରାଉତ, ମନୋଜ ପତି, ରତନ ମହାନ୍ତି, କବିରଞ୍ଜନ ମହାନ୍ତି, ନିରଞ୍ଜନ ବେହେରା, କୀର୍ତ୍ତି ସାମଲ, ତପନ ବେହେରା, ସମସ୍ତ ବୁଥ୍ ସଭାପତିଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ୩ ମାସର ଦରମା ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧।୩ (କାର୍ତ୍ତିକ ସାହୁ)**

ଭୁବନେଶ୍ୱରସ୍ଥିତ ସିନର୍ଜି ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷଙ୍କ ବେଆଇନ କାର୍ଯ୍ୟକୁ ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ବିଚାରପତି ଅରିନ୍ଦମ ସିହ୍ନା ଏନେଇ ଆଗତ ମାମଲାର ରାୟ ପ୍ରକାଶ କରି ୩ ମାସର ବକେୟା ଦରମା ହିସାବ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ଉକ୍ତ କଲେଜରେ ମୋବିଲାଇଜେସନ ହେଡ୍ ଭାବେ ଜ୍ୟୋତିର୍ମୟ ମହାପାତ୍ର ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିଲେ। ମାତ୍ର କଲେଜ କର୍ତ୍ତୃପକ୍ଷ ତାଙ୍କୁ ବିନା କାରଣରେ ୩ ମାସର ଦରମା ନ ଦେଇ ବେଆଇନ ଭାବେ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ଏହି କାର୍ଯ୍ୟକୁ ବିରୋଧ କରି ମହାପାତ୍ର ପ୍ରଥମେ ଶ୍ରମିକ ଅଦାଲତ ଓ ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଉମାରାଣୀ ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ଦାୟିତ୍ୱ ନେଲେ ସିଏମ୍‌ସି କମିଶନର

**କଟକ, ୧।୩ (କାର୍ତ୍ତିକ ସାହୁ)**



କଟକ ମହାନଗର ନିଗମ(ସିଏମ୍‌ସି)ର ନୂତନ କମିଶନର ଭାବେ ବିଜୟ କୁମାର ଦାଶ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ପୁରୀ ଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ପୂର୍ବତନ କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିବା ପରେ ସିଏମ୍‌ସିର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ସେହିପରି କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ଉପାଧକ୍ଷ ଭାବେ ଦାଶ ମଧ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ମିଳିବା ପରେ ସେ ସିଡିଏ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସିଡିଏ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଆୟୋଜିତ ଏକ ବୈଠକରେ ଦାଶ କର୍ମଚାରୀଙ୍କ ସହ ଆଲୋଚନା କରି ସିଡିଏର ଉନ୍ନତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପାଧକ୍ଷ ଦାଶ ସିଡିଏ ଅଧକ୍ଷ ଅନୀଲ କୁମାର ସାମଲଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ।




ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ ପାଳନ ଅବସରରେ କଟକ ସାରଳା ଭବନରେ ଜିଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଶିଶୁଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଦହିବରା ଖାଇ ଦିବସ ପାଳିଲେ



ଏକଷ୍ଟଲରେ ଯୁବତୀ ଓ ଯୁବକ ଦହିବରା ଖାଉଛନ୍ତି।

**କଟକ, ୧।୩(ଶିକ୍ଷା ପ୍ରିୟଦର୍ଶିନୀ)**

**ଦହିବରା ଦିବସ**

ସକାଳ ଜଳଖିଆ, ଲଞ୍ଚ ଅବା ଡିନରରେ ଦହିବରା ମିଳିଲେ ଖାଇବାକୁ ଆମେ ବିଲ୍‌କୁଲ୍ ମନା କରି ନ ଥାଉ। ଏତେ ଟେଷ୍ଟି ଯେ ଗୋଟିଏ ପ୍ଲେଟ୍ ଖାଇଦେଲେ ମନ ପୂରା ଶାନ୍ତି ହୋଇଯାଏ। ଏଭଳି ଷ୍ଟ୍ରିଟ୍ ଫୁଡ୍ ଖାଇବାକୁ ଠେଲାଗାଡି ପାଖରେ ଲୋକଙ୍କ ଭିଡ ଜମିଥାଏ। ଦହିବରା ସାଙ୍ଗକୁ ଆଳୁଦମ ଓ ଘୁଗୁନି। ତାହା ଉପରେ ପିଆଜ, ଧନିଆପତ୍ର ଓ ସେଉ ଦେଇ ଗ୍ରାହକଙ୍କ ହାତକୁ ବଢାଇ ଦେଇଥାନ୍ତି ବ୍ୟବସାୟୀ। ଲୋକମାନେ ଏହାକୁ ଆନନ୍ଦରେ ଖାଇ ସାରିବା ପରେ ଦହିପାଣି ପିଇବାକୁ ଭୁଲି ନ ଥାନ୍ତି। ମାର୍ଚ୍ଚ ପହିଲାକୁ ଦହିବରା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଶୁକ୍ରବାର କଟକର ବିଭିନ୍ନ ସ୍ଥାନରେ ଦହିବରା ଖାଇବା ପାଇଁ ଲୋକଙ୍କ ଭିଡ ଲାଗିଥିଲା। କାରଣ ଅନ୍ୟ ଅଞ୍ଚଳ ଅପେକ୍ଷା କଟକରେ ଦହିବରାର ସ୍ୱାଦ ଭିନ୍ନ। କଟକ ବାରବାଟୀ ଷ୍ଟାଡିୟମ, ନୟାସଡ଼କ, ନୂଆପାଟଣା, ମଙ୍ଗଳାବାଗ, ବିଡାନାସୀ, ହାଇକୋର୍ଟ ଛକ ଆଦି ସ୍ଥାନରେ ଥିବା ଷ୍ଟଲ୍‌ରେ ଲୋକମାନେ ଦହିବରା ଖାଇ ଏହି ଦିବସକୁ ପାଳନ କରିଥିଲେ।





"ଦହିବରା କଟକବାସୀଙ୍କ ପ୍ରିୟ ଖାଦ୍ୟ। ସକାଳ ଜଳଖିଆଠାରୁ ରାତି ଖାଇବା ଯାଏ ଲୋକ ଏହାକୁ ଖାଇବାକୁ ପସନ୍ଦ କରିଥାନ୍ତି। ଦହିବରା ଦିବସରେ ଅଧିକ ପରିମାଣରେ ପ୍ରସ୍ତୁତି କରିଛି। ଭଲ ବ୍ୟବସାୟ ମଧ ହୋଇଛି।

**ରମେଶ ଗୋଚ୍ଛି, ଦହିବରା ବ୍ୟବସାୟୀ**



"କଟକ ଦହିବରାର ସ୍ୱାଦ ଅନ୍ୟ କେଉଁଠି ମିଳେନାହିଁ। ଏଠାକାର ଦହିବରା ଦେଶରେ ବେଶ୍ ଲୋକାଦୃତ ହୋଇପାରିଛି। ଶୁକ୍ରବାର ମୁଁ ଏବଂ ମୋ ପରିବାର ଲୋକେ ଦହିବରା ଖାଇ ଦିବସକୁ ଖୁସିରେ ପାଳନ କରିଥିଲୁ।

**ନିରଜା ମିଶ୍ର, ଗ୍ରାହକ**



"ପ୍ରାୟ ୩୦ ବର୍ଷ ହେବ ଦହିବରା ବ୍ୟବସାୟ କରି ଆସୁଛି। ଦହିବରାର ଚାହିଦା ସବୁବେଳେ ରହିଥାଏ। ହେଲେ ଦହିବରା ଦିବସରେ ଲୋକେ ଅଧିକ ଖାଇବାକୁ ପସନ୍ଦ କରିଥାନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିକ୍ରି ପାଇଁ ଅଧିକ ପରିମାଣରେ ଦହିବରା ପ୍ରସ୍ତୁତ କରିଥିଲି। ଆଶାଠୁ ଅଧିକ ବେପାର ହୋଇଛି।

**ମେଘନାଥ ସାହୁ, ଦହିବରା ବ୍ୟବସାୟୀ**



"ମା' ହାତ ତିଆରି ଖାଦ୍ୟର ସ୍ୱାଦ ଯେଭଳି କୋଉଠି ମିଳେ ନାହିଁ, ଠିକ୍ ସେପରି କଟକ ଦହିବରାର ସ୍ୱାଦ ଅନ୍ୟ କେଉଁଠି ମିଳେନି। ଦହିବରା କଟକିଆଙ୍କ ଗର୍ବ। ଦହିବରା ଖାଇ ଦହିପାଣି ପିଇଲେ ଆତ୍ମତୃପ୍ତି ମିଳେ। ଶୁକ୍ରବାର ଦହିବରା ଦିବସରେ ଦହିବରା ଖାଇ ଦିବସକୁ ଧୁମ୍‌ଧାମ୍‌ରେ ପାଳନ କରିଥିଲି।

**ସରିତା ଦାସ, ଗ୍ରାହକ**

"ଦୁଇଦିନ ହେବ ସୋସିଆଲ ମିଡ଼ିଆରେ ଅନ୍‌ଲାଇନ୍ ପୋଲିଂ କରିଥିଲୁ। ଏଥିରେ ୩୦ ଜଣ ବ୍ୟବସାୟୀଙ୍କ ମଧ୍ୟରୁ ଲୋକମାନେ ୧୫ ଜଣଙ୍କୁ ଚୟନ କରିଥିଲେ। ତଦନୁଯାୟୀ ଶୁକ୍ରବାର ଦହିବରା ଦିବସରେ ସେମାନଙ୍କୁ ସମ୍ମାନିତ କରିଛୁ।

**ରଶ୍ମିରଞ୍ଜନ ପ୍ରଧାନ, ସିଲଭର୍‌ସିଟି ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା**



ଦହିବରା, ଆଳୁଦମ ଓ ଘୁଗୁନି ପ୍ରସ୍ତୁତିରେ କେତେକ ବ୍ୟବସାୟୀ ଘରୋଇ ମସଲା ବ୍ୟବହାର କରିଥାନ୍ତି। ଯାହା ପାଟିକୁ ସ୍ୱାଦିଷ୍ଟ ଲାଗିଥାଏ। ଦହିବରା ମଧ୍ୟରେ ମିଠା ଓ ଖଟା ବରା ରହିଛି। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ବ୍ୟବସାୟୀ ପରସି ଦେଇଥାନ୍ତି। ଦହିବରା ହାଫ୍ ପ୍ଲେଟ୍ ଦର ୫୦ ଟଙ୍କା ଓ ଫୁଲ୍ ପ୍ଲେଟ୍ ଦର ୬୦ ଟଙ୍କା ରହିଛି। ଦହିବରା ଦିବସ ଉପଲକ୍ଷେ ସିଲଭର ସିଟି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୋସିଆଲ ମିଡ଼ିଆରେ ୩୦ ଜଣ ଦହିବରା ବ୍ୟବସାୟୀଙ୍କୁ ନେଇ ଅନ୍‌ଲାଇନ ପୋଲିଂ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ କଟକବାସୀ ଚୟନ କରିଥିବାରୁ ଉକ୍ତ ଟ୍ରଷ୍ଟ ପକ୍ଷରୁ ବ୍ୟବସାୟୀଙ୍କୁ ଲାଇଭ ଚିତ୍ର ଆଙ୍କି ଫଟୋଚିତ୍ର ଦେଇ ସମ୍ମାନିତ କରାଯାଇଛି।

**କାର୍ ପଛକୁ ଧକ୍କାଦେଲା ବାଇକ୍, ୨ ଗୁରୁତର**

ବାରଙ୍ଗ, (ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅଧୀନ ପାଟପୁର ଗ୍ରାମ ନିକଟରେ ଶୁକ୍ରବାର କାର୍‌କୁ ବାଇକ୍ ଧକ୍କା ଦେବାରୁ ଷଣ୍ଢପୁର ଗ୍ରାମର ସୁବ୍ରତ ବେହେରା ଓ ଶାନ୍ତନୁ ବେହେରା ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଏକ କାର୍ ଦ୍ରୁତଗତିରେ କଟକ ଅଭିମୁଖେ ଯାଉଥିଲାବେଳେ ପାଟପୁର ନିକଟରେ ଏକ ଗାଈ କାର ସମ୍ମୁଖକୁ ଆସିବାରୁ ଚାଳକ ବ୍ରେକ ମାରିଥିଲେ। ଫଳରେ ପଛପଟୁ ଆସୁଥିବା ବାଇକଟି କାର୍ ପଛକୁ ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ୨ଜଣ ଆହତ ହୋଇଥିଲେ। ବାରଙ୍ଗ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

# ଅଧା ରହିଗଲା ହାତଗଣ୍ଠି

## ବେଦୀରୁ ବରଙ୍କୁ ଉଠାଇନେଲା ପୋଲିସ

### ଦ୍ୱିତୀୟ ବିବାହ ଅଭିଯୋଗ ଆଣି ମହିଳାଙ୍କ ହୋହଲ୍ଲା

ଭୁବନେଶ୍ୱର,୧।୩ (ସୂର୍ଯ୍ୟକାନ୍ତ ବେହେରା)



ଭୁବନେଶ୍ୱର ରାଜଭବନ ପଛ ପାର୍ଶ୍ୱ ରାଧାକୃଷ୍ଣ ମନ୍ଦିର ପରିସରରେ ହେଉଥିଲା ବାହାଘର। ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେଉଥିଲା ବିବାହମଣ୍ଡପ। ବେଦୀରେ ହାତଗଣ୍ଠି କାର୍ଯ୍ୟକ୍ରମ ଚାଲୁଥିବାବେଳେ ଜଣେ ମହିଳା ପହଞ୍ଚି ନିଜକୁ ପ୍ରଥମ ସ୍ତ୍ରୀ ଦାବି କରି ହୋହଲ୍ଲା କରିବା ସହ ବାହାଘରକୁ ଅଟକାଇଥିଲେ। ପରେ ଅଭିଯୋଗ ପାଇ କ୍ୟାପିଟାଲ ଥାନା ପୋଲିସ ବିବାହ ମଣ୍ଡପରୁ ବରକୁ ଉଠାଇ ନେଇ ଥାନାରେ ପଚରାଉଚରା କରୁଛି। ଅଟକ ଥିବା ବର ଜଣକ ହେଲେ ଜିତେନ୍ଦ୍ର ସ୍ୱାଇଁ।

ଅଭିଯୋଗ ଅନୁସାରେ, ୨୦୦୯ ମସିହାରେ ଜିତେନ୍ଦ୍ର କୋଲକାତା ଯାଇଥିଲେ। ସେଠାରେ ରମା ନାମକ ଜଣେ ଯୁବତୀଙ୍କ ସଂସ୍ପର୍ଶରେ ଆସିଥିଲେ। ଉଭୟ ପ୍ରେମ କରିବା ସହ କୋର୍ଟ ମ୍ୟାରେଜ କରି ଏକାଠି ରହିଥିବା ରମା ଅଭିଯୋଗ କରିଛନ୍ତି। ମଝିରେ ମଝିରେ ବାହାନା କରି ଜିତେନ୍ଦ୍ର ଭୁବନେଶ୍ୱର ଆସୁଥିଲେ। ହେଲେ ଭୁବନେଶ୍ୱର ନ ଆଣିବାରୁ ରମାଙ୍କ ମନରେ ସନ୍ଦେହ ହୋଇଥିଲା। ଜିତେନ୍ଦ୍ର ଭୁବନେଶ୍ୱରରେ ଦ୍ୱିତୀୟ ବିବାହ କରୁଥିବା ରମା ଜାଣିବାକୁ ପାଇ କେତେଜଣ ସମାଜସେବୀଙ୍କ ସହାୟତାରେ କୋଲକାତାରୁ ଭୁବନେଶ୍ୱର ଆସି ରାଧାକୃଷ୍ଣ ମନ୍ଦିରରେ ବାହାଘର ଚାଲିଥିବା ବେଳେ ଅଟକାଇଥିଲେ। କୋର୍ଟ ବିବାହ ପ୍ରମାଣ ପତ୍ର ଧରି ରମା ହୋହଲ୍ଲା କରିବାରୁ ଜିତେନ୍ଦ୍ରଙ୍କ ପରିବାର ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। କ୍ୟାପିଟାଲ ଥାନା ପୋଲିସ ବାହା ମଣ୍ଡପରେ ପହଞ୍ଚି ବେଦୀରୁ ଜିତେନ୍ଦ୍ର, ତାଙ୍କ ପରିବାର ଲୋକ ଓ ପ୍ରଥମ ସ୍ତ୍ରୀ ବୋଲି ଦାବି କରୁଥିବା ମହିଳା ରମାଙ୍କୁ ଥାନାକୁ ନେଇଯାଇଥିଲା। ସେପଟେ ଜିତେନ୍ଦ୍ର ଓ ତାଙ୍କ ପରିବାର ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ପରିବାର ପକ୍ଷରୁ କୁହାଯାଇଛି, ଜିତେନ୍ଦ୍ର ସେହି ମହିଳାଙ୍କୁ ବିବାହ କରିନାହାନ୍ତି। ସେ ନକଲି ବିବାହ ସାର୍ଟିଫିକେଟ ବାହାର କରି ବିବାହ ବନ୍ଦ କରୁଛି। ସେହି ମହିଳାଙ୍କୁ ଜିତେନ୍ଦ୍ର ଚିହ୍ନି ନାହାନ୍ତି। ଏପଟେ ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁଧାଂଶୁ ଜେନା କହିଛନ୍ତି। ମହିଳା ଜଣକ ଜିତେନ୍ଦ୍ରଙ୍କୁ ବିବାହ କରିଥିବାର ଯେଉଁ ପ୍ରମାଣ ପତ୍ର ଦେଖାଉଛନ୍ତି ତାହା ଫେକ୍ ବୋଲି ଓଡିଶା କୋର୍ଟ ତାକୁ କ୍ୟାନସେଲ କରିଥିବା ଜଣାପଡିଛି। ତେଣୁ ମହିଳାଙ୍କ ପାଖରେ ଅନ୍ୟ ପ୍ରମାଣ କ'ଣ ରହିଛି ସେନେଇ ତାଙ୍କୁ ଏବଂ ଜିତେନ୍ଦ୍ରଙ୍କୁ ପଚରାଉଚରା ଚାଲିଥିବା ସେ କହିଛନ୍ତି।

# ଦେଢ଼ଲକ୍ଷ ଟଙ୍କା, ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

ଭୁବନେଶ୍ୱର,୧।୩ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ପୁଣି ସିନ୍ଧିଚୋର ଗ୍ୟାଙ୍ଗ ମାତିଛନ୍ତି। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ନୀହାର ରଞ୍ଜନ ବିଶ୍ୱାଳଙ୍କ ଘରୁ କେତେଜଣ ଦୁର୍ବୃତ୍ତ ଗୁରୁବାର ରାତିରେ ୧୫ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ସହିତ ନଗଦ ଦେଢ଼ ଲକ୍ଷ ଟଙ୍କା ଚୋରିକରି ନେଇଛନ୍ତି। ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ନେଇ ତଦନ୍ତ ଆରମ୍ଭ କରିଛି। ଏନେଇ ନୀହାର କହିଛନ୍ତି, ଗୁରୁବାର ଆମେ କେହି ଘରେ ନ ଥିଲୁ। ଘରୁ ଚୋରି ହୋଇଥିବା ନେଇ ଶୁକ୍ରବାର ସକାଳେ ଘର ମାଲିକ ଫୋନ କରି କହିଥିଲେ। ଝରକାର ଗ୍ରୀଲ ତଡା ହୋଇଥିଲା। ଘରେ ପହଞ୍ଚି ଦେଖିଲା ବେଳକୁ ଦୁର୍ବୃତ୍ତମାନେ ଲକର ତାଡି ସେଥିରୁ ୧୫ ଲକ୍ଷରୁ ଅଧିକ ଟଙ୍କାର ସୁନାଗହଣା ନେଇ ଯାଇଛନ୍ତି। ସୂଚନାଯୋଗ୍ୟ, କମିଶନରେଟ ପୋଲିସ ଗୁରୁବାର ଆପାର୍ଟମେଣ୍ଟରୁ ଚୋରି କରୁଥିବା ଏକ ଗ୍ୟାଙ୍ଗର ୯ ଜଣ ସଦସ୍ୟଙ୍କୁ ଧରିଥିଲା। ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ପୋଲିସ ଧରିବା ପରେ ରାଜଧାନୀବାସୀ ଟିକେ ଆଶ୍ୱସ୍ତ ହୋଇଥିଲେ। ହେଲେ ସେହି ରାତିରେ ପୁଣି ରାଜଧାନୀରେ ଚୋରି ହେବା ପରେ କମିଶନରେଟ ପୋଲିସକୁ ପୁଣି ଚିନ୍ତାରେ ପକାଇଛି।

# ପୁଣି ବନ୍ଦ ହେବ କୁକୁର ବନ୍ଧ୍ୟାକରଣ

ଭୁବନେଶ୍ୱର, ୧।୩ (ବନ୍ଦନା ସେଠୀ)

### ୭ଦିନରେ ରିପୋର୍ଟ ଦେବାକୁ ବିଏମ୍‌ସିକୁ ଏଡବ୍ଲୁବିଆଇର ନିର୍ଦ୍ଦେଶ

କୁକୁର ବନ୍ଧ୍ୟାକରଣ ବା ଆନିମଲ୍ ବାର୍ଥ କଣ୍ଟ୍ରୋଲ (ଏବିସି) ପାଇଁ ସଂସ୍ଥା ଚୟନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କରିଥିବା ଚଞ୍ଚକତା ସ୍ପଷ୍ଟ ହୋଇଛି। ଅନୁମୋଦନ ମିଳି ନ ଥିବା ସଂସ୍ଥାକୁ ବିଏମ୍‌ସି କର୍ତ୍ତୃପକ୍ଷ ଅନୁକମ୍ପା ଦେଖାଇ ବନ୍ଧ୍ୟାକରଣ ପାଇଁ ଚୁକ୍ତି କରିଥିବା ଘଟଣା ଜଣାପଡ଼ିବା ପରେ ଆନିମଲ୍ ୱେଲଫେୟାର ବୋର୍ଡ ଅଫ୍ ଇଣ୍ଡିଆ (ଏଡବ୍ଲୁବିଆଇ) ଆଉଏକ ଚିଠି ଜାରି କରିଛି। ମହାରାଷ୍ଟ୍ରର ସଂସ୍ଥା 'ଭେଟ୍ ଫର୍ ଆନିମଲ୍' ଜରିଆରେ କରାଯାଉଥିବା ବନ୍ଧ୍ୟାକରଣକୁ ତୁରନ୍ତ ବନ୍ଦ କରିବା ପାଇଁ ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଚିଠି ପାଇବାର ୭ଦିନ ମଧ୍ୟରେ କ'ଣ ପଦକ୍ଷେପ ନିଆଗଲା ତାହା ରିପୋର୍ଟ ପ୍ରଦାନ କରିବାକୁ ଉଲ୍ଲେଖ ରହିଛି। ଏଡବ୍ଲୁବିଆଇର ୱେବ୍‌ସାଇଟ୍‌ରେ ରହିଥିବା ସୂଚନା ଅନୁଯାୟୀ, ଆନିମଲ୍ ବାର୍ଥକଣ୍ଟ୍ରୋଲ ରୁଲ୍ ୨୦୨୩ର ରୁଲ୍ ୩ ଅନୁଯାୟୀ, ମୋଟ୍ ୧୪ଟି ସଂସ୍ଥାକୁ ଏବିସି କାର୍ଯ୍ୟକ୍ରମ କରିବାକୁ ଅନୁମତି ଦିଆଯାଇନାହିଁ। ସେଥିମଧ୍ୟରେ ମହାରାଷ୍ଟ୍ରର ସମ୍ପୃକ୍ତ ସଂସ୍ଥାର ନାମ ରହିଛି। ଏନେଇ ଖବର ପ୍ରକାଶିତ ହେବାପରେ ଘଟଣା ସାମ୍ନାକୁ ଆସିଥିଲା। ସମ୍ପୃକ୍ତ ସଂସ୍ଥାର ଅନୁମୋଦନ ସାର୍ଟିଫିକେଟ୍ ନ ଥିବାବେଳେ ନିୟମ ଉଲ୍ଲଂଘନ କରି କୁକୁର ଅସ୍ତ୍ରୋପଚାର କରୁଥିବା ନେଇ ପିପୁଲ୍ ଫର୍ ଆନିମଲ୍‌ର ସନ୍ତୋଷ ଦାସ ଏବଂ ଜୀବନ ବଲ୍ଲଭ ଦାସ ୨୦୨୩ ମେ' ୧୬ରେ ଏଡବ୍ଲୁବିଆଇରେ ଅଭିଯୋଗ କରିଥିଲେ।

# ଦିବ୍ୟାଙ୍ଗଙ୍କ ସଙ୍ଗୀତରେ ବିମୋହିତ ଶ୍ରୋତା

ଭୁବନେଶ୍ୱର, ୧।୩ (ବନ୍ଦନା ସେଠୀ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହାୟତାରେ ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍‌ଚରାଲ୍ ଟ୍ରଷ୍ଟ ଦ୍ୱାରା ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଫରେଷ୍ଟପାର୍କ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିରେ ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ବିଷ୍ଣୁପଦ ସେଠୀ ଏବଂ କାଦମ୍ବିନୀ କୁନିକଥା ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତ ଯୋଗଦେଇଥିଲେ। ସଙ୍ଗୀତ ସନ୍ଧ୍ୟାରେ ବିଶ୍ୱନାଥ, ବାଳକୃଷ୍ଣ, ବିଶ୍ୱରଞ୍ଜନ, ସାଇସ୍ମିତା, ପ୍ରଶାନ୍ତ, ଅମୀୟ କୁମାର, ଜୁଲି ଜେନା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ସିତାଂଶୁ ଶେଖର ରାଉତଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଟ୍ରଷ୍ଟର ଅଧ୍ୟକ୍ଷା ମିନତୀ ମଲ୍ଲ ମଞ୍ଚ ପରିଚାଳନା କରିଥିଲେ।

# ଯବାନ, ଯୁବକଙ୍କଠାରୁ ୫ ଲକ୍ଷ ଲୁଟିନେଲେ ସାଇବର ଠକ

ଭୁବନେଶ୍ୱର,୧।୩ (ସୂର୍ଯ୍ୟକାନ୍ତ ବେହେରା)

ସବୁବେଳେ ସାଇବର ଠକେଇ ନେଇ ସଚେତନ କରାଯାଉଛି। ହେଲେ ଏଥିରୁ ମୁକୁଳି ପାରୁନାହାନ୍ତି ଲୋକେ। ସାଇବର ଠକମାନେ ନୂଆ କୌଶଳ ଆପଣାଇ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି। ଏବେ ସାଇବର ଠକେଇର ଶିକାର ହୋଇ ଜଣେ ଯବାନ ଓ ଅନ୍ୟଜଣେ ଯୁବକ ପାଖାପାଖି ୫ଲକ୍ଷ ଟଙ୍କା ହରାଇଛନ୍ତି। ସାଇବର ଠକମାନେ ହସ୍ପିଟାଲ ଫୋନ୍ ନମ୍ବରକୁ ହ୍ୟାକ୍ କରି ଜଣେ ଯୁବକଙ୍କ ଆକାଉଣ୍ଟରୁ ୨୩ହଜାର ଟଙ୍କା ଓ କ୍ରେଡିଟ୍ କାର୍ଡ ବନ୍ଦ ଆଳରେ ଯବାନଙ୍କ ଆକାଉଣ୍ଟରୁ ୪.୭୫ ଲକ୍ଷ ଚଲୁ କରିଥିବା ସାଇବର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଠକେଇର ଶିକାର ହୋଇଥିବା ଯୁବକଙ୍କ ବାପା ବ୍ରେନ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇଥିବାରୁ ଫାୟାର ଷ୍ଟେସନ ନିକଟ ବିବେକାନନ୍ଦ ହସ୍ପିଟାଲରେ ଚିକିତ୍ସିତ କରାଇଥିଲେ। କିଛିଦିନ ପରେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଥିଲା। ମେଡିକାଲ ଡକ୍ୟୁମେଣ୍ଟ ପାଇଁ ଯୁବକ ହସ୍ପିଟାଲକୁ ଫୋନ୍ କରିବାକୁ ଗୁଗଲ ସର୍ଚ୍ଚରେ ନମ୍ବର ଖୋଜିଥିଲେ। ଗୁଗଲରୁ ହସ୍ପିଟାଲ ଫୋନ ନମ୍ବର ପାଇ କଲ୍ କରିଥିଲେ। ଡକ୍ୟୁମେଣ୍ଟ ପାଇବା ପାଇଁ ଯୁବକଙ୍କୁ ୧ ହଜାର ଟଙ୍କା ପଠାଇବାକୁ କୁହାଯାଇଥିଲା। ୟୁପିଆଇ ଜରିଆରେ ଉକ୍ତ ଟଙ୍କା ପୈଠ ବେଳେ ଯୁବକଙ୍କ ଆକାଉଣ୍ଟରୁ ୨୩ ହଜାର ଟଙ୍କା କଟିଯାଇଥିଲା। ଏହାଦେଖି ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ସେପଟେ ହସ୍ପିଟାଲ ନମ୍ବର ହ୍ୟାକ୍ ହୋଇଥିବା କହିଛନ୍ତିକି ହସ୍ପିଟାଲ କର୍ତ୍ତୃପକ୍ଷ। ଏହାସହ ଗୁଗ୍‌ଲ ସର୍ଚ୍ଚରେ ଆସୁଥିବା ହସ୍ପିଟାଲ ନମ୍ବରରେ କେହି ଟଙ୍କା ନ ପଠାଇବାକୁ ପରାମର୍ଶ ଦିଆଯାଇଛି। ସେହିପରି ସାଇବର ଠକଙ୍କ ଜାଲରେ ପଡି ଜଣେ ଯବାନ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ହରାଇଛନ୍ତି। କ୍ରେଡିଟ କାର୍ଡ ବନ୍ଦ କରାଇବା ଆଳରେ ଯବାନଙ୍କଠାରୁ ୪ ଲକ୍ଷ ୭୫ ହଜାର ଟଙ୍କା ଲୁଟି ନେଇଛନ୍ତି ସାଇବର ଠକ। କ୍ରେଡିଟ କାର୍ଡ ନମ୍ବର ସହ ସିଭିଭି ନମ୍ବର ମାଗି ଯବାନଙ୍କୁ ଏପରି ଚଲୁ କରିଥିବା ଜଣାପଡିଛି।


**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

No.RDM-LAA-BLS-0008-2023-4779/R&DM, Dated 21 FEB 2024

No.III-10:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ବାଙ୍କତିରା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ବାଙ୍କତିରା, ଥାନା- ବାଲେଶ୍ୱର ସଦର ନଂ.୧୧, ତହସିଲ- ରେମୁଣା, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୨୭ ଭୂମି ଅର୍ଜନ ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ବାଙ୍କତିରା ସବ୍-ମାଇନର ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ରେମୁଣା | ବାଙ୍କତିରା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୯୩ | ଏ.୦.୨୭ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ନୃସିଂହ ଚରଣ ସ୍ୱାଇଁ), ସ୍ୱତନ୍ତ୍ର ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା- ୩୧/୨୦୨୨ ଏ.୦.୨୭ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ରଘୁନାଥପୁର ଡିଷ୍ଟ୍ରିବ୍ୟୁଟାରି, ବାଙ୍କତିରା ସବ୍-ମାଇନର, ମୌଜା- ବାଙ୍କତିରା, ଥାନା- ବାଲେଶ୍ୱର, ସଦର ନଂ.-୧୧, ତହସିଲ - ରେମୁଣା, ଜିଲ୍ଲା- ବାଲେଶ୍ୱର

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୩୫ | ୪ | ୦.୧୪ | ୦.୦୨ | ଶାରଦ ଦୁଇ | ଶ୍ୟାମସୁନ୍ଦର ଯେନା, ପରୀକ୍ଷିତ ଯେନା, ବାୟାଣୀ ଯେନା, ପି: |
| | ୯ | ୦.୩୪ | ୦.୧୪ | ଶାରଦ ଦୁଇ | ଭଗିନି ଯେନା, ଗଦାଧର ଯେନା, ରତ୍ନାକର ଯେନା, ଭାଗବତ ଯେନା, ଚଞ୍ଚଳା ଯେନା, ପି: ନିତ୍ୟାନନ୍ଦ ଯେନା, ଚେମି ଯେନା, ସ୍ୱା: ନିତ୍ୟାନନ୍ଦ ଯେନା, ଅଗଣା ଯେନା, ଅନହେଳି ଯେନା, ରଥି ଯେନା, କଟିବୁଢୀ ଯେନା, ପି: ବୃନ୍ଦାବନ ଯେନା, ମଥୁରି ଯେନା, ସ୍ୱା: ବୃନ୍ଦାବନ ଯେନା, ପୂର୍ଣ୍ଣଚନ୍ଦ୍ର ଯେନା, ପି: ଗୋପୀନାଥ ଯେନା, ଲକ୍ଷ୍ମୀଧର ଯେନା, ବଳଭଦ୍ର ଯେନା, ରାଜ ଯେନା, ଚିତ୍ତ ଯେନା, ବୁଢୀ ଯେନା, ପି: ରାମଚନ୍ଦ୍ର ଯେନା, ଦେବ ଯେନା, ସ୍ୱା: ରାମଚନ୍ଦ୍ର ଯେନା, ଜା: ପାଣ, ବା: ନିଜଗାଁ |
| ୧୪୪ | ୮ | ୦.୭୩ | ୦.୦୧ | ଶାରଦ ଦୁଇ | ସୁରେନ୍ଦ୍ର ବାରିକ, ପି: ଅନନ୍ତ ବାରିକ, ଜା: ଗୋପାଳ, ବା: ତମଛଡା |
| ୧୫୧/ ୧୧ | ୫/ ୪୯୭ | ୦.୧୬ | ୦.୦୮ | ଶାରଦ ଦୁଇ | କିଶୋର ଚନ୍ଦ୍ର ଜେନା, ପି: ରତ୍ନାକର ଜେନା, ଜା: ପାଣ, ବା: ନିଜଗାଁ |
| ୧୫୧ /୬୮ | ୧୨ | ୦.୫୬ | ୦.୦୨ | ଶାରଦ ଦୁଇ | ବିକର୍ଣ୍ଣ ଜେନା, ପି: ଭଜନ ଜେନା, ଜା: ପାଣ, ବା: ନିଜଗାଁ |
| ମୋଟ | ୫ ପ୍ଲଟ୍ | ଏ୧.୯୩ ଡେ.ମି. | ଏ୦.୨୭ ଡେ.ମି. | | |

Sd./- AMIN, Deuli Zone | Sd./- Revenue Officer, Deuli Zone | Sd./- Zone Officer-cum-L.A. Collector, S.I.P, Deuli Zone | Sd./- Spl. Land Acquisition Officer, S.I.P. BARIPADA

OIPR-



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଏକ କମ୍ପାନୀରେ କାମ କରିବା ପାଇଁ ସିକ୍ୟୁରିଟି ଗାର୍ଡ ଆବଶ୍ୟକ
ବୟସ: 20-40 ବର୍ଷ, ଯୋଗ୍ୟତା- ଦଶମ
ଦରମା - 12,000/- ପ୍ରତି ମାସ;
ଦରମା -24,000/- ପ୍ରତି ମାସ (ଇଚ୍ଛୁକ ଦମ୍ପତି ପ୍ରାର୍ଥୀଙ୍କ ପାଇଁ)।
ରହିବା ଖାଇବା ସୁବିଧା ମାଗଣାରେ ଉପଲବ୍ଧ।
ସ୍ଥାନ: ବିଜୟୱାଡ଼ା, ଆନ୍ଧ୍ରପ୍ରଦେଶ
ମୋବାଇଲ ନଂ.- 8801497437

ହାର୍ଡୱାୟାର, ସାନିଟାରୀ ଦୋକାନ, ଭୁବନେଶ୍ୱର ପାଇଁ ଉପଯୁକ୍ତ ପିଲା ଆବଶ୍ୟକ। ସେଲ୍ସମ୍ୟାନ ଏବଂ ମାର୍କେଟିଂ। ୫ମ ପାସ୍ ଏବଂ ଗ୍ରାଜୁଏଟ୍।
Ph.: 8093634404, 9861278068, 8093231473

**REQUIREMENT**
For a Construction Site (Experienced only)
- Site Supervisor
- Site Engineer
- Data Entry Operator
Mob:7873907777
sitekhorda@gmail.com

**URGENTLY REQUIRED**
SITE SUPERVISOR - 5 Nos.
Attend Interview at Nishamani Palace, Bomikhal, Bhubaneswar-10 on any day.
Ph. No.: 9338554697



**THE ODISHA SC & ST DEV. FINANCE CO-OP. CORP. LTD. (OSFDC)**
LEWIS ROAD, BHUBANESWAR- 751014,
Ph.: 0674- 2431798, E-Mail: osfdc.odisha@gmail.com

**QUOTATION CALL NOTICE**

Sealed quotations are invited from the Regd. Chartered Accountant Firms for preparation of the Receipt & Expenditure Statement, Trial Balance, Profit & Loss Accounts, Balance Sheet, Audit Accounts, for filling of Income Tax Return of OSFDC, Bhubaneswar for the year 2023-24 & for filling of Quarterly 24Q & 26Q for the year 2024-25. The sealed quoted price should be reach in this office through Regd. Post / Speed Post on or before 12.03.2024 by 2.00 P.M. which will be opened on the same day at 04.30 P.M. in presence of bidders.

The authority reserves the right to accept or reject any or all quotations without assigning any reason thereof.

Sd./- Managing Director



**ଚକ୍ରଧରପୁର ଡିଭିଜନରେ ତିନି ବର୍ଷ ଅବଧି ପାଇଁ ୦୫ (ପାଞ୍ଚ) ଗୋଟି ଏନ୍‌ଏସ୍‌ଜି-୬ ବର୍ଗର ଷ୍ଟେଶନଗୁଡ଼ିକ ପାଇଁ ଷ୍ଟେଶନ ଟିକେଟ୍ ବୁକିଂ ଏଜେଣ୍ଟଙ୍କ ନିଯୁକ୍ତି**

ନଂ.:ସିଓଏମ୍‌ଏମ୍‌ଏଲ୍.୮୨/ଏସ୍‌ଟିବିଏ/ସିକେପି ଡିଆଇଭିଏନ/୦୫ ଏନ୍‌ଏସ୍‌ଜି-୬/୨୦୨୪ ତାରିଖ: ୨୮।୦୨।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଦର୍ଶିତ କାର୍ଯ୍ୟଗୁଡ଼ିକ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ନିର୍ଦ୍ଧାରିତ ଫର୍ମରେ 'ଏକକ ପ୍ୟାକଟ୍ ସିଷ୍ଟମ'ରେ ଜଉମୁଦଦିଆ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ପ୍ରତ୍ୟେକ ଷ୍ଟେଶନ ପାଇଁ ପୃଥକ୍ ଟେଣ୍ଡର ଫର୍ମ ସମେତ ପୃଥକ୍ ଅମାନତ ରାଶି ଏବଂ ସମ୍ପୃକ୍ତ ଷ୍ଟେଶନ ପାଇଁ ଟେଣ୍ଡର ଫର୍ମ ମୂଲ୍ୟ ତଥା ତାହା ସପକ୍ଷରେ କାଗଜପତ୍ର ପୃଥକ୍ ଭାବେ ଦାଖଲ କରାଯିବ। ଜଣେ ଆବେଦନକାରୀ କେବଳ ଗୋଟିଏ ଷ୍ଟେଶନରେ ଏସ୍‌ଟିବିଏ ଭାବେ ନିଯୁକ୍ତ ହୋଇପାରିବେ । ଅମାନତ ରାଶି ଏବଂ ଟେଣ୍ଡର ଫର୍ମ ମୂଲ୍ୟ ବିନା ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ତାହାକୁ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ। **ଠିକାର ବର୍ଣ୍ଣନା:** ୦୩ (ତିନି) ବର୍ଷ ଅବଧି ପାଇଁ ଚକ୍ରଧରପୁର ଡିଭିଜନରେ ୦୫ (ପାଞ୍ଚ) ଗୋଟି 'ଏନ୍‌ଏସ୍‌ଜି-୬' ବର୍ଗର ଷ୍ଟେଶନଗୁଡ଼ିକ ପାଇଁ ଷ୍ଟେଶନ ଟିକେଟ୍ ଏଜେଣ୍ଟ (ଏସ୍‌ଟିବିଏ)ଙ୍କ ନିଯୁକ୍ତି। ଷ୍ଟେଶନଗୁଡ଼ିକର ନାମ ହେଲା – ସିଙ୍ଘପୋଖରିଆ, ପାଣ୍ଡ୍ରାସାଲି, ବାଦାମପାହାଡ଼, ବିସ୍ରା ଏବଂ ଗହ୍ମାରିଆ। । **ବିଭାଗୀୟ ମୂଲ୍ୟ:** ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ସବୁଠାରୁ କମ୍ କମିଶନ୍ (ସ୍ଲାବ୍ ୩ ଉପରେ)ର ବିକଳ୍ପ ବାଛିଥିବା ପ୍ରାର୍ଥୀଙ୍କୁ ଏସ୍‌ଟିବିଏ ଭାବେ ଚୟନ କରାଯିବ। ପୈଠଯୋଗ୍ୟ କମିଶନ ଏହି ଅନୁଯାୟୀ ହେବ:- **ସ୍ଲାବ୍; ମାସିକ ବିକ୍ରୟ କାରବାର ଟଙ୍କାରେ ଏବଂ ବିକ୍ରୟ କାରବାର ଉପରେ ପୈଠଯୋଗ୍ୟ ମାସିକ କମିଶନ** ଶତକଡ଼ା ଏହି ଅନୁଯାୟୀ ହେବ:- **ସ୍ଲାବ୍-୧:** ୧-୨୦,୦୦୦ ଏବଂ ୨୫% (ସର୍ବନିମ୍ନ ଟ.୨,୫୦୦ ଉପରେ ନିର୍ଭରଶୀଳ)। **ସ୍ଲାବ୍-୨:** ୨୦,୦୦୧-୧,୦୦,୦୦୦ ଏବଂ ୧୫%। **ସ୍ଲାବ୍-୩:** >୧,୦୦,୦୦୦ ଏବଂ (ଏନ୍‌ଏସ୍‌ଜି-୬ ବର୍ଗର ଷ୍ଟେଶନଗୁଡ଼ିକ ପାଇଁ ୪%) କିମ୍ବା କୋଟ୍ କରାଯାଇଥିବା ଦର, ଯାହା କମ୍ ହୋଇଥିବ। ସ୍ଲାବ୍ ୩ରେ ଶୂନରୁ କମ୍ କମିଶନ କୋଟ୍ କରିଥିବା ଆବେଦକାରୀଙ୍କ ଆବେଦନକୁ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ। କମିଶନକୁ ମାସିକ ଭିତ୍ତିରେ ହିସାବ କରାଯିବ। ଏକ ନିର୍ଦ୍ଦିଷ୍ଟ ମାସ ପାଇଁ କମିଶନର ଦର ସେହି ମାସ ପର୍ଯ୍ୟନ୍ତ ଥିବା କ୍ରମବର୍ଦ୍ଧିଷ୍ଣୁ ବିକ୍ରୟ କାରବାର ଭିତ୍ତିରେ ହିସାବ କରାଯିବ। **ଇ.ଏମ୍.ଡି.:** ₹ ୨,୦୦୦। **ଟେଣ୍ଡର ଫର୍ମ ମୂଲ୍ୟ:** ₹୧,୦୦୦ ଯୁକ୍ତ ଜିଏସ୍‌ଟି @ ୧୮% = ₹ ୧୮୦। ମୋଟ ₹୧,୧୮୦ ମାତ୍ର। **ଟେଣ୍ଡର ପକାଇବାର ତାରିଖ ଓ ସମୟ:** ତା୦୫।୦୪।୨୦୨୪ରିଖ ୧୦.୦୦ ଘଟିକାରୁ ୧୩.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୦୫।୦୪।୨୦୨୪ରିଖ ୧୫.୩୦ ଘଟିକା। ଟେଣ୍ଡର ବିଜ୍ଞପ୍ତି ଏବଂ ଟେଣ୍ଡର କାଗଜପତ୍ରଗୁଡ଼ିକୁ ୱେବସାଇଟ୍: www.ser.indianrailways.gov.inରୁ **ତା୦୪।୦୪।୨୦୨୪ରିଖ ୧୮.୦୦ ଘଟିକା** ପର୍ଯ୍ୟନ୍ତ ଡାଉନଲୋଡ୍ କରାଯାଇପାରିବ। କୌଣସି ଅପ୍ରତ୍ୟାଶିତ କାରଣବଶତଃ ଯଦି କାର୍ଯ୍ୟାଳୟ ବନ୍ଦ ଥାଏ ତେବେ ଟେଣ୍ଡରକୁ ପରବର୍ତ୍ତୀ କାର୍ଯ୍ୟଦିବସରେ ଯଥାକ୍ରମେ **୧୦.୦୦ ଘଟିକାରୁ ୧୩.୦୦ ଘଟିକା ମଧ୍ୟରେ** ପକାଯିବ ଏବଂ **୧୫.୩୦ ଘଟିକାରେ** ଖୋଲାଯିବ। ଟେଣ୍ଡର ଫର୍ମ ହସ୍ତାନ୍ତରଯୋଗ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ଟେଣ୍ଡରକୁ ବାତିଲ କରିବା ଅଥବା ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ରଦ୍ଦ କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। ଯୋଗ୍ୟତା ମାନଦଣ୍ଡର ବିବରଣୀ ଟେଣ୍ଡର ଫର୍ମ/ୱେବସାଇଟ୍‌ରେ ଦେଖାଯାଇପାରିବ।

(PR-1190) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ,
ପୋ.: ମର୍କତ ନଗର, କଟକ - ୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ **https://www.mstcecommerce.com**

| କ୍ର. ନଂ. | ଶାଖା/ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବକେୟା ପରିମାଣ / ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ମହାନଦୀ ବିହାର କଟକ ଶାଖା/** ଋଣଗ୍ରହୀତା: ୧) ଶ୍ରୀ ଭରତ ଚନ୍ଦ୍ର ସ୍ୱାଇଁ, ପିତା: ସ୍ୱ ବନମାଳି ସ୍ୱାଇଁ, ୨) ଶ୍ରୀ ଦେବାଶିଷ ପ୍ରିୟଦର୍ଶୀ (ବନ୍ଧକଦାତା), ପିତା: ଶ୍ରୀ ଭରତ ଚନ୍ଦ୍ର ସ୍ୱାଇଁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୫୧୫/୮୮୫୯, ତଳସାହି ଶିଖରପୁର, ପୋ: କଲେଜ ସ୍କୋୟାର, ଥାନା: ଚାଉଳିଆଗଞ୍ଜ, ଜିଲ୍ଲା: କଟକ, ପିନ୍-୭୫୩୦୦୩ | ଶ୍ରୀ ଦେବାଶିଷ ପ୍ରିୟଦର୍ଶୀଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୬୬୦/୧୧୬୨, ପ୍ଲଟ୍ ନଂ.: ୫୧୫/୮୮୫୯, ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୬୬୦/୧୫, ପ୍ଲଟ୍ ନଂ.: ୫୧୫/୨୨୨୪, **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୨୭.୫ କଡି,** କିସମ: ଘରବାରୀ, ମୌଜା: କଟକ ସହର ୟୁନିଟ ୨୬, ଶିଖରପୁର, ଥାନା: ଚାଉଳିଆଗଞ୍ଜ, ତହସିଲ: କଟକ ନଂ.: ୨୩୯, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ (ଦଲିଲ ଅନୁସାରେ) ଦକ୍ଷିଣ: ରାସ୍ତା, ଉତ୍ତର: ପ୍ଲଟ୍ ନଂ.: ୫୧୫, ପଶ୍ଚିମ: ବିକ୍ରି ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପୂର୍ବ: ସ୍ମୃତି ରଞ୍ଜନ ନାୟକ | ୨୫.୦୯.୨୦୨୩ / ୦୫.୧୨.୨୦୨୩ / ୨୬.୦୨.୨୦୨୪ ସୁଦ୍ଧା ଟ.୧୭,୨୯,୦୫୫/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / **ସାଙ୍କେତିକ** | ଟ.୫୮.୫୮ ଲକ୍ଷ / ଟ.୫.୮୬ ଲକ୍ଷ / ଟ.୦.୫୦ ଲକ୍ଷ |
| ୨. | **ଜେଲ ରୋଡ଼ ଭଦ୍ରକ ଶାଖା/** ଋଣଗ୍ରହୀତା: ମେସର୍ସ ଶଙ୍କର ଗୌରୀ ଟିମ୍ବର ଡିପୋ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଆରତୀ ବେହେରା, ସ୍ୱାମୀ: ଶ୍ରୀ ଅପୂର୍ବ ରଞ୍ଜନ ବେହେରା / ବନ୍ଧକଦାତା: ଶ୍ରୀମତୀ ବାସନ୍ତୀ ବେହେରା, ସ୍ୱାମୀ: ଶିବ ପ୍ରସାଦ ବେହେରା / ଗ୍ୟାରେଣ୍ଟିଦାତା: ଶ୍ରୀ ଅପୂର୍ବ ରଞ୍ଜନ ବେହେରା, ସମସ୍ତଙ୍କ ଠିକଣା- ସା: ଅପର୍ତିବିନ୍ଧା, ନିଉ କଲୋନୀ, ପୋ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଓଡ଼ିଶା-୭୫୬୧୦୦ | **ଶ୍ରୀମତୀ ବାସନ୍ତୀ ବେହେରା,** ସ୍ୱାମୀ: ଶିବ ପ୍ରସାଦ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୧୪/୨୬, ପ୍ଲଟ୍ ନଂ.: ୯୪୯/୨୭୮୫, କ୍ଷେତ୍ର: ଏକର୦.୦୪୦ ଡ଼ିସିମିଲି (ଘରବାରୀ), ଖାତା ନଂ.: ୭୯୧/୧୨୯୧, ପ୍ଲଟ୍ ନଂ.: ୯୪୯/୨୭୮୫/୩୩୨୭, କ୍ଷେତ୍ର: ଏକର୦.୦୬୦ ଡ଼ିସିମିଲି (ଘରବାରୀ), ଖାତା ନଂ.: ୭୯୧/୭୯୭, ପ୍ଲଟ୍ ନଂ.: ୯୪୭/୨୩୦୧/୩୦୩୩, କ୍ଷେତ୍ର: ଏକର୦.୦୧୦ ଡ଼ିସିମିଲି (ବଗାୟତ-୩), ମୌଜା: ଅପର୍ତିବିନ୍ଧା, ଥାନା: ଭଦ୍ରକ, ନଂ.: ୯୧, ତହସିଲ/ଏସ୍‌ଆରଓ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଲକ୍ଷ୍ମୀଧର ସାହୁ, ପୂର୍ବ: ମିଟୁ ଜେନା, ପଶ୍ଚିମ: ସୁଲୋଚନା ସାହୁ | ୨୨.୧୧.୨୦୨୩ / ୧୩.୦୨.୨୦୨୪ / ୨୬.୦୨.୨୦୨୪ ସୁଦ୍ଧା ଟ.୪୪,୯୪,୭୪୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / **ସାଙ୍କେତିକ** | ଟ.୫୯.୬୯ ଲକ୍ଷ / ଟ.୫.୯୭ ଲକ୍ଷ / ଟ.୦.୫୦ ଲକ୍ଷ |

**ଇ-ନିଲାମ ତାରିଖ ଏବଂ ସମୟ: ୦୩.୦୪.୨୦୨୪ (ବୁଧବାର) ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୨.୦୪.୨୦୨୪ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୫.୦୩.୨୦୨୪ ରିଖ ଠାରୁ ତା.୨୨.୦୩.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

ନିୟମ ଓ ସର୍ତ୍ତାବଳୀ : ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: **https://www.mstcecommerce.com/auctionhome/ibapi/index.jsp and https://ibapi.in** ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ ୩୦ ଦିନିଆ ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: କଟକ, ତାରିଖ: ୦୧.୦୩.୨୦୨୪ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ




କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଶାଖାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ ଓ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଅନ୍ୟମାନେ।

# 'ଶାନ୍ତି ବିନା ପ୍ରଗତି ଅସମ୍ଭବ'

**ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଶାଖାର ସୁବର୍ଣ୍ଣ ଜୟନ୍ତୀ ସମାରୋହ**

କଟକ,୧।୩ (କାର୍ତ୍ତିକ ସାହୁ)

ମଣିଷ ଜୀବନ ଜିଇବାର କଳା ଶିଖିବା ଦରକାର। ସୁଖ, ଶାନ୍ତି, ପ୍ରେମ ମାଧ୍ୟମରେ ନିଜ ଜୀବନକୁ ଜିଇବା ଶିଖିବାକୁ ବାବା ଗୁରୁତ୍ୱ ଦେଇଛନ୍ତି। ଅଶାନ୍ତ ସମାଜରେ କିପରି ନିଶ୍ଚଳ ରହିବା, ନିଜ ଭିତରେ ଥିବା ହଲ୍‌ଚଲ୍ ଭାବକୁ ସ୍ଥିର କରିବା ଦରକାର। ଶାନ୍ତି ବିନା ପ୍ରଗତି ଅସମ୍ଭବ। ସର୍ବପ୍ରଥମେ ପରିବାର ମଧ୍ୟରେ ରହି ଏହାକୁ ଅଭ୍ୟାସ କରିବା ଦରକାର ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଶାଖାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଆଜିର ଯୁବ ସମାଜ ପଥଭ୍ରଷ୍ଟ ହୋଇଛି। ସେମାନଙ୍କୁ ଉଚିତ୍ ମାର୍ଗଦର୍ଶନ ସହ ଗୁଣାତ୍ମକ ଶିକ୍ଷା ପାଇଁ ବ୍ରହ୍ମାକୁମାରୀ ଅନୁଷ୍ଠାନ ଗୁରୁତ୍ୱ ଦେଇଛି। ଧର୍ମ ହେଉଛି ଜୀବନ ଜିଇବାର କଳା। ମାତାପିତାଙ୍କ ସେବା କରିବା, ଅନ୍ୟ ସହ ସଦ୍‌ଭାବ ରଖିବା ହେଉଛି ଧର୍ମ। ମଣିଷସମାଜ ତଥା ଦେଶକୁ ପରିବର୍ତ୍ତନ କରିବା ପାଇଁ ଯାହା ଆବଶ୍ୟକ ତାହା ଆପଣାନ୍ତୁ। ପୁଣ୍ୟ ଉତ୍କଳ ମାଟିର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି ଭବ୍ୟ ସମାବେଶରେ ଯୋଗଦେଇ ମୁଁ ବହୁତ ଆନନ୍ଦିତ। ଜାଣି ଖୁସି ହେଲି, ୧୯୭୩ ଅଗଷ୍ଟ ୧୯ରେ କଟକରେ ଏହି ଆଧ୍ୟାତ୍ମିକ ଅନୁଷ୍ଠାନର ମୂଳଦୁଆ ପଡ଼ିଥିଲା। ଏହାର ଶୁଭାରମ୍ଭ ପଛରେ ତତ୍କାଳୀନ ରାଜ୍ୟପାଳ ତଥା ପୂର୍ବତନ ରାଷ୍ଟ୍ରପତି ଡ. ବି.ଡି. ଯତୀ, ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବ, ସମାଜର ପୂର୍ବତନ ସମ୍ପାଦକ ଡ. ରାଧାନାଥ ରଥଙ୍କ ସୌହାର୍ଦ୍ଦ୍ୟ ଓ ସମ୍ପୃକ୍ତି ଥିଲା। ମହିଳାମାନେ ଶକ୍ତିସ୍ୱରୂପା। ଶକ୍ତି ବିନା ଶିବ ନାହାନ୍ତି। ଏଥିପାଇଁ ବାବା ମହିଳାମାନଙ୍କୁ ଚୟନ କରିଛନ୍ତି। ତେଣୁ ଆମେମାନେ ସ୍ୱ-ପରିବର୍ତ୍ତନରୁ ଦେଶର ପରିବର୍ତ୍ତନ ଆରମ୍ଭ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ ଯୋଗଦେଇ କହିଛନ୍ତି, ବ୍ରହ୍ମାକୁମାରୀ ଅନୁଷ୍ଠାନ ବ୍ୟକ୍ତିଗତ ପରିବର୍ତ୍ତନ ଓ ବିଶ୍ୱରେ ନବ ଜାଗରଣ ପାଇଁ ସମର୍ପିତ ତଥା ବିଶ୍ୱବ୍ୟାପୀ ଆନ୍ଦୋଳନ ସୃଷ୍ଟି କରିଛି। ଏହି ଅନୁଷ୍ଠାନ ସମାଜରେ ନୈତିକ ମୂଲ୍ୟବୋଧକୁ ମଜଭୁତ କରିବା ପାଇଁ କାର୍ଯ୍ୟ କରୁଛି। ଏଥିସହ ଦେଶରେ ଆଧ୍ୟାତ୍ମିକତା, ବିଜ୍ଞାନ, ଶିକ୍ଷାକୁ ଜାଗ୍ରତ କରାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛି।

କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରି କହିଛନ୍ତି, ୫୦ ବର୍ଷ ଧରି ଓଡ଼ିଶା ମାଟିରେ ଆଧ୍ୟାତ୍ମିକତାର ଜ୍ଞାନବୀଜ ବପନ କରି ବ୍ରହ୍ମାକୁମାରୀ ଅନୁଷ୍ଠାନ ମାନବ ଜାତିକୁ ଈଶ୍ୱରୀୟ ଜ୍ଞାନ ପ୍ରଦାନ କରିଆସୁଛି। ସହଜ ରାଜଯୋଗର ଅଭ୍ୟାସ ମାଧ୍ୟମରେ ମଣିଷ ଭିତରେ ସନ୍ନିହିତ ମୂଲ୍ୟବୋଧକୁ ଜାଗ୍ରତ କରାଇବାର ପ୍ରମୁଖ ଭୂମିକା ଗ୍ରହଣ କରିଛି।

କଟକ ସବ୍‌ଜୋନ୍‌ର ଅତିରିକ୍ତ ନିର୍ଦ୍ଦେଶକ ରାଜଯୋଗିନୀ ସୁଲୋଚନା ଦିଦି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରିଥିଲେ। ଦିଲ୍ଲୀ ମହିଳା ସଙ୍ଗଠନର ଅଧ୍ୟକ୍ଷା ରାଜଯୋଗିନୀ ଚକ୍ରଧାରୀ ଦିଦି ସୁବର୍ଣ୍ଣ ଜୟନ୍ତୀର ବିବରଣୀ ପ୍ରଦାନ କରିଥିଲେ। ମାଉଣ୍ଟଆବୁସ୍ଥିତ ଅନୁଷ୍ଠାନର ଶିକ୍ଷା କ୍ଷେତ୍ର ସହ ଅଧ୍ୟକ୍ଷା ରାଜଯୋଗିନୀ ଶିଳା ଦିଦି ରାଜଯୋଗ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜଯୋଗୀ ବ୍ରହ୍ମାକୁମାର ଡ. ନଥମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଅନେକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

ବାରଙ୍ଗ,୧।୩(ଲିଙ୍ଗରାଜ ରାଉତ)

କଣ୍ଡାପାଟଣା ଗ୍ରାମ ପଛପଟ ରେଳଧାରଣାରେ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରଙ୍ଗ ଥାନା ଅଧୀନ ଫୁଲପୋଖରୀ ଗ୍ରାମର ସୂର୍ଯ୍ୟମଣି ପାଣି। ଖବରପାଇ ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି। ଏ ସମ୍ପର୍କରେ ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ରେଳଧାରଣାରେ ସୂର୍ଯ୍ୟମଣିଙ୍କ ମୃତଦେହ ପଡ଼ିଥିବା ନେଇ ନିକଟ ଗ୍ରାମର କେତେଜଣ ବ୍ୟକ୍ତି ଦେଖିବାକୁ ପାଇଥିଲେ। ଏନେଇ ସେମାନେ ରେଲୱେ ଥାନାକୁ ଜଣାଇଥିଲେ। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରେଲୱେ ପୋଲିସ ପକ୍ଷରୁ କୁହାଯାଇଛି।



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନ କାହାଣୀକୁ ନେଇ ରଚିତ ପୁସ୍ତକ 'ଦ ଟଲ ମ୍ୟାନ'ର ଓଡ଼ିଆ ଅନୁବାଦକୁ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରୁଛନ୍ତି।

## 'ଦ ଟଲ ମ୍ୟାନ୍'ର ଓଡ଼ିଆ ଅନୁବାଦ ଉନ୍ମୋଚିତ

ଭୁବନେଶ୍ୱର,୧।୩(ଅନୁରାଧା ମହାରଣା)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନ କାହାଣୀକୁ ନେଇ ରଚିତ ପୁସ୍ତକ 'ଦ ଟଲ ମ୍ୟାନ'ର ଓଡ଼ିଆ ଅନୁବାଦ ଉନ୍ମୋଚିତ ହୋଇଯାଇଛି। ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ଦ୍ୱାରା ପ୍ରସ୍ତୁତ ଏହି ପୁସ୍ତକକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ପୁସ୍ତକ ମାଧ୍ୟମରେ ନୂଆ ପିଢ଼ି ବିଜୁବାବୁଙ୍କ ପ୍ରେରଣାଦାୟୀ ଜୀବନଶୈଳୀ ଓ ସାହସିକ ପଦକ୍ଷେପ ବାବଦରେ ଅଧିକ ଜାଣିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୧୮ରେ ପ୍ରକାଶିତ ମୂଳ ଇଂଲିଶ ପୁସ୍ତକକୁ ସୁନ୍ଦର ଗଣେଶନ୍ ରଚନା କରିଥିବା ବେଳେ ବିଶିଷ୍ଟ ଲେଖକ ସଂଗ୍ରାମ ମହାପାତ୍ର ଏହାର ଓଡ଼ିଆ ଅନୁବାଦ କରିଛନ୍ତି। ନବୀନ ନିବାସରେ ପୁସ୍ତକ ଉନ୍ମୋଚନ ଅବସରରେ ଅନୁବାଦକ ମହାପାତ୍ର ଓ ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ଉପସ୍ଥିତ ଥିଲେ। ପେନ୍ ଇନ୍ ବୁକ୍ସ ପକ୍ଷରୁ ଓଡ଼ିଆ ଅନୁବାଦ ସହ ମୂଳ ଇଂଲିଶ ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୁଷ୍ମନ୍ତ



@ ବିଦ୍ୟା



@ ହରିଶଙ୍କର



@ ଲଡୁ



@ କିଶୋର



@ ଗଦାଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

**କମିଶନରେଟ୍ ପୋଲିସକୁ ଅପରାଧୀଙ୍କ ଚ୍ୟାଲେଞ୍ଜ**

# ଭୁବନେଶ୍ୱର, ଜଟଣୀରେ ବୋମାମାଡ଼

## କାର୍ ପୋଡ଼ିଲା, ଅଳ୍ପକେ ବର୍ତ୍ତିଲେ ମାଲିକ

ଭୁବନେଶ୍ୱର,୧।୩ (ସତ୍ୟଜିତ୍ ରାଉତ)



ଭୁବନେଶ୍ୱରର ନୀଳାଦ୍ରିବିହାର ଏଟିଏମ୍ ଛକ ନିକଟରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ବୋମାମାଡ଼ ହୋଇଛି। ଦୁଇଜଣ ଦୁର୍ବୃତ୍ତ ଏକ କାର୍‌କୁ ଲକ୍ଷ୍ୟ କରି ବୋମା ଫିଙ୍ଗିଥିବାବେଳେ ମାଲିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଥିରେ କାରଟି ଆଂଶିକ ପୋଡ଼ି ଯାଇଛି। ଚନ୍ଦ୍ରଶେଖରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, କାର୍ ମାଲିକ ଜଣକ ହେଲେ ଭିଏସ୍‌ଏସ୍‌ନଗରରେ ରହୁଥିବା ଗୋବିନ୍ଦ ମୁର୍ମୁ। ଏଟିଏମ୍ ଛକ ନିକଟରେ ଥିବା ଏକ ଫାଷ୍ଟଫୁଡ୍ ଷ୍ଟଲ ନିକଟରେ ସାଙ୍ଗମାନଙ୍କ ସହ ଖାଉଥିଲେ। ସମ୍ମୁଖ ରାସ୍ତାରେ ତାଙ୍କ କାର୍ (ନଂ.ଓଡି୦୫ବିସି୬୦୩୭) ପାର୍କିଂ ହୋଇଥିଲା। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ସେଠାକୁ ଆସି ହଠାତ୍ ଉକ୍ତ କାର୍ ଉପରକୁ ଏକ ବୋମା ଫିଙ୍ଗିଥିଲେ। ଫଳରେ କାର୍‌ର ଆଗ କାଚ ଭାଙ୍ଗିଯିବା ସହ ହୁଡ୍ ଆଦି ପୋଡିଯାଇଥିଲା। ଏହା ଦେଖି ଗୋବିନ୍ଦ କାର୍ ନିକଟକୁ ଦୌଡି ଆସିଥିଲେ। ଏହାପରେ ଅଭିଯୁକ୍ତଦ୍ୱୟ ତାଙ୍କ ଉପରକୁ ମଧ୍ୟ ଏକ ବୋମା ଫିଙ୍ଗିଥିଲେ। ହେଲେ ବୋମାଟି ତାଙ୍କ ଉପରେ ପଡି ନ ଥିଲା। ସେପଟେ ବୋମାମାଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତଦ୍ୱୟ ବାଇକ୍‌ରେ ଲୁମ୍ବିନି ବିହାର ଆଡେ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଏନେଇ କାର୍ ମାଲିକ ଗୋବିନ୍ଦ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସୂଚନା ମିଳିଛି।

## ଦୋକାନ ଉପରକୁ ବୋମାମାଡ଼

ଝାଁଳା,୧।୩(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଝାଁଳା ଆଙ୍ଗୁଲେଇ ମନ୍ଦିର ନିକଟରେ ଥିବା ଏକ ଦୋକାନ ଉପରକୁ ଗୁରୁବାର ରାତିରେ ବୋମାମାଡ଼ ହୋଇଛି। ଏନେଇ ଦୋକାନୀଙ୍କ ଭାଇ ସୁରେଶ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ତେବେ ବୋମାମାଡ଼ର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ସୁରେଶ ବଡ଼ଭାଇ ରତ୍ନାକର ପ୍ରଧାନଙ୍କ ଆଙ୍ଗୁଲେଇ ମନ୍ଦିର ନିକଟରେ ଏକ ଭେରାଇଟି ଷ୍ଟୋର ରହିଛି। ଗୁରୁବାର ରାତି ପ୍ରାୟ ୧୧ଟାରେ ରତ୍ନାକର ଦୋକାନ ବନ୍ଦ କରି ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୧୨ଟାରେ ତାଙ୍କ ଦୋକାନ ଶଟରକୁ କେହି ଦୁର୍ବୃତ୍ତ ୩/୪ଟି ବୋମାମାଡ଼ କରିଥିବା ଶୁଣିଥିଲେ। ଫଳରେ ରତ୍ନାକର ଭୟଭୀତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ଘରକୁ ଫୋନ କରି ଜଣାଇଥିଲେ। ଖବରପାଇ ପରିବାର ଲୋକ ଦୋକାନ ନିକଟରେ ପହଞ୍ଚିଥିଲେ। ଘଟଣାସ୍ଥଳ ଧୂଆଁମୟ ହୋଇଥିବା ବେଳେ ଦୋକାନ ଆଗରେ ପଡିଥିବା ଅଖାଟି ଜଳୁଥିବା ଦେଖିବାକୁ ମିଳିଥିଲା। ଅଖାରୁ ନିଆଁ ଲିଭାଇବା ସହ ଘଟଣା ସମ୍ପର୍କରେ ଥାନାକୁ ଜଣାଇଥିଲେ। ଖବରପାଇ ପିସିଆର ଟିମ୍ ଘଟଣସ୍ଥଳରେ ପହଞ୍ଚି ସେଠାରେ ପଡିଥିବା ସୁତୁଲି ଖଣ୍ଡକୁ ଜବତ କରିଛି। କେହି ଦୁର୍ବୃତ୍ତ ଦୋକାନ ଆଗରେ ସୁତୁଲି ବାଣ ଫୁଟାଇଥିବା ପୁଲିସ ଅନୁମାନ କରୁଛି। ତେବେ ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ବେଣାପଞ୍ଜରୀରେ ୨ ଆହତ, ୪ ଅଟକ

ଜଟଣୀ,୧।୩(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମର ଟାଙ୍ଗୀସାହିରେ ଶୁକ୍ରବାର ରାତିରେ ୩ଟି ବୋମାମାଡ଼ ହୋଇଛି। ଏଥିରେ ଜଣେ ମହିଳାଙ୍କ ସମେତ ୨ ଜଣ ଆହତ ହୋଇଛନ୍ତି। ଏହି ସାହିର ତାଜରୁନ ବିବି ଆହତ ହୋଇଥିବା ବେଳେ ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବୋମାମାଡ଼ର କାରଣ ଅସ୍ପଷ୍ଟ ଥିବା ବେଳେ ଏହି ଘଟଣାରେ ୪ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା ଚାଲିଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ମିଳିଥିବା ସୂଚନା ମୁତାବକ, ତାଜରୁନ ଘର ଆଗରେ ଛିଡ଼ା ହୋଇଥିବା ବେଳେ ହଠାତ୍ ବୋମାମାଡ଼ ହୋଇଥିଲା। ସେ ଘର ଭିତରକୁ ଯିବାବେଳେ ତାଙ୍କ ବାମ ଗୋଡ଼ର ଜଂଘରେ ବୋମା ପଡିଥିଲା। ଫଳରେ ତାଙ୍କ ଜଂଘରେ କ୍ଷତ ସୃଷ୍ଟି ହୋଇଛି। ସେହିପରି ନିକଟରେ ଥିବା ଜଣେ ଯୁବକ ଆହତ ହେବା ସହ ତାଙ୍କ ଡାହାଣ କାନରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ଉଭୟଙ୍କୁ ପରିବାର ଓ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖବରପାଇ ଜଟଣୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ ଜଣଙ୍କୁ ଥାନାକୁ ଆଣିବା ସହ ପଚରାଉଚରା ଚଳାଇଛି। ଅନ୍ୟପଟେ ପିଲାଙ୍କ ଖେଳକୁ ନେଇ ଏହି ବୋମାମାଡ଼ ହୋଇଥିବା ଅନୁମାନ କରାଯାଉଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ତେବେ ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ନଜର ରଖାଯାଇଛି ବୋଲି ଥାନା ଅଧିକାରୀ ବଳିୟାରସିଂ କହିଛନ୍ତି।





ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଉଛି।

**ଓଡ଼ିଶା ସୀମାନ୍ତ ଗାଁରେ ପାର୍ବତୀପୁରମ ଏସ୍‌ପି**

ଲୋକସଭା ଏବଂ ବିଧାନସଭା ନିର୍ବାଚନ ଆଉ କିଛି ମାସ ବାକି ଥିବା ବେଳେ ପଡ଼ୋଶୀ ଆନ୍ଧ୍ରର ପାର୍ବତୀପୁରମ ମାନ୍ୟାମ ଜିଲାର ଆରକ୍ଷୀ ଅଧୀକ୍ଷକ ବିକ୍ରାନ୍ତ ପାଟିଲ ଶୁକ୍ରବାର ନିଜ କର୍ମଚାରୀଙ୍କୁ ନେଇ ଓଡ଼ିଶାର କୋଟିଆ ପଞ୍ଚାୟତ ଅଧୀନରେ ଥିବା ସୀମାନ୍ତ ନେରିଡିବାଲସା, ମାତାକାର, ଉପରସେମି ସହ ଅନ୍ୟ କେତେକ ଗ୍ରାମ ଗସ୍ତ କରି ସେଠାକାର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଛି।

# ଅର୍ଜିତ ଜ୍ଞାନକୁ ରାଷ୍ଟ୍ରବିକାଶରେ ବିନିଯୋଗ କର: ରାଷ୍ଟ୍ରପତି

**ବ୍ରହ୍ମପୁର, ୧।୩(ତନୁଶ୍ରୀ ନାହାକ)**

ଭାରତ ଇତିହାସରେ ଓଡ଼ିଶାର ଦକ୍ଷିଣାଞ୍ଚଳର ଗୁରୁତ୍ୱ ରହିଛି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳର ଶିକ୍ଷା ଓ ବିକାଶରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭୂମିକା ପ୍ରଶଂସନୀୟ। ୧୯୬୭ରେ ସ୍ଥାପିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଶାର ଦକ୍ଷିଣ ଭାଗର ସର୍ବପୁରାତନ ବିଶ୍ୱବିଦ୍ୟାଳୟ। ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିବା ପରେ ସ୍ୱଅର୍ଜିତ ଜ୍ଞାନକୁ ସମାଜ ତଥା ରାଷ୍ଟ୍ର ବିକାଶରେ ବିନିଯୋଗ କରିବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପରାମର୍ଶ ଦେଇଛନ୍ତି। ଦୀକ୍ଷାନ୍ତ ଅଭିଭାଷଣରେ ରାଷ୍ଟ୍ରପତି ଏକ ଉଦାହରଣ ଦେଇ କହିଥିଲେ ଯେ,'ପର ଉପକାର ପଥେ ନ ହେଲେ ପଥିକ, ଇତର ପ୍ରାଣୀଙ୍କଠାରୁ ହେଲୁକି ଅଧିକ'। ଯଦି ଜଣେ ସ୍ୱଅର୍ଜିତ ଜ୍ଞାନକୁ ପର ଉପକାରରେ ନ ଲଗାଏ ତେବେ ସେ ଇତର ପ୍ରାଣୀଙ୍କ ସହ ସମାନ। ନାରୀ ଶିକ୍ଷାର ବିକାଶ ଓ ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ସେ କହିଥିଲେ, ଦେଶର ୪୫ ପ୍ରତିଶତ ହେଉଛନ୍ତି ମହିଳା। ପ୍ରତ୍ୟେକ ମହିଳା ଶିକ୍ଷିତ ଓ ସ୍ୱାବଲମ୍ବୀ ହୋଇପାରିଲେ ଦେଶର ଉନ୍ନତି ଘଟିବ। ଶିକ୍ଷା କ୍ଷେତ୍ରରେ ନାରୀମାନେ ସଫଳତା ପାଇଛନ୍ତି। ଶିକ୍ଷାଦାନଠାରୁ ଆରମ୍ଭ କରି ପ୍ରତିରକ୍ଷା, ମହାକାଶ ଯାନ ଭଳି ପ୍ରତି କ୍ଷେତ୍ରରେ ପୁରୁଷଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ଯଦ୍ଦ୍ୱାରା ଆଗାମୀ କିଛି ବର୍ଷ ମଧ୍ୟରେ ଆମ ଦେଶ ବିଭିନ୍ନ କ୍ଷେତ୍ରରେ ବିଶ୍ୱର ତୃତୀୟ ବୃହତ୍ତମ ରାଷ୍ଟ୍ର ଭାବେ ଉଭା ହେବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୬୫ ପ୍ରତିଶତ ମହିଳା, ଯାହା ନାରୀଶିକ୍ଷା କ୍ଷେତ୍ରରେ ଏକ ଅନନ୍ୟ ଉଦାହରଣ। ଏବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଠାରୁ ଆରମ୍ଭ କରି ପୋଲିସ ଓ ସେନା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆମ ଝିଅମାନଙ୍କର ସାମର୍ଥ୍ୟ ଦେଖିବାକୁ ମିଳୁଛି। ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ନିମନ୍ତେ ଗ୍ରହଣ କରାଯାଉଥିବା ସମସ୍ତ ପଦକ୍ଷେପ 'ତମସୋ ମା' ଜ୍ୟୋତିର୍ଗମୟ' ଉକ୍ତିକୁ ପ୍ରତିପାଦିତ କରୁଛି। ଗଞ୍ଜାମ କଳା, ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ ସମୃଦ୍ଧ। ଏହାର ମାଟି ହେଉଛି ବୀରଭୂମି ଓ ଅନେକ ମହାପୁରୁଷଙ୍କ କର୍ମଭୂମି। ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସମାରୋହରେ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଥିଲେ, ଶିକ୍ଷାଲାଭ ସହ ସାମାଜିକ ଚିନ୍ତନ ଉପରେ ଧ୍ୟାନ ଦେବା ଉଚିତ। ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉପସ୍ଥିତ ରହି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ବିକାଶ ନିମନ୍ତେ ରାଜ୍ୟରେ ଛାତ୍ରବୃତ୍ତି ଠାରୁ ଆରମ୍ଭ କରି ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ନିଆଯାଇଥିବା ପଦକ୍ଷେପ ଓ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟରେ ପୂର୍ବରୁ ମାତ୍ର ୩ରୁ ୪ଟି ବିଶ୍ୱବିଦ୍ୟାଳୟ ଥିଲା, କିନ୍ତୁ ଶିକ୍ଷା ମାନଚିତ୍ରରେ ଓଡ଼ିଶାର ସ୍ଥିତି ପରିବର୍ତ୍ତନ ହୋଇଛି। ଏବେ ରାଜ୍ୟରେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଠିଆ ହୋଇଛି, ଯାହା ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ନିମନ୍ତେ ସହାୟକ ହୋଇପାରିବ ବୋଲି କହିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ.ରିତୁ ତିୱାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ୩୧ ଜଣଙ୍କୁ ସ୍ୱର୍ଣ୍ଣପଦକ, ୪୩ ଜଣଙ୍କୁ ପିଏଚ୍‌ଡ଼ି, ଜଣଙ୍କୁ ଡିଏସସି, ୩ ଜଣଙ୍କୁ ଡିଲିଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଏସ୍‌ପି ଡ.ସର୍ବଣା ବିବେକ ଏମ୍, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାସ ମହାରାଣା, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ଆଲୁମନି ତଥା ଉଦ୍‌ଘୋଷକ ଡ.ହୃଷୀକେଶ ପାଣିଗ୍ରାହୀଙ୍କ ସମେତ ପୂର୍ବତନ ବିଶ୍ୱବିଦ୍ୟାଳୟ ଅଧିକାରୀ, ଆର୍ମି ଏଡି କଲେଜ ଅଧିକାରୀ,ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବ**



## ଗର୍ଭବତୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଖଇରା, ୧।୩(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ମହିଁଷାମୁଣ୍ଡା ଗ୍ରାମର ଦୀପକ ବେହେରାଙ୍କ ଗର୍ଭବତୀ ସ୍ତ୍ରୀ ସସ୍ମିତାଙ୍କ ବୁଧବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ମତାନ୍ତରକୁ ନେଇ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ବୁଧବାର ରାତିରେ ଦୀପକ ବିବାହ ଭୋଜି ଖାଇ ବିଳମ୍ବରେ ଘରକୁ ଫେରିବା ପରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦୀପକ ସକାଳୁ ଉଠି ସ୍ତ୍ରୀ ସସ୍ମିତା ନିଜ ଶୋଇବା ଘରେ ପଙ୍ଖାରେ ଶାଢ଼ି ଲଗାଇ ଝୁଲନ୍ତା ଅବସ୍ଥାରେ ଦେଖି ଉଦ୍ଧାର କରିଥିଲେ। ସସ୍ମିତା ୪ ମାସର ଗର୍ଭବତୀ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

kotak
Kotak Mahindra Bank

**ନୋଟିସ**

ପ୍ରଥମ ଧାରକ **ଶୈଳେନ ମହାପାତ୍ର**, ଠିକଣା: ଫ୍ଲାଟ୍ ନଂ. 2ସି, ସୂର୍ଯ୍ୟ ଏନ୍‌କ୍ଲେଭ୍, ଲାଟ୍ ଗେଟ୍, ଗୁଆହାଟୀ, ଆସାମ, ଭାରତଙ୍କ ଦ୍ୱାରା କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍-781006, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ଭଡ଼ା ସୂତ୍ରରେ ନିଆଯାଇଥିବା ଲକର୍‌କୁ ବିଗତ 4ଟି ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24ଠାରୁ ବୁକ୍ କରିଦିଆଯାଇଛି। ଲକର୍ ଭଡ଼ା ପରିଶୋଧ ବାବଦରେ **ଶୈଳେନ ମହାପାତ୍ରଙ୍କ** ନିକଟକୁ ପଠାଯାଇଥିବା ସମସ୍ତ 3ଟି ଚିଠି ତାଙ୍କୁ ହସ୍ତାନ୍ତରିତ ହୋଇ ନ ପାରି ଫେରିଆସିଛି ଏବଂ ତାଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ। ଏତଦ୍ୱାରା ସୂଚିତ କରାଯାଉଛି ଯେ, ଏହି ନୋଟିସ ସତ୍ତ୍ୱେ ଯଦି **ଶୈଳେନ ମହାପାତ୍ରଙ୍କ** ଦ୍ୱାରା ସମସ୍ତ ଆର୍ଥିକବର୍ଷ 2018-19, 2019-20, 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍ ଭଡ଼ା ଏହି ନୋଟିସ ତାରିଖରୁ 3 ମାସରେ ପରିଶୋଧ କରା ନ ଯାଏ, ତେବେ **30 ଏପ୍ରିଲ, 2024 ଦିନ ପୂର୍ବାହ୍ନ ପ୍ରାୟ** 11.00 ଘଟିକାରେ ଉକ୍ତ ଲକର୍‌କୁ ଭାଙ୍ଗି ଖୋଲାଯିବ।

ପ୍ରଥମ ଧାରକ **ନଳିନୀ ପ୍ରଭା ମିଶ୍ର** ଏବଂ **ଅରୁଣ ପ୍ରସାଦ ମିଶ୍ର**, ଠିକଣା: 48, **ଅଶୋକନଗର, ଜନପଥ, ୟୁନିଟ୍ 2, ଭୁବନେଶ୍ୱର-751009**ଙ୍କ ଦ୍ୱାରା **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ଭଡ଼ା ସୂତ୍ରରେ ନିଆଯାଇଥିବା ଲକର୍‌କୁ ବିଗତ 4ଟି ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24ଠାରୁ ବୁକ୍ କରିଦିଆଯାଇଛି। ଲକର୍ ଭଡ଼ା ପରିଶୋଧ ବାବଦରେ **ନଳିନୀ ପ୍ରଭା ମିଶ୍ର** ଏବଂ **ଅରୁଣ ପ୍ରସାଦ ମିଶ୍ରଙ୍କ** ନିକଟକୁ ପଠାଯାଇଥିବା ସମସ୍ତ 3ଟି ଚିଠି ସେମାନଙ୍କୁ ହସ୍ତାନ୍ତରିତ ହୋଇ ନ ପାରି ଫେରିଆସିଛି ଏବଂ ସେମାନଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ। ଏତଦ୍ୱାରା ସୂଚିତ କରାଯାଉଛି ଯେ, ଏହି ନୋଟିସ ସତ୍ତ୍ୱେ ଯଦି **ନଳିନୀ ପ୍ରଭା ମିଶ୍ର** ଏବଂ **ଅରୁଣ ପ୍ରସାଦ ମିଶ୍ରଙ୍କ** ଦ୍ୱାରା ସମସ୍ତ ଆର୍ଥିକବର୍ଷ 2016-17, 2017-18, 2018-19, 2019-20, 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍ ଭଡ଼ା ଏହି ନୋଟିସ ତାରିଖରୁ 3 ମାସରେ ପରିଶୋଧ କରା ନ ଯାଏ, ତେବେ 30 ଏପ୍ରିଲ, 2024 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଉକ୍ତ ଲକର୍‌କୁ ଭାଙ୍ଗି ଖୋଲାଯିବ।

ପ୍ରଥମ ଧାରକ **ରୋଜାଲିନ ପରିଡ଼ା** ଏବଂ **ଭାବେଶ ଚନ୍ଦ୍ର ରାଉତରାୟ**, ଠିକଣା: **ପ୍ଲଟ୍ ନଂ. 1462-3949, ରୋଡ୍ ନଂ. 11, ଜଗନ୍ନାଥ ନଗର, ରସୁଲଗଡ଼, ନାରାୟଣ ହୋଟେଲ ପଛ, ଭୁବନେଶ୍ୱର-751010**, ଓଡ଼ିଶାଙ୍କ ଦ୍ୱାରା କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ଭଡ଼ା ସୂତ୍ରରେ ନିଆଯାଇଥିବା ଲକର୍‌କୁ ବିଗତ ......ଟି ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24ଠାରୁ ବୁକ୍ କରିଦିଆଯାଇଛି। ଲକର୍ ଭଡ଼ା ପରିଶୋଧ ବାବଦରେ **ରୋଜାଲିନ ପରିଡ଼ା** ଏବଂ **ଭାବେଶ ଚନ୍ଦ୍ର ରାଉତରାୟଙ୍କ** ନିକଟକୁ ପଠାଯାଇଥିବା ସମସ୍ତ 3ଟି ଚିଠି ସେମାନଙ୍କୁ ହସ୍ତାନ୍ତରିତ ହୋଇ ନ ପାରି ଫେରିଆସିଛି ଏବଂ ସେମାନଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ। ଏତଦ୍ୱାରା ସୂଚିତ କରାଯାଉଛି ଯେ, ଏହି ନୋଟିସ ସତ୍ତ୍ୱେ ଯଦି **ରୋଜାଲିନ ପରିଡ଼ା** ଏବଂ **ଭାବେଶ ଚନ୍ଦ୍ର ରାଉତରାୟଙ୍କ** ଦ୍ୱାରା ସମସ୍ତ ଆର୍ଥିକବର୍ଷ 2017-18, 2018-19, 2019-20, 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍ ଭଡ଼ା ଏହି ନୋଟିସ ତାରିଖରୁ 3 ମାସରେ ପରିଶୋଧ କରା ନ ଯାଏ, ତେବେ 30 ଏପ୍ରିଲ, 2024 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଉକ୍ତ ଲକର୍‌କୁ ଭାଙ୍ଗି ଖୋଲାଯିବ।

ପ୍ରଥମ ଧାରକ **ହରି କିଶନ କେଡ଼ିଆ** ଏବଂ **ଉର୍ମିଳା କେଡ଼ିଆ**, ଠିକଣା: **ଡାଉନ୍‌ଟାଉନ୍ 1, ୟୁନିୱାର୍ଲ୍ଡ ସିଟି ଆକ୍ସନ୍ 3, ଫ୍ଲାଟ୍ ନଂ. 1901, ଟାଟା ମେମୋରିଆଲ୍ ହସ୍ପିଟାଲ ନିକଟ, କୋଲକାତା-700156**, ପଶ୍ଚିମବଙ୍ଗଙ୍କ ଦ୍ୱାରା **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ଭଡ଼ା ସୂତ୍ରରେ ନିଆଯାଇଥିବା ଲକର୍‌କୁ ବିଗତ ......ଟି ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24ଠାରୁ ବୁକ୍ କରିଦିଆଯାଇଛି। ଲକର୍ ଭଡ଼ା ପରିଶୋଧ ବାବଦରେ **ହରି କିଶନ କେଡ଼ିଆ** ଏବଂ **ଉର୍ମିଳା କେଡ଼ିଆଙ୍କ** ନିକଟକୁ ପଠାଯାଇଥିବା ସମସ୍ତ 3ଟି ଚିଠି ସେମାନଙ୍କୁ ହସ୍ତାନ୍ତରିତ ହୋଇ ନ ପାରି ଫେରିଆସିଛି ଏବଂ ସେମାନଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ। ଏତଦ୍ୱାରା ସୂଚିତ କରାଯାଉଛି ଯେ, ଏହି ନୋଟିସ ସତ୍ତ୍ୱେ ଯଦି **ହରି କିଶନ କେଡ଼ିଆ** ଏବଂ **ଉର୍ମିଳା କେଡ଼ିଆଙ୍କ** ଦ୍ୱାରା ସମସ୍ତ ଆର୍ଥିକବର୍ଷ 2018-19, 2019-20, 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍ ଭଡ଼ା ଏହି ନୋଟିସ ତାରିଖରୁ 3 ମାସରେ ପରିଶୋଧ କରା ନ ଯାଏ, ତେବେ 30 ଏପ୍ରିଲ, 2024 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଉକ୍ତ ଲକର୍‌କୁ ଭାଙ୍ଗି ଖୋଲାଯିବ।

ପ୍ରଥମ ଧାରକ **ଟି ରବିନ୍ କୁମାର ପାତ୍ରୋ**, ଠିକଣା: **ଘର ନଂ. 204, ଡ୍ରିମ୍‌ଜ ଭିଲ୍ଲା, ପ୍ଲଟ୍ ନଂ. ଭିଆଇପି12, ଭିଆଇପି ଏରିଆ ନୟାପଲ୍ଲୀ, ଖୋର୍ଦ୍ଧା-751015**, ଓଡ଼ିଶା, ଭାରତଙ୍କ ଦ୍ୱାରା **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ଭଡ଼ା ସୂତ୍ରରେ ନିଆଯାଇଥିବା ଲକର୍‌କୁ ବିଗତ .....ଟି ଆର୍ଥିକବର୍ଷ 2018-19, 2019-20, 2020-21, 2021-22, 2022-23 ଏବଂ 2023-24ଠାରୁ ବୁକ୍ କରିଦିଆଯାଇଛି। ଲକର୍ ଭଡ଼ା ପରିଶୋଧ ବାବଦରେ **ଟି ରବିନ୍ କୁମାର ପାତ୍ରୋଙ୍କ** ନିକଟକୁ ପଠାଯାଇଥିବା ସମସ୍ତ 3ଟି ଚିଠି ତାଙ୍କୁ ହସ୍ତାନ୍ତରିତ ହୋଇ ନ ପାରି ଫେରିଆସିଛି ଏବଂ ତାଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ। ଏତଦ୍ୱାରା ସୂଚିତ କରାଯାଉଛି ଯେ, ଏହି ନୋଟିସ ସତ୍ତ୍ୱେ ଯଦି **ଟି ରବିନ୍ କୁମାର ପାତ୍ରୋଙ୍କ** ଦ୍ୱାରା ସମସ୍ତ ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍ ଭଡ଼ା ଏହି ନୋଟିସ ତାରିଖରୁ 3 ମାସରେ ପରିଶୋଧ କରା ନ ଯାଏ, ତେବେ 30 ଏପ୍ରିଲ, 2024 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଉକ୍ତ ଲକର୍‌କୁ ଭାଙ୍ଗି ଖୋଲାଯିବ।

ପ୍ରଥମ ଧାରକ **ଶୋଭନ ନନ୍ଦ**, ଠିକଣା: **ପ୍ଲଟ୍ ନଂ. 738-ଏ, ରସୁଲଗଡ଼, ଖୋର୍ଦ୍ଧା-751010**, ଓଡ଼ିଶା, ଭାରତଙ୍କ ଦ୍ୱାରା କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ଭଡ଼ା ସୂତ୍ରରେ ନିଆଯାଇଥିବା ଲକର୍‌କୁ ବିଗତ .....ଟି ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24ଠାରୁ ବୁକ୍ କରିଦିଆଯାଇଛି। ଲକର୍ ଭଡ଼ା ପରିଶୋଧ ବାବଦରେ **ଶୋଭନ ନନ୍ଦଙ୍କ** ନିକଟକୁ ପଠାଯାଇଥିବା ସମସ୍ତ 3ଟି ଚିଠି ତାଙ୍କୁ ହସ୍ତାନ୍ତରିତ ହୋଇ ନ ପାରି ଫେରିଆସିଛି ଏବଂ ତାଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ। ଏତଦ୍ୱାରା ସୂଚିତ କରାଯାଉଛି ଯେ, ଏହି ନୋଟିସ ସତ୍ତ୍ୱେ ଯଦି **ଶୋଭନ ନନ୍ଦଙ୍କ** ଦ୍ୱାରା ସମସ୍ତ ଆର୍ଥିକବର୍ଷ 2018-19, 2019-20, 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍ ଭଡ଼ା ଏହି ନୋଟିସ ତାରିଖରୁ 3 ମାସରେ ପରିଶୋଧ କରା ନ ଯାଏ, ତେବେ 30 ଏପ୍ରିଲ, 2024 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଉକ୍ତ ଲକର୍‌କୁ ଭାଙ୍ଗି ଖୋଲାଯିବ।

ପ୍ରଥମ ଧାରକ **ରମଣ କୁମାର ସାହୁ**, ଠିକଣା: **707, ଶହୀଦ ନଗର, ଖୋର୍ଦ୍ଧା-751007**, ଓଡ଼ିଶା, ଭାରତଙ୍କ ଦ୍ୱାରା କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ଭଡ଼ା ସୂତ୍ରରେ ନିଆଯାଇଥିବା ଲକର୍‌କୁ ବିଗତ .....ଟି ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24ଠାରୁ ବୁକ୍ କରିଦିଆଯାଇଛି। ଲକର୍ ଭଡ଼ା ପରିଶୋଧ ବାବଦରେ **ରମଣ କୁମାର ସାହୁଙ୍କ** ନିକଟକୁ ପଠାଯାଇଥିବା ସମସ୍ତ 3ଟି ଚିଠି ତାଙ୍କୁ ହସ୍ତାନ୍ତରିତ ହୋଇ ନ ପାରି ଫେରିଆସିଛି ଏବଂ ତାଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ। ଏତଦ୍ୱାରା ସୂଚିତ କରାଯାଉଛି ଯେ, ଏହି ନୋଟିସ ସତ୍ତ୍ୱେ ଯଦି **ରମଣ କୁମାର ସାହୁଙ୍କ** ଦ୍ୱାରା ସମସ୍ତ ଆର୍ଥିକବର୍ଷ 2016-17, 2017-18, 2018-19, 2019-20, 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍ ଭଡ଼ା ଏହି ନୋଟିସ ତାରିଖରୁ 3 ମାସରେ ପରିଶୋଧ କରା ନ ଯାଏ, ତେବେ 30 ଏପ୍ରିଲ, 2024 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଉକ୍ତ ଲକର୍‌କୁ ଭାଙ୍ଗି ଖୋଲାଯିବ।

ପ୍ରଥମ ଧାରକ **ଦୀପକ ମହାନ୍ତି**, ଠିକଣା: **ପ୍ଲଟ୍ ନଂ. 2132-4724, ଦିବ୍ୟପ୍ରଭା ଆପାର୍ଟମେଣ୍ଟ, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ ଟାଉନ୍, ଖୋର୍ଦ୍ଧା, ଖୋର୍ଦ୍ଧା-751002**, ଓଡ଼ିଶା, ଭାରତଙ୍କ ଦ୍ୱାରା କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ଭଡ଼ା ସୂତ୍ରରେ ନିଆଯାଇଥିବା ଲକର୍‌କୁ ବିଗତ .....ଟି ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24ଠାରୁ ବୁକ୍ କରିଦିଆଯାଇଛି। ଲକର୍ ଭଡ଼ା ପରିଶୋଧ ବାବଦରେ **ଦୀପକ ମହାନ୍ତିଙ୍କ** ନିକଟକୁ ପଠାଯାଇଥିବା ସମସ୍ତ 3ଟି ଚିଠି ତାଙ୍କୁ ହସ୍ତାନ୍ତରିତ ହୋଇ ନ ପାରି ଫେରିଆସିଛି ଏବଂ ତାଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ। ଏତଦ୍ୱାରା ସୂଚିତ କରାଯାଉଛି ଯେ, ଏହି ନୋଟିସ ସତ୍ତ୍ୱେ ଯଦି **ଦୀପକ ମହାନ୍ତିଙ୍କ** ଦ୍ୱାରା ସମସ୍ତ ଆର୍ଥିକବର୍ଷ 2019-20, 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍ ଭଡ଼ା ଏହି ନୋଟିସ ତାରିଖରୁ 3 ମାସରେ ପରିଶୋଧ କରା ନ ଯାଏ, ତେବେ 30 ଏପ୍ରିଲ, 2024 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଉକ୍ତ ଲକର୍‌କୁ ଭାଙ୍ଗି ଖୋଲାଯିବ।

ପ୍ରଥମ ଧାରକ **ପ୍ରଣୟ କୁମାର ନାୟକ** ଏବଂ **ପୁଣ୍ୟ ପ୍ରିୟଙ୍କା ନାୟକ**, ଠିକଣା: **ଆଚାର୍ଯ୍ୟ ବିହାର (ଆଂଶିକ), ଭୁବନେଶ୍ୱର, ଶହୀଦନଗର, ଖୋର୍ଦ୍ଧା, ଭୁବନେଶ୍ୱର-751013**, ଓଡ଼ିଶା, ଭାରତଙ୍କ ଦ୍ୱାରା କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ଭଡ଼ା ସୂତ୍ରରେ ନିଆଯାଇଥିବା ଲକର୍‌କୁ ବିଗତ .....ଟି ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24ଠାରୁ ବୁକ୍ କରିଦିଆଯାଇଛି। ଲକର୍ ଭଡ଼ା ପରିଶୋଧ ବାବଦରେ **ପ୍ରଣୟ କୁମାର ନାୟକ** ଏବଂ **ପୁଣ୍ୟ ପ୍ରିୟଙ୍କା ନାୟକଙ୍କ** ନିକଟକୁ ପଠାଯାଇଥିବା ସମସ୍ତ 3ଟି ଚିଠି ସେମାନଙ୍କୁ ହସ୍ତାନ୍ତରିତ ହୋଇ ନ ପାରି ଫେରିଆସିଛି ଏବଂ ସେମାନଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ। ଏତଦ୍ୱାରା ସୂଚିତ କରାଯାଉଛି ଯେ, ଏହି ନୋଟିସ ସତ୍ତ୍ୱେ ଯଦି **ପ୍ରଣୟ କୁମାର ନାୟକ** ଏବଂ **ପୁଣ୍ୟ ପ୍ରିୟଙ୍କା ନାୟକଙ୍କ** ଦ୍ୱାରା ସମସ୍ତ ଆର୍ଥିକବର୍ଷ 2016-17, 2017-18, 2018-19, 2019-20, 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍ ଭଡ଼ା ଏହି ନୋଟିସ ତାରିଖରୁ 3 ମାସରେ ପରିଶୋଧ କରା ନ ଯାଏ, ତେବେ 30 ଏପ୍ରିଲ, 2024 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଉକ୍ତ ଲକର୍‌କୁ ଭାଙ୍ଗି ଖୋଲାଯିବ।

ପ୍ରଥମ ଧାରକ **ନିରଞ୍ଜନ ମହାପାତ୍ର**, ଠିକଣା: **ସ୍ଥାନ- କୁଲସାରିଚୁଆଁ, ପୋଷ୍ଟ- ସାରିଚୁଆଁ, 42 ମୌଜା, ଭାୟା- ବେଣ୍ଟକାର, ଥାନା- ସଦର, କଟକ-754112**, ଓଡ଼ିଶା, ଭାରତଙ୍କ ଦ୍ୱାରା କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍‌ର **କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ଭଡ଼ା ସୂତ୍ରରେ ନିଆଯାଇଥିବା ଲକର୍‌କୁ ବିଗତ .....ଟି ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24ଠାରୁ ବୁକ୍ କରିଦିଆଯାଇଛି। ଲକର୍ ଭଡ଼ା ପରିଶୋଧ ବାବଦରେ **ନିରଞ୍ଜନ ମହାପାତ୍ରଙ୍କ** ନିକଟକୁ ପଠାଯାଇଥିବା ସମସ୍ତ 3ଟି ଚିଠି ତାଙ୍କୁ ହସ୍ତାନ୍ତରିତ ହୋଇ ନ ପାରି ଫେରିଆସିଛି ଏବଂ ତାଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ। ଏତଦ୍ୱାରା ସୂଚିତ କରାଯାଉଛି ଯେ, ଏହି ନୋଟିସ ସତ୍ତ୍ୱେ ଯଦି **ନିରଞ୍ଜନ ମହାପାତ୍ରଙ୍କ** ଦ୍ୱାରା ସମସ୍ତ ଆର୍ଥିକବର୍ଷ 2019-20, 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍ ଭଡ଼ା ଏହି ନୋଟିସ ତାରିଖରୁ 3 ମାସରେ ପରିଶୋଧ କରା ନ ଯାଏ, ତେବେ 30 ଏପ୍ରିଲ, 2024 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଉକ୍ତ ଲକର୍‌କୁ ଭାଙ୍ଗି ଖୋଲାଯିବ।

# 'ଭାରତର ଅଭିବୃଦ୍ଧିରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି'



**ଭୁବନେଶ୍ୱର, ୧।୩(ଅସମାପିକା ସାହୁ)**

ବିକଶିତ ଭାରତ ନିର୍ମାଣ ପାଇଁ କ୍ଷେତ୍ର ପ୍ରସ୍ତୁତି ନିମନ୍ତେ ଯେଉଁସବୁ ଆବଶ୍ୟକତା ରହିଛି ତାହା ଗତ ୧୦ବର୍ଷ ମଧ୍ୟରେ କରାଯାଇଛି। ଆମର ଅର୍ଥନୀତି ଅଧିକରୁ ଅଧିକ ଅନ୍ତର୍ଭୁକ୍ତିକରଣ ହେବା ଆବଶ୍ୟକ। ଭାରତର ଅଭିବୃଦ୍ଧିରେ ଯୁବଗୋଷ୍ଠୀ ବିଶେଷ କରି ଛାତ୍ରୀଛାତ୍ର ଓ ଉଚ୍ଚଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ମହତ୍ୱପୂର୍ଣ୍ଣ ଯୋଗଦାନ ରହିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର କହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ନଲେଜ୍ ଟ୍ରି ବକ୍ତୃତାମାଳାରେ ବକ୍ତୃତା ପ୍ରଦାନ କରି ସେ କହିଲେ, ବିକଶିତ ଭାରତ ନିର୍ମାଣରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ଚିନ୍ତାନାୟକ ଭାବେ ଉଭା ହେବାକୁ ଯାଉଛି। ବିଭିନ୍ନ କ୍ଷେତ୍ରରେ ଗବେଷଣା ନିମନ୍ତେ ଭାରତ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ବରାଦ କରାଯାଇଛି। ଉଚ୍ଚ ଶିକ୍ଷଣ ସଂସ୍ଥାନ ଓ ଗବେଷଣା ଅନୁଷ୍ଠାନଗୁଡ଼ିକ ଏହାର ଫାଇଦା ନେବା ଆବଶ୍ୟକ। ଗବେଷଣାରେ ପୂର୍ବ ଭାରତ ଏକ ପ୍ରମୁଖ ହବ୍ ପାଲଟିବାକୁ ଯାଉଛି। ନୂତନ ଜ୍ଞାନ କୌଶଳ କ୍ଷେତ୍ରରେ ଶିକ୍ଷାନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ କ୍ଷେତ୍ରରେ କିଟ୍ ଶିକ୍ଷାନୁଷ୍ଠାନ ସମୂହ ଏକ ଭଲ ସ୍ଥାନରେ ରହିଛି। ଛାତ୍ରୀଛାତ୍ର ଜ୍ଞାନ ଆହରଣ ସହ ନିଜର ସାମଗ୍ରିକ ବିକାଶ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଏକ ସମୃଦ୍ଧ ଭାରତ ଗଠନ ନିମନ୍ତେ ସମାଜ ପ୍ରତି ନିଜର ଯୋଗଦାନ ନେଇ ଧ୍ୟାନ ଦେବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। କିଟ୍ ଓ କିସ୍ ପରିଦର୍ଶନ ମୋତେ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିଛି। ଏଠାରେ ଅନ୍ତର୍ଭୁକ୍ତିକରଣ ଓ ସମ୍ଭାବ୍ୟ ବିବିଧତାକୁ ଗୁରୁତ୍ୱ ପ୍ରଦାନ କରାଯିବା ଖୁସିର ବିଷୟ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ସେ କିସ୍ ପରିଦର୍ଶନ କରି କିସ୍‌ର ୪୦ ହଜାର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ମିଶ୍ର କହିଲେ, ଶିକ୍ଷା ହେଉଛି ସମାଜର ମୂଳଦୁଆ। ଶିକ୍ଷା ସମସ୍ତଙ୍କୁ ସଶକ୍ତ କରିଥାଏ। ଶିକ୍ଷା ଭବିଷ୍ୟତ ମାର୍ଗକୁ ପ୍ରଶସ୍ତ କରିଥାଏ। ଛାତ୍ରୀଛାତ୍ର ହେଉଛନ୍ତି ଭବିଷ୍ୟତ, ସେମାନେ କେବେ ବି ଶିକ୍ଷାର ମହତ୍ତ୍ୱକୁ ଭୁଲିଯିବା ଉଚିତ ନୁହେଁ ବୋଲି ସେ କହିଥିଲେ।

**କିଟ୍ ନଲେଜ୍ ଟ୍ରି ବକ୍ତୃତାମାଳା**

## କୃଷି ଭବନ ବୁଲିଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

**ଭୁବନେଶ୍ୱର, ୧।୩(ଅସମାପିକା ସାହୁ)**

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଶୁକ୍ରବାର କୃଷି ଭବନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ କୃଷି ସମୀକ୍ଷା କେନ୍ଦ୍ର ବୁଲି ଦେଖିବା ସହିତ ଏହାର କାର୍ଯ୍ୟକାରିତା ସମ୍ପର୍କରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଏବଂ ଡିଜିଟାଇଜେଶନ୍ ମାଧ୍ୟମରେ କୃଷିରେ ରୂପାନ୍ତରଣ ଆଣିବା ନିମନ୍ତେ କୃଷି ବିଭାଗ ପକ୍ଷରୁ କୃଷି ସମୀକ୍ଷା କେନ୍ଦ୍ର ନାମକ ଏକ ଅତ୍ୟାଧୁନିକ ଡିଜିଟାଲ ପ୍ଲାଟ୍‌ଫର୍ମ ସ୍ଥାପନ କରାଯାଇଛି। ଏହାଦ୍ୱାରା ପ୍ରକୃତ କ୍ଷେତ୍ରସ୍ତରୀୟ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ କରାଯାଇପାରୁଛି। ଏହି ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମର ଉପଯୋଗ ଦ୍ୱାରା ବିଭାଗର ଅଧିକାରୀମାନେ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର ଡିଜାଇନ୍ ପରିକଳ୍ପନା ଆଧାରିତ ସର୍ବେକ୍ଷଣ କରିପାରୁଛନ୍ତି। ବାସ୍ତବ ସମୟର ତଥ୍ୟ ଏବଂ ଏହାର ଅପ୍‌ଡେଟ୍ ଆଧାରରେ କ୍ଷେତ୍ରର ସମସ୍ୟାକୁ ତୁରନ୍ତ ଚିହ୍ନଟ କରି ସମାଧାନ ଦିଗରେ ପଦକ୍ଷେପ ନିଆଯାଇପାରୁଛି। ଏହାଦ୍ୱାରା କୀଟପତଙ୍ଗର ପ୍ରାଦୁର୍ଭାବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଦି ସମୟରେ ଫସଲହାନିକୁ ବହୁ ପରିମାଣରେ ହ୍ରାସ କରାଯାଇପାରୁଛି ବୋଲି ଡ. ମିଶ୍ରଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ସେ କୃଷି ଭବନ ପରିସରରେ ଥିବା ମିଲେଟ୍ସ କାଫେ ପରିଦର୍ଶନ କରି ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ପରିଦର୍ଶନ ସମୟରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓସେପାର ନିର୍ଦ୍ଦେଶକ ଅନୁପମ ସାହାଙ୍କ ସମେତ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ପାଠ ପଢ଼ିବାକୁ ବାପା ତାଗିଦ୍ କରିବାରୁ ପୁଅଙ୍କ ଆତ୍ମହତ୍ୟା

**ସୋର, ୧।୩ (ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ଆଟପୁର ପଞ୍ଚାୟତ ହଂସୀପାଟଣା ଗ୍ରାମର ଜଣେ ଛାତ୍ର ବାପାଙ୍କ ତାଗିଦ୍ ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ସେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଯୁକ୍ତ୨ରେ ପଢୁଥିଲେ। ଶୁକ୍ରବାର ସକାଳେ ତାଙ୍କ ବାପା ପାଠ ପଢ଼ିବାକୁ ନେଇ ତାଗିଦ୍ କରିବା ସହ ଗାଳିଗୁଲଜ କରିଥିଲେ। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ଘର ବାଡ଼ିରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଝୁଲିପଡ଼ିଥିଲେ। ପରେ ତାଙ୍କ ବାପା ବାଡିକୁ ଯାଇ ପୁଅକୁ ଝୁଲୁଥିବା ଅବସ୍ଥାରେ ଦେଖି ତୁରନ୍ତ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା(ନଂ.୧୦।୨୪) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ: ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



**ଭୁବନେଶ୍ୱର, ୧।୩(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସନ୍ତା ୫ ତାରିଖରେ ଓଡ଼ିଶା ଗସ୍ତ ରହିଛି। ସେଦିନ ପ୍ରଧାନମନ୍ତ୍ରୀ ତେଲଙ୍ଗାନାରୁ କାର୍ଯ୍ୟକ୍ରମ ସାରି ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିବେ। ସେଠାରୁ ସେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଯାଜପୁର ଜିଲା ଚଣ୍ଡିଖୋଲ ଯାଇ ଏକ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଏକ ସାଧାରଣ ସଭାରେ ଯୋଗଦେବେ। ସେ ସନ୍ଧ୍ୟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ବିମାନ ଯୋଗେ କୋଲ୍‌କାତା ଅଭିମୁଖେ ଯାତ୍ରା କରିବେ।

ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମର ଆନୁଷଙ୍ଗିକ ପ୍ରଶାସନିକ ପ୍ରସ୍ତୁତି ଓ ସୁରକ୍ଷା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଶୁକ୍ରବାର ଲୋକସେବା ଭବନରେ ରାଜ୍ୟ ପ୍ରଶାସନ ତଥା ପୋଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ପାଛୋଟି ନେବା ଓ ମେଲାଣି ଦେବା ସମୟରେ ସୁରକ୍ଷା ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ତାଙ୍କର ଜରୁରିକାଳୀନ ସାମୟିକ ରହଣି ବ୍ୟବସ୍ଥା, ପ୍ରସ୍ତୁତ ହେବାକୁ ଥିବା ମଞ୍ଚର ସୁରକ୍ଷା ଯାଞ୍ଚ, କାରକେଡ୍ ବ୍ୟବସ୍ଥା, ଭିଭିଆଇପି ଯାତ୍ରା ସମୟରେ ବିଭିନ୍ନ ସେବା ପାଇଁ ଆବଶ୍ୟକ ଯାନ ବ୍ୟବସ୍ଥା, ବ୍ୟବହୃତ ହେବାକୁଥିବା ହେଲିକପ୍ଟରର ନିରାପତ୍ତା, ଚିକିତ୍ସା ବ୍ୟବସ୍ଥା ପାଇଁ ଆମ୍ବୁଲାନ୍ସ ପ୍ରସ୍ତୁତି, ଭିଭିଆଇପିଙ୍କ ଦ୍ୱାରା ବ୍ୟବହୃତ ହେବାକୁଥିବା ସଡ଼କର ଆବଶ୍ୟକ ମରାମତି, ପରିମଳ ବ୍ୟବସ୍ଥା, କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ସମ୍ପର୍କରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମ ସ୍ଥଳରେ ଆବଶ୍ୟକ ଜେନେରେଟର ସହ ୨ଟି ଅତିରିକ୍ତ ଜେନେରେଟରର ବ୍ୟବସ୍ଥା କରିବା ଓ ପ୍ରତ୍ୟେକ ସ୍ଥାନରେ ଏହାକୁ ପରିଚାଳନା କରିବା ପାଇଁ ୨ ଜଣ ଅପରେଟର ମୁତୟନ ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟକ୍ରମ ସ୍ଥଳରେ ବାରିକେଡିଂ ବ୍ୟବସ୍ଥା, ଆବଶ୍ୟକ ପାସ୍ ବ୍ୟବସ୍ଥା, ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସୂଚନା ସରବରାହ ବ୍ୟବସ୍ଥା, କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିୟମାବଳୀ ଅନୁସାରେ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନ କରିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ଗୃହ ବିଭାଗ ତରଫରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ। ଏହି ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ବରିଷ୍ଠ ଅଧିକାରୀ ଏବଂ ପୋଲିସ ଡିଜି ପ୍ରମୁଖ ଉପସ୍ଥିତ ଥିଲେ।

## ସଭ୍ୟପଦ ରଦ୍ଦ କରିବାକୁ ଦାବି କଲା ଭାଜପା

**ବ୍ରହ୍ମପୁରର ୪ କର୍ପୋରେଟର ବିଜେଡିରେ ମିଶିବା ଘଟଣା**

**ଭୁବନେଶ୍ୱର, ୧।୩(ସୁନିତ୍ ମିଶ୍ର)**

ବ୍ରହ୍ମପୁର ମହାନଗର ନିଗମର ୪ ଭାଜପା କର୍ପୋରେଟର ନୀଳକାନ୍ତ ସାହୁ, ରଞ୍ଜିତା ବେହେରା, କରୁଣାକର ଓ ପ୍ରଦୀପ କୁମାର ଶତପଥୀ ଗତ ୨୬ ତାରିଖରେ ବିଜେଡିରେ ମିଶିଛନ୍ତି। ସେମାନେ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ଜିତିଥିଲେ। ତେଣୁ ସେମାନଙ୍କ ସଭ୍ୟ ପଦ ରଦ୍ଦ କରାଯାଉ ବୋଲି ଭାଜପା ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଭାଜପା କହିଛି, ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆଇନ ୨୦୦୩ର ଧାରା ୧୧୨(କ) ଉଲ୍ଲଙ୍ଘନ କରାଯାଇଥିବାରୁ ଦଳ ବିରୋଧୀ ଆଇନ ଅନୁଯାୟୀ ସେମାନଙ୍କ ସଭ୍ୟପଦ ରଦ୍ଦ କରାଯାଇ ତୁରନ୍ତ ନିର୍ବାଚନ କରାଯାଉ। ଏହାକୁ ବିଚାର କରି କମିଶନ ତୁରନ୍ତ ପଦକ୍ଷେପ ନେବାକୁ ଭାଜପା ଦାବି କରିଛି।



ପୂର୍ବତନ ମିସ୍ ଇଣ୍ଡିଆ ତ୍ରିପୁରା ରିଙ୍କି ଚାକ୍ମାଙ୍କର କ୍ୟାନ୍ସରରେ ମୃତ୍ୟୁ ଘଟିଛି। ତାଙ୍କୁ ୨୮ ବର୍ଷ ହୋଇଥିଲା। ସେ ୨ ବର୍ଷ ହେଲା କ୍ୟାନ୍ସରରେ ପୀଡ଼ିତ ଥିଲେ। ଅସ୍ତ୍ରୋପଚାର ସତ୍ତ୍ୱେ ସେ ସବୁଦିନ ପାଇଁ ଆଖି ବୁଜିଛନ୍ତି। ତାଙ୍କ ପରଲୋକରେ ଫେମିନା ମିସ୍ ଇଣ୍ଡିଆ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।



# ଧର୍ମ ନାଁରେ ଭୋଟ ମାଗିବା ମନା

## ରାଜନୈତିକ ଦଳଗୁଡ଼ିକୁ ଇସିଙ୍କ ଚେତାବନୀ

**ନୂଆଦିଲ୍ଲୀ, ୧।୩(ପି.ଟି.)**

ରାଜନୈତିକ ଦଳଗୁଡ଼ିକ ଜାତି, ଧର୍ମ ଓ ଭାଷା ଆଧାରରେ ମତଦାତାଙ୍କୁ ଭୋଟ ମାଗି ପାରିବେ ନାହିଁ। ଏପରି କି କୌଣସି ଦଳ ଅନ୍ୟ ଧର୍ମର ଦେବଦେବୀଙ୍କୁ ଅପମାନିତ କରିବା ଭଳି କାର୍ଯ୍ୟ କରିପାରିବେ ନାହିଁ ବୋଲି ଶୁକ୍ରବାର ଭାରତର ନିର୍ବାଚନ କମିଶନ (ଇସିଆଇ) କଡ଼ା ଚେତାବନୀ ଦେଇଛନ୍ତି। ଲୋକ ସଭା ନିର୍ବାଚନକୁ କିଛି ସପ୍ତାହ ବାକି ଥିବାବେଳେ କମିଶନଙ୍କ ଏହି ନିର୍ଦ୍ଦେଶାବଳୀକୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ଇସିଆଇ ଜାରି କରିଥିବା ଆଡ୍‌ଭାଇଜରି ଦଳ, ପ୍ରାର୍ଥୀ ଓ ସେମାନଙ୍କ ଷ୍ଟାର ପ୍ରଚାରକମାନଙ୍କ ପାଇଁ ଉଦ୍ଦିଷ୍ଟ।




ଏଥିରେ ଉଲ୍ଲେଖ କରାଯାଇଛି ଯେ, ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ନିର୍ବାଚନ ପ୍ରଚାର ବେଳେ କୌଣସି ଧର୍ମସ୍ଥଳୀକୁ ବ୍ୟବହାର କରା ନ ଯାଉ ବୋଲି ଇସିଆଇ କହିଛନ୍ତି। ଅତୀତରେ ନୋଟିସ ପାଇଥିବା ଷ୍ଟାର ପ୍ରଚାରକ ଓ ପ୍ରାର୍ଥୀମାନେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର ପୁନରାବୃତ୍ତି କଲେ ସେମାନେ କଠୋର କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ସେହିପରି ସାମାଜିକ ଗଣମାଧ୍ୟମରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅପମାନିତ କରିବା ଭଳି ପୋଷ୍ଟ କରିବାକୁ ମଧ୍ୟ ମନା କରାଯାଇଛି। ଚଳିତମାସରେ ଲୋକ ସଭା ନିର୍ବାଚନ ସହ ଏକସଙ୍ଗେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯିବ। ଏଥିସହ ଆଦର୍ଶ ଆଚରଣ ବିଧି ଲାଗୁ ହେବ। ଏହା ପୂର୍ବରୁ କମିଶନଙ୍କ ପକ୍ଷରୁ ଏହି ଆଡ୍‌ଭାଇଜରି ଜାରି କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ନିକଟରେ ରାଜନୈତିକ ଦଳଗୁଡ଼ିକୁ ବିଭାଜନକାରୀ ଓ ବ୍ୟକ୍ତିଗତ ଆକ୍ଷେପମୂଳକ ଭାଷା ପ୍ରୟୋଗରୁ କ୍ଷାନ୍ତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଭୋଟରଙ୍କୁ ବିଭ୍ରାନ୍ତ କଲାଭଳି ଭାଷା ବ୍ୟବହାର ନ କରିବାକୁ ତାଗିଦ୍ କରିଥିଲେ। ସଦ୍ୟ ନିର୍ଦ୍ଦେଶନାମା ସହ ଦଳ, ପ୍ରାର୍ଥୀ ଓ କ୍ୟାମ୍ପେନରମାନଙ୍କ ପାଇଁ ଅତିରିକ୍ତ ଉତ୍ତରଦାୟିତ୍ୱ ସ୍ଥିର କରାଯାଇଛି।

# କାଫେରେ ବିସ୍ଫୋରଣ: ୧୦ ଆହତ

## ବୋମା ରଖିଥିବା ବ୍ୟକ୍ତି ଚିହ୍ନଟ

**ବେଙ୍ଗାଲୁରୁ, ୧।୩(ପି.ଟି.)**




ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେରେ ଶୁକ୍ରବାର ଅପରାହ୍ନରେ ବୋମା ବିସ୍ଫୋରଣ ଘଟି ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ କାଫେର କର୍ମଚାରୀ ହୋଇଥିବାବେଳେ ଅନ୍ୟମାନେ ଗ୍ରାହକ। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସିସିଟିଭି ଫୁଟେଜ୍ ଯାଞ୍ଚରୁ ବୋମା ଖଞ୍ଜିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଏବଂ ବିସ୍ଫୋରକ ସାମଗ୍ରୀ ଆଇନ ଅନୁଯାୟୀ ବେଙ୍ଗାଲୁରୁର ଏଚ୍‌ଏଏଲ୍ ଥାନାରେ ମାମଲା ରୁଜୁ ହୋଇଛି। ଆଇଇଡିରୁ ବିସ୍ଫୋରଣ ଘଟିଥିଲା ବୋଲି କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି। କାଫେ ନିକଟରେ ରଖାଯାଇଥିବା ବ୍ୟାଗ୍‌ରେ ଆଇଇଡି ରହିଥିଲା। ଅଭିଯୁକ୍ତ ଜଣକ କାଫେରେ ଖାଇବା ପରେ ସେଠାରେ ବ୍ୟାଗ୍ ରଖିଦେଇ ଚାଲିଯାଇଥିଲେ।

ଘଟଣାସ୍ଥଳରେ କର୍ନାଟକ ପୋଲିସ ଡିଜି ଆଲୋକ ମୋହନ, ବେଙ୍ଗାଲୁରୁ ପୋଲିସ କମିଶନର ବି. ଦୟାନନ୍ଦ ଓ ଅନ୍ୟା ବରିଷ୍ଠ ଅଧିକାରୀମାନେ ପହଞ୍ଚି ତଦାରଖ ଚଳାଇଛନ୍ତି। ଏନ୍‌ଆଇଏ ଏବଂ ଆଇବି ଅଧିକାରୀମାନଙ୍କୁ ମଧ୍ୟ ଜଣାଇ ଦିଆଯାଇଛି। ବିସ୍ଫୋରଣର ସବୁ ଦିଗକୁ ନେଇ ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଢାକା ବିଲ୍ଡିଂରେ ନିଆଁ: ୪୬ ମୃତ



**ଢାକା, ୧।୩**

ବାଂଲାଦେଶ ରାଜଧାନୀ ଢାକାସ୍ଥିତ ଏକ ୭ ମହଲା କୋଠାରେ ଗୁରୁବାର ରାତିରେ ନିଆଁ ଲାଗି ଅନ୍ୟୂନ ୪୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ ଆହତ ହୋଇଛନ୍ତି। ବାଇଲି ରୋଡ୍ ଏରିଆରେ ଥିବା ଗ୍ରୀନ୍ କୋଜି କଟେଜ୍ ବିଲ୍ଡିଂର ଫାଷ୍ଟ ଫ୍ଲୋରରେ ରାତି ପ୍ରାୟ ୯ଟା ୫୦ରେ ନିଆଁ ଲାଗିଥିଲା। ଲୋକପ୍ରିୟ 'ରେଷ୍ଟୁରାଣ୍ଟ କାଚ୍ଚିଭାଇ'ରୁ ନିଆଁ ଉପର ମହଲାକୁ ବ୍ୟାପିଥିଲା। ଉପର ମହଲାଗୁଡ଼ିକରେ ଥିବା ରେଷ୍ଟୁରାଣ୍ଟ ଓ କପଡ଼ା ଦୋକାନଗୁଡ଼ିକ ଏଥିରେ ଭସ୍ମୀଭୂତ ହୋଇଯାଇଥିବା ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଛି।

### ଅଲ୍ଟମ୍ୟାନ୍‌ଙ୍କୁ କୋର୍ଟକୁ ଟାଣିଲେ ମସ୍କ



ସାମ୍ ଅଲ୍ଟମ୍ୟାନ୍ ଏଲନ୍ ମସ୍କ

**ୱାଶିଂଟନ୍, ୧।୩:** ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ଚାଟ୍‌ଜିପିଟି ନିର୍ମାତା ଓପନ୍‌ଏଆଇ ତଥା ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ସାମ୍ ଅଲ୍ଟମ୍ୟାନ୍‌ଙ୍କୁ ଚୁକ୍ତି ଖିଲାପି ଅଭିଯୋଗରେ କୋର୍ଟର କାଠଗଡ଼ାକୁ ଟାଣିଛନ୍ତି। ବ୍ୟବସାୟିକ ଲାଭ ପରିବର୍ତ୍ତେ ମାନବ ଜାତିର ସୁବିଧା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବିକଶିତ କରିବା ଓପନ୍‌ଏଆଇ କମ୍ପାନୀର ମୂଳ ମିଶନ ଥିଲା। ଏଥିସକାଶେ ଅଲ୍ଟମ୍ୟାନ୍ ଏବଂ ଓପନ୍‌ଏଆଇ ସହ ପ୍ରତିଷ୍ଠାତା ଗ୍ରେଗ୍ ବ୍ରୋକ୍‌ମ୍ୟାନ୍ ମସ୍କଙ୍କ ସହ ପୂର୍ବରୁ ଯୋଗାଯୋଗ କରିଥିଲେ। କିନ୍ତୁ ଅଲ୍ଟମ୍ୟାନ୍ ଏବଂ ତାଙ୍କ ସହଯୋଗୀମାନେ ଏହି ମିଶନରୁ ଓହରିଯାଇଥିବା ଆମେରିକାର ସାନ୍ ଫ୍ରାନ୍‌ସିସ୍କୋସ୍ଥିତ ଏକ କୋର୍ଟରେ ଦାଖଲ ପିଟିଶନରେ ମସ୍କ ଉଲ୍ଲେଖ କରିଛନ୍ତି।

### ମହାଦେବ ଆପ୍ ମାମଲା

### ୫୮୦ କୋଟିର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ, ୧।୩(ପି.ଟି.)**

ମହାଦେବ ଆପ୍ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୁବାଇର ହାୱାଲା ଅପରେଟରଙ୍କ ୫୮୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ସିକ୍ୟୁରିଟି ହୋଲ୍ଡିଂକୁ ଅଚଳ କରିବା ସହ ୩.୬୪ କୋଟି ଟଙ୍କା ମୂଲ୍ୟର ନଗଦ ଅର୍ଥ ଓ ମୂଲ୍ୟବାନ୍ ସାମଗ୍ରୀ ଜବତ କରିଛି। ଇଡି ପକ୍ଷରୁ ଉକ୍ତ ହାୱାଲା ଅପରେଟରଙ୍କର କୋଲକାତା, ଗୁରୁଗ୍ରାମ, ଦିଲ୍ଲୀ, ଇନ୍ଦୋର, ମୁମ୍ବାଇ ଏବଂ ରାୟପୁରରେ ଥିବା କାର୍ଯ୍ୟାଳୟ ଉପରେ ଫେବୃଆରୀ ୨୮ରେ ଚଢ଼ାଉ କରାଯାଇଥିଲା। ମହାଦେବ ଅନ୍‌ଲାଇନ ବୁକ୍ ଗେମିଂ ଓ ବେଟିଂ ଆପ୍ ସହ ଛତିଶଗଡ଼ର ବହୁ ରାଜନେତା ଓ ଉଚ୍ଚପଦସ୍ଥ ଅଧିକାରୀ ସମ୍ପୃକ୍ତ ଥିବା ଇଡି ତଦନ୍ତରୁ ଜାଣିବାକୁ ପାଇଛି। ଆପ୍‌ର ଦୁଇ ମୁଖ୍ୟ ପ୍ରମୋଟରଙ୍କ ଘର ଛତିଶଗଡ଼ରେ। ମୁଖ୍ୟ ହାୱାଲା ଅପରେଟର ହରିଶଙ୍କର ଟିବ୍ରେୱାଲଙ୍କ ଘର କୋଲକାତା ହୋଇଥିବାବେଳେ ସେ ଏବେ ଦୁବାଇରେ ରହୁଛନ୍ତି। ଇଡି ତାଙ୍କ ଘର ସମେତ ତାଙ୍କ ସହଯୋଗୀଙ୍କ ଘରେ ଚଢ଼ାଉ କରିଥିଲା।

# ପ୍ରାର୍ଥୀ ସଂଖ୍ୟା ୪ ଗୁଣ ବଢ଼ିଛି

**୧୯୫୨ରୁ ୨୦୧୯ ଲୋକ ସଭା ନିର୍ବାଚନ**

**ନୂଆଦିଲ୍ଲୀ, ୧।୩(ପି.ଟି.)**

ଭାରତରେ ୧୯୫୨ରେ ଲଢ଼ାଯାଇଥିବା ପ୍ରଥମ ଲୋକ ସଭା ନିର୍ବାଚନରୁ ୨୦୧୯ ନିର୍ବାଚନ ମଧ୍ୟରେ ପ୍ରାର୍ଥୀ ସଂଖ୍ୟା ୪ ଗୁଣରୁ ଅଧିକ ବଢ଼ିଛି। ସରକାରୀ ତଥ୍ୟ ଅନୁଯାୟୀ ୧୯୫୨ରେ ୧,୮୭୪ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିବାବେଳେ ୨୦୧୯ରେ ପ୍ରତିଯୋଗୀଙ୍କ ସଂଖ୍ୟା ୮,୦୩୯ ରହିଥିଲା। ଏହି ଅବଧି ମଧ୍ୟରେ ନିର୍ବାଚନ ମଣ୍ଡଳୀ ପ୍ରତି ହାରାହାରି ପ୍ରାର୍ଥୀ ସଂଖ୍ୟା ୪.୬୭%ରୁ ୧୪.୮%କୁ ବଢ଼ିଛି।

ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଯଦିଓ ୧୯୫୨ ନିର୍ବାଚନଠାରୁ ପ୍ରତି ଥର ପ୍ରାର୍ଥୀ ସଂଖ୍ୟା ବଢ଼ିଚାଲିଛି, ଏଥର କେତେ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇବେ ତାହା ଜଣାପଡ଼ି ନାହିଁ। ତଥ୍ୟ ଅନୁଯାୟୀ ୧୯୭୭ରେ ଷଷ୍ଠ ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ପ୍ରତି ନିର୍ବାଚନ ମଣ୍ଡଳୀରେ ହାରାହାରି ପ୍ରାର୍ଥୀ ସଂଖ୍ୟା ୩ରୁ ୫ ମଧ୍ୟରେ ରହୁଥିଲା। ଗତ ନିର୍ବାଚନରେ ତାହା ୧୪.୮ରେ ପହଞ୍ଚିଥିଲା। ଅଣଲାଭଦାୟକ ସଂସ୍ଥା ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ପକ୍ଷରୁ କରାଯାଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି, ୨୦୧୯ ସାଧାରଣ ନିର୍ବାଚନରେ ୫୪୨ ସଂସଦୀୟ କ୍ଷେତ୍ରରୁ ୮,୦୩୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେଲଙ୍ଗାନାରେ ପ୍ରତି ସଂସଦୀୟ କ୍ଷେତ୍ରରେ ହାରାହାରି ପ୍ରାର୍ଥୀ ସଂଖ୍ୟା ସର୍ବାଧିକ ଥିଲେ। କେବଳ ନିଜାମବାଦ୍ ଆସନ ପାଇଁ ୧୮୫ ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ଆସନକୁ ବାଦ୍ ଦେଲେ ତେଲଙ୍ଗାନାର ହାରାହାରି ପ୍ରାର୍ଥୀ ସଂଖ୍ୟା ୧୬.୧ ଥିଲା। ତେଲଙ୍ଗାନା ପରେ ତାମିଲନାଡୁରେ ପ୍ରତି ନିର୍ବାଚନ ମଣ୍ଡଳୀରେ ହାରାହାରି ପ୍ରାର୍ଥୀ ସଂଖ୍ୟା ଦ୍ୱିତୀୟ ସର୍ବାଧିକ ଥିଲା। ପ୍ରାର୍ଥୀଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ସ୍ୱାଧୀନ ଭାବେ ଲଢ଼ିଥିଲେ। ନିଜାମବାଦ୍ ପରେ ଦ୍ୱିତୀୟ ସର୍ବାଧିକ ପ୍ରାର୍ଥୀ କର୍ନାଟକର ବେଲଗାମ୍ ଆସନରୁ ଲଢ଼ିଥିଲେ।

ଗତ ନିର୍ବାଚନରେ ଭାଜପା ଏବଂ କଂଗ୍ରେସ ଯଥାକ୍ରମେ ୪୩୫ ଏବଂ ୪୨୦ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ୩୭୩ ଆସନରେ ଉଭୟ ଦଳ ମଧ୍ୟରେ ଲଢ଼େଇ ହୋଇଥିଲା। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ତୃତୀୟ ସର୍ବାଧିକ ପ୍ରାର୍ଥୀ ଦେଇଥିଲା। ୭ ଜାତୀୟ ଦଳ ନିର୍ବାଚନ ମଣ୍ଡଳୀ ପିଛା ୨.୬୯ ପ୍ରାର୍ଥୀ ଛିଡ଼ା କରାଇଥିବାବେଳେ ପଶ୍ଚିମବଙ୍ଗରେ ସର୍ବାଧିକ ହାରାହାରି ୪.୬ ପ୍ରାର୍ଥୀ ଲଢ଼ିଥିଲେ। ସେହିପରି ସ୍ୱୀକୃତିପ୍ରାପ୍ତ ରାଜ୍ୟ ଦଳ ନିର୍ବାଚନ ମଣ୍ଡଳୀ ପିଛା ହାରାହାରି ୧.୫୩ ପ୍ରାର୍ଥୀ ଦେଇଥିଲେ।

ତଥ୍ୟ ଅନୁଯାୟୀ ୧୯୫୨ରେ ୪୮୯ ଆସନ ପାଇଁ ୧,୮୭୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଅର୍ଥାତ୍ ପ୍ରତି ନିର୍ବାଚନ ମଣ୍ଡଳୀରେ ହାରାହାରି ୩.୮୩ ପ୍ରାର୍ଥୀ ଥିଲେ। ୧୯୭୧ରେ ମୋଟ ପ୍ରାର୍ଥୀଙ୍କ ସଂଖ୍ୟା ୨,୭୮୪କୁ ବଢ଼ିଥିବାବେଳେ ହାରାହାରି ପ୍ରାର୍ଥୀ ସଂଖ୍ୟା ୫.୩୭ ହୋଇଥିଲା। ୧୯୭୭ରେ ମୋଟ ପ୍ରାର୍ଥୀ ସଂଖ୍ୟା ୨,୪୩୯ (ହାରାହାରି ୪.୫), ୧୯୮୦ରେ ୪,୬୨୯ (ହାରାହାରି ୮.୫୪) ରହିଥିଲେ। ସେହିପରି ୧୯୮୪-୮୫ ଅଷ୍ଟମ ସାଧାରଣ ନିର୍ବାଚନରେ ମୋଟ ପ୍ରାର୍ଥୀ ସଂଖ୍ୟା ୫,୪୯୨ ଥିବାବେଳେ ହାରାହାରି ପ୍ରାର୍ଥୀସଂଖ୍ୟା ୧୦.୧୩ ରହିଥିଲା। ୧୯୮୯ରେ ମୋଟ ପ୍ରାର୍ଥୀ ୬,୧୬୦ (ହାରାହାରି ୧୧.୩୪), ୧୯୯୧-୯୨ରେ ୫୪୩ ଆସନ ପାଇଁ ମୋଟ ପ୍ରାର୍ଥୀ ୮,୬୬୮ (ହାରାହାରି ୧୫.୯୬) ରହିଥିଲେ। ଏକାଦଶ ଲୋକ ସଭା ପାଇଁ ନିର୍ବାଚନ ମଣ୍ଡଳୀ ପ୍ରତି ହାରାହାରି ପ୍ରାର୍ଥୀ ସଂଖ୍ୟା ୨୫.୬୯କୁ ବଢ଼ିଥିଲା। ସେଥର ମୋଟ ୧୩,୯୫୨ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ୧୯୯୮ରେ ମୋଟ ପ୍ରାର୍ଥୀ ୪,୭୫୦ ଥିବାବେଳେ ହାରାହାରି ପ୍ରାର୍ଥୀ ଥିଲେ ୮.୭୫। ୧୯୯୯ରେ ପ୍ରାର୍ଥୀ ସଂଖ୍ୟା ଥିଲା ୪,୬୪୮। ୨୦୦୪ରେ ୫,୪୩୫ ପ୍ରାର୍ଥୀ ଲଢ଼ିଥିବାବେଳେ ୨୦୦୯ରେ ୮,୦୭୦ ଜଣ ଏବଂ ୨୦୧୪ରେ ୮,୨୫୧ ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଥିଲେ।



ରୁଷିଆର ବିରୋଧୀ ନେତା ଏଲେକ୍ସି ନାଭାଲ୍‌ନିଙ୍କ ଶେଷକୃତ୍ୟ ଶୁକ୍ରବାର ମସ୍କୋରେ ସମ୍ପନ୍ନ ହୋଇଛି। ୨ ସପ୍ତାହ ତଳେ ଆର୍କଟିକ୍ ପେନାଲ କଲୋନି ଜେଲରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏହି ମୃତ୍ୟୁ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କୁ ଦାୟୀ କରାଯାଉଛି। ଶେଷକୃତ୍ୟ ପୂର୍ବରୁ ଚର୍ଚ୍ଚରେ ଏଲେକ୍ସି ନାଭାଲ୍‌ନିଙ୍କ କଫିନ୍ ନିକଟରେ ତାଙ୍କ ବାପା ଆନାଟୋଲି ନାଭାଲ୍‌ନି ଓ ମା' ଲ୍ୟୁଡ୍‌ମିଲା ନାଭାଲନୟାଙ୍କ ସହ ଆତ୍ମୀୟ ସ୍ୱଜନ।

# କୋରାପୁଟରେ ତିଆରି ହେବ ମିଗ୍ ବିମାନ ଇଞ୍ଜିନ୍

## ୩୯,୧୨୫ କୋଟିର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର

**ନୂଆଦିଲ୍ଲୀ, ୧।୩(ପି.ଟି.)**

ବ୍ରହ୍ମୋସ୍ ସୁପରସୋନିକ କ୍ରୁଜ୍ ମିଶାଇଲ, ରାଡାର, ୱେପନ୍ ସିଷ୍ଟମ, ମିଗ୍-୨୯ ଜେଟ୍ ବିମାନ ପାଇଁ ଏରୋ-ଇଞ୍ଜିନ୍ ସମେତ ୫ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଭାରତ ଶୁକ୍ରବାର ବିଭିନ୍ନ ସଂସ୍ଥା ସହ ୩୯,୧୨୫ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ସମସ୍ତ ପ୍ରତିରକ୍ଷା ସରଞ୍ଜାମ ସଶସ୍ତ୍ର ବଳର ଆକ୍ରମଣ କ୍ଷମତା ବଢ଼ାଇବ। ଆର୍‌ଡି-୩୩ ଏରୋ ଇଞ୍ଜିନ୍ ପାଇଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ହାଲ୍) ସହ ୫,୨୪୯.୭୨ କୋଟିର ଚୁକ୍ତି ସ୍ୱାକ୍ଷର ହୋଇଛି। ହାଲ୍‌ର କୋରାପୁଟ ଡିଭିଜନରେ ଏରୋ ଇଞ୍ଜିନ ତିଆରି ହେବ ବୋଲି ମନ୍ତ୍ରଣାଳୟ କହିଛି। ଏହି ଇଞ୍ଜିନ ଭାରତୀୟ ବାୟୁସେନାର ମିଗ୍-୨୯ ଯୁଦ୍ଧବିମାନଗୁଡ଼ିକର ଅପରେଶନ କ୍ଷମତା ବଢ଼ାଇବ। ରୁଷିଆର ମୂଳ ନିର୍ମାତାଙ୍କଠାରୁ ପ୍ରଯୁକ୍ତି ହସ୍ତାନ୍ତର ଲାଇସେନ୍ସ ଜରିଆରେ ଏହି ଏରୋ-ଇଞ୍ଜିନ ନିର୍ମାଣ କରାଯିବ। ସେହିପରି ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ପାଇଁ ବ୍ରହ୍ମୋସ୍ ଏରୋସ୍ପେସ୍ ପ୍ରା.ଲିଃ (ବିଏପିଏଲ୍) ସହ ୧୯,୫୧୮.୬୫ କୋଟି ଟଙ୍କାର ଚୁକ୍ତି ହୋଇଥିବାବେଳେ ଜାହାଜରୁ ଛଡ଼ାଯାଇପାରୁଥିବା ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଲାଗି ୯୮୮ କୋଟି ଟଙ୍କାର ଅନ୍ୟ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହା ବ୍ୟତୀତ କ୍ଲୋଜ୍-ଇନ୍ ୱେପନ୍ ସିଷ୍ଟମ (ସିଆଇଡବ୍ଲ୍ୟୁଏସ୍) କ୍ରୟ ପାଇଁ ଲାର୍ସନ ଆଣ୍ଡ୍ ଟୁବ୍ରୋ ଲିଃ ସହ ମନ୍ତ୍ରଣାଳୟ ୭,୬୬୮.୮୨ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରିଛି। ସେହିପରି ଉଚ୍ଚ କ୍ଷମତାସମ୍ପନ୍ନ ରାଡାର ସିଷ୍ଟମ୍ କ୍ରୟ ନିମନ୍ତେ ଲାର୍ସନ ଆଣ୍ଡ୍ ଟୁବ୍ରୋ ସହ ୫,୭୦୦ କୋଟିର ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ପ୍ରତିରକ୍ଷା ସଚିବ ଗିରିଧର ଅରମାନେଙ୍କ ଉପସ୍ଥିତିରେ ବିଭିନ୍ନ ପ୍ଲାଟ୍‌ଫର୍ମ ଓ ୱେପନ୍ ସିଷ୍ଟମ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି।

# ଖୁବ୍‌ଶୀଘ୍ର ଭାଜପା ପ୍ରାର୍ଥୀ ତାଲିକା

**ନୂଆଦିଲ୍ଲୀ, ୧।୩**

ଲୋକ ସଭା ନିର୍ବାଚନ ପାଇଁ ସବୁ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଏହି କ୍ଷେତ୍ରରେ ଶାସକ ଭାଜପା ପାଦେ ଆଗରେ ରହିଛି। ୫୪୩ ସଂସଦୀୟ କ୍ଷେତ୍ର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୫୫ ଆସନ ପାଇଁ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହୋଇଥିବା କୁହାଯାଉଛି। ପ୍ରଥମ ଦଫାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ କେତେଜଣ ହାଇପ୍ରୋଫାଇଲ୍ ନେତା ଓ ସେଲିବ୍ରିଟିଙ୍କ ଆସନ ଘୋଷଣା କରାଯାଇପାରେ। ଭାଜପା ମୁଖ୍ୟାଳୟରେ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକ ଗୁରୁବାର ରାତି ୧୦ଟା ୨୦ରୁ ଭୋର ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ପ୍ରଧାନମନ୍ତ୍ରୀଙ୍କ ସହ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟ ସଦସ୍ୟମାନେ ଥିଲେ। ସେମାନେ ଦ୍ୱିତୀୟ ଥର ଏମ୍‌ପି ହୋଇସାରିଥିବା ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନେତାଙ୍କୁ ଏଥର ଟିକେଟ ଦିଆଯାଇ ନ ପାରେ। ନୂଆ ମୁହଁ, ମହିଳା ଓ ସାଂଗଠନିକ ଦକ୍ଷତା ଥିବା ଯୁବନେତାଙ୍କୁ ଅଗ୍ରାଧିକାର ମିଳିପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ତାଙ୍କ ଗଡ଼ ବାରାଣସୀରୁ ଲଢ଼ିବା ଆପାତତଃ ନିଶ୍ଚିତ ଥିବାବେଳେ ରାଜନାଥ ଲକ୍ଷ୍ନୌରୁ ଏବଂ ଅମିତ୍ ଶାହାଙ୍କୁ ଗାନ୍ଧୀନଗରରୁ ଟିକେଟ ଦିଆଯାଇପାରେ। ଉତ୍ତରପ୍ରଦେଶର ୮୦ ଆସନ ମଧ୍ୟରୁ ୬ଟି ସହଯୋଗୀ ଅପନା ଦଳ(୨), ଆର୍‌ଏଲ୍‌ଡି (୨), ଏସ୍‌ପିବିଏସ୍‌ପି(୧) ଏବଂ ନିଶାଦ ପାର୍ଟିକୁ ଗୋଟିଏ ଆସନ ଭାଜପା ଛାଡ଼ିଦେଇପାରେ।

ପଶ୍ଚିମବଙ୍ଗର ଆସନସୋଲରେ ଟିଏମ୍‌ସି ଏମ୍‌ପି ଶତ୍ରୁଘ୍ନ ସିହ୍ନାଙ୍କ ବିରୋଧରେ ଲୋକପ୍ରିୟ ଭୋଜପୁରୀ ଷ୍ଟାର ପବନ ସିଂଙ୍କୁ ଗୈରିକ ଦଳ ପ୍ରାର୍ଥୀ କରିପାରେ। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଭୋପାଳ କିମ୍ବା ବିଦିଶା, କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଗୁନା-ଶିବପୁରୀ ଏବଂ ମନୋଜ ତିୱାରୀଙ୍କୁ ନର୍ଥଇଷ୍ଟ ଦିଲ୍ଲୀ ଆସନରୁ ଟିକେଟ ମିଳିପାରେ। ସେହିପରି ଦିଲ୍ଲୀର ଚାନ୍ଦିନୀଚୌକରୁ ଅଭିନେତା ଅକ୍ଷୟକୁମାର ଓ ହିମାଚଳପ୍ରଦେଶର ମଣ୍ଡି ଆସନରୁ ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କୁ ସୁଯୋଗ ମିଳିପାରେ।




ଭାଜପା ସିଇସି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦଳର ଅଧ୍ୟକ୍ଷ ଜେ.ପି. ନଡ୍ଡା।

# ଆମେ କ'ଣ ସବୁ ଏମ୍‌ପିଙ୍କ ଦେହରେ ଚିପ୍ ଲଗାଇବୁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧।୩**

ଦେଶର ସମସ୍ତ ଏମ୍‌ପି ଏବଂ ବିଧାୟକମାନଙ୍କ ଉପରେ ଡିଜିଟାଲି ନଜର ରଖିବା ପାଇଁ ସୁପ୍ରିମକୋର୍ଟରେ ଦାଏର ଏକ ଜନସ୍ୱାର୍ଥ ମାମଲାକୁ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଶୁକ୍ରବାର ଖାରଜ କରିଦେଇଛନ୍ତି। ପ୍ରତିନିଧିମାନେ ନିର୍ବାଚିତ ହେବା ପରେ ଲୋକଙ୍କ ସେବକ ଭାବେ ନୁହେଁ, ବରଂ ଶାସକଙ୍କ ଭଳି ବ୍ୟବହାର ଦେଖାଉଥିବାରୁ ଆବେଦନକାରୀ ଡ. ସୁରିନ୍ଦରନାଥ କୁନ୍ଦ୍ରା ଏଥିରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏମ୍‌ପି, ବିଧାୟକମାନଙ୍କୁ ଲଗାତର ସର୍ଭିଲାନ୍ସରେ ରଖାଗଲେ ବଡିକ୍ୟାମ୍ ଫୁଟେଜ୍‌ରେ ସେମାନଙ୍କ ଗତିବିଧିକୁ ଯେକୌଣସି ନାଗରିକ ଦେଖିପାରିବେ। ସେହିପରି ନୀତି ସମ୍ପର୍କିତ ସବୁ ସଂସ୍କାରମୂଳକ କାର୍ଯ୍ୟର ନିଷ୍ପତ୍ତି ମତଦାନ ଜରିଆରେ କରାଯାଉ ବୋଲି କୁନ୍ଦ୍ରା ଅଦାଲତଙ୍କୁ ନିବେଦନ କରିଥିଲେ। ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ପି. ପରଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ବେଳେ ଆବେଦନକାରୀଙ୍କୁ କହିଥିଲେ, ଆଇନପ୍ରଣେତାମାନଙ୍କ ଗତିବିଧି ଉପରେ ୨୪ ଘଣ୍ଟିଆ ନଜର ରଖିବା ପାଇଁ ଅଦାଲତ କ'ଣ ସେମାନଙ୍କ ଶରୀରରେ ଚିପ୍ ଲଗାଇପାରିବେ। କେବଳ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଟ୍ରାକ୍ କରିବା ପାଇଁ ଏହି ପନ୍ଥା ଆପଣାଯାଇପାରେ। ଏମ୍‌ପି, ବିଧାୟକମାନଙ୍କ ଗୋପନୀୟତା ଅଧିକାର ଅଛି। ସମସ୍ତ ସାଂସଦଙ୍କୁ ଡିଜିଟାଲି ମନିଟର କରିବା ସମ୍ଭବ ନୁହେଁ। ଏଭଳି ଏକ ପ୍ରସଙ୍ଗରେ ନ୍ୟାୟିକ ସମୟର ଦୁରୁପଯୋଗ ଦିଲ୍ଲୀ ବାସିନ୍ଦା ସୁରିନ୍ଦରନାଥଙ୍କୁ ସିଜେଆଇ ଭର୍ତ୍ସନା କରିଛନ୍ତି। ଏଥିସହ ଭବିଷ୍ୟତରେ ଏପରି ଯୁକ୍ତି ବାଢ଼ି ପିଟିଶନ ଦାଖଲ କଲେ ୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ସିଜେଆଇ ଚେତାବନୀ ଦେଇଛନ୍ତି।

# ଭାରତ ପାଇଁ ୨ ବ୍ୟାଧି ବୋଝ

**ନୂଆଦିଲ୍ଲୀ, ୧।୩**

ଭାରତ ୨ଟି ବିପରୀତଧର୍ମୀ ବ୍ୟାଧିର ବୋଝ ତଳେ ଚାପିହୋଇଯାଇଛି। ଗୋଟିଏ କୁପୋଷଣ ଓ ଅନ୍ୟଟି ମେଦବହୁଳତା। ଗୁଣାତ୍ମକ ଖାଦ୍ୟର ଅଭାବ, ଶସ୍ତା ତଥା ଅସ୍ୱାସ୍ଥ୍ୟକର ଆହାର ଗ୍ରହଣ କରିବା ଯୋଗୁ ବହୁ ଲୋକ କୁପୋଷଣର ଶିକାର ହେଉଛନ୍ତି। ୨୦୨୨ରେ ଦେଶର ପ୍ରାୟ ୪୪ ନିୟୁତ ମହିଳା ଏବଂ ୨୬ ନିୟୁତ ପୁରୁଷ ମେଦବହୁଳଗ୍ରସ୍ତ ହୋଇଥିବା ଲାନ୍‌ସେଟର ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି। ୧୯୯୦ ତୁଳନାରେ ଏହା ହେଉଛି ମହିଳାଙ୍କ କ୍ଷେତ୍ରରେ ୨.୪ ନିୟୁତ ଏବଂ ପୁରୁଷଙ୍କ କ୍ଷେତ୍ରରେ ୧.୧ ନିୟୁତ ଅଧିକ।

ବିଶ୍ୱର ପ୍ରତିଷ୍ଠିତ ବୈଜ୍ଞାନିକମାନଙ୍କୁ ନେଇ ଗଠିତ ଏନ୍‌ସିଡି-ରିସ୍କଫ୍ୟାକ୍ଟର କୋଲାବରେଶନ (ଏନ୍‌ସିଡି-ରିସ୍କ) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ୨୦୨୨ରେ ୧୨.୫ ନିୟୁତ ପିଲା (୫ରୁ ୧୯ ବର୍ଷୀୟ)ଙ୍କ ଓଜନ ସ୍ୱାଭାବିକଠାରୁ ଅଧିକ ଥିବା ଜଣାପଡ଼ିଛି। ପ୍ରକାଶିତ ରିପୋର୍ଟ ଅନୁସାରେ ୧୯୯୦ ଦଶକ ପରଠୁ ବିଶ୍ୱରେ ବୟସ୍କଙ୍କ ମଧ୍ୟରେ ୨ ଗୁଣା ମେଦବହୁଳତା ବୃଦ୍ଧି ପରିଲକ୍ଷିତ ହୋଇଛି। ପୋଷଣ ଅଭାବ ପୂର୍ବାପେକ୍ଷା କମିଥିଲେ ସୁଦ୍ଧା ଦକ୍ଷିଣପୂର୍ବ ଏସିଆ ଏବଂ ଉପସାହରୀୟ ଆଫ୍ରିକାର ଅନେକ ଦେଶରେ ଏହା ବର୍ତ୍ତମାନ ମଧ୍ୟ ବଡ଼ ଚ୍ୟାଲେଞ୍ଜ ହୋଇରହିଛି।



# ଅନନ୍ତ ଅମ୍ବାନୀଙ୍କ ବାହାଘରରେ ୧,୨୦୦ ଅତିଥି

**ଜାମନଗର, ୧।୩**

ଭାରତର ଶ୍ରେଷ୍ଠ ଧନୀ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନପୁଅ ୨୮ ବର୍ଷୀୟ ଅନନ୍ତଙ୍କର ବିବାହ ତାଙ୍କ ଦୀର୍ଘଦିନର ବାନ୍ଧବୀ ରାଧିକା ମର୍ଚ୍ଚାଣ୍ଟ(୨୯)ଙ୍କ ସହ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପ୍ରି-ୱେଡିଂ ଉତ୍ସବ ଶୁକ୍ରବାରଠାରୁ ଗୁଜରାଟର ଜାମନଗରରେ ଆରମ୍ଭ ହୋଇଛି। ଏଥିରେ ବହୁସଂଖ୍ୟାରେ ବଡ଼ ବ୍ୟବସାୟୀ ଏବଂ ସେଲିବ୍ରିଟି ଯୋଗ ଦେଉଥିବାବେଳେ ସେମାନଙ୍କୁ ନେବାଆଣିବା ପାଇଁ ଚାର୍ଟର ଜେଟ୍‌ର ବ୍ୟବସ୍ଥା କରାଯାଇଛି। ୧,୨୦୦ ଅତିଥି ଏହି ଉତ୍ସବରେ ସାମିଲ ହୋଇଛନ୍ତି। ଅତିଥିଙ୍କ ତାଲିକାରେ ଆମେରିକାର ବିଲ୍ ଗେଟ୍ସ, ମାର୍କ ଜୁକେରବର୍ଗ ଥିବାବେଳେ ଭାରତୀୟ ବଡ଼ ବ୍ୟବସାୟୀଙ୍କ ମଧ୍ୟରେ ଗୌତମ ଆଦାନୀ, କୁମାର ମଙ୍ଗଲମ୍ ବିର୍ଲା, ବଲିଉଡ୍ ତାରକା ଶାହରୁଖ ଖାନ୍, ସଲମାନ ଖାନ୍ ପ୍ରମୁଖ ରହିଛନ୍ତି।



ପ୍ରି-ୱେଡିଂ ସେରିମନିରେ ରାଧିକା ମର୍ଚ୍ଚାଣ୍ଟଙ୍କ ସହ ଅନନ୍ତ ଅମ୍ବାନୀ।

## ସଙ୍ଗୀତ ପରିବେଷଣ ପାଇଁ ରେହାନାଙ୍କୁ ୭୪ କୋଟି



ଅନନ୍ତ ଅମ୍ବାନୀଙ୍କ ବାହାଘରରେ ଯୋଗଦେଉଥିବା ଅତିଥିମାନଙ୍କ ମନୋରଞ୍ଜନ ପାଇଁ ପପ୍ ଏବଂ ଆର୍ ଆଣ୍ଡ ବି ସୁପରଷ୍ଟାର ରିହାନା ସଙ୍ଗୀତ ପରିବେଷଣ କରିବାକୁ ଥିବାବେଳେ ଆମେରିକାର ଯାଦୁଗର ଡାଭିଡ୍ ବ୍ଲେନ୍ ମ୍ୟାଜିକ୍ ପରିବେଷଣ କରିବେ। ରିହାନା ସଙ୍ଗୀତ ପରିବେଷଣ ପାଇଁ ୮ରୁ ୯ ନିୟୁତ ଡଲାର (୬୬ରୁ ୭୪ କୋଟି ଟଙ୍କା) ନେଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଅତିଥିଙ୍କ ପାଇଁ ୫୦୦ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା କରାଯାଇଛି। ମନ୍ଦିର କମ୍ପ୍ଲେକ୍ସରେ ପାରମ୍ପରିକ ଉତ୍ସବ ଅନୁଷ୍ଠିତ ହେବ। ବୁଧବାର ଅନନ୍ତ ଏବଂ ତାଙ୍କ ଭାବୀ ସ୍ତ୍ରୀ ସ୍ଥାନୀୟ ଅଞ୍ଚଳର ୫୧,୦୦୦ ଲୋକଙ୍କ ପାଇଁ ଅନ୍ନସେବାର ଆୟୋଜନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁକେଶଙ୍କ ସମେତ ଅନନ୍ତ ଏବଂ ରାଧିକା ଲୋକଙ୍କୁ ଖାଦ୍ୟ ପରିବେଷଣ କରୁଥିବା ଦେଖାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ: ...................................
ଜନ୍ମ ତାରିଖ: ...............................


ହେମାମାଳିନୀ
ପରିବାରବର୍ଗ


ପ୍ରଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରୋ କବାଡି ଲିଗ୍: ପୁନେରି ପଲଟନ୍ ଚାମ୍ପିୟନ

**ହାଇଦ୍ରାବାଦ,୧।୩**

ଗଚିବାଓଲିର ବାଲଯୋଗୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ପ୍ରୋ କବାଡି ଲିଗ୍ ଦଶମ ସଂସ୍କରଣ ଫାଇନାଲରେ ବିଜୟୀ ହୋଇଛି ପୁନେରି ପଲଟନ୍। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ବିଗତ ସଂସ୍କରଣର ରନର୍ ଅପ୍ ପୁଣେ ୨୮-୨୫ରେ ହରିୟାଣା ଷ୍ଟିଲର୍ସଙ୍କୁ ପରାସ୍ତ କରିଛି। ପୁନେରି ପଲଟନ୍ ଦ୍ୱିତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ବେଳେ ପ୍ରଥମ ଥର ଟାଇଟଲ ହାସଲ କରିବାରେ ସମର୍ଥ ହୋଇଛି।

ଫାଇନାଲ ମ୍ୟାଚରେ ଉଭୟ ଦଳ ସତର୍କତାର ସହ ଖେଳ ଆରମ୍ଭ କରିଥିଲେ। ରକ୍ଷଣାତ୍ମକ ଢଙ୍ଗରେ ଉଭୟ ଦଳ ଖେଳ ଆରମ୍ଭ କରିଥିଲେ। ଉଭୟ ଦଳ ପରସ୍ପରକୁ ଗୋଟିଏ ପଏଣ୍ଟ ଛାଡୁ ନ ଥିବା ବେଳେ ମ୍ୟାଚ୍ ୭-୭ରେ ରହିଥିଲା। ତେବେ ପ୍ରଥମାର୍ଦ୍ଧରେ ଏକ ସୁପର ରେଡ ସହ ପଲଟନର ପଙ୍କଜ ମୋହିତେ ମ୍ୟାଚ୍‌ର ମୋଡ ବଦଳାଇ ଦେଇଥିଲେ। ଏକା ଥରରେ ହରିୟାଣା ଷ୍ଟିଲର୍ସର ୪ ଖେଳାଳିଙ୍କୁ ଆଉଟ କରିବା ସହ ପୁଣେକୁ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ପୁନେରି ପଲଟନ୍ ୧୩-୧୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଷ୍ଟିଲର୍ସ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରିଥିଲେ ମଧ୍ୟ ପୁଣେର ଡିଫେଣ୍ଡର ମାନେ ସୁଯୋଗ ଦେଇ ନ ଥିଲେ। ମ୍ୟାଚ୍ ଶେଷ ହେବା ବେଳକୁ ପୁଣେ ୨୮-୨୨ରେ ଆଗୁଆ ରହିଥିଲା। ଅନ୍ତିମ ମିନିଟରେ ଷ୍ଟିଲର୍ସ ୩ ପଏଣ୍ଟ ସଂଗ୍ରହ କରିଥିବା ବେଳେ ପ୍ରଥମ ଟାଇଟଲ ବିଜୟୀ ହୋଇଥିଲା। ଉଭୟ ଦଳ ୧୭ ରେଡ ପଏଣ୍ଟ ଅର୍ଜନ କରିଥିବା ବେଳେ ଟ୍ୟାକେଲ ପଏଣ୍ଟରେ ବାଜିମାରି ନେଇଥିଲା ପୁଣେ। ଷ୍ଟିଲର୍ସ ୫ ଟ୍ୟାକେଲ ପଏଣ୍ଟ ଅର୍ଜନ କରିଥିବା ବେଳେ ୯ ଟ୍ୟାକେଲ ପଏଣ୍ଟ ହାତେଇଥିଲା ପଲଟନ। ପଲଟନ ପକ୍ଷରୁ ପଙ୍କଜ ମୋହିତେ ୯ ଓ ମୋହିତ ଗୋୟତ ୬ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ମୋହିତ ପତାରେ ୬ ଓ ସିଦ୍ଧାର୍ଥ ଦେଶାଇ ୪ ପଏଣ୍ଟ ଅର୍ଜନ କରିଥିଲେ। ଯୋଗେଶଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଯୁବ ଖେଳାଳି ଭାବରେ ପୁରସ୍କୃତ କରାଯାଇଥିଲା। ପୁନେରି ପଲଟନର ଅସଲମ ଇନାମଦାରଙ୍କୁ ମୋଷ୍ଟ ଭ୍ୟାଲୁଏବୁଲ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା।



ପ୍ରୋ କବାଡ଼ି ଲିଗ୍ ଚାମ୍ପିୟନ ପୁନେରି ପଲଟନ୍ ଦଳର ଖେଳାଳିମାନେ ପଦକ ସହ ଖୁସି ମୁହୂର୍ତ୍ତରେ।

# ୱାରିଅର୍ସର ଦ୍ୱିତୀୟ ବିଜୟ

## ଓମେନ୍ସ ପ୍ରିମିୟର ଲିଗ୍

## ପରାଜୟରେ ଗୁଜରାଟର ହ୍ୟାଟ୍ରିକ

**ବେଙ୍ଗାଲୁରୁ,୧।୩**

ଓମେନ୍ସ ପ୍ରିମିୟର ଲିଗ୍‌ରେ ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସଙ୍କୁ ୬ ଉଇକେଟରେ ହରାଇ ଦ୍ୱିତୀୟ ବିଜୟ ହାସଲ କରିଛି ୟୁପି ୱାରିଅର୍ଜ। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୨୦ ଓଭରରେ ୫ ଉଇକେଟ ହରାଇ ୧୪୨ ରନ୍ କରିଥିଲା। ଜବାବରେ ୧୫.୪ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ କରି ନେଇଥିଲା ୟୁପି।

ଟସ୍ ହାରି ବ୍ୟାଟିଂ କରିଥିବା ଗୁଜରାଟ ପକ୍ଷରୁ ବେଥ୍ ମୁନି(୧୬) ଓ ଲୌରା ଓଲ୍ଭାର୍ଡ୍ଟ(୨୮) ପ୍ରଥମ ଉଇକେଟରେ ୪୦ ରନ୍ ଯୋଡିଥିଲେ। ପରବର୍ତ୍ତୀ ବ୍ୟାଟର ହରଲିନ୍ ଦେଓଲ ୨୪ ବଲ୍ ଖେଳି ୧୮ ରନ୍ କରିବାରୁ ଦଳର ରନହାର ଧୀମେଇ ଯାଇଥିଲା। ତେବେ ଫିବ୍ ଲିଚଫିଲ୍ଡ(୩୫) ଓ ଆସ୍‌ଲେ ଗାର୍ଡନର (୩୦) ଦ୍ରୁତ ବ୍ୟାଟିଂ କରିବାରୁ ଦଳୀୟ ସ୍କୋର ୧୪୦ ପାର କରିଥିଲା। ଲିଚଫିଲ୍ଡ ୨୬ ବଲ ଖେଳକି ୪ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଗାର୍ଡନର ମାତ୍ର ୧୭ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। ୟୁପି ପକ୍ଷରୁ ସୋଫି ଏକେଲଷ୍ଟୋନ ଚମତ୍କାର ବୋଲିଂ କରି ୨୦ ରନ୍‌ରେ ୩ ଉଇକେଟ ନେଇଥିଲେ। ରାଜେଶ୍ୱରୀ ଗାଏକ୍ୱାଡ ଗୋଟିଏ ସଫଳତା ହାସଲ କରିଥିଲେ।

୧୪୩ ରନ୍ ଲକ୍ଷ୍ୟର ପିଛା କରୁଥିବା ୟୁପି ପକ୍ଷରୁ ଆଲିସା ହିଲି(୩୩) ଓ କିରନ ନଭଗିରେ (୧୨) ପ୍ରଥମ ଉଇକେଟରେ ୪୨ ରନ୍ ଯୋଡିଥିଲେ। ୩ ନମ୍ବରରେ ବ୍ୟାଟିଂ କରିଥିବା ଚମାରି ଅଟ୍ଟାପଟ୍ଟୁ ୧୭ ରନ୍ କରି ଆଉଟ ହୋଇଥିବା ବେଳେ ଗ୍ରେସ୍ ହାରିସ୍ ଅପରାଜିତ ୬୦ ରନ୍ କରି ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ୩୩ ବଲ୍ ଖେଳି ସେ ୯ ଚୌକା ଓ ୨ ଛକା ମାରିଥିଲେ। ଦୀପ୍ତି ଶର୍ମା(୧୭*)ଙ୍କ ସହ ମିଶି ଦଳକୁ ବିଜୟୀ କରିଥିଲେ ହାରିସ୍। ଗୁଜରାଟ ପକ୍ଷରୁ ତନୁଜା କନ୍ୱର ୨ ଉଇକେଟ ନେଇଥିବା ବେଳେ ମେଘନା ସିଂ ଓ କାଥରିନ୍ ବ୍ରାଇସ୍ ଗୋଟିଏ ଲେଖାଏ ସଫଳତା ହାସଲ କରିଥିଲେ। ହ୍ୟାଟ୍ରିକ ପରାଜୟ ହାସଲ କରିଥିବା ଗୁଜରାଟ ଏହାର ପଏଣ୍ଟ ଖାତା ଖୋଲିପାରି ନାହିଁ।

**ସଂକ୍ଷିପ୍ତ ସ୍କୋର:** ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୧୪୨/୫(ଫିବ୍ ଲିଚଫିଲ-୩୫, ଆସ୍‌ଲେ ଗାର୍ଡନର-୩୦, ଲୌରା ଓଲ୍ଭାର୍ଡ୍ଟ-୨୮, ସୋଫି ଏକେଲଷ୍ଟୋନ-୩/୨୦, ରାଜେଶ୍ୱରୀ ଗାଏକ୍ୱାଡ-୧/୩୩)। ୟୁପି ୱାରିଅର୍ଜ ୧୫.୪ ଓଭରରେ ୧୪୩/୪(ଗ୍ରେସ୍ ହାରିସ୍-୬୦*, ଆଲିସା ହିଲି-୩୩, ଦୀପ୍ତି ଶର୍ମା-୧୭*, ତନୁଜା କନ୍ୱର-୨/୨୩, କାଥରିନ୍ ବ୍ରାଇସ୍-୧/୧୯, ମେଘନା ସିଂ-୧/୩୯)।


**୧୯ତମ ଜନ୍ମଦିନ ଶୁଭେଚ୍ଛା**



**ହେମାମାଳିନୀ ମହାନ୍ତ**
ବେଲସରେଇ, କେଉଁଝର, ଓଡ଼ିଶା
ଆଜି ତୋର ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ।
**ଶୁଭେଚ୍ଛା ସହ:**
ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୬୬୫


# ଓମେନ୍ସ ନେଶନ୍ସ ଲିଗ୍: ସ୍ପେନ୍ ଚାମ୍ପିୟନ

**ମାଡ୍ରିଡ୍,୧।୩(ପି.ଟି.):** ପ୍ରଥମ ସଂସ୍କରଣର ଓମେନ୍ସ ନେଶନ୍ସ ଲିଗ୍ ଫୁଟବଲ୍ ଟୁର୍ନାମେଣ୍ଟରେ ସ୍ପେନ୍ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଗୁରୁବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ଫ୍ରାନ୍ସକୁ ୨-୦ ଗୋଲରେ ପରାସ୍ତ କରିଥିଲା ସ୍ପେନ୍। ଦଳ ପକ୍ଷରୁ ଆଇଟାନା ବୋନମାଟି(୩୨) ଓ ମାରିଆନା କାଲଡେଣ୍ଟେ ୫୩ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଗୁରୁବାର ଲା କାର୍ଟୁଜା ଷ୍ଟାଡିୟମରେ ୩୨୬୫୭ ଦର୍ଶକଙ୍କ ଉପସ୍ଥିତିରେ ଫ୍ରାନ୍ସ ବିପକ୍ଷରେ ୬୦ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା ସ୍ପେନ୍। ୧୦ ଶଟ୍ ମାରିଥିବା ବେଳେ ଏଥିରୁ ୪ଟି ଟାର୍ଗେଟରେ ରହିଥିଲା। ପ୍ରଥମାର୍ଦ୍ଧର ୩୨ତମ ମିନିଟରେ ଆଇଟାନା ବୋନମାଟି ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ଦଳ ୧-୦ରେ ଆଗୁଆ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧର ୫୩ ତମ ମିନିଟରେ ମାରିଆନା କାଲଡେଣ୍ଟେ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଚମତ୍କାର ପ୍ରଦର୍ଶନ କରିଥିବା ଆଇଟାନା ବୋନମାଟିଙ୍କୁ ପ୍ଲେୟର ଅଫ ଦ ଫାଇନାଲ ଓ ମୋଷ୍ଟ ଭାଲ୍ୟୁଏବୁଲ ପ୍ଲେୟର ଅଫ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା।

ତୃତୀୟ ସ୍ଥାନ ପ୍ଲେ ଅଫ୍ ମ୍ୟାଚରେ ନେଦରଲାଣ୍ଡସକୁ ୨-୦ରେ ପରାସ୍ତ କରିବା ସହ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି ଜର୍ମାନୀ। ପୂର୍ବରୁ ଦୁଇ ଫାଇନାଲିଷ୍ଟ ସ୍ପେନ୍ ଓ ଫ୍ରାନ୍ସ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ହାସଲ କରିସାରିଥିଲେ।


# Classified Everyday
**0674-2580101, 2549949**

## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%



REAL ESTATE

SALE

Gharabari plot sale Sundarpada Xavier University with boundarywall. 6372670155. D-75922

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75919

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। 9827119799. D-2605

Plot sale Bhubaneswar, Sundarpada Roadରେ ଦଧିବାମନପୁର ମୌଜା yellowzone ଘରବାରି 30' road, pole ଥାଇ sqft.-1200/- ମିଳୁଛି। Biswajit-7008184348. D-71069

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129. D-75914



CONSTRUCTION

Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195. D-75913

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



FOR RENT

Shop room (10'x10') 2 Nos. opposite College Jayadev Vihar, Main Road, Bhubaneswar. Contact: 7008296802. D-2655

2BHK, 3BHK, drawing-dining, Puja room near Puri Bypass Road, Koradkanta, Bhubaneswar. Contact: 7008296802. D-2656



Healthcare

Relax, refresh your body, mind by expert therapist. Contact: 9938843929. D-76104

Newly open health benefits spa special offer@999 Bapujinagar, 8018429809. D-76105

Relax, Refresh your body, Mind at Saikrupa Spa with best therapies. 8984068077. D-2600

Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

Ashirvaad Salon and SPA get good massage for your health tha best therapy. 7077181074. D-75711

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar-8926173473. D-67129

AFFIDAVIT

An affidavit before the Executive Magistrate, Bhadrak, I, Kuna Sing, aged about 37 years, S/o- Surendra Sing, Vill-Hatapada, P.O. Arandua, P.S.- Basudevpur, Dist.- Bhadrak, declare that my real name is Kuna Swain which has been mentioned in Aadhaar Card, Voter Identity Card and School Leaving Certificate. But my name has been wrongly mentioned in DL No. OR 22 20070000237 as Sankarshan Singh instead of Kuna Singh. So Kuna Sing and Sankarshan Singh is same & one person. Henceforth I will be known as Kuna Sing in all purpose.
Kuna Sing D-2673

I, Pradip Kumar Behara alias Pradip Kumar Behera, S/o Late Sh. Purna Chandra Behera R/o- Maitri Vihar, Sidha Mahabir Patana, Puri, Odisha-752002, have changed my name and shall hereafter be known as Pradip Kumar Behera. D-2672

I, Nemichand Sovalchand Jain, S/o- Sovalchand Jain, R/o- Plot No.-6, Chintamaniswar, Fishery Lane, Budheswari, Laxmi Sagar, Bhubaneswar-751006, Dist.- Khordha, Odisha declare by this affidavit No.- 124/24 dtd. 27.02.2024 have changed my name to Nemichand Jain for all future purposes. D-2670

I, P Sanku Venu, S/o Late- P K Sanku, P.O.- Sunabeda-2, Dist.- Koraput, Presently Residing at Qtr. No. K-117, Hal Town Ship, P.O.- Sunabeda-2, P.S.- Sunabeda, Dist.- Koraput, (Odisha) working at Hindustan Aeronutics Limited, Koraput division do hereby declare that by virtue of affidavit dated 18.08.2023 before the Notary, Sunabeda, I have changed my name from P Sanku Venu to Paramarth Sanku Venu in further I will be known as Paramarth Sanku Venu in Official and all other purposes. D-2671

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ADMISSION OPEN
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର**
ପୂର୍ବତନ D.L.O ଓଡ଼ିଶା ସରକାର, ବିଶିଷ୍ଟ ମ୍ୟାନେଜ୍‌ମେଣ୍ଟ ବିଶାରଦ (ମାନବ ସମ୍ବଳ), ପ୍ରଥମ ବ୍ୟାଚ୍ ମାନବ ସମ୍ବଳ ଛାତ୍ର, XLRI, ଜାମସେଦପୁର, Founder Chairman, National Institute of Personnel Management, Odisha (Utkal Chapter), Former Director, ଦୀନବନ୍ଧୁ ଟ୍ରଷ୍ଟ ଓଡ଼ିଶା, Life Member, Odisha Productivity Council
ଏ/୯୪, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ-୨୦।୦୫।୧୯୩୧
ତିରୋଧାନ- ୧୫।୦୨।୨୦୨୦
ପୂଜନୀୟ ବାପା, ୪ବର୍ଷ ବିତିଗଲା । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସଚ୍ଚୋଟତା, ମହାନତା, କର୍ତ୍ତବ୍ୟନିଷ୍ଠା, ନୀତି, ଆଦର୍ଶ, ପରୋପକାରିତା, ଅନାବିଳ ପ୍ରେମ ଆମ୍ଭମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ପୁଣ୍ୟାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
**ଶୋକସନ୍ତପ୍ତ: ମହାପାତ୍ର ପରିବାରବର୍ଗ ଓ ବନ୍ଧୁବାନ୍ଧବ ।**
ଧ-୨୬୬୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ଲକ୍ଷ୍ମୀନାରାୟଣ ଦାସ**
(Retd. Deputy Collector, Banki)
ଟଙ୍କପାଣିରୋଡ଼, ଜଗନ୍ନାଥ କଲୋନୀ ଲେନ୍-୦୨, ଭୁବନେଶ୍ୱର
ଆବିର୍ଭାବ: ୦୧/୧୨/୧୯୪୯ | ତିରୋଧାନ: ୧୨/୦୨/୨୦୨୩
ବାପା, ଚାହୁଁ ଚାହୁଁ ବର୍ଷଟିଏ ହେଲା ଚିରଦିନ ପାଇଁ ଆମଠାରୁ ବିଦାୟନେଇ ଚାଲିଗଲେ ସୁଦ୍ଧା ପ୍ରତି ମୁହୂର୍ତ୍ତରେ ଆମେ ତୁମକୁ ଭୁଲିପାରୁନାହୁଁ । ଆମମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଭଲପାଇବା, ଧୈର୍ଯ୍ୟ, ସଚ୍ଚୋଟତା ଓ ପରୋପକାରିତା ଆମ ସମସ୍ତଙ୍କୁ ସବୁଦିନ ପାଇଁ ପ୍ରେରଣାଦେବ । ତୁମର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
**ଶୋକସନ୍ତପ୍ତ :** ପତ୍ନୀ-ଝୁନି, ପୁତ୍ର-ବାପୁନ, ପୁତ୍ରବଧୂ-ଲିରା, କନ୍ୟା-ପିଙ୍କି, ଜ୍ୱାଇଁ-ସୋନୁ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୭୫୫୨୧

# ଖୋଳ

ଗଳ୍ପ

**ଶରତ ଚନ୍ଦ୍ର ବାରିକ**

ଅବିନାଶ ଏକା ବସି ବସି ବୋର୍ ହେଇଯାଏ। ନ' ହୁଅନ୍ତା ବା କେମିତି! ରିଟାୟାରମେଣ୍ଟ ପରେ ଖାସ୍ କିଛି କାମ ନ ଥିଲା ତା'ର। ଘରେ ଚାକରାଣୀ ତ ଆସି ପ୍ରାୟ ସବୁ କାମ କରିଦିଏ– ବାସନମଜା, ଲୁଗାସଫା, ଘର ଖରକା, ପୋଛା ଏମିତି। ରୋଷେଇ, ଠାକୁର ପୂଜା ସ୍ତ୍ରୀ କରନ୍ତି। ମଝିରେ ମଝିରେ ସ୍ତ୍ରୀ ବରାଦ ଦେଲେ ବାରିରୁ ଭୃସୁଙ୍ଗାପତ୍ର, ଧଣିଆପତ୍ର, ଲଙ୍କା ତୋଳେ, କଦବା କେମିତି ଗଛରେ ପାଣିଦିଏ, ବେଳେବେଳେ ପାଖ ଦୋକାନରୁ ଗ୍ରସେରି ଜିନିଷ ଆଣେ ଓ ବଜାରରୁ ପନିପରିବା। ଘରେ ସେ ଓ ସ୍ତ୍ରୀ ଦି' ପ୍ରାଣୀ। ପୁଅ, ବୋହୂଙ୍କ ବାହାରେ ଚାକିରି।

ଅନ୍ୟ ସମୟରେ ବସି ଟିଭି ଦେଖେ। କେତେ ସମୟ ବା ଟିଭି ଦେଖିପାରିବ! ରିଟାୟାରମେଣ୍ଟ ପରେ ଜୀବନଟା ତାକୁ ଅଜବ ଅଜବ ଲାଗୁଥିଲା। ଏକ ପ୍ରକାର ଯେମିତି ନିଃସଙ୍ଗ ଅନୁଭବ କରୁଥିଲା ସେ। ଚାକିରି ଥିଲାବେଳେ କେତେ ସମ୍ମାନ, ଆଦର, ଖୁସିଗପ, ଚା'ପିଆ, ଡାବାରେ ସୁପ୍‌ପିଆ, ସେ ସବୁ ଠପ୍। ଫୋନ୍ ପ୍ରାୟ ଆସୁନି। ବେଳେବେଳେ କେହି କେହି ସାଙ୍ଗ, ଗାଁରୁ ସାନଭାଇ ଫୋନ୍ କରେ, ନ ହେଲେ ନାହିଁ।

ବେଶି ବୋର୍ ହେଇଗଲା ନୂଆବର୍ଷ ଦିନରେ। ଗଲାବର୍ଷ ଚାକିରିରେ ଥିଲା। ତା' ପାଖକୁ ଆସିଥିଲା ମେଞ୍ଚା ମେଞ୍ଚା ମିଠା ପ୍ୟାକେଟ୍, କ୍ୟାଲେଣ୍ଡର, ଡାଏରି। ଅନ୍ୟାନ୍ୟ ଉପହାର ସାମଗ୍ରୀରେ ଟେବୁଲ ଭର୍ତ୍ତି ହେଇଯାଇଥିଲା। ଏବର୍ଷ କିଛି ନାଇଁ। ବସି ବସି ମନେପକେଇଲା ଅବିନାଶ ଅତୀତର କଥା। ସବୁ ଅଫିସ୍‌ରେ ସହକର୍ମୀମାନଙ୍କୁ ବାଣ୍ଟିଦିଏ। ଏତେ ଜିନିଷ ରଖି କରିବ କ'ଣ? ସହକର୍ମୀମାନେ ବି ଆନନ୍ଦ ମନରେ ତାକୁ ନେଇଯା'ନ୍ତି।

ନୂଆବର୍ଷର ଦି'ଦିନ ପରେ ସେ ରୁମ୍‌ରେ ଅଛି, ହଠାତ୍ ବାହାରେ କଲିଂବେଲ୍ ଶୁଣିଲା। କବାଟ ଖୋଲିଲା– 'କିଏ?'

ତା' ପୂର୍ବର ଉପର ଅଫିସର ଜଣେ ଷ୍ଟାଫ୍ ତା' ପାଖକୁ ଆସିଚନ୍ତି। ସେ ନମସ୍କାର କରି କହିଲେ– 'ଆଜ୍ଞା, ହାକିମ ଆପଣଙ୍କୁ ଡକେଇ ପଠେଇଚନ୍ତି।''

'କାଇଁକି?'– ଅବିନାଶ ଶଙ୍କିତ ସ୍ୱରରେ ପଚାରିଲା।

''କହିପାରିବିନି ଆଜ୍ଞା, କ'ଣ ଜରୁରୀ ଅଛି। ଆପଣ ଆଜି ଯାଇ ଦେଖାହେବେ'' କହି ଚାଲିଯାଇଥିଲେ।

ଅବିନାଶ ବୁଝିପାରୁ ନ ଥିଲା କ'ଣ ପାଇଁ ପୂର୍ବ ଷ୍ଟେସନର ଉପରିସ୍ଥ ଅଧିକାରୀ ତାକୁ ଡକେଇ ପଠେଇଚନ୍ତି। କିଛି ଅସୁବିଧା ହେଲା କି? ପେନ୍‌ସନ୍ ତ ଠିକ୍ ଠିକ୍ ପାଉଚି, ରେଗୁଲାର ହେଇଯାଇଚି, ସବୁ କ୍ଲେମ୍ ପାଇଯାଇଚି। ପୂର୍ବ ଷ୍ଟେସନର କିଛି ଗୋଳମାଳ ବାହାରିଲା କି? ଅଡିଟ୍ ରିକଭରି?

ଶଙ୍କାଗ୍ରସ୍ତ ଚିତ୍ତ ନେଇ ଉପର ହାକିମଙ୍କୁ ତାଙ୍କ ଚାମ୍ବରରେ ଦେଖାକରିବାକୁ ପହଞ୍ଚିଲା। ଭିତରେ ପ୍ରବେଶ କଲା। ହାକିମ ହସ ହସ ମୁହଁରେ ତାଙ୍କୁ ସମ୍ଭାଷଣ କଲେ– 'ଅବିନାଶବାବୁ! ବସନ୍ତୁ, ବସନ୍ତୁ।'

ହାକିମଙ୍କ ହସ ହସ ମୁହଁ ଦେଖି ତା'ର ଭୟ କଟିଆସୁଥିଲା। ଅବିନାଶ ହାକିମଙ୍କ ସାମ୍ନା ସିଟ୍‌ରେ ବସିଲା। ହାକିମ କହିଲେ– ''ଜେନାବାବୁ! ଗୋଟେ ଖୁସି ଖବର ଅଛି। ଆମେ ଆପଣଙ୍କର ପୁନଃ ନିଯୁକ୍ତି ପାଇଁ ଜିଲାପାଳଙ୍କ ନିକଟକୁ ଫାଇଲ୍ ପଠାଇଥିଲୁ। ଆପଣ ଦକ୍ଷ ଅଫିସର ବୋଲି ସୁପାରିସ କରିଥିଲୁ। ଜିଲାପାଳ ଖୁସି ହେଇ ତା'କୁ ଅନୁମୋଦନ କରିଚନ୍ତି। ଏକବର୍ଷ ପାଇଁ ଡିଏମ୍‌ଏଫ୍‌ରେ ଆପଣ ସେଇ ଏକା ପଦବୀରେ ପୁନଃ ନିଯୁକ୍ତି ପାଇବେ। ଏଇନେ ପୁଣି ଏକ ବର୍ଷ ଧରି ଆମ ସାଙ୍ଗରେ ଆପଣ କାମ କରିବେ। ମାସକୁ ରେମୁନେରାଶନ୍ ଲକ୍ଷେ ଟଙ୍କା।''

ଅବିନାଶ ହାକିମଙ୍କ କଥା ଶୁଣି ମୁହଁରେ ହସ ଉକୁଟେଇଲା। କହିଲା– ଭଲ ଖବର ଦେଲେ ସାର୍। ତଥାପି ମୁଁ ଟିକେ ଚିନ୍ତା କରି କହିବି। ଘରେ ବୋର୍ ହେଉଛି। ସମୟ ବି କଟିଯିବ।

ଅବିନାଶ ହାକିମଙ୍କ ଚାମ୍ବରରୁ ବାହାରିଲା। ଆସିଲାବେଳେ ପ୍ରାୟ ସବୁ ସିଟ୍‌କୁ ଟଚ୍ କଲା। ଷ୍ଟାଫ୍‌ମାନେ ତା' ଶୁଣି ମୁହଁରେ ହସ ଉକୁଟେଇଲେ। ଅବିନାଶ ଘରେ ପହଞ୍ଚି ସ୍ତ୍ରୀ ସହ କଥାହେଲା। ପୁଅ ସହ ଫୋନ୍‌ରେ ଯୋଗାଯୋଗ କଲା।

ସମସ୍ତେ କହିଲେ ''ଭଲ ହେବ ତ, ଅନ୍ତତଃ ବର୍ଷେ ପାଇଁ ବୋରିଂଟା କଟିଯିବ। ପୁଣି ଦରମା ବି ମାସକୁ ଲକ୍ଷେ। ଭଲ ଭଲ, ଜଏନ୍ କର।''

ଅବିନାଶ ତାଙ୍କ ପରାମର୍ଶ ଗ୍ରହଣ କରି ଧାର୍ଯ୍ୟ ସମୟ ଭିତରେ ଜଏନ୍ କଲା। ସାଇପଡ଼ିଶାରେ, ଅଫିସ୍‌ର ଚାରିଆଡ଼େ ଅବିନାଶ ପୁଣି କର୍ମକ୍ଷେତ୍ରକୁ ଫେରିବାର ବାର୍ତ୍ତା ପ୍ରଚାର ହୋଇଯାଇଥିଲା। ପୁଣି ଏମିତି ହିଁ ଘଟଣାଗୁଡ଼ିକର ପୁନରାବୃତ୍ତି ହେଲା।

ଘର ପାଖରେ ତାକୁ ନବା ଆଣିବାକୁ ଅଫିସ୍ ଗାଡ଼ି ଲାଗୁଥିଲା। ନିରବ ହେଇଥିବା ଫୋନ୍ ପୁଣି ବହୁବାର ବାଜୁଥିଲା। ରିଟାୟାର ପରେ ବାଟଭାଙ୍ଗି ଚାଲିଯାଉଥିବା ଷ୍ଟାଫ୍, କେହି କେହି ଜନସାଧାରଣ, କଣ୍ଟ୍ରାକ୍ଟର ଆସି ସାଲ୍ୟୁଟ୍ ମାରୁଥିଲେ। ଅଫିସ୍ ଟେବୁଲ ଉପରକୁ ବାରମ୍ବାର ଚା, କଫି ଆସୁଥିଲା, ସନ୍ଧ୍ୟାରେ ଜଳଖିଆ ବି। ସମୟେ ସମୟେ କେହି କେହି ତା' ପାଇଁ ଡାବାରୁ ସୁସ୍ୱାଦୁ ଭୋଜନ ମଗେଇ ଦେଉଥିଲେ। ନିରବ ହେଇଯାଇଥିବା ଘରେ ବି ପୂର୍ବପରି ଗହଳି ଲାଗୁଥିଲା। ସାଇପଡ଼ିଶା ବିଭିନ୍ନ ବ୍ୟକ୍ତିଗତ, ସାମୂହିକ କାମ ନେଇ ଘରକୁ ଆସୁଥିଲେ। ଅଫିସ୍‌ରେ ହେଇପାରୁ ନ ଥିବା କିଛି କନ୍‌ଫିଡେନ୍‌ସିଆଲ ଫାଇଲ୍ ଷ୍ଟାଫ୍ ଧରି ଆସୁଥିଲେ। ମୋଟାମୋଟି ଭାବେ ଘର, ବାହାର ସବୁଯେମିତି ଉତ୍ସବମୁଖର ହେଇଯାଉଥିଲା ପୂର୍ବପରି। ଏସବୁ ସତ୍ତ୍ୱେ ଭିତରେ ଗୋଟେ ଦୁଃଖ ଅନୁଭବ କରୁଥିଲା ଅବିନାଶ। ତା' ମନ ଭିତରେ କିଏ ଯେମିତି ପ୍ରତିଫଳିତ କରେଇ ଦେଉଥିଲା ବାରବାର– ବର୍ଷେ ପାଇଁ ଖୁସି ମନେଇଯା', ସମ୍ମାନ ପାଇଯା'। ପୁଣି ପୂର୍ବବତ୍ ପୁନର୍ମୂଷିକ ଭବ। ପୁଣି ରିଟାୟାରମେଣ୍ଟ ଯେମିତି ଲାଗୁଥିଲା, ସେମିତି ଲାଗିବ, ବୋରିଂ, ନିଃସଙ୍ଗ। କେହି କେହି ଷ୍ଟାଫ୍ ମଧ୍ୟ ଫୁସ୍‌ଫାସ୍ ଆଲୋଚନା କରୁଥିବାର ତା' କର୍ଣ୍ଣଗୋଚର ହେଉଥିଲା– ''ହଁ, ଆଉ ବର୍ଷେ ତ, ବର୍ଷେ ପରେ ପୁଣି ଯୋଉ କଥାକୁ ସେଇ କଥା। କେତେ ତୋପ ଦେଖୋଉଚି ଦେଖୋଉଥାଉ। କିଏ କାହାକୁ ପଚାରୁଚି!'' ଏହା ଶୁଣି ମନ ତା'ର କ୍ରମଶଃ ବିଚଳିତ ଓ ଅସ୍ଥିର ହେବାକୁ ଆରମ୍ଭ କରିଥିଲା।

ସେଦିନ ରାତିରେ ଭଲକି ନିଦ ହେଲାନି ଅବିନାଶର। ନା, ସେ ତା' ଚାକିରିର ଖୋଳଟା ବାହାର କରିଦେବ। ଅରିଜିନାଲ ସେ ଯାହା, ସେୟା ହିଁ ରହିବାକୁ ଚାହେଁ। ଚାକିରିର ଖୋଳ ପିନ୍ଧି ଆଉ ଚାଲିବାକୁ ଭଲ ଲାଗୁ ନ ଥିଲା ତାକୁ। ଯୋଉଠି କେବଳ ଖୋଳକୁ ସମ୍ମାନ ମଣିଷତ୍ୱକୁ ନୁହେଁ।

ସକାଳୁ ଗାଡ଼ିରେ ଚୁପ୍‌ଚାପ୍ ବାହାରିଗଲା ସେ। ସ୍ତ୍ରୀ ତା'ର ନିରବତାକୁ ଲକ୍ଷ୍ୟ କରୁଥିଲେ। ଅବିନାଶ ଅଫିସ୍‌ରେ ପହଞ୍ଚି ହାକିମଙ୍କୁ ଦରଖାସ୍ତ ଲେଖିଲା। ହାକିମଙ୍କ ଚାମ୍ବରରେ ପହଞ୍ଚି ରେଜିଗ୍‌ନେଶନ ଲେଟର୍ ବଢ଼େଇଦେଲା ତାଙ୍କୁ। ହାକିମ ଆଶ୍ଚର୍ଯ୍ୟ ହେଇ ଅନେଇଲେ ତାକୁ– ''କ'ଣ ହେଲା ଅବିନାଶବାବୁ। ଏଇ କେତେଦିନ ହେଇଚି, ଆପଣ ରେଜିଗ୍‌ନେଶନ ଦେଲେ?''

ଉପର ହାକିମଙ୍କୁ କିଛି ଉତ୍ତର ଫେରେଇଲାନି ଅବିନାଶ। ଖାଲି କହିଲା– 'ସାର୍, ଟିକେ ଆସେପ୍ଟ କରିଦେବେ।'

ଗାଡ଼ି ନୁହେଁ, ଖାଲି ପାଦରେ ଚାଲି ଚାଲି ଆସିଲା ଅବିନାଶ ଘରକୁ। ଘରେ ପହଞ୍ଚି ଲେପ୍‌ଟେଇ ଦେଲା ନିଜକୁ। ତା' ପରଦିନ ଯେତେବେଳେ ଦିନ ଦଶଟାରେ ଗାଡ଼ି ଆସିଲାନି, କି ଅଫିସ୍ ବାହାରିଲାନି, ସ୍ତ୍ରୀ ପଚାରିଲେ– ''ଅଫିସ୍ ଯିବନି କି? ଗାଡ଼ି ଆସିନି ତ ଆଜି?''

ଅବିନାଶ କହିଲା– ''ଚାକିରିର ଖୋଳଟା ବାହାର କରିଦେଇଚି। ଆଉ ଚାକିରି କରିବିନି। ଖୋଳ ପିନ୍ଧି ଆଉ ଚାକିରି କରିବାକୁ ଭଲ ଲାଗୁନି। ଏକଦମ୍ ଅବିନାଶ ହେଇ ରହିବି ଅବଶିଷ୍ଟ ଦିନ।''

ସ୍ତ୍ରୀ ଆଶ୍ଚର୍ଯ୍ୟ ଚକିତ ଆଖିରେ ଅନେଇ ରହିଥିଲେ ତାକୁ।

ମୋ: ୯୯୩୭୮୮୫୧୭୫



## କବିତା

### ରାସ୍ତା

**ପିନାକୀ ମିଶ୍ର**

ସବୁ ରାସ୍ତାରେ ଈଶ୍ୱର ମିଳନ୍ତିନି
ସବୁ ଝିଅଙ୍କୁ ଜୁଟେନି ବାହାଲଗ୍ନ
ସବୁ ପୁଅ ପାଆନ୍ତିନି ପୂରିଲା ହସ

ବିଫଳ ଭାଗ୍ୟ ବି ଗୋଟେ ପରୀକ୍ଷା
ଚାପା ସହିସହି ବକଳ ମୋଟା
କେହି ନ ଦେଖନ୍ତୁ ନିଜ ଲୁହ

ହଲେ ପାଦ ଯୁଆଡ଼େ ମାଡ଼େ
ପିଲାପିଲି ଦିନେ ଶୁଣିବେ ଯେ' ମର୍ମାନୁଭବ
ପିଛା କରେ ଛାଇ
ନିଜ କଥା ଭାବୁଭାବୁ
ଘୁଞ୍ଚି ଯାଉଥାଏ ନଈ

ଯଉବନ କେତେ କ'ଣ ଭାବେ!
ଶିଖରରେ ବନେଇଦେବି ସିଂହାସନ
ବୋଇତରେ ବୋହି ଆଣିବି
ଭାରଭାର ମୋତି
ପଲଙ୍କରେ ପ୍ରୀତି ପଖାଳୁଥିବ ଜହ୍ନରାତି

ଚାଲିବା କି ଥମେ? ଚାଲିବା କି ସହଜ?
କ୍ଷତ ଶୁଖିଲେ କ୍ଷତ, ଗୁମୁରେ ମନ
ହଲପ କରେ ଅଲଣା ରାତି
ପତ୍ରଝଡ଼ା ଅବସାଦ ସଂକେତ

ସବୁ କଳିକା ପାଏନି ମୁକୁଳା କନକଖରା
ସବୁ ଫୁଲରେ ଭ୍ରମର ବସେନି
ସହି ସହି ସରିଯିବାର ସର୍ତ୍ତ,
କେବେ ପୁଣି ଜୀବନ ଆବର୍ତ୍ତ।

ଫିନ୍‌ଫିନ୍ ରାସ୍ତାରେ ବି
ଆସିପାରେ ଅଦିନ ଅସ୍ତ
କଣ୍ଟକବନରେ ବି ଘଟିପାରେ ତପସିଦ୍ଧି
ଗୋହିରି ବାଟରେ ବି ମିଳିପାରେ
ମାଧବୀ ନୟନ ମିଳନ

ପାଦ ଆଉ ରାସ୍ତା
ଚାଲିଛି ନଉକା
ପବନର ଇସାରା,
ଯୁଆଡ଼େ ଠେଲିଛି ଠେଲୁ।

ମୋ: ୯୪୩୮୧୧୮୩୯୭

### ବୋଉ

**ନର୍ମଦା ନୀଳୋତ୍ପଳା**

ଭାରି ବୋକୀ ଥିଲା ମୋ' ବୋଉ
ସେ କହିପାରେନି ମୋ' ଜନ୍ମ ତାରିଖ
କିନ୍ତୁ କହିଦିଏ ମୋର ଜନ୍ମତିଥି
ଶ୍ରୀପଞ୍ଚମୀରେ ନୂଆ ଡ୍ରେସ୍
ଆଣିବାକୁ ବାପାଙ୍କୁ କୁହେ।

ମୋ' ପାଇଁ ଖିରି ଚକୁଳି କରେ
ସଜେଇଦିଏ ଚନ୍ଦନ କୁଙ୍କୁମରେ
ଚଉଁରା ମାଟି ଟିକେ ଆଣି
ମୋ' ମଥାରେ ଲଗେଇଦିଏ
ମୁଁ ଭୟ ପାଇବି ବୋଲି
ମୋ' ଦୁଇ ହାତ ଓ ବେକରେ
ଡେଉଁରିଆ ତାବିଜ ପିନ୍ଧାଏ।
କାହାର ଖରାପ ନଜର ପଡ଼ିବ ବୋଲି
ଘରେ ତାଲା ପକେଇ
ମୋତେ ରଖିଥାଏ।

କିଏ ଯଦି ପଚାରିଦିଏ
ଏତେ ଝଡ଼ାଫୁଙ୍କା କରୁଛ ଝିଅକୁ
ସେ କୁହେ
ମୋ' ଝିଅର ରାଶି ଡାଆଣିଆ
ନଜର ପଡ଼ିଯାଏ ମୋ' ଝିଅ ଉପରେ
କେହି ତାକୁ ଦେଖିଦେଲେ।
ସେ ମନା କରେ ମୋତେ ସବୁବେଳେ
ମାଆାକୁ କ'ଣ ପ୍ରଣାମ କରନ୍ତି।

ପଇସା ଚିହ୍ନିପାରେନି ସେ,
ନିଜେ କିଛି ଖାଏନି
କିନ୍ତୁ ଅନ୍ୟକୁ ଖୁଆଇ ଦେଇ
ଖୁସି ହୋଇଯାଏ
ସେ ମୋ' ବୋଉ।

ଯାହା ସହିତ ସତ ସମ୍ପର୍କ
ଗଢ଼ି ହୋଇଥାଏ
ଆଉ ସବୁ ସମ୍ପର୍କ ତ ବିଶ୍ୱାସର
କେତେବେଳେ ବି ଭାଙ୍ଗି ଯାଇପାରେ।

ସମସ୍ତେ କୁହନ୍ତି ମୋତେ
ତୁ ଏତେ ଭୟାଳୁ କାହିଁକି?
ମୁଁ କହେ, ବୋଉକୁ ପଚାର
ଏଥର ବୋଉ ନ ଥିଲା ଘରେ
ଭୟ ବି ଉଭାନ୍ ହୋଇଗଲା।

ମୋ: ୮୭୬୩୧୯୧୯୬୮

## ପୁସ୍ତକ ପରିଚୟ

### ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ




**ଲେଖକ:** ନିହାର ରଞ୍ଜନ ପଟ୍ଟନାୟକ
**ପ୍ରକାଶକ:** ନ୍ୟାଶନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୪୮୫/–

ଆଲୋଚ୍ୟ ଗ୍ରନ୍ଥରେ ମୋଟ ୫୩ଟି ପରିଚ୍ଛେଦ ରହିଛି। ଏଥିରେ ୧୮୦୪ ଓ ୧୮୧୭ (ପାଇକ ବିଦ୍ରୋହ) ମସିହା ଦେଇ ଓଡ଼ିଶାରେ ୧୯୪୨ ମସିହା (ଭାରତ ଛାଡ଼ ଆନ୍ଦୋଳନ) ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଇଂରେଜ ବିରୋଧୀ ସଂଗ୍ରାମର ତଥ୍ୟନିଷ୍ଠ ଅବତାରଣା କରିଛନ୍ତି ଗ୍ରନ୍ଥ ଲେଖକ ପ୍ରଫେସର ପଟ୍ଟନାୟକ। ମୁଖବନ୍ଧରେ ସେ କହିଛନ୍ତି: ''୧୮୦୪ ମସିହାରେ ବୀରଭୂମି ଖୋର୍ଦ୍ଧାରେ ଇଂରେଜ ବିରୋଧୀ ମୁକ୍ତି ସଂଗ୍ରାମ ଉନ୍ମୋଚିତ ହୋଇଥିଲା, ଯେତେବେଳେ ଜୟକୃଷ୍ଣ ରାଜଗୁରୁ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ି ଫାଶୀ ପାଇଥିଲେ। ଏହାପରେ ସଂଗଠିତ ହୋଇଥିଲା ଗୋଟିଏ ପରେ ଗୋଟିଏ ବିଦ୍ରୋହ, ଅବିରତ ସଂଗ୍ରାମ। ସ୍ୱାଧୀନତା ସଂଗ୍ରାମ ସହ ଜଡ଼ିତ ଘଟଣାଗୁଡ଼ିକରେ ଓଡ଼ିଶାର ଯେଉଁମାନେ ନେତୃତ୍ୱ ନେଇଥିଲେ, ଯେଉଁମାନେ ପ୍ରାଣବଳି ଦେଇଥିଲେ, ସେମାନେ ଇତିହାସ ପୃଷ୍ଠାରେ ଯଶସ୍ୱୀ ହୋଇଯାଇଛନ୍ତି। ସେହି ଚିର ସ୍ମରଣୀୟ ସଂଗ୍ରାମୀମାନଙ୍କ ମୁକ୍ତି ଚେତନାକୁ ଲୋକଲୋଚନକୁ ଆଣିବା ପାଇଁ ଏହି ପୁସ୍ତକ ରଚନା କରାଯାଇଛି।'' ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ପଦ୍ମନାଭ ଛୋଟରାୟ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବ ଚନ୍ଦ୍ର ରାଉତରାୟ, କୃତ୍ତିବାସ ପାଟଶାଣୀ, କମଳଲୋଚନ ଦୋରା ବିଶୋଇ, ଚକରା ବିଶୋଇ, ସହିଦ ରେଣ୍ଡୋ ମାଝୀ, ସହିଦ ରତନା ନାୟକ, ଧରଣୀଧର ନାୟକ, ବୀର ସୁରେନ୍ଦ୍ର ସାଏ, ଚନ୍ଦନ ହଜୁରୀ, ବିର୍ସା ମୁଣ୍ଡାଙ୍କଠାରୁ ଆରମ୍ଭ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ କୃଷ୍ଣଚନ୍ଦ୍ର ଗଜପତି ଓଗେର ମୋଟ ୫୩ଜଣ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରାମର ବିଧିବଦ୍ଧ ଦଲିଲ୍ ହେଉଛି ଆଲୋଚ୍ୟ ପୁସ୍ତକ। କେବଳ ଇତିହାସ ପ୍ରତି ଆଗ୍ରହ ରଖିଥିବା ପାଠକ ବା ଗବେଷକ ନୁହନ୍ତି, ସବୁ ବର୍ଗର ଜିଜ୍ଞାସୁଙ୍କ ପାଇଁ ବହିଟିର ଉପଯୋଗିତା ରହିଛି।

### ରାସ୍ତା




**ଲେଖିକା:** ଲୋପାମୁଦ୍ରା ମୈକାପ୍
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୬୯/–

ମୋଟ ୧୩ଟି ଗଳ୍ପକୁ ନେଇ 'ରାସ୍ତା' ସଂକଳନର ପରିକଳ୍ପନା। 'ନିଜ କଥା'ରେ ଲେଖିକା ଯାହା ଲେଖିଛନ୍ତି, ସେଥିରୁ ବୁଝାପଡ଼େ ସେ ଆଗ କବୀ, ପରେ ଗାଳ୍ପିକା। ପ୍ରକାଶିତ ବହିଟି ତାଙ୍କର ପ୍ରଥମ ପୁସ୍ତକ। ପ୍ରକାଶକ କୁହନ୍ତି– ଲୋପାମୁଦ୍ରା କମ୍, ଗୁଣାତ୍ମକ ଗଳ୍ପ ରଚନାରେ ବିଶ୍ୱାସୀ। ପୁଣି ଅନେକ ବର୍ଷର ବିଦେଶ ରହଣି ତାଙ୍କୁ ଗଳ୍ପ ଲେଖିବାର ବିସ୍ତୃତ ଖୋରାକ ଯୋଗାଇଛି। ସେଥିପାଇଁ ତାଙ୍କ ଗଳ୍ପରେ ପାଶ୍ଚାତ୍ୟ ଦୃଶ୍ୟଗୁଡ଼ିକ ବେଶ୍ ଜୀବନ୍ତ। ଲେଖିକାଙ୍କ ଲେଖାରେ ଥାଏ କଥିତ ଭାଷା ପ୍ରତି ମୋହ। ତେଣୁ ଅନୁଭୂତି ପ୍ରକଟିତ ହୁଏ ଏକ ମୌଳିକ ତରିକାରେ। ଗଳ୍ପର ଅନାବଶ୍ୟକ ଉପକ୍ରମଣିକାରେ ସେ ସମୟ ସାରନ୍ତି ନାହିଁ। ବରଂ ସମୟ ସାରନ୍ତି ଆଖିଦେଖା, ଅଙ୍ଗେନିଭା ଅନୁଭୂତିକୁ ଭାଷାର କୋମଳ ପୁଟଦେଇ ମୂର୍ତ୍ତିମନ୍ତ କରିବାରେ। 'ଉପହାର', 'ବାତ୍ୟା ପରର ପୃଥିବୀ', 'ଆହତ କୃଷ୍ଣଚୂଡ଼ା', 'କାକ୍‌ଟସ୍', 'ଆହୂତି', 'ଝର୍କା ସେପାଖ ଗୋଧୂଳି', 'କୁହୁଡ଼ି', 'ଆଫ୍ରିକାନ୍ କଫି' ଓ 'ରାସ୍ତା' ପ୍ରଭୃତି ଗଳ୍ପ ଆକାରରେ ବେଶୀ ବଡ଼ ନ ହେଲେ ବି ମେଘରେ ବିଜୁଳି ପରି ଚମକପ୍ରଦ ଓ ଆବେଦନରେ ଦୀର୍ଘଜୀବୀ।

## ଜନ୍ମଦିନ

**ପ୍ରତାପ ବିଶ୍ୱାଳ**

ପଡ଼ୋଶୀଙ୍କ ନିମନ୍ତ୍ରଣରେ ସମସ୍ତେ ଆଶ୍ଚର୍ଯ୍ୟ। ସୀତା ମାଉସୀଙ୍କର ଆଜି କ'ଣ କି! କିଛି ବି ବୁଝିପାରୁନଥିଲେ କେହି। ମାଉସୀଙ୍କ ପଛେ ପଛେ ସମସ୍ତେ ବାହାରି ଆସୁଥିଲେ ଘରୁ। ସମସ୍ତଙ୍କ ମୁହଁରେ ଆଶ୍ଚର୍ଯ୍ୟର ଚିହ୍ନ।

ପୁଅ ମରିବାର ତ ସାତ ଆଠ ମାସ ବି ହୋଇନି। ବର୍ଷେ ନ ଗଲେ ତ ଘରେ ପୂଜା ପର୍ବ କିଛି ହେବା କଥା ନୁହେଁ। ସବୁ ପରମ୍ପରାକୁ ନେଇ ତ ମାଉସୀ ପାଦେ ପାଦେ ଚାଲିବା ଲୋକ। ଆଜି ବି ତ ପର୍ବ କିଛି ନାହିଁ। ପଡ଼ିଶାଙ୍କୁ ପୁଣି ଭୋଜି ଦେବାର ନିମନ୍ତ୍ରଣ କାହିଁକି?

ଘର କହିଲେ ପୁଣି ସେଇ ଜଣେ ବୋଲି ଲୋକ। ସ୍ୱାମୀ ଗଲା ପରେ ଯାହା ମୁହଁକୁ ଚାହିଁ ଜୀବନ କାଟିବେ ବୋଲି ଭାବିଥିଲେ, ସେ ଅଦିନିଆ ବଉଳ ଭଳି ଝଡ଼ିଗଲା। କି ଖୁସିରେ ଆଜିପୁଣି ଭୋଜି ଖାଇବାକୁ ଡାକୁଛନ୍ତି ସୀତା ମାଉସୀ!

ମାଉସୀ ସବୁଦିନଠୁ ଆଜି ବେଶି କର୍ମଠ, ଚଞ୍ଚଳ ଜଣାପଡୁଛନ୍ତି। ଅଶୀ ପାଖାପାଖି ବୟସ ନୁହେଁ, ଯେପରି ଅଠାବନ ବର୍ଷ। ସବୁ ପଡ଼ିଶାଙ୍କ ଘରକୁ ଯାଇ କହୁଛନ୍ତି–



ଆସି ବରେ ପିଲାମାନେ, ସମସ୍ତେ ମୋ ଘରକୁ ଭୋଜି ଖାଇବାକୁ ଆସିବ। ଆଜି ସମସ୍ତଙ୍କ ରୋଷେଇ ବନ୍ଦ।

ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇ ଚାହିଁଥିଲେ ତାଙ୍କୁ। ଜଣେ ପଚାରିଦେଲା– ମାଉସୀ! ତୁମର ଆଜି କ'ଣ କି? ମାଉସୀ ବୁଲିପଡ଼ି କହିଲେ– ମୋ ପୁଅ ବାବୁରପା' ଆଜି ଜନ୍ମଦିନ।

ଆଶ୍ଚର୍ଯ୍ୟ ହୋଇଗଲେ ସମସ୍ତେ ଏକଥା ଶୁଣି। ଜଣେ କହିଲା– ଇଏ କି ବୁଦ୍ଧି ମାଉସୀଙ୍କର। ମଲା ପୁଅର ପୁଣି ଜନ୍ମଦିନ କ'ଣ!

ଆଉ ଜଣେ ସ୍ତ୍ରୀ ଲୋକ ଦୁଃଖଭରା ସ୍ୱରରେ କହିଲା– ମା' ମନ। କେଉଁ ମା' କ'ଣ କେବେ ଭୁଲିପାରେ ତା' ପିଲାର ଜନ୍ମଦିନକୁ। ଦଶମାସ ଦଶଦିନ ଗର୍ଭରେ ଧରି ଜନ୍ମ ଦେଇଛିଟି! ମୃତ୍ୟୁ କ'ଣ କେବେ ଭୁଲାଇ ଦେଇପାରେ ବାତ୍ସଲ୍ୟର ମମତାକୁ! ଯେତେଦିନ ଯାଏ ଜଣେ ମା' ବଞ୍ଚିଛି ସେତେଦିନ ଯାଏ କ'ଣ ତା' ମନ, ହୃଦୟରୁ ସନ୍ତାନକୁ ସେ ଭୁଲିପାରିଛି, ନା ଭୁଲିପାରିବ। ତା' ମାତୃତ୍ୱକୁ ନେଇ ତ ସେ ବଞ୍ଚିଥାଏ ସବୁକ୍ଷଣ, ସବୁଦିନ। ପୁଅ ତ ବାହାରେ ରହୁଥିଲା। ବାହାରେ ବି ଚାଲିଗଲା। ହୁଏତ ମାଉସୀଙ୍କ ମନରେ ଏବେ ବି ଅଛି ପୁଅ ତାଙ୍କର ବାହାରେ ଚାକିରି କରିଛି। ସମସ୍ତେ ଶୁଣୁଥିଲେ ସିନା କାହା ପାଟିରୁ କଥା ପଦେ ବାହାରୁ ନ ଥିଲା।

ମୋ: ୯୪୩୭୭୪୫୯୮୩

## କାଳକାଳକୁ



''ନୀରବରେ କଠିନ ପରିଶ୍ରମ କର,
ତମ ସଫଳତା ହିଁ ହେବ
ତମର କୋଳାହଳ।''
– ମାମାଙ୍ଗ୍ ଦାଇ

**ମାମାଙ୍ଗ୍ ଦାଇଙ୍କ** ଜନ୍ମ ୨୩ ଫେବୃଆରୀ ୧୯୫୭ରେ, ଅରୁଣାଚଳ ପ୍ରଦେଶ ପୂର୍ବ ସିଆଙ୍ଗ ଜିଲାର ପାସିଘାଟରେ। ସେ ଉଭୟ 'ଆଦି' ଓ ଇଂଲିଶ୍ ଭାଷାରେ ଲେଖନ୍ତି। 'ଆଦି' ହେଉଛି ଉତ୍ତର–ଆସାମ ଭାଷାଗୋଷ୍ଠୀର ଓ ଅରୁଣାଚଳ ପ୍ରଦେଶର କଥିତ ଆଦିବାସୀ ଭାଷା। ଏକାଧାରରେ କବିତା ଓ ଉପନ୍ୟାସ ଲେଖୁଥିବା ମାମାଙ୍ଗ୍ ବୃତ୍ତିରେ ବାର୍ତ୍ତାଜୀବୀ। ତାଙ୍କର କେତେକ ଉଲ୍ଲେଖନୀୟ କୃତି ହେଉଛି– 'ଦ ସ୍କାଏ କୁଇନ୍', 'ଷ୍ଟୁପିଡ୍ କୁପିଡ୍' ଓ 'ରିଭର୍ ପୋଏମ୍‌ସ'। ଭାରତୀୟ ସାହିତ୍ୟକୁ ନିଜର ଅବଦାନ ପାଇଁ ସେ ୨୦୧୧ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତା। 'ଦ ବ୍ଲାକ୍ ହିଲ୍' ଉପନ୍ୟାସ ପାଇଁ ୨୦୧୭ରେ ତାଙ୍କୁ ମିଳିଛି ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର।

## ଦେବଦାସୀ

**ମୂଳ ହିନ୍ଦୀ–ଅଙ୍କିତା ଭାର୍ଗବ**
**ଅନୁବାଦ– ମନୋଜ କୁମାର ବେହେରା**

ଅନୁବାଦ ଗଳ୍ପ

ଷୋହଳ ଶୃଙ୍ଗାର କରି ମଣିୟମ୍ମା ଟିକିଏ ଦେଖିଲା ନିଜକୁ ଆଇନାରେ। ନିଜର ରୂପର ମାଧୁର୍ଯ୍ୟରେ ସେ ମୋହିତ ହୋଇଗଲା ନିଜେ। 'ଠାକୁର ଦ୍ୱାରାର ପ୍ରଧାନ ସେବିକାଠି ଆଜି ସ୍ୱୟଂ ଗୋପୀଙ୍କର ପ୍ରତିବିମ୍ବ ନଜର ଆସୁଥିଲା'। ପ୍ରଧାନଙ୍କର ସ୍ୱର ଶୁଣି ନିଜ ଭିତରେ ହଜି ଯାଇଥିବା ମଣିୟମ୍ମା ଚମକି ପଡ଼ି ଚାହିଁଲା କବାଟ ଆଡ଼କୁ। 'ଆପଣ ଏଠି'! ''ହଁ! ଏତେ ବଡ଼ ଆୟୋଜନରେ ହଜାର ପ୍ରକାରର କାମ ଥାଏ, ତା'ଛଡ଼ା ମୋର ତ ଏଠିକି ଆସିବାଟା ସ୍ୱାଭାବିକ। ତା'ଛଡ଼ା ୟାକୁ ମଧ ସାଙ୍ଗରେ ଆଣିବାର ଥିଲା।''

ଏତିକି କହି ପ୍ରଧାନ ଦଶ–ବାର ବର୍ଷର କନ୍ୟା ଆଡ଼େ ଇସାରା କଲେ। ''ମଣି ତୁମେ ମାନୁଛ ନା' ମୋର ଦୂରଦୃଷ୍ଟିକୁ। ଗୁଣିଆ ଗୁଣ ଚିହ୍ନିଲା ପରି ଦେଖ ମୁଁ ବାଛିଛି ଏହି ଝିଅକୁ। କେମିତିକା ହୀରା ମୁଁ ଖୋଜିଛି ଟିକିଏ ଦେଖ''।

ପ୍ରଧାନଙ୍କ ସ୍ୱରରେ ସେତେବେଳେ ପ୍ରଶଂସା ବ୍ୟତୀତ ବହୁତ କିଛି ଥିଲା। ମଣିୟମ୍ମା ଉଡ଼ା ଉଡ଼ା ନଜରରେ ପ୍ରଧାନଙ୍କ ପାଖରେ ଡରରେ ସାଙ୍କୁଡ଼ି ଛିଡ଼ା ହୋଇଥିବା ଝିଅକୁ ଚାହିଁଲା କିଛିକ୍ଷଣ ପାଇଁ। ତା' ଆଖି ଆଗରେ ନାଚି ଉଠିଲା ତା'ର ଅତୀତ।

'ଯିବା ଏଥର.., ସମାରୋହର ସମୟ ହେଇଗଲାଣି'। ପ୍ରଧାନ ଟିକିଏ ଅଧିକ ଉତ୍ସାହିତ ଥିଲେ। ମଣିୟମ୍ମା ପ୍ରଧାନଙ୍କ ସହିତ ମନ୍ଦିରର ସଭାଗୃହ ଆଡ଼େ ଚାଲିଲା ଆଉ ତା' ସହିତ ତାଳ ଦେଇ ସେହି ଝିଅ ମଧ ଚାଲିଥିଲା ମୁଣ୍ଡକୁ ନୁଆଁଇ। ଗାଁର ପ୍ରାଚୀନ ବିଷ୍ଣୁ ମନ୍ଦିର ଯାହାକୁ ସମସ୍ତେ ଠାକୁର ଦ୍ୱାରା କହୁଥିଲେ, ତା'ର ଆଜି ଥିଲା ସ୍ଥାପନା ଦିବସ। ଏମିତିରେ ପ୍ରତି ବର୍ଷ ଏହି ଦିନରେ ବୃହତ୍ ଆୟୋଜନ ହେଉଥିଲା, କିନ୍ତୁ ଏହି ବର୍ଷର ଆୟୋଜନ ଥିଲା ଟିକିଏ ଖାସ୍। କାହିଁକିନା ଏଥର ଠାକୁର ଦ୍ୱାରାର ପ୍ରଧାନ ସେବିକା ମଣିୟମ୍ମାର ଉତ୍ତରାଧିକାରୀ ଚୟନ ହେବାକୁ ଥିଲା। ହେଲେ ବାସ୍ତବିକତା ଏହା ଥିଲା କି ଚୟନ ହେଇ ସାରିଥିଲା କେବଳ ମଣିୟମ୍ମା ଦ୍ୱାରା ନୃତ୍ୟନାଟିକା ପରିବେଷଣ କରିସାରିବା ପରେ ଔପଚାରିକ ଘୋଷଣା ବାକି ଥିଲା।

ବିଶାଳ ଜନସମୂହ ସମକ୍ଷରେ ମଣିୟମ୍ମାର ନୃତ୍ୟ ପରିବେଷଣ ଆରମ୍ଭ ହେଲା। ଏଥର ନୃତ୍ୟନାଟିକାର ବିଷୟ ରାସଲୀଳା ନ ଥିଲା, ଥିଲା ମହିଷାସୁର ବଧ। ନୃତ୍ୟନାଟିକା ଦେଖି ପ୍ରଧାନଙ୍କ ମଥାରେ ସ୍ୱେଦବିନ୍ଦୁ ଚମକିବାକୁ ଲାଗିଲା। ତାଙ୍କୁ ଲାଗିଲା ଦେବୀ ମା' ରୂପ ଧାରଣ କରିଛନ୍ତି ମଣିୟମ୍ମାର ଆଉ ମଣିୟମ୍ମାର ଚରଣରେ ମହିଷାସୁର ନୁହେଁ ବରଂ ସ୍ୱୟଂ ସେ ନିଜେ ପଡ଼ିଛନ୍ତି। ଆଉ କିଛିକ୍ଷଣ ପରେ ମଣିୟମ୍ମା ହାତରେ ଥିବା ତ୍ରିଶୂଳ ତାଙ୍କ ଦେହରେ ପଶି ବାହାରି ଆସିବ। ପ୍ରଧାନଙ୍କର ସର୍ବାଙ୍ଗ ଶିହରି ଉଠିଲା ଭୟରେ। ମଣିୟମ୍ମାର ଏହି ନାଟିକା ପ୍ରସ୍ତୁତି ପଛରେ ଥିବା ପ୍ରୟୋଜନକୁ ସେ ବୁଝି ସାରିଥିଲେ ଭଲରେ। ଏବେ ତାଙ୍କ ଆଖିରେ ସେହି ଝିଅ ପାଇଁ ଥିବା ଭାବ ବଦଳି ସାରିଥିଲା। ଏହା ଦେଖି ମଣିୟମ୍ମାର ଓଠରେ ହସଟିଏ ଖେଳିଗଲା। କାହିଁକିନା ତା'ର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ସାରିଥିଲା।

ମୋ: ୭୯୭୮୮୩୦୬୧୧



# ଫେବୃଆରୀରେ ୧,୬୮,୩୩୭ ଲକ୍ଷ କୋଟି ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୩ (ଅଭୟ ଦାଶ)**

ଚଳିତ ଆର୍ଥିକ ବର୍ଷର ଏକାଦଶ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷର ଫେବୃଆରୀ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୬୮,୩୩୭ ଲକ୍ଷ କୋଟି ଟଙ୍କା ଟିକସ ଆକାରରେ ରାଜସ୍ୱ ଆଦାୟ କରାଯାଇଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ୧୨.୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ଫେବୃଆରୀ ମାସରେ ସଂଗୃହୀତ ଟିକସ ପରିମାଣ ୧,୪୯, ୫୦୭ ଲକ୍ଷ କୋଟିଠାରୁ ୧୨.୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଅପରପକ୍ଷରେ କ୍ରମାଗତ ୨୪ ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ ୧୫ଥର ଲାଗି ୧.୫ ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ୯ମ ଥର ଲାଗି ଜିଏସ୍‌ଟି ସଂଗ୍ରହ ୧.୬ ଲକ୍ଷ କୋଟିରୁ ଅଧିକ ରହିଥିବା ମନ୍ତ୍ରଣାଳୟ ୱେବ୍‌ସାଇଟରୁ ଜଣାପଡ଼ିଛି।




ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀରେ ମୋଟ ଜିଏସ୍‌ଟି ରାଜସ୍ୱ ୧,୬୮,୩୩୭ ଲକ୍ଷ କୋଟି ସଂଗ୍ରହ ହୋଇଥିବାବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୩୧,୭୮୫ କୋଟି ଟଙ୍କା ରହିଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୯,୬୧୫ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୮୪,୦୯୮ କୋଟି (ସାମଗ୍ରୀ ଆମଦାନୀରେ ୩୮,୫୯୩ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୨,୮୯୩ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୯୮୪ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟି ବାବଦରେ ୪୧,୮୫୬ କୋଟି ଟଙ୍କା ଏବଂ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟି ବାବଦରେ ୩୫,୯୫୩ କୋଟି ଟଙ୍କା ପରିଶୋଧ କରିଛନ୍ତି। ଓଡ଼ିଶାରୁ ଚଳିତ ଆର୍ଥିକ ବର୍ଷର ଏକାଦଶ ମାସରେ ପ୍ରାୟ ୫୧୩୬ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୪୫୧୯ କୋଟି ଟଙ୍କାରୁ ଅଧିକ ରହିଥିଲା, ଯାହା ଚଳିତ ଆର୍ଥିକ ବର୍ଷର ଫେବୃଆରୀ ଅବଧିରେ ୧୪% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୧।୩**

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୨୪୫ (୧୨୪୫.୦୫) ପଏଣ୍ଟ ବଢ଼ି ୭୩,୭୪୫(୭୩,୭୪୫.୩୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୩୫୬(୩୫୫.୯୫) ପଏଣ୍ଟ ବୃଦ୍ଧି ଘଟି ୨୨,୩୩୯ (୨୨,୩୩୮.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

## ଜିଓ ପ୍ଲାଟ୍‌ଫର୍ମସକୁ ଏସିଆନ୍ ଟେଲିକମ୍ ଆୱାର୍ଡ

**ନୂଆଦିଲ୍ଲୀ,୧।୩**

ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍ (ଜେପିଏଲ)କୁ ଏସିଆନ୍ ଟେଲିକମ୍ ଆୱାର୍ଡ-୨୦୨୪ରେ ସମ୍ମାନିତ କରାଯାଇଛି। ଏପରିକି ଜେପିଏଲ ଟେଲିକମ୍ କମ୍ପାନୀ ଅଫ୍ ଦି ଇୟରର ମାନ୍ୟତା ଲାଭ ବା ଆଖ୍ୟା ହାସଲ କରିଛି। ସେହିଭଳି ଜେପିଏଲର ଅଭିନବ ନବସୃଜନ ଯାତ୍ରାରେ ଏହା ଏକ ନୂତନ ମାଇଲଖୁଣ୍ଟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ, ସିଙ୍ଗାପୁରର ମାରିନା ବେ ସ୍ୟାଣ୍ଡସ ଏକ୍ସପୋ ଓ କନଭେନସନ୍ ସେଣ୍ଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ବିଶ୍ୱର ସର୍ବବୃହତ୍ ୫ଜି ଷ୍ଟାଣ୍ଡ-ଏଲୋନ (ଏସ୍‌ଏ) କୋର ନେଟ୍‌ୱର୍କ ସ୍ଥାପନ କରିଥିବା ବେଳେ ଲକ୍ଷାଧିକ ଗ୍ରାହକଙ୍କୁ ଅନେକ ପ୍ରକାରର ସେବା ଓ ସୁବିଧା ଆଦି ଯୋଗାଇଦେବାର ଅଭିନବ ପଦକ୍ଷେପ




ପାଇଁ ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବିଶେଷ କରି ଏହା ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍‌ର ରଣନୀତିକୁ ଦୂରଦୃଷ୍ଟି, ଇଞ୍ଜିନିୟରିଂ କ୍ଷମତା ଏବଂ ଡିଜିଟାଲ୍ ଦୃଶ୍ୟପଟ୍ଟର ରୂପାନ୍ତରଣ ତଥା ଟେଲିକମ ଶିଳ୍ପ ପାଇଁ ଉତ୍କର୍ଷର ନୂତନ ମାନକ ସୃଷ୍ଟି କରିବାରେ ନେତୃତ୍ୱ ସ୍ଥାନକୁ ପ୍ରତିଫଳିତ କରୁଛି।

# ଜେଏସ୍‌ପିକୁ ସୋସିଆଲ ଇମ୍ପାକ୍ଟ ପୁରସ୍କାର

**ଭୁବନେଶ୍ୱର,୧।୩ (ଅଭୟ ଦାଶ)**

ଦେଶର ଅଗ୍ରଣୀ ଇସ୍ପାତ ନିର୍ମାତା ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି ଭାରତୀୟ କ୍ରୀଡ଼ାକ୍ଷେତ୍ରରେ କମ୍ପାନୀର ଉଲ୍ଲେଖନୀୟ ଅବଦାନ ଓ କାର୍ଯ୍ୟ ପାଇଁ ଜେଏସ୍‌ପିକୁ ସୋସିଆଲ ଇମ୍ପାକ୍ଟ ଆୱାର୍ଡ-୨୦୨୪ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସମ୍ମାନ ସମାରୋହ ଉତ୍ସବରେ ଜେଏସ୍‌ପିକୁ ସୋସିଆଲ ଇମ୍ପାକ୍ଟ ଆୱାର୍ଡ-୨୦୨୪ରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦିଲ୍ଲୀର ଏସିପି ସାଇବର ସେଲ୍ (କ୍ରାଇମବ୍ରାଞ୍ଚ) ସନ୍ଦୀପ ମାଲହୋତ୍ରାଙ୍କଠାରୁ ଜେଏସ୍‌ପିର ଗ୍ରୁପ୍ ଚିଫ୍ ଡିଜିଟାଲ୍ ଅଫିସର ଇନ୍ଦ୍ରଦ୍ୟୁମ୍ନ ଦତ୍ତା ଉକ୍ତ ପୁରସ୍କାର ଗ୍ରହଣ



କରିଥିଲେ। ଅପରପକ୍ଷରେ ଜେଏସ୍‌ପିର ଚେୟାରମ୍ୟାନ୍ ନବୀନ ଜିନ୍ଦଲଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଜେଏସ୍‌ପି ତା'ର ସାମାଜିକ ସଂସ୍ଥା ଜେଏସ୍‌ପି ଫାଉଣ୍ଡେସନ ମାଧ୍ୟମରେ ଯୁବକମାନଙ୍କୁ ସଶକ୍ତୀକରଣ କରିବା ଏବଂ ସ୍ଥାନୀୟ ଯୁବକମାନଙ୍କୁ ରାଜ୍ୟ ତଥା ଦେଶ ପାଇଁ କ୍ରୀଡ଼ା ପଦକ ହାସଲ (ଜିତିବା)ରେ ସକ୍ଷମ କରାଇବା ସହିତ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିଆସୁଛି। ଏ ସମ୍ପର୍କରେ ଜେଏସ୍‌ପି ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, ଲୋକଙ୍କୁ ପ୍ରେରଣା ଯୋଗାଇବା, ସଶକ୍ତୀକରଣ ଏବଂ ଏକଜୁଟ କରିବା ସହିତ କ୍ରୀଡ଼ାର ପ୍ରଭାବି ସମ୍ଭାବନା ଉପରେ ଆମେ ବିଶ୍ୱାସ କରୁ। ଗ୍ରାମାଞ୍ଚଳ ଏବଂ ଆଦିବାସୀବହୁଳ ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ଭବିଷ୍ୟତର କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ଆମର ପ୍ରୟାସ ଜାରି ରଖିବାକୁ ଏହି ପୁରସ୍କାର ଆମକୁ ଅଧିକ ପ୍ରେରଣା ଯୋଗାଇବ। ଏହି ସମ୍ମାନ ପାଇଁ ସେ ଜୁରି ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସୁବର୍ଣ୍ଣପୁରରେ ଅରୁନ୍ଧତୀ ବାନ୍ଧକଳା ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ସୋନପୁର,୧।୩(ମୃତ୍ୟୁଞ୍ଜୟ ଶତପଥୀ)**

ଅରୁନ୍ଧତୀ ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ ଅତ୍ୟାଧୁନିକ ଇଣ୍ଟିଗ୍ରେଟେଡ୍ ହ୍ୟାଣ୍ଡଲୁମ୍ ୟୁନିଟ୍ (ଅରୁନ୍ଧତୀ ବାନ୍ଧକଳା ପ୍ରକଳ୍ପ)କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ୫୫ କୋଟି ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଅଞ୍ଚଳର ବୁଣାକାର ପରିବାରଙ୍କୁ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଟାଉନ ହଲ୍ ପରିସରରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଏବଂ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୋନପୁର ବ୍ଲକର ଛେପାପାଲିଠାରେ ୧୦




ଏକର ପରିମିତ ଜମିରେ ଅତ୍ୟାଧୁନିକ ରିସର୍ଚ୍ଚ ଆଣ୍ଡ ଡେଭ୍‌ଲପମେଣ୍ଟ ସେଣ୍ଟର ପ୍ରତିଷ୍ଠା ହେବ। ଏଥିରେ ୩ ହଜାର ହ୍ୟାଣ୍ଡଲୁମ୍ ରହିବ। ଏହି ପ୍ରକଳ୍ପରେ ୫ ହଜାର ବୁଣାକାରଙ୍କୁ ନିଯୁକ୍ତି ମିଳିବ ବୋଲି ସୂଚନା ଦିଆଯାଇଥିଲା। ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଥିଲେ, ସୋନପୁର ଏକ ସର୍ବପୁରାତନ ପ୍ରାଚୀନ ସଂସ୍କୃତି ଓ ଐତିହ୍ୟର କେନ୍ଦ୍ରସ୍ଥଳୀ। ଏଠାକାର ପାରମ୍ପରିକ ବୟନ ହସ୍ତଶିଳ୍ପ ଓ ବାନ୍ଧକଳା ବିଶ୍ୱ ପ୍ରସିଦ୍ଧ। ପୁରାତନ ଯୁଗରୁ ପ୍ରଚଳିତ ହୋଇ ଆସୁଥିବା ଏହି ସୌଖୀନ କାରିଗରି କୌଶଳକୁ ଆଗେଇ ନେବା ପାଇଁ ଚେଷ୍ଟା କରାଯିବ। ପାରମ୍ପରିକ ହସ୍ତଶିଳ୍ପ ପ୍ରକ୍ରିୟାରେ ସ୍ଥିରତା, ନବସୃଜନତା ଓ ସଶକ୍ତୀକରଣ ଆଣିବା ହେଉଛି ଆମର ମୂଳଲକ୍ଷ୍ୟ। ଯୁବପିଢ଼ିମାନଙ୍କୁ ପାରମ୍ପରିକ ବାନ୍ଧକଳା ପ୍ରତି ଆକୃଷ୍ଟ କରିବା ସହ ଆମ ନିଜ ବୁଣାକାର ସମ୍ପ୍ରଦାୟର ଜୀବନ ଜୀବିକାକୁ ସମୃଦ୍ଧ କରିବାରେ ଏହି ପ୍ରକଳ୍ପ ସହାୟକ ହେବ। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀ ଗ୍ରୁପ୍‌ର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଓ ବାନ୍ଧକଳା ପ୍ରକଳ୍ପର ମୁଖ୍ୟ ରବିଶ ଟଣ୍ଡନ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ଚତୁର୍ଭୁଜ ମେହେରଙ୍କ ସମେତ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାରଙ୍କୁ ସମ୍ମାନିତ କରାଯାଇଥିଲା।

**ଫୁର୍‌ସତ୍**

# ପତଳା ହୋଇଯିବାରୁ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ



**ଆ**ଜିର ସମୟରେ ସମସ୍ତେ ପତଳା ହେବାକୁ ଚାହାନ୍ତି। ଲୋକମାନେ ଏଥିପାଇଁ କେତେ କ'ଣ ଉପାୟ କରନ୍ତି। ପତଳା ହେବା ଏବଂ ଫିଟ୍ ରହିବା ମଧ୍ୟରେ ପାର୍ଥକ୍ୟ ଅଛି। ନଚେତ ଆପଣ ମଧ୍ୟ ଏହି ବ୍ୟକ୍ତିଙ୍କ ପରି ଅସୁବିଧାରେ ପଡ଼ିପାରନ୍ତି। ଜଣେ ବ୍ୟକ୍ତି ଏତେ ପତଳା ହୋଇଗଲେ ଯେ, ତାଙ୍କୁ ଗାଡ଼ି ଚଳାଇବାକୁ ବାରଣ କରାଯାଇଥିଲା। ଏପରିକି ତାଙ୍କ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇଥିଲା। ଏହି କାରଣରୁ ସେ ବହୁ ବର୍ଷ ଧରି ତାଙ୍କ କାର୍ ଚଳାଇ ପାରି ନ ଥିଲେ। ପୂରା ଘଟଣା ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଏକ ରିପୋର୍ଟ ଅନୁଯାୟୀ, ବ୍ରିଟେନର ବାସିନ୍ଦା ଜୋ ରୋଜର୍ସଙ୍କ ସହ ଏହି ଘଟଣା ଘଟିଛି। ବାସ୍ତବରେ, ସେ ଆନୋରେକ୍ସିଆ ନାମକ ଏକ ରୋଗରେ ପୀଡ଼ିତ ଥିଲେ। ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କର ସର୍ବଦା ଓଜନ ବଢ଼ିବାର ଭୟ ଥାଏ, ଯେଉଁଥିପାଇଁ ସେମାନେ ଖାଇବା ବନ୍ଦ କରିଦିଅନ୍ତି। ଅନେକ ଥର ଖାଦ୍ୟ ଖାଇବା ପରେ ସେମାନେ ବାନ୍ତି କରନ୍ତି। ଅନେକ ଲୋକ ଭୋକରେ ଥାଇ ମଧ୍ୟ ଖାଦ୍ୟ ଖାଆନ୍ତି ନାହିଁ । ରୋଜର୍ସଙ୍କ ସହ ମଧ୍ୟ ସମାନ ଘଟଣା ଘଟିଥିଲା। ନ ଖାଇବା କାରଣରୁ ତାଙ୍କ ଓଜନ ହ୍ରାସ ପାଇଲା। ଜୋ ରୋଜର୍ସ କହିଛନ୍ତି, ମା' ପ୍ରଥମେ ତାଙ୍କ ଅସୁସ୍ଥତା ବିଷୟରେ ଜାଣିଥିଲେ। ସେ ଦେଖିଲେ ମୋର ଖାଇବା ପଦ୍ଧତି ବଦଳି ଯାଇଛି। ମୁଁ ମା' ସହିତ ମ୍ୟାକଡୋନାଲ୍ଡ ଗଲି। ସେଠାରେ ସବୁକିଛି ଥିଲା, କିନ୍ତୁ ମୁଁ କହିଲି ଯେ ମୁଁ କିଛି ଖାଇବାକୁ ଚାହୁଁ ନାହିଁ। ମାମଲା ସେଠାରେ ଶେଷ ହୋଇ ନ ଥିଲା। ଘରକୁ ଆସିବା ପରେ ମଧ୍ୟ ସମାନ ଅଭ୍ୟାସ ଜାରି ରହିଲା। ରୋଜର୍ସ ଖାଇବା ଛାଡିଦେଇଥିଲେ। ସେ ଖାଇବାକୁ ଛଳନା କରୁଥିଲେ ବୋଲି କହିଛନ୍ତି। କମ୍ ଓଜନ ଲୁଚାଇବା ପାଇଁ ସେ ବ୍ୟାଗି ପିନ୍ଧୁଥିଲେ। ଶେଷରେ ଡାକ୍ତରଙ୍କ କଠିନ ପରିଶ୍ରମ ହେତୁ ସେ ସୁସ୍ଥ ହୋଇପାରିଛନ୍ତି।

# ଫିଲ୍ମକୁ ନେଇ ପଶ୍ଚାତାପ କରୁଛନ୍ତି ଅନନ୍ୟା



**ମୁମ୍ବାଇ:** ଅନନ୍ୟା ପାଣ୍ଡେ ୨୦୧୯ରେ 'ଷ୍ଟୁଡେଣ୍ଟ ଅଫ ଦି ଇୟର ୨' ସହିତ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିଲେ। ତେବେ ସେ 'ଗେହରିୟାନ' ଏବଂ 'ଖୋ ଗଏ ହମ କାହାଁ' ଭଳି ମୁଭି ସହିତ ନିଜର ପରିଚୟ ସୃଷ୍ଟି କରିଥିଲେ। ଅନନ୍ୟା ସ୍ୱୀକାର କରିଛନ୍ତି ଯେ, ସେ ଅତୀତରେ କିଛି ପ୍ରୋଜେକ୍ଟ ନେଇଥିଲେ ଯାହା ସଂପୂର୍ଣ୍ଣ ଠିକ ନୁହେଁ। ନିକଟରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଅଭିନେତ୍ରୀ କହିଥିଲେ, ଉତ୍ସାହ ନ ଥିବା ଏକ ଫିଲ୍ମରେ କାମ କରିବାରୁ ତାହା ସଫଳ ହୋଇ ନ ଥିଲା। ବୋଧହୁଏ ଭୁଲ କାରଣରୁ ମୁଁ ଏହା କରିଥିଲି ଏବଂ ମୁଁ ସବୁବେଳେ ଜାଣିଥିଲି ଯେ ମୋ ହୃଦୟର କୌଣସି ସ୍ଥାନରେ ଏଥିପାଇଁ ପଶ୍ଚାତାପ ରହିଛି ବୋଲି ଅଭିନେତ୍ରୀ କହିଛନ୍ତି। ଏହା କେବଳ ମୋ ଉପରେ ମୋର ବିଶ୍ୱାସକୁ ଦୃଢ କରିଦେଇଛି ଯେ, ତୁମକୁ କେବଳ ତୁମର ପ୍ରବୃତ୍ତି ସହିତ ଯିବାକୁ ପଡିବ। ଭଲ ଲୋକଙ୍କ ସହିତ କାମ କରିବା, ବିଶ୍ୱାସ କରୁଥିବା ସ୍କ୍ରିପ୍ଟ କରିବା ସର୍ବଦା କୌଣସି ପ୍ରକାରେ ଲାଭଦାୟକ ଅଟେ। ଚଳଚ୍ଚିତ୍ର ନିର୍ମାତା ବିକ୍ରମାଦିତ୍ୟ ମୋଟୱାନେ ତାଙ୍କୁ ବୁଝିବାରେ ସାହାଯ୍ୟ କରିଛନ୍ତି ଯେ ଅନ୍ୟମାନଙ୍କ ମତାମତକୁ ବିଚାର ନ କରି ସ୍କ୍ରିପ୍ଟ ବିଷୟରେ ନିଷ୍ପତ୍ତି ନେବା ଉଚିତ। ତେଣୁ ମୁଁ ଯାହାବି କରେ ସେଥିରେ ଉନ୍ନତି ହେବା ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରତ୍ୟେକ ଥର ଯେତେବେଳେ ମୁଁ ଏକ ସ୍କ୍ରିପ୍ଟ ବାଛିଥାଏ, ସେଥିପାଇଁ ବୋଧହୁଏ ସେ କହିଥିଲେ ଯେ ମୁଁ ମୋ ଚାରିପାଖରେ ଥିବା ଅନେକ ଲୋକଙ୍କ କଥା ଶୁଣେ ନାହିଁ । ଏହା ଭିତରୁ ଆସିବାକୁ ପଡିବ। ଯଦି ମୁଁ ଆପଣଙ୍କୁ କିଛି କରିବାକୁ ମନାଇବା ଆବଶ୍ୟକ କରେ, ଏହା କଦାପି ଠିକ ନୁହେଁ ବୋଲି ସେ କହିଛନ୍ତି। ଅଭିନେତ୍ରୀ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ଅଭିଜ୍ଞତାରୁ ସେ ଜାଣିବାକୁ ପାଇଛନ୍ତି ଯେ ଏହି ପଦକ୍ଷେପ ସର୍ବଦା ତାଙ୍କଠାରୁ ଆସିବା ଉଚିତ। ସବୁବେଳେ କିଛି ନୂଆ ହେବା ଉଚିତ ଯାହାକି ସେ ଯୋଗଦାନ କରୁଛନ୍ତି କିମ୍ବା ସେ କରୁଥିବା ପ୍ରତ୍ୟେକ ପ୍ରୋଜେକ୍ଟରୁ ସେ କିଛି ନୂଆ ଶିଖୁଛନ୍ତି । ୨୦୧୯ରେ କରଣ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨'ରେ ଅଭିନୟ କରିବା ପରେ ଅନନ୍ୟାଙ୍କୁ ପତି ପତ୍ନୀ ଔର ୱୋ, ଖାଲି ପିଲି, ଗହରାୟାଁ, ଲିଗର ଏବଂ ଡ୍ରିମ ଗାର୍ଲ ୨ ଭଳି ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ନିକଟରେ ତାଙ୍କର ଚଳଚ୍ଚିତ୍ର 'ଖୋ ଗଏ ହମ କାହାଁ' ଓଟିଟି ରେ ରିଲିଜ ହେବା ପରେ ଆଲୋଡ଼ନ ସୃଷ୍ଟି କରିଥିଲା।

DSPL-760

ବୁଦ୍ଧିମାନ ହୁଅନ୍ତୁ! ଟୀକାକରଣ ନିଶ୍ଚୟ କରାନ୍ତୁ!

NATIONAL HEALTH MISSION

ଆମ ଓଡ଼ିଶା ନବୀନ ଓଡ଼ିଶା

## ଜାତୀୟ ଟୀକାକରଣ ଦିବସ
## (ପଲ୍‌ସ ପୋଲିଓ ଅଭିଯାନ)

୩ ମାର୍ଚ୍ଚ (ରବିବାର),୨୦୨୪

"ଏହି ଦିବସରେ ୦-୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ଟୀକା ନିଶ୍ଚୟ ଖୁଆନ୍ତୁ ଏବଂ ଆମ ଦେଶରୁ ପୋଲିଓର ସମ୍ପୂର୍ଣ୍ଣ ନିରାକରଣରେ ସହଯୋଗ କରନ୍ତୁ ।"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ,ଓଡ଼ିଶା



ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା

ପଲ୍‌ସ ପୋଲିଓ ଅଭିଯାନର ସଫଳତା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି:




- ରାଜ୍ୟରେ ୦-୫ ବର୍ଷ ବୟସର ସମୁଦାୟ ୪୦୭୧୬୧୭ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପାଇଁ ୧୯୫୫୭ ଟି ବୁଥ୍ କରାଯାଇଛି।
- ଏହି ଅଭିଯାନରେ ତାଲିମ ପ୍ରାପ୍ତ ୭୮୨୨୮ ଜଣ ଟୀକାକର୍ମୀଙ୍କ ସହିତ ୩୭୮୯ଜଣ ସୁପରଭାଇଜର୍, ସମୁଦାୟ ୩୯୨୬୮ଟି ଟିମ୍‌ରେ ନିୟୋଜିତ କରାଯାଇଛି।
- ଅପହଞ୍ଚ, ଦୁର୍ଗମ କିମ୍ବା କୌଣସି ସ୍ଥାନକୁ ଯାତ୍ରା କରୁଥିବା ଶିଶୁଙ୍କ ଟୀକାକରଣ ପାଇଁ ୧୧୪୯ ଟି ଟ୍ରାଞ୍ଜିଟ୍ ଟିମ୍ ସହ ୬୬୫ଟି ମୋବାଇଲ୍ ଟିମ୍ କୁ ପ୍ରସ୍ତୁତ କରାଯାଇଛି।

**ଦୁଇ ବୁନ୍ଦା ପ୍ରତ୍ୟେକ ଥର**
ପୋଲିଓ ଉପରେ ବିଜୟ ରହୁ ନିରନ୍ତର

'ଜାତୀୟ ଟୀକାକରଣ ଦିବସ' ତଥା 'ପଲ୍‌ସ ପୋଲିଓ ଅଭିଯାନ' ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେଉଅଛି ।

OIPR-10003/13/0176/2324

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨/୨୦୨୪ Bhubaneswar, Saturday, March 2/ 2024

# ଓଡ଼ିଶା ମହିଳା ରଗ୍‌ବୀ ଦଳ ଚାମ୍ପିୟନ

**ଜାତୀୟ ୧୫ଏସ୍ ଡିଭିଜନ-୧ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓଆରଏଫ୍‌ଏ), ରାଜ୍ୟ କ୍ରୀଡ଼ା ବିଭାଗ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ୧୫ଏସ୍ ମହିଳା ଡିଭିଜନ-୧ ରଗ୍‌ବୀ ଚାମ୍ପିୟନଶିପ୍ ଶୁକ୍ରବାର ଶେଷ ହୋଇଛି। କିଟ୍‌ର ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଫେବୃୟାରୀ ୨୬ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ଓଡ଼ିଶା ମହିଳା ରଗ୍‌ବୀ ଦଳ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ୭ ମହିଳା ଦଳର ମୋଟ ୧୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଓଡ଼ିଶା ଦଳ ୬୯-୫ରେ ଦିଲ୍ଲୀ ହୁରିକେନ୍ସକୁ ପରାସ୍ତ କରିଥିଲା। ଓଡ଼ିଶା ଦଳରେ ଅଧିନାୟିକା ହୁପି ମାଝିଙ୍କ ସମେତ କିସ୍ (କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ)ର ୨୦ ବାଳିକା ସାମିଲ ଥିଲେ। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି, ରଗ୍‌ବୀ ଇଣ୍ଡିଆ ସଭାପତି ତଥା ଚଳଚ୍ଚିତ୍ର ଅଭିନେତା ରାହୁଲ ବୋଷ, ଉପସଭାପତି ସନୟା ମେହଟା ଭ୍ୟାସ, ଓଆରଏଫ୍‌ଏ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କିଟ୍ ପରିସରରେ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିବାରୁ ରଗ୍‌ବୀ ଇଣ୍ଡିଆ ଓ ଓଆରଏଫ୍‌ଏକୁ ଧନ୍ୟବାଦ ସହ ଅଚ୍ୟୁତ ସାମନ୍ତ ଚାମ୍ପିୟନ ଓ ରନରଅପ୍ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ଚାମ୍ପିୟନ ଓଡ଼ିଶା ମହିଳା ରଗ୍‌ବୀ ଦଳ ଟ୍ରଫି ସହ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଫି ଟେବୁଲ ବୁକ୍ ଉନ୍ମୋଚିତ


କଫି ଟେବୁଲ ବୁକ୍ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

**ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍-୨୦୨୩**

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ-୨୦୨୩ କଫି ଟେବୁଲ ବୁକ୍ ଉନ୍ମୋଚନ କରିଛନ୍ତି। ଅଗ୍ରଣୀ ସ୍ପୋର୍ଟସ୍ ମାଗାଜିନ ସ୍ପୋର୍ଟସ୍ଟାର ଏହି ବହିର ପ୍ରକାଶକ। ଓଡ଼ିଶା କିପରି ଏହି ବିଶ୍ୱକପ୍‌କୁ ସଫଳତାର ସହ ଆୟୋଜନ କରି ସ୍ମରଣୀୟ କରିଛି ଏବଂ ରାଉରକେଲା ଓ ଭୁବନେଶ୍ୱର ଦୁଇ ଭେନ୍ୟୁର ରୂପାନ୍ତରଣ ଆଦି ଏଥିରେ ସ୍ଥାନ ପାଇଛି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା କ୍ରମାଗତ ହକି ବିଶ୍ୱକପ୍‌ର ଦୁଇ ସଂସ୍କରଣ ବୃହତ୍ ଏବଂ ଆଡ଼ମ୍ବର ସହକାରେ ଆୟୋଜନ କରି ପୂର୍ବ ସଂସ୍କରଣଗୁଡ଼ିକୁ ପଛରେ ପକାଇ ଦେଇଥିଲା। ପୁସ୍ତକ ଉନ୍ମୋଚନ ଅବସରରେ ସ୍ପୋର୍ଟସ୍ଟାର ସମ୍ପାଦକ ଆୟନ ସେନଗୁପ୍ତା, ଦି ହିନ୍ଦୁ ଗ୍ରୁପ୍‌ର ଉପସଭାପତି ଶ୍ରୀଧର ଅରନଲ୍ୟ ଏବଂ ରାଜ୍ୟ କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। କଫି ଟେବୁଲ ବୁକ୍‌ରେ ବିଶ୍ୱକପ୍‌ର ସମୃଦ୍ଧ ଐତିହ୍ୟ ସହ ସ୍ମରଣୀୟ ମୁହୂର୍ତ୍ତ, ଆଇକନିକ ଖେଳାଳି ଓ ଉତ୍ସାହୀ ଦର୍ଶକଙ୍କ ସମର୍ଥନ ସମ୍ପର୍କରେ ବର୍ଣ୍ଣନା ରହିଛି। ଚିତ୍ତାକର୍ଷକ ଫଟୋ ଏବଂ ଆକର୍ଷଣୀୟ ବର୍ଣ୍ଣନାଶୈଳୀ ଦ୍ୱାରା ଏହି ପୁସ୍ତକ ସମ୍ମାନଜନକ ବିଶ୍ୱକପ୍‌ର ଆବେଗ ସମ୍ପର୍କରେ ପାଠକମାନଙ୍କୁ ଭିନ୍ନ ଅନୁଭୂତି ପ୍ରଦାନ କରିବ। ୨୦୨୩ ପୁରୁଷ ହକି ବିଶ୍ୱକପ୍ ଅଭୂତପୂର୍ବ ସଫଳତା ଲାଭକରି ବାର୍ଷିକ କ୍ରୀଡ଼ା ଇତିହାସରେ ଅଲିଭାଦାଗ ସୃଷ୍ଟି କରିଥିଲା। ଏହି ପୁସ୍ତକ ଆଗାମୀ ଯୁବପିଢ଼ିଙ୍କୁ ନିଶ୍ଚିତ ଅନୁପ୍ରାଣିତ କରିବ।

# ଟାଇଟଲ ପୋଛିନେଲେ ଓଡ଼ିଶା ଖେଳାଳି




ଟ୍ରଫି ସହ ଅମୃତଜୟ ମହାନ୍ତି ଏବଂ ସତୀର୍ଥ ପଟ୍ଟନାୟକ-ଆଦିତ୍ୟ ଶତପଥୀ।

**ଏଆଇଟିଏ-ଓଟିଏ ଟେନିସ**

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫେଡେରେଶନ(ଏମ୍‌ଓଏସ୍‌ଏଫ୍) ଆନୁକୂଲ୍ୟରେ ଗୁରୁକୂଳ ଟେନିସ ରିସର୍ଟରେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଏହାର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ଓଡ଼ିଶା ପ୍ରତିଯୋଗୀମାନେ ଚାମ୍ପିୟନ ହୋଇ ଟାଇଟଲ ପୋଛି ନେଇଛନ୍ତି। ସିଙ୍ଗଲ୍ସରେ ଓଡ଼ିଶାର ଅମୃତଜୟ ମହାନ୍ତି ମଣିପୁରର ହମୋମ ଭୂଷଣଙ୍କୁ ୩-୬, ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପଛୁଆ ରହିଥିଲେ ହେଁ ଅମୃତଜୟ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜେତା ହୋଇଥିଲେ। ଚଳିତ ବର୍ଷ ଏହା ତାଙ୍କର ପ୍ରଥମ ଟାଇଟଲ। ଗତ ସପ୍ତାହ ତାଙ୍କ ପାଇଁ କଷ୍ଟସାଧ ଥିଲା। ଟୁର୍ନାମେଣ୍ଟରେ ତାଙ୍କୁ କେତେକ ୩ ସେଟ୍ ବିଶିଷ୍ଟ ମ୍ୟାଚ ଖେଳିବାକୁ ପଡ଼ିଥିଲା। ତେବେ ଦକ୍ଷତା ପ୍ରଦର୍ଶନ କରି ସେ ସଫଳତା ପାଇଥିଲେ। ଡବଲ୍ସରେ ଓଡ଼ିଶାର ସତୀର୍ଥ ପଟ୍ଟନାୟକ ଓ ଆଦିତ୍ୟ ଶତପଥୀ ମହାରାଷ୍ଟ୍ର ଯୋଡ଼ି ନୀରବ ଶେଟ୍ଟୀ ଓ ପ୍ରଣବ ଗାଡିଗିଲଙ୍କୁ ୬-୪, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ସ୍ଥାନୀୟ ଖେଳାଳି ସମସ୍ତ ମ୍ୟାଚ ଜିତିଥିବାରୁ ଓଡ଼ିଶା ପାଇଁ ଏହା ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି।

# ୨୧୭ ରନ୍‌ରେ ଆଗୁଆ ଅଷ୍ଟ୍ରେଲିଆ

ୱେଲିଂଟନ୍, ୧।୩(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୨୧୭ ରନ୍‌ରେ ଆଗୁଆ ରହିଛି। ପ୍ରଥମ ଦିନରେ ଅଷ୍ଟ୍ରେଲିଆ ୯ ଉଇକେଟରେ ୨୬୭ ରନ୍ ସ୍କୋର କରିଥିଲା। ତେବେ ଦଶମ ଉଇକେଟରେ କାମେରନ୍ ଗ୍ରୀନ୍ ଓ ଜୋଶ ହେଜେଲଉଡ୍ ୧୧୬ ରନ୍ ଯୋଡିବାରୁ ଦଳ ୩୮୩ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୭୯ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦ୍ୱିତୀୟ ଦିନର ଷ୍ଟମ୍ପସ ବେଳକୁ ଅଷ୍ଟ୍ରେଲିଆ ୨ ଉଇକେଟ ହରାଇ ୧୩ ରନ୍ କରିଛି। ପ୍ରଥମ ଦିନର ଅସମାପ୍ତ ସ୍କୋରରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଦୁଇ ଅପରାଜିତ ବ୍ୟାଟର କାମେରନ୍ ଗ୍ରୀନ୍ ଓ ଜୋଶ ହେଜେଲଉଡ୍ ଦୃଢତାର ସହ ବ୍ୟାଟିଂ କରି ଦଳୀୟ ସ୍କୋର ୩୮୩ରେ ପହଞ୍ଚାଇ ଥିଲେ। ଗ୍ରୀନ୍ ୧୭୪ ରନ୍ କରି ଶେଷ ଯାଏ ଅପରାଜିତ ରହିଥିବା ବେଳେ ହେଜେଲଉଡ୍ ୨୨ ରନ୍ କରିଥିଲେ। ୨୭୫ ବଲ୍ ଖେଳିଥିବା ଗ୍ରୀନ୍ ୨୩ ଚୌକା ଓ ୫ ଛକା ମାରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ୍ ହେନ୍‌ରୀ ୫ ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡ ଇନିଂସ ଆରମ୍ଭ ବିପର୍ଯ୍ୟୟ ପୂର୍ଣ୍ଣ ରହିଥିଲା। ଦଳର ଟପ୍ ୪ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ।

# ଗାଇଡଲାଇନ୍ ବିରୋଧରେ ସ୍ୱର ଉଠାଇଲେ ପ୍ରମୋଦ

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ବ୍ରୋଞ୍ଜ ପଦକ ଜିତି ଶୁକ୍ରବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶାର ପ୍ରମୋଦ ଭଗତ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ପରିବର୍ତ୍ତିତ ଆର୍ଥିକ ପ୍ରୋତ୍ସାହନ ଗାଇଡ ଲାଇନ୍ ଅନୁସାରେ ଜଣେ ଆଥଲେଟ୍ ଜୀବନ ମଧ୍ୟରେ ସର୍ବାଧିକ ୯ କୋଟି ଟଙ୍କା ପାଇ ପାରିବ। ଭୁବନେଶ୍ୱର ଫେରିବାପରେ ଏହା ବିରୋଧରେ ସ୍ୱର ଉଠାଇଛନ୍ତି ପ୍ରମୋଦ। "ଅଲିମ୍ପିକ୍ସ କିମ୍ବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ସହଜ କଥା ନୁହେଁ। ଅନ୍ତର୍ଜାତୀୟ ଇଭେଣ୍ଟ ଗୁଡ଼ିକରେ ଜଣେ ଆଥଲେଟ୍ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବାବେଳେ ଗର୍ବ ଅନୁଭବ କରିଥାଏ। ଗୋଟିଏ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିବା କ'ଣ ଭୁଲ। ଖେଳକୁ ପ୍ରମୋଟ କରି ରାଜ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ମାତ୍ର ଏକାଧିକ ପଦକ ଜିତିବାସତ୍ତ୍ୱେ କାହାକୁ ଆର୍ଥିକ ପ୍ରୋତ୍ସାହନରୁ ବଞ୍ଚିତ ରଖାଯିବା ଠିକ୍ ନୁହେଁ। ଏହା ଆଥଲେଟ୍‌ଙ୍କୁ ନିରୁତ୍ସାହିତ କରିବ। ମୁଁ ପ୍ୟାରିସ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯିବି। ମାତ୍ର ଏହି ଗାଇଡଲାଇନ୍ ମୋ ପାଇଁ ଉତ୍ସାହଜନକ ନୁହେଁ। ପ୍ରକାଶ ଯୋଗ୍ୟ ଯେ, ସରକାରଙ୍କ ନୂଆ ଗାଇଡ ଲାଇନ ଅନୁସାରେ ଜଣେ ଆଥଲେଟ୍ ସର୍ବାଧିକ ୯ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ପାଇପାରିବ। ଏହା ବ୍ୟତୀତ କୌଣସି ଆଥଲେଟ୍ ଗୋଟିଏ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଲେ ମଧ୍ୟ କେବଳ ସର୍ବୋଚ୍ଚ ସଫଳତା ପାଇଁ ପୁରସ୍କୃତ ହେବ।


ପଦକ ପ୍ରଦର୍ଶନ କରୁଛନ୍ତି ପ୍ରମୋଦ ଭଗତ। (ଫଟୋ: ବିକାଶ ନାୟକ)

# ଓଡ଼ିଶା ଟେନିସ ବଲ୍ କ୍ରିକେଟ ଦଳ ଘୋଷିତ

ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)

ତାମିଲନାଡୁର ରାମନାଥପୁରମ୍‌ରେ ଚଳିତମାସ ୨ରୁ ୫ ପର୍ଯ୍ୟନ୍ତ ହେବାକୁଥିବା ୩୪ତମ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତାରେ ମୋଟ ୨୮ଟି ରାଜ୍ୟ ଦଳ ଅଂଶଗ୍ରହଣ କରିବେ। ୫ ଦିନର ପ୍ରଶିକ୍ଷଣ ଶିବିର ପରେ ମନୋନୀତ ଓଡ଼ିଶା ଦଳ ତାମିଲନାଡୁ ଯାତ୍ରା କରିଛି। ଓଡ଼ିଶା ରାଜ୍ୟ କ୍ରୀଡା ବିଭାଗର ଅଧିକାରୀ ସନାତନ ସାହୁ, ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ସଂଘର ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, ସଭାପତି ସୁରଜ ମିଶ୍ର, ସମ୍ପାଦକ ଶିଥୁଲ୍ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ସୋମନାଥ ପରିଡା, ରଞ୍ଜନ କୁମାର ନାୟକ ଏବଂ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ମୁଖ୍ୟ କୋଚ୍ ଚକ୍ରଧର ମାଝି ରାଜ୍ୟ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓଡ଼ିଶା ଟେନିସ ବଲ କ୍ରିକେଟ ଦଳକୁ ସହାୟତା କରିଥିବାରୁ ସଂଘର ସମସ୍ତ କର୍ମକର୍ତ୍ତା କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ଦଳ: ପ୍ରିୟବ୍ରତ ସ୍ୱାଇଁ (ଅଧିନାୟକ), ଅମ୍ରିତ କୁମାର ଦାସ, ବିଶ୍ୱରଞ୍ଜନ ମତି, ଅଭୟ ଦାସ, ଯଜ୍ଞଦତ୍ତ ଜେନା, ସୁଦାମ ବେହେରା, ଆଦର୍ଶ ଦିଗାଲ(ଉପ ଅଧିନାୟକ), ସତ୍ୟବ୍ରତ ବେହେରା, ଦେବାଶିଷ ପାଣିଗ୍ରାହୀ, ରାଜ ପ୍ରୀତମ ବାରିକ, ଶୋଭାନ ବେହେରା, ରାଧାମାଧବ ବାରିକ, ରାଜେନ୍ଦ୍ର ସେଠୀ, ରଜତ କୁମାର ନାୟକ। କୋଚ୍: ଆଶିଷ କୁମାର ଦିଗାଲ, ମ୍ୟାନେଜର: ସୁନୀଲ କୁମାର ମହାରଣା।

# ମାର୍ଚ୍ଚ ୨୮ରୁ ମହିଳା ରେଡ୍ ବଲ୍ ଟୁର୍ନାମେଣ୍ଟ

ନୂଆଦିଲ୍ଲୀ, ୧।୩(ପି.ଟି.)

ମହିଳା କ୍ରିକେଟକୁ ପୁଣି ଥରେ ଫେରିବ ବହୁ ଦିବସୀୟ କ୍ରିକେଟ। ଦୀର୍ଘ ୬ ବର୍ଷ ଧରି ବନ୍ଦ ରହିବା ପରେ ମାର୍ଚ୍ଚ ୨୮ରୁ ପୁଣି ଥରେ ମହିଳା ରେଡ୍ ବଲ୍ କ୍ରିକେଟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି ବିସିସିଆଇ। ବିଭିନ୍ନ ଜୋନାଲ୍ ଟିମ୍‌ଗୁଡ଼ିକୁ ନେଇ ପୁଣେରେ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଶେଷ ଥର ପାଇଁ ୨୦୧୮ରେ ମହିଳା କ୍ରିକେଟରେ ରେଡ୍ ବଲ୍ କ୍ରିକେଟ ଖେଳାଯାଇଥିଲା। ମହିଳା କ୍ରିକେଟର ଉନ୍ନତି ପାଇଁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି ପୂର୍ବତନ ଭାରତୀୟ ପେସର ଅମିତା ଶର୍ମା।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ